ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar




ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିବେ | ୬



'ଦ ଗାର୍ଲଫ୍ରେଣ୍ଡ'ରେ ନଜର ଆସିବେ ରଶ୍ମିକା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୫୧ Vol. 21 No-251 10 DECEMBER 2024 TUESDAY BHUBANESWAR ମଙ୍ଗଳବାର, ୧୦ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ସଞ୍ଜୟ ମାଲହୋତ୍ରା ରିଜର୍ଭ ବ୍ୟାଙ୍କର ନୂଆ ଗଭର୍ଣ୍ଣର



ନୂଆଦିଲ୍ଲୀ,୯।୧୨: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ନୂଆ ଗଭର୍ଣ୍ଣରଭାବେ ଆଇଏଏସ୍ ଅଧିକାରୀ ସଞ୍ଜୟ ମାଲହୋତ୍ରାଙ୍କୁ ନିଯୁକ୍ତି ଦିଆଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ ବର୍ଷ ପାଇଁ ତାଙ୍କୁ ଏହି ନିଯୁକ୍ତି ମିଳିଛି। ସେ ବର୍ତ୍ତମାନର ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବେ। ଆସନ୍ତା ୧୧ ତାରିଖରେ ସେ ବିଧିବଦ୍ଧ ଭାବେ ଦାୟିତ୍ୱ ନେବେ। କ୍ୟାବିନେଟ୍ କମିଟି ପକ୍ଷରୁ ତାଙ୍କୁ ଗଭର୍ଣ୍ଣରଭାବେ ନିଯୁକ୍ତି ଦିଆଯିବା ନେଇ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଶ୍ରୀ ମାଲହୋତ୍ରା ୧୯୯୦ ବ୍ୟାଚ୍‌ର ରାଜସ୍ଥାନ କ୍ୟାଡର ଆଇଏଏସ୍ ଅଫିସର। ସେ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ରାଜସ୍ୱ ବିଭାଗର ସଚିବ ଭାବେ କାର୍ଯ୍ୟ କରୁଛନ୍ତି।

## ସଂସଦରେ ଉପସ୍ଥାପନ ହେବ 'ୱାନ୍ ନେସନ, ୱାନ୍ ଇଲେକ୍ସନ' ବିଲ୍

# ସହମତି ପାଇଁ ପ୍ରୟାସ



### ଆଗତ ପରେ ଜେପିସିକୁ ଯିବା ସମ୍ଭାବନା

### ୬ଟି ଆଇନରେ ସଂଶୋଧନ ଜରୁରି

### ବିଭିନ୍ନ ବର୍ଗର ଲୋକଙ୍କ ମତ ଲୋଡ଼ିବେ ସରକାର


ନୂଆଦିଲ୍ଲୀ,୯।୧୨: ସଂସଦରେ ଆସିପାରେ 'ୱାନ୍ ନେସନ, ୱାନ୍ ଇଲେକ୍ସନ' ବିଲ୍। ସମ୍ପ୍ରତି ସଂସଦର ଶୀତକାଳୀନ ଅଧିବେଶନ ଚାଲୁ ରହିଛି। ଆସନ୍ତା ୨୦ ତାରିଖରେ ଏହା ଶେଷ ହେବାକୁ ଥିବାବେଳେ ଏହା ପୂର୍ବରୁ କେନ୍ଦ୍ର ସରକାର ଏହି ବିଲ୍ ଆଗତ କରିବା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ କରି ଦେଇଛନ୍ତି। ଏକାଥରେ ସାରା ଦେଶରେ ଉଭୟ ଲୋକସଭା ଓ ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ କରିବା ପାଇଁ ବିଲରେ ବ୍ୟବସ୍ଥା କରାଯାଇଛି। ଏହାକୁ ବାସ୍ତବ ରୂପ ଦେବାପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ କମିଟି ମଧ୍ୟ ଗଠନ କରାଯାଇଥିଲା। ରାମନାଥ କୋବିନ୍ଦ କମିଟି ରିପୋର୍ଟ ଦେବାପରେ କେନ୍ଦ୍ର କ୍ୟାବିନେଟ ଏହାକୁ ଅନୁମୋଦନ ଦେଇଥିଲା। ଏବେ ଏହାକୁ ସଂସଦରେ ଉପସ୍ଥାପନ କରିବା ପାଇଁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଲୋକସଭାରେ ଏହି ବିଲ୍ ଆଗତ ପରେ ସରକାର ବିସ୍ତୃତ ଆଲୋଚନା ପାଇଁ ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟି ବା ଜେପିସି ନିକଟକୁ ପଠାଇବେ। ଜେପିସିରେ ଥିବା ସବୁ ରାଜନୈତିକ ଦଳର ସଦସ୍ୟମାନେ ଏହା ଉପରେ ବିଶଦ ଆଲୋଚନା କରି ଆବଶ୍ୟକ ପ୍ରସ୍ତାବ ଦେବେ। ବିଲ୍ ଉପରେ ସହମତି ଆଣିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ରାଜନୈତିକ ଦଳଙ୍କ ସହ ମଧ୍ୟ ଆଲୋଚନା କରିବେ। ଏହି ବିଲ୍ ପାସ୍ ହେବାପାଇଁ ସଂସଦରେ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନର ଆବଶ୍ୟକତା ରହିଛି। ଚୂଡ଼ାନ୍ତ ବିଲ୍ ଗୃହରେ ଉପସ୍ଥାପନ କରାଯିବା ପୂର୍ବରୁ ସରକାର ବିଭିନ୍ନ ଅଂଶୀଦାରଙ୍କୁ ମଧ୍ୟ ସାମିଲ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ସବୁ ବିଧାନସଭାର ବାଚସ୍ପତି, ବୁଦ୍ଧିଜୀବୀ, ବିଶେଷଜ୍ଞ, ବିଭିନ୍ନ ସାମାଜିକ ସଂସ୍ଥାର ସଦସ୍ୟ ଏହି ବିଲ୍ ଉପରେ ମତ ରଖିବେ। ଏପରିକି ବିଲ୍‌କୁ ଆଇନରେ ପରିଣତ କରିବା ପୂର୍ବରୁ ସରକାର ଲୋକଙ୍କ ମତ ମଧ୍ୟ ଲୋଡ଼ିବେ। ଏହି ବିଲ୍ ପାରିତ ହେବାପାଇଁ ୬ଟି ଆଇନରେ ସଂଶୋଧନ କରିବାକୁ ପଡ଼ିବ। ସରକାର ସମସ୍ତଙ୍କୁ ସାମିଲ କରି ଗୋଟିଏ ଦେଶ- ଗୋଟିଏ ନିର୍ବାଚନ ବ୍ୟବସ୍ଥା ଲାଗୁ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି।୨୦୧୫ରେ ସଂସଦୀୟ ଦଳ କମିଟି ଦୁଇଥର ଏକକ ନିର୍ବାଚନ ପାଇଁ ପ୍ରସ୍ତାବ ରଖିଥିଲା। ତେବେ ତାହା କାର୍ଯ୍ୟକାରୀ ହୋଇପାରି ନଥିଲା। ପୂର୍ବରୁ ୧୯୫୧ ମସିହାରୁ ୧୯୬୭ ପର୍ଯ୍ୟନ୍ତ ଏକସଙ୍ଗରେ ନିର୍ବାଚନ ଅନୁଷ୍ଠିତ ହେଉଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଏହି ଏକକ ନିର୍ବାଚନ ବିଲ୍ ପାସ୍ ହେଲେ ଏହା ଦେଶର ଅର୍ଥନୀତିକୁ ମଜବୁତ କରିବ। ଏଥିସହ ଆଇନଶୃଙ୍ଖଳା ସ୍ଥିତି ମଧ୍ୟ ବଜାୟ ରହିବ। ଦେଶ ବିକାଶ ଆଡ଼କୁ ବଢ଼ିବା ସହ କଳାଧନକୁ ରୋକାଯାଇପାରିବ। ସଂସଦର ଉଭୟ ଗୃହରେ ଏହି ବିଲ୍ ପାରିତ କରିବା ପାଇଁ ଏନଡିଏ ପାଖରେ ଆବଶ୍ୟକ ସଂଖ୍ୟା ରହିଛି। କିନ୍ତୁ ସାମ୍ବିଧାନିକ ସଂଶୋଧନ ପାଇଁ ବିରୋଧୀଙ୍କ ସମର୍ଥନର ଆବଶ୍ୟକତା ରହିଥିବା ସୂଚନା ଦିଆଯାଇଛି।

## ରାଜ୍ୟସଭା ପାଇଁ ନାମାଙ୍କନ

# ଦାଖଲ କଲେ ସୁଜିତ କୁମାର



ଭୁବନେଶ୍ୱର,୯।୧୨(ଭାସ୍କର ନ୍ୟୁଜ): ରାଜ୍ୟସଭା ପ୍ରାର୍ଥୀଭାବେ ସୋମବାର ବିଜେପି ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ସୁଜିତ କୁମାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଓ ୩୦ଜଣ ବିଧାୟକ ପ୍ରସ୍ତାବକଙ୍କ ଉପସ୍ଥିତିରେ ସୁଜିତ କୁମାର ଦୁଇସେଟ୍ ନାମାଙ୍କନ ଭରିଥିବା ସୂଚନା ମିଳିଛି। ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିବା ସୁଜିତ କୁମାରଙ୍କୁ ରାଜ୍ୟସଭା ପ୍ରାର୍ଥୀ କରାଯାଇଥିବା ନେଇ ବିଜେପି କେନ୍ଦ୍ରୀୟ ଚୟନ କମିଟି ପକ୍ଷରୁ ଘୋଷଣା କରାଯାଇଥିଲା। ନାମାଙ୍କନ ଭରିବା ପୂର୍ବରୁ ସୁଜିତ କୁମାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚି ରାଜ୍ୟ ସଭାପତି ମନମୋହନ ସାମଲ ଓ ବରିଷ୍ଠ ବିଜେପି ନେତା ପ୍ରଦୀପ୍ତ ନାୟକଙ୍କୁ ଭେଟିଥିଲେ। ପରେ ସେ ନାମାଙ୍କନ ଭରିଥିଲେ। ନାମାଙ୍କନ ଭରିବା ପୂର୍ବରୁ ସୁଜିତ କୁମାର କହିଥିଲେ ଯେ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ବିକାଶକୁ ପ୍ରାଧାନ୍ୟ ଦିଆଯିବ। ପଶ୍ଚିମ ଓଡ଼ିଶାରେ ରେଳପଥର ବିକାଶ ସହ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦିଆଯିବ। ବିଜେପି ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ୍ ଦେଇଥିବାରୁ ସେ ଦଳ, ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟ ସଭାପତିଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଏହି ଆସନଟି ବିଜେପି ଖାତାକୁ ଯିବ। ମଙ୍ଗଳବାର ନାମାଙ୍କନ ଦାଖଲର ଶେଷ ଦିବସ ରହିଛି। ତେବେ ବିଜେଡି ଓ କଂଗ୍ରେସ ପକ୍ଷରୁ କେହି ପ୍ରାର୍ଥିପତ୍ର ଦାଖଲ କରିନାହାନ୍ତି। ଗତ ସେପ୍ଟେମ୍ବର ୬ ତାରିଖରେ ସୁଜିତ କୁମାର ରାଜ୍ୟସଭା ପଦ ଓ ବିଜେଡିରୁ ଇସ୍ତଫା ଦେଇଥିଲେ। ପରେ ସେ ବିଜେପିରେ ମିଶିଥିଲେ। ୨୦୨୬ ଏପ୍ରିଲ ଯାଏ ତାଙ୍କର କାର୍ଯ୍ୟକାଳ ରହିଛି।



ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ କହରାପୋଖରୀ ସତ୍‌ସଙ୍ଗ ବିହାରରେ ମଙ୍ଗଳବାର ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କର ୧୩୭ତମ ଓ ଶ୍ରୀ ଶ୍ରୀ ବଡଦାଙ୍କର ୫୨ତମ ଶୁଭ ଆଗମନୀ ମହୋତ୍ସବ ପାଳିତ ହୋଇଯାଇଛି । ୧୯୭୩ ମସିହା ଡିସେମ୍ବର ୫ରେ ଶ୍ରୀଶ୍ରୀ ଠାକୁର ବଡ଼ଦା କହରାପୋଖରୀର ଏକ ଆମ୍ବଗଛ ମୂଳେ ବିଶ୍ରାମ କରି ଯାତ୍ରା କରିଥିଲେ । ସେହି ସ୍ମରଣୀୟ ଦିବସକୁ ପ୍ରତିବର୍ଷ ଶ୍ରୀ ଶ୍ରୀ ଠାକୁରଙ୍କର ପଦାର୍ପଣୋତ୍ସବ ଭାବେ ପାଳନ କରାଯାଇଆସୁଛି। ପ୍ରଭାତରୁ ବେଦ ନହବତ, ପ୍ରଭାତ ଯାମିନୀ, ବେଦ ମାଙ୍ଗଳିକ ଉଷା କୀର୍ତ୍ତନ, ପ୍ରାତଃ ବିନତୀ ସଦଗ୍ରନ୍ଥ ପାଠ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଗୁରୁଭ୍ରାତାଙ୍କ ଦ୍ୱାରା ଭକ୍ତିସଙ୍ଗୀତ ଗାନ କରାଯାଇଥିଲା । ଅଧ୍ୱର୍ଯ୍ୟ କର୍ମୀ ପ୍ରଦୀପ ଲେଙ୍କା ଓ ଗୌରାଙ୍ଗ ରଣା ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ । ମାଧବ ଲେଙ୍କା ଓ ଅନଳ ଚନ୍ଦ୍ର ପଣ୍ଡା ଛାଡାର ଗାନ କରିଥିଲେ । ସହପ୍ରତିଋତ୍ୱିକ ଧରଣୀଧର ସ୍ୱାଇଁଙ୍କ ସଂଯୋଜନାରେ ବିନତୀ ପ୍ରାର୍ଥନା, ନିରାକାର ରାଉତ, ରାଜକିଶୋର ସ୍ୱାଇଁ ଓ ସାଥି ସଦ୍‌ଗ୍ରନ୍ଥ ପାଠ କରିଥିଲେ । କୀର୍ତ୍ତନ ସମ୍ରାଟ ସନ୍ତୋଷ ପଲାଇ ଓ ରମେଶ ଚନ୍ଦ୍ର ନନ୍ଦ ନାମସଙ୍କୀର୍ତ୍ତନ କରିଥିଲେ। ଯାଜକ କର୍ମୀ ବଳରାମ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଦେଓଘରରୁ ଆସିଥିବା ସହପ୍ରତିଋତ୍ୱିକ ଶ୍ରୀଧର ସୁନ୍ଦର ମିଶ୍ର ଅତିଥି ଭାବେ ଯୋଗଦେଇ ମାନବ ଜୀବନରେ ସଦଗୁରୁ ଅନୁସରଣ ଓ ଯାଜନ, ଯଯନ, ଇଷ୍ଟବୃତ୍ତି ଆଦି ଅନୁଶାସନ ପାଳନ ଦ୍ୱାରା ମୁକ୍ତିମାର୍ଗ ପ୍ରାପ୍ତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ।

# ଦ୍ୱନ୍ଦ୍ୱରେ ସ୍କୁଲ ପୋଷାକ ରଙ୍ଗ

## ଚିନ୍ତାରେ ମହିଳା ଏସ୍‌ଏଚ୍‌ଜି



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁରୁଣା ସରକାର ପ୍ରଚଳନ କରିଥିବା ସ୍କୁଲ ଡ୍ରେସ୍‌ଗୁଡିକର ରଙ୍ଗ ବଦଳି ଯାଇଛି । ନୂଆ ସରକାର ନୂଆ ନିଷ୍ପତ୍ତିକୁ ନେଇ ଚିନ୍ତାରେ ଏସ୍‌ଏଚ୍‌ଜି ଗ୍ରୁପ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ମହିଳା ଗ୍ରୁପ ଡ୍ରେସ ପ୍ରସ୍ତୁତ ଦାୟିତ୍ୱ ନେଇଥିଲେ । ପୂର୍ବ ଅର୍ଡର ଅନୁସାରେ ଲକ୍ଷାଧିକ ଟଙ୍କାର ସବୁଜ ରଙ୍ଗର ଡ୍ରେସ ତିଆରି କରିଛନ୍ତି। ସେଗୁଡିକ ବିକ୍ରି ହୋଇନାହିଁ । ଏ ପଟେ ଡ୍ରେସ୍ ରଙ୍ଗ ବଦଳାଇବା ନିଷ୍ପତ୍ତି ନେଇଛନ୍ତି ସରକାର । ନୂଆ ନିୟମ ଲାଗୁ ହୋଇଛି ଡ୍ରେସର ରଙ୍ଗ ବଦଳିଛି କିନ୍ତୁ ପୂର୍ବରୁ ତିଆରି ହୋଇଥିବା ପୋଷାକ ଏସ୍‌ଏଚ୍‌ଜି ମହିଳା ଗ୍ରୁପ ଅସ୍ତରଙ୍ଗ ବ୍ଲକ ବିଭିନ୍ନ ବିଦ୍ୟାଳୟ ଦେଇଛନ୍ତି ସତ କିନ୍ତୁ ଶିକ୍ଷକମାନେ କହିବାନୁଯାୟୀ ଡ୍ରେସ ରଙ୍ଗ ବଦଳିଛି ପୁରୁଣା ରଙ୍ଗର ଡ୍ରେସ ଗ୍ରହଣ କରୁନାହାନ୍ତି । ପୂର୍ବରୁ ତିଆରି ହୋଇଥିବା ପୋଷାକ କଣ ହେବ ବୋଲି ପ୍ରଶ୍ନ କରିଛନ୍ତି ଏସ୍‌ଏଚ୍‌ଜି ଗ୍ରୁପ ସଦସ୍ୟା । ତିଆରି ଡ୍ରେସ୍‌କୁ ତୁରନ୍ତ ସରକାରଙ୍କ ତରଫରୁ କିଣାଯାଉ ବୋଲି ଦାବୀ ହୋଇଛି । କିଛି ରୋଜଗାର ଆଶାରେ ଘରର କାମଧନ୍ଦା ସାରି ସ୍କୁଲ ପିଲାଙ୍କ ପାଇଁ ପୋଷାକ ତିଆରି କରିଥିଲେ । ଭାବିଥିଲେ ସରକାର ଏଗୁଡିକ କିଣିନେଲେ ହାତକୁ ଦୁଇ ପଇସା ଆସିବ । ହେଲେ ସରକାରଙ୍କ ନିଷ୍ପତ୍ତି ଶୁଣି ମହିଳାଙ୍କ ଆଶା ମଉଳି ଯାଇଛି । ଏ ନେଇ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା କହିଛନ୍ତି ଏ ଡ୍ରେସ ବିଷୟରେ ବିଭିନ୍ନ ବିଦ୍ୟାଳୟ ପ୍ରଧାନଶିକ୍ଷକମାନଙ୍କ ସହ ଆଲୋଚନା କରିବି । କିନ୍ତୁ ଅସ୍ତରଙ୍ଗ ବ୍ଲକର କୌଣସି ବିଦ୍ୟାଳୟରେ ଶିକ୍ଷାବର୍ଷ ଅଧା ହେଲାଣି କୌଣସି ଛାତ୍ରଛାତ୍ରୀଙ୍କୁ ଡ୍ରେସ ମିଳିନାହିଁ ।

# ଦିଗହରା ପାଲଟିଛି ପରିବାର ମଙ୍ଗଳ ଯୋଜନା

ରାଜନଗର, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲାର ପରିବାର ମଙ୍ଗଳ ଯୋଜନା ଦିଗହରା ହୋଇପଡ଼ିଛି। ମୃତ୍ୟୁର ୧ ବର୍ଷ ପରେ ବି ହିତାଧିକାରୀଙ୍କୁ ଏହି ଯୋଜନାରେ ସହାୟତା ପ୍ରଦାନ କରା ନଯିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୂଚନାଯୋଗ୍ୟ ରାଜନଗର ପଞ୍ଚାୟତ ସଦରମହକୁମାର ଦୋଳ ଗୋବିନ୍ଦ ସାହୁ ଗତ ତା ୨୦.୧୨.୨୦୨୩ ତାରିଖରେ ମୃତ୍ୟୁବରଣ କରିଥିଲେ । ତାଙ୍କ ପତ୍ନୀ ସରସ୍ୱତୀ ସାହୁ ସରକାରୀ ସହାୟତା ପାଇବା ପାଇଁ ପରିବାର ମଙ୍ଗଳ ଯୋଜନାରେ ସମସ୍ତ ଆବଶ୍ୟକୀୟ କାଗଜାତ ସହ ଆବେଦନ କରିଥିଲେ । ସବୁ ଠିକାଠାକ ଥିଲା ମାତ୍ର ତାଙ୍କ ଆକାଉଣ୍ଟକୁ ଟଙ୍କା ଆସିନଥିଲା । ବିଳମ୍ବ ହେବାରୁ ରାଜନଗର ବିଡିଓଙ୍କ ଦ୍ୱାରସ୍ଥ ହୋଇ ସମସ୍ତ ବିଷୟ ଜଣାଇବାକୁ ବାଧ ହୋଇଥିଲେ ଆବେଦନକାରିଣୀ । ଏହି ଯୋଜନାରେ ତାଙ୍କର ପ୍ରାପ୍ୟ ଅର୍ଥ ଦେବା ପରିବର୍ତ୍ତେ ଟାଳଟୁଳ ନୀତି ଅବଲମ୍ବନ କରି ବାରମ୍ବାର ଆଜିକାଲି କହି ସରସ୍ୱତୀକୁ ଘରୁ ବ୍ଲକକୁ ବାରମ୍ବାର ଦୌଡାଇ ଶେଷରେ ସୁବିଧା ହେଲେ ଆମେ କରିଦେବୁ କହି ଫେରାଇ ଦେଇଥିଲେ ଯିଏକି ବିଧାୟକଙ୍କର ଖୋଦ୍ ଆଜ୍ଞାବହ ଶୀତଲ କୁମାର ଜେନା (ଟିକୁ)! ମହିଳା ଜଣଙ୍କ ଏହି ଶିତଲ ବାବୁଙ୍କ କାର୍ଯ୍ୟକଳାପରେ ହତାଶ ହୋଇ ଏହି ସମସ୍ୟାର ସମାଧାନ ପାଇଁ ସେ ବିଡ଼ିଓଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ, ପର ମୂହୁର୍ତ୍ତରେ ମହିଳା ଜଣଙ୍କ ଜାଣିବାକୁ ପାଇଥିଲେ । ଏହିବାବୁ ଜଣଙ୍କ ବିନା ଅର୍ଥରେ କିମ୍ବା ବିଧାୟକଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରନ୍ତି ନାହିଁ। କେବଳ ଏହି ମହିଳା ଜଣଙ୍କ ଏକା ନୁହଁନ୍ତି, ରାଜନଗର ବ୍ଲକ ବରଗୁଡ଼ିଦଣ୍ଡା ଗାଁର କୃପାସିନ୍ଧୁ ଦାସ ଗତ ୨୦୨୩ ଡିସେମ୍ବର ୧୩ରେ ମୃତ୍ୟୁବରଣ କରିଥିଲେ । ତାଙ୍କ ପତ୍ନୀ ଗୋଲାପ ଦାସ ସରକାରୀ ସହାୟତା ପାଇବା ପାଇଁ ପରିବାର ମଙ୍ଗଳ ଯୋଜନାରେ ଆବେଦନ କରିଥିଲେ । ସମାନ ଉତ୍ତର ତାଙ୍କୁ ମଧ୍ୟ ମିଳିଥିଲା । ଯଦି ଏହି ଦୁଇ ମହିଳାଙ୍କର ଜାତୀୟ ଜନମଙ୍ଗଳ ଯୋଜନାର ଅର୍ଥ କିଛି ଦିନ ମଧ୍ୟରେ ନ ମିଳେ ତେବେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସହ ବ୍ଲକ ସମ୍ମୁଖରେ ଅନଶନ କରିବେ ବୋଲି ଚେତାବନୀ ଦେବା ସହ ଦୀର୍ଘଦିନ ହେବ ବିଜେଡିର ପରୋକ୍ଷ କର୍ମୀ ସାଜି ବିଧାୟକଙ୍କ କଥାରେ ଉଠ ବସ ହେଉଥିବା ସାମାଜିକ ସୁରକ୍ଷା ବିଭାଗର ଦୁର୍ନୀତି ଖୋର ଶିତଲ ଜେନା ଓରଫ୍ ଟିକୁର ବଦଳୀ କରାଯାଇ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରସ୍ୱତୀ ଏବଂ ଗୋଲାପିଙ୍କ ପରିବାର ବର୍ଗ ଦାବି କରିଛନ୍ତି ।

# ପ୍ରହସନ ପାଲଟିଛି ସ୍ମାର୍ଟ ସ୍କୁଲ ଶିକ୍ଷା

- ନାହାନ୍ତି ଶିକ୍ଷକ
- ଖତ ଖାଉଛି ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟ ଶିକ୍ଷା ପ୍ରଦାନ କରିବା ପାଇଁ ତତ୍କାଳୀନ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ସ୍ମାର୍ଟକ୍ଲାସ ରୁମ୍ ପ୍ରତିଷ୍ଠା କଲେ । ସ୍ମାର୍ଟ ଶିକ୍ଷାକୁ ଅଗ୍ରାଧିକାର ଦେବା ପାଇଁ ୫ଟି ଯୋଜନାରେ ବିଭିନ୍ନ ସ୍କୁଲରେ କମ୍ପ୍ୟୁଟର ଲାଗିଲା । ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଏହି ଯୋଜନା ପ୍ରହସନ ପାଲଟିଥିବା ପରି ଲାଗୁଛି । କାରଣ ଏହି ବ୍ଲକର କମ୍ପ୍ୟୁଟର ଥିବା ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ ନାହାନ୍ତି । କମ୍ପ୍ୟୁଟର ଶିକ୍ଷକ ଛଟେଇ ହେବା ପରେ ଦୀର୍ଘ ୬ମାସରୁ ଉର୍ଦ୍ଧ୍ୱ ହେଲା ଖତ ଖାଉଛି ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର । ଫଳରେ ଛାତ୍ରଛାତ୍ରୀମାନେ କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ସୂଚନାରୁ ପ୍ରକାଶ, ରାଷ୍ଟ୍ରୀୟ ଶିକ୍ଷା କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ କମ୍ପ୍ୟୁଟର ଶିକ୍ଷକଙ୍କୁ ନିଯୁକ୍ତି କରାଗଲା ନାହିଁ । ଫଳରେ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ଖତ ଖାଉଥିବା ବେଳେ ଛାତ୍ରଛାତ୍ରୀମାନେ କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଏ ନେଇ ଛାତ୍ରଛାତ୍ରୀ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ କିଛି ହାଇସ୍କୁଲ ସହ କିଛି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ପାଇଁ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା । ଯେପରିକି ଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟ, ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ସହ ବିଭିନ୍ନ ବିଦ୍ୟାଳୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ବ୍ୟୟ କରାଯାଇ କମ୍ପ୍ୟୁଟର ଶିକ୍ଷା ଆରମ୍ଭ ହୋଇଥିଲା। କିଛି ବର୍ଷ ପୂର୍ବେ ଆଇସିଟି ସ୍କୁଲ କୋର୍ଡିନେଟର ବା କମ୍ପ୍ୟୁଟର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା । ହେଲେ ଏହି କମ୍ପ୍ୟୁଟର ଶିକ୍ଷକମାନଙ୍କୁ ୨୦୧୯ ଜାନୁଆରୀରେ ୨ଟି ପର୍ଯ୍ୟାୟରେ ଛଟେଇ କରିଦିଆଗଲା । ଆଜି ପର୍ଯ୍ୟନ୍ତ ଉକ୍ତ ଶିକ୍ଷକମାନଙ୍କୁ କିମ୍ବା ତାଙ୍କ ବଦଳରେ ଅନ୍ୟ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଗଲା ନାହିଁ । ଫଳରେ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର, ଜେନେରେଟର ଆଦି ବିଭିନ୍ନ ସରଞ୍ଜାମ ଖତ ଖାଉଥିବା ଦେଖିବାକୁ ମିଳିଛି । କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଛାତ୍ରଛାତ୍ରୀ । କମ୍ପ୍ୟୁଟର ଶିକ୍ଷକ ନଥିବାରୁ ସ୍କୁଲର ବିଭିନ୍ନ କାର୍ଯ୍ୟ ଫର୍ମ ଫିଲ୍‌ଅପ୍, ମଧ୍ୟାହ୍ନଭୋଜନ ତଥ୍ୟ ଛାତ୍ରଛାତ୍ରୀଙ୍କ ତଥ୍ୟ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପାରୁନାହିଁ । ଛଟେଇ ପରେ ଅସ୍ତରଙ୍ଗ ବ୍ଲକର ଆଇସିଟି ସ୍କୁଲ କୋର୍ଡିନେଟର ହାତ ବାନ୍ଧି ବସିଛନ୍ତି । ତୁରନ୍ତ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ସହ ଆବଶ୍ୟକ ବ୍ୟବସ୍ଥା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ

କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲାରେ ୧୦୦ଦିନିଆ ଯକ୍ଷ୍ମା ଦୂରୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଆର୍.ଏନ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଆଗରୁ ରୋଗ ଚିହ୍ନଟ ହୋଇପାରିଲେ ଟିବି ମୁକ୍ତ ଭାରତ ଅଭିଯାନ ସଫଳ ହୋଇପାରିବ ବୋଲି ଜିଲ୍ଲାପାଳ କହିଥିଲେ । ଏହି ଅବସରରେ ପୋଷ୍ଟର ଉନ୍ମୋଚନ କରାଯାଇଥିଲା । ଏଡିପିଏଚ୍‌ଓ(ପରିବାର କଲ୍ୟାଣ) ଡାକ୍ତର ନୀଳମାଧବ ଶତପଥୀ ଯୋଗଦେଇ ଶପଥପାଠ କରାଇଥିଲେ। ଏହି ବୈଠକରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ଡାକ୍ତର ସୁଶାନ୍ତ କୁମାର ସାହୁ, ଡାକ୍ତର ଚିତରନ ବାରିକ, ଡ.ପରେଶ ନାଥ ମହାନ୍ତି, ଡ.ଦେବୀ ପ୍ରସାଦ ମହାପାତ୍ର, ସାସଂଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଡିପିଏଚଓ ଡାକ୍ତର ମୁକ୍ତିକାନ୍ତ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସଚେତନତା ରଥକୁ ଜିଲ୍ଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

# ବାଣୀଶ୍ରୀ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ବାଣୀଶ୍ରୀ ବିଦ୍ୟାମନ୍ଦିର ଠାରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ରଙ୍ଗେଇଲୁଣ୍ଡା ବ୍ଲକ ସହ ଶିକ୍ଷାଧିକାରୀ ସୁକାନ୍ତ କୁମାର ଜେନା ଯୋଗ ଦେଇ ବିଜ୍ଞାନ ମେଳାର ଉଦ୍‌ଘାଟନ କରି ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ସମସ୍ତ ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ ଏବଂ ସେମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାମନ୍ଦିରର ସଭାପତି ଜୁଧିଷ୍ଠିର ଭଞ୍ଜ ସାମନ୍ତ, ସମ୍ପାଦକ ବିଘ୍ନରାଜ ଜେନା, ସମ୍ମାନିତ ଅତିଥି ଭାବେ ସହ ସମ୍ପାଦକ ସୁଦର୍ଶନ ରାଉଳ, କୃଷ୍ଣଚନ୍ଦ୍ର ଜେନା, ଗୋପାଳ ସେଠୀ ପ୍ରମୁଖ ଯୋଗ ଦେଇଥିବାବେଳେ ଛୋଟ ଛୋଟ ଛାତ୍ରଛାତ୍ରୀଙ୍କ ମାନସିକ, ବୈଷୟିକର ବିକାଶ ପାଇଁ ଜ୍ଞାନବିଜ୍ଞାନ ଓ କୌଶଳର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପିଲାମାନଙ୍କ ସ୍ୱନିର୍ମିତ ପ୍ରକଳ୍ପକୁ ମୂଲ୍ୟାୟନ କରିବା ପାଇଁ ବିଚାରକ ଭାବେ ଶିକ୍ଷୟିତ୍ରୀ ଶ୍ରୀମତୀ ସନ୍ଧ୍ୟାରାଣୀ ଆଚାର୍ଯ୍ୟ, ଶ୍ରୀମତୀ ପ୍ରମୋଦିନୀ ଦାସ, ହିମାଂଶୁ ଶେଖର ସାହୁ, ନିରଞ୍ଜନ ପଣ୍ଡା, ସିଆରସିସି ରବିନ୍ଦ୍ର ସେଠୀ ପ୍ରମୁଖ ପ୍ରକଳ୍ପର ମୁଲ୍ୟାୟନ କରିଥିଲେ । ଏହି ବିଜ୍ଞାନ ମେଳାର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ପ୍ରଧାନଶିକ୍ଷକ ବିଘ୍ନରାଜ ଜେନା ଆଲୋକପାତ କରିଥିଲେ । ବିଜ୍ଞାନ ମେଳାରେ ମୋଟ ୨୪୬ଟି ପ୍ରକଳ୍ପ ସ୍ଥାନ ପାଇଥିଲା, ସେଥିମଧ୍ୟରୁ ୯ମ ଶ୍ରେଣୀର ଛାତ୍ରୀ ଅର୍ଚ୍ଚିତା କୁମାରୀ ରାଉଳଙ୍କ ଆଣବିକ ଶକ୍ତିକେନ୍ଦ୍ର ପ୍ରକଳ୍ପ ସମସ୍ତଙ୍କୁ ବେଶ୍ ଆକୃଷ୍ଟ କରିଥିଲା । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଜ୍ଞାନ ମେଳାରେ ସହଯୋଗ କରିଥିବା ବେଳେ ଅଭିଭାବକମାନେ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରକାରର ପ୍ରଜେକ୍ଟଗୁଡ଼ିକ ବୁଲି ଦେଖିବା ସହିତ ସେମାନଙ୍କୁ ପ୍ରଶଂସା କରିଥିଲେ । ଏହି ବିଜ୍ଞାନ ମେଳାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଦ୍ୟୁତ୍ ପ୍ରଭା ମହାରଣା ପରିଚାଳନା କରିଥିବା ବେଳେ ଆଶିଷ ଗୁରୁଜୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନଙ୍କ ଦ୍ୱାରା ବିଜ୍ଞାନ ମେଳାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନ ପତ୍ର ଏବଂ ମେଡାଲ ଦେଇ ସେମାନଙ୍କୁ ଉତ୍ସାହିତ କରିଥିଲେ ।

# ଅବକାରୀ ଚଢ଼ାଉ, ୨ଗିରଫ

ଭାପୁର,(ଭାସ୍କର ନ୍ୟୁଜ୍) : ଭାପୁର ବ୍ଲକ ଫତେଗଡ ନିକଟସ୍ଥ କାଳୀଗିରି ସେତୁ ନିକଟରେ ଅବକାରୀ ବିଭାଗର ଏକ ବଡ଼ ଧରଣର ଚଢ଼ାଉ ହୋଇଥିଲା। ଏଥିରେ ବିଭାଗକୁ ସଫଳତା ମଧ୍ୟ ମିଳିଛି। ଆଜି ନୟାଗଡ଼ ମୋବାଇଲ ସ୍କ୍ୱାର୍ଡ ଏବଂ ଖଣ୍ଡପଡ଼ା ଅବକାରୀ ବିଭାଗର ମିଳିତ ଚଢାଉ ସମୟରେ କାଳିଗିରି ସେତୁ ନିକଟରେ ଚୋରା ମଦ ଚାଲାଣ ସୂଚନା ପାଇଥିଲେ। ସେଠାରେ ଗାଡ଼ି ତନଖି କରି ଏକ ପିକ୍‌ଅପ୍ ଭ୍ୟାନରେ ୧୪୪୦ ଲିଟର ଦେଶୀମଦ ଜବତ କରିଥିଲେ। ଏଥିସହ ପିକ୍‌ଅପ୍ ଭ୍ୟାନ ନଂ ଓଡି ୦୫ ବିଟି ୨୭୪୨କୁ ଅବକାରୀ ବିଭାଗ ଜବତ କରି ଖଣ୍ଡପଡ଼ା କାର୍ଯ୍ୟାଳୟରେ ରଖିଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବଡମ୍ବା ଅଞ୍ଚଳର ପିଣ୍ଟୁ ସେନାପତି (୨୯) ଏବଂ ବାଙ୍କୀ ଅଞ୍ଚଳର ପବିତ୍ର ଦଳେଇ (୩୪)। ଉଭୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ବିଭାଗୀୟ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି। ଖଣ୍ଡପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଜେନାଙ୍କ ନେତତ୍ୱରେ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ବେହେରା, ମିତାରାଣୀ ନାୟକ, ଜିଲ୍ଲା ଅବକାରୀ ସ୍କ୍ୱାର୍ଡ ପକ୍ଷରୁ ଏସ୍‌ଆଇ ସୁଶାନ୍ତ କୁମାର ମହାପାତ୍ର ସାମିଲ ଥିଲେ।



# ବନ ବିଭାଗକୁ ନାକେଦମ୍ କଲା ଗୋଠଛଡ଼ା ଦନ୍ତା



ଚମ୍ପୁଆ, (ଭାସ୍କର ନ୍ୟୁଜ୍) : ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଚମ୍ପୁଆ ସେକ୍ସନରେ ଡେରା ପକାଇଥିବା ଗୋଠଛଡା ଦନ୍ତା ହାତୀ ଆଜି ବନ ବିଭାଗକୁ ନାକେଦମ୍ କରିଛି। ପୂର୍ବରୁ ଏହି ଗୋଠଛଡା ଦନ୍ତାଟି ଗାଁ ଗାଁରେ ଆତଙ୍କ ସୃଷ୍ଟି କରିଥିବା ବେଳେ ଆଜି ଦିନ ପ୍ରାୟ ଏଗାର ଟାରୁ ଦିନ ଚାରି ଘଟିକା ପର୍ଯ୍ୟନ୍ତ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ରଜିଆ ଜଙ୍ଗଲରେ ରହି ଆତଙ୍କ ରାଜ ଚଳାଇଥିବା ଦେଖିବାକୁ ମିଳିଥିଲା। ହାତୀଟି ଆଜି ରଜିଆ ଜଙ୍ଗଲ ମଧ୍ୟରେ ଯାଇଥିବା ୩୩ କେଭି ବିଦ୍ୟୁତ୍ ଖୁଣ୍ଟକୁ ଶୁଣ୍ଢରେ ଠେଲି ଉପାଡ଼ିବାର ଚେଷ୍ଟା କରିବା ସହ ଖୁଣ୍ଟରେ ଲାଗିଥିବା ଷ୍ଟେ ତାରଟିକୁ ମଧ୍ୟ ଉପାଡ଼ିବାକୁ ଚେଷ୍ଟା କରିଥିଲା। ଖୁଣ୍ଟଟିକୁ ଦନ୍ତା ହାତୀଟି ସବୁ ବଳ ପ୍ରୟୋଗ କରି ଠେଲିବାରେ ଲାଗିଥିଲା। ଲାଗୁଥିଲା ଯେପରି ଖୁଣ୍ଟ ଉପରେ ହାତୀଟିର ପୁରୁଣା ରାଗ ରହିଛି । ଦନ୍ତା ହାତୀକୁ ଘଉଡ଼ାଇବା ପାଇଁ ବନ ବିଭାଗ ଦିନ ସାରା ନାକେଦମ୍ ହୋଇଥିଲା। ଦୀର୍ଘ ପାଞ୍ଚ ଘଣ୍ଟା ଧରି ହାତୀଟି ବିଭାଗକୁ ନାକେଦମ୍ କରିଥିଲା। ସୂଚନା ଯୋଗ୍ୟ କି ଗତ ବର୍ଷ ଡିସେମ୍ବର ମାସ ପ୍ରଥମ ସପ୍ତାହରେ ରଜିଆ ଜଙ୍ଗଲ ଦେଇ ଯାଇଥିବା ଏହି ୩୩ କେଭି (୫୫ ନଂ) ବିଦ୍ୟୁତ ଖୁଣ୍ଟ ତଳେ ଏକ ବୟସ୍କ ମାଈ ହାତୀର ଗଳିତ ଶବ ଉଦ୍ଧାର ହୋଇଥିଲା । ହାତୀର ଗୋଡରେ ବିଦ୍ୟୁତ୍ ଖୁଣ୍ଟରୁ ଆସିଥିବା ଷ୍ଟେ ତାରଟି ଲାଗିଥିବା ଦେଖିବାକୁ ମିଳିଥିଲା। ବିଦ୍ୟୁତ୍ ଆଘାତ କାରଣରୁ ହାତୀର ମୃତ୍ୟୁ ହୋଇଥିବା ନେଇ ବନ ବିଭାଗ କହିଥିବା ବେଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ତାହାକୁ ଅସ୍ୱୀକାର କରାଯାଇଥିଲା। ବ୍ୟବଚ୍ଛେଦ ପରେ ହାତୀଟିକୁ ସେଇ ବିଦ୍ୟୁତ ଖୁଣ୍ଟ ନିକଟରେ ଗାତ ଖୋଳି ପୋତି ଦିଆଯାଇଥିଲା । ଆଜି ସେହି ବିଦ୍ୟୁତ୍ ଖୁଣ୍ଟଟିକୁ ହାତୀଟି ଆକ୍ରମଣ କରିଥିବା ଦେଖିବାକୁ ମିଳିଛି। ଖବର ପାଇ ବିଦ୍ୟୁତ ବିଭାଗର ଅଧିକାରୀ ପହଞ୍ଚିଥିଲେ ମଧ୍ୟ ଜଙ୍ଗଲ ଭିତରକୁ ଯିବାକୁ ସାହସ କରିପାରି ନଥିଲେ। ଦୀର୍ଘ ସମୟ ଧରି ଉତ୍ପାତ କରିବା ପରେ ହାତୀଟି ସେଠାରୁ ପଳାଇଥିଲା। ତେବେ ଦାନ୍ତ ହାତୀର ସେହି ବିଦ୍ୟୁତ୍ ଖୁଣ୍ଟ ଉପରେ ରାଗକୁ ଦେଖି ସେ ତାର ପୁରୁଣା ସାଥୀ ଥିବା ମାଈ ହାତୀକୁ ମନେ ପକାଇ ମାଈ ହାତୀର ମୃତ୍ୟୁ କାରଣ ସାଜିଥିବା ବିଦ୍ୟୁତ ଖୁଣ୍ଟ ଉପରେ ରାଗ ସୁଝାଉ ଥିବା ଅନୁମାନ କରାଯାଉଛି।

# ପୀଠ ପରିଷଦ ପକ୍ଷରୁ ଦରିଦ୍ର ନାରାୟଣ ସେବା



ପାରାଦୀପ,(ଭାସ୍କର ନ୍ୟୁଜ): ଗୋବର୍ଦ୍ଧନ ମଠ, ପୁରୀ ପୀଠାଧିଶ୍ୱର ଶ୍ରୀମଦ୍ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମାର୍ଗ ଦର୍ଶନରେ ପରିଚାଳିତ ପୀଠ ପରିଷଦ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ପାରାଦ୍ୱୀପ ଶାଖା ତରଫରୁ ମାର୍ଗଶିର ମାସ ସପ୍ତମୀ ତିଥି ରବିବାର ଦିନ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ବଡ଼ପଡ଼ିଆ ସ୍ଥିତ ଶ୍ରୀଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଦରିଦ୍ର ନାରାୟଣଙ୍କୁ କମ୍ବଳ, ନୂତନ ଥାଳି ପ୍ରଦାନ କରିବା ସହିତ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ମହତ୍ କାର୍ଯ୍ୟରେ ପାରାଦୀପ ଶାଖା ସଭାପତି ସୂର୍ଯ୍ୟକାନ୍ତ ଶତପଥୀ, ସୁବ୍ରତ କୁମାର ମଲ୍ଲିକ, କୁମାରୀ ଫୁଲଶ୍ରୀ ମନ୍ତ୍ରୀ, ସଞ୍ଜିତ କୁମାର ବିଶ୍ୱାଳ, ସୌମ୍ୟ ରଞ୍ଜନ ମଲ୍ଲିକ, ବିଜୟ କୁମାର ନାୟକ, ଯଦୁମଣି ସାହୁ ଆଦି ବହୁ ସମାଜସେବୀ ସହଯୋଗ କରିଥିଲେ। ପାରାଦୀପ ଶାଖା ସଚିବ ଶ୍ରୀକୁମାର ରାଜଗୁରୁ ମହାପାତ୍ର ଏହି କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ସାଧୁବାଦ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ମାଧ୍ୟମିକ ଶିକ୍ଷକଙ୍କ ବନ୍ଧୁମିଳନ ଉତ୍ସବ

କଣିହାଁ,(ଭାସ୍କର ନ୍ୟୁଜ) : ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକସ୍ତରୀୟ ମାଧ୍ୟମିକ ଶିକ୍ଷକ ବନ୍ଧୁମାନଙ୍କର ତ୍ରୟୋଦଶ ସାମ୍ବତ୍ସରିକ ବନ୍ଧୁମିଳନ ଉତ୍ସବ ହନୁମାନପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲଖ ବିହାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରୋତ୍ତମ ପ୍ରଧାନ, ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ ସର୍ବେଶ୍ୱର ଗଡ଼ନାୟକ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗୁଲୁ ପ୍ରଧାନ, ଶିକ୍ଷାବିତ ଦାଶରଥି ଜେନା, ସରପଞ୍ଚ ଲିପିକା ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ଗାଳ୍ପିକ ସିଦ୍ଧି ପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅତିଥି ମଙ୍ଗୁଲୁ ପ୍ରଧାନ ନୂଆ ଶିକ୍ଷାନୀତି ଉପରେ ଆଲୋକପାତ କରିଥିବା ବେଳେ, ମୁଖ୍ୟବକ୍ତା ଓ ଅତିଥି ଶ୍ରୀଯୁକ୍ତ ଜେନା ଶିକ୍ଷକମାନଙ୍କର କର୍ତ୍ତବ୍ୟ ପରାୟଣତା ଉପରେ ଆଲୋକପାତ କରିଥିଲେ। ଗାଳ୍ପିକ ତଥା ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ, କଣିହାଁର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସିଦ୍ଧି ପ୍ରସାଦ ସାହୁ କିପରି ଗଳ୍ପ ଓ କବିତା ରଚନା କରାଯାଏ ତାହା ଉପରେ ଆଲୋକପାତ କରିଥିଲେ। ବ୍ଲକର ଚଉତିରିଶଟି ବିଦ୍ୟାଳୟରୁ ୨୬୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ। ଦଶ ଜଣ ବିଦାୟୀ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିବା ବେଳେ ୨୧ଜଣ ନବାଗତ ଶିକ୍ଷକଙ୍କୁ ଫୁଲତୋଡ଼ା ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ପ୍ରଥମ ସଭାପତି ଦୁଃଖବନ୍ଧୁ ସାହୁ ଓ ପ୍ରଥମ ସମ୍ପାଦକ ପ୍ରଭାକର ପ୍ରଧାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପଙ୍କଜ ଲୋଚନ ସାହୁଙ୍କ ଉଦ୍ୟମରେ ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ତଥା ଶରତ ଚନ୍ଦ୍ର ଧଳ, ପ୍ରତାପ କୁମାର ସାହୁ, ଦୟାନିଧି ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ଚକ୍ରଧର ସାହୁ, ରମଣୀ ରଞ୍ଜନ ସାହୁ ରବିନାରାୟଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ତଥା ଖାଦ୍ୟ ପରିବେଷଣ ତଥା ପରିବେଶ ସଫା ସୁତରା ରଖା ଯାଇଥିଲା। ଆସନ୍ତା ଚତୁର୍ଦ୍ଦଶ ବନ୍ଧୁ ମିଳନ ଉତ୍ସବ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ, କଣିହାଁ ଠାରେ ଅନୁଷ୍ଠିତ ହେବାକୁ ସ୍ଥିର କରାଗଲା।

# ଗରିବ ପରିବାରକୁ ସାହାଯ୍ୟ କଲେ ସାମାଜସେବୀ ଚାନ୍ଦିନୀ ନାଗ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ରାଜପୁର ପଞ୍ଚାୟତ ଚେଲକୁଟୀ ଗ୍ରାମରେ ରହୁଥିବା କମଲ ଖଡ଼ିଆ(୫୫)ଙ୍କ ପୁଅ ମନୋଜ ଖଡ଼ିଆ(୧୫)ଙ୍କୁ ସାମାଜସେବୀ ମାନେ ଆମ୍ବୁଲାନ୍ସ ଡାକି ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସୂଚନା ଅନୁଯାୟୀ ରାଜପୁର ଗ୍ରାମର କମଲଙ୍କ ପୁଅ ମନୋଜଙ୍କ କିଛି ମାସ ପୂର୍ବରୁ ମଟର ସାଇକେଲ ଦୁର୍ଘଟଣାରେ ଗୋଡ ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକେ ତା'ର ଚିକିତ୍ସା କରାଇ ଗୋଡ଼ରେ ରଡ଼ ଲଗାଇଥିଲେ। କମଲ୍ ଜଣେ ଗରିବ ହୋଇଥିବାରୁ ପୁଅର ଗୋଡ଼ରୁ ରଡ଼ ବାହାର କରିବା ସମ୍ଭବପର ହେଲାନାହିଁ। ଯାହାଦ୍ୱାରା ଗୋଡ ସେପ୍ଟିକ ହେବା ସହ ବହୁତ କଷ୍ଟ ପାଉଥିଲା। ଅଞ୍ଚଳବାସୀଙ୍କ ଠାରୁ ଖବର ପାଇ ସାମାଜସେବୀ ଚାନ୍ଦିନୀ ନାଗ, ତାଙ୍କ ସହିତ ଶ୍ରାବଣୀ ନାଗ, ବିଶ୍ୱଜିତ ମନିରା ଓ ଅନ୍ୟ କେତେକ ଯୁବକ ମିଶି ଆମ୍ବୁଲାନ୍ସ ଡାକି ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇ ସେଠାରେ ତା'ର ଚିକିତ୍ସା କରାଇ ଗୋଡରୁ ରଡ଼ ବାହାର କରାଇବା ସହ ତାଙ୍କୁ କିଛି ଖାଦ୍ୟ ପଦାର୍ଥ ଦେଇଥିଲେ। ବର୍ତ୍ତମାନ ମନୋଜଙ୍କ ଅବସ୍ଥା ସାମାନ୍ୟ ସୁସ୍ଥ ଥିବାରୁ ବୁର୍ଲା ମେଡିକାଲକୁ ନେବା ପାଇଁ ଅଞ୍ଚଳବାସୀ ଓ ସାମାଜସେବୀ ଚେଷ୍ଟା କରୁଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

କାକଟପୁର,(ଭାସ୍କର ନ୍ୟୁଜ୍) : ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସୌଜନ୍ୟରେ କାକଟପୁର ପଞ୍ଚାୟତ ସମିତି ଦ୍ୱାରା କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ବିଡ଼ିଓ ବିଷ୍ଣୁ ଗୋବିନ୍ଦ, ସ୍ନେହାଶିଷ ସୁବୁଦ୍ଧି ଶିବିରକୁ ଉଦ୍ଘାଟନ କରିଥିଲେ। ସରକାର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସକ୍ଷମମାନଙ୍କ ସହିତ ସମପରିମାଣରେ ରାଜ୍ୟର ଅଭିବୃଦ୍ଧିରେ ଭାଗିଦାରୀ ଥିବା କହିଥିଲେ। ଉକ୍ତ ଶିବିରରେ ୧୮୮ଜଣ ଶାରୀରିକ ଅକ୍ଷମ, ୬୯ଜଣ ଶ୍ରବଣ ବାଧିତ, ୩୩ଜଣ ଦୃଷ୍ଟିଶକ୍ତି, ୫୯ଜଣ ମାନସିକ ଓ ୨୨ଜଣ ସାଧାରଣ ବ୍ୟକ୍ତିଙ୍କୁ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପ୍ରମାଣପତ୍ର ଦିଆଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ଲଳିତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଶିବିରରେ ବ୍ଲକର ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଅଗ୍ନିବିପନ୍ନଙ୍କୁ ସ୍ନାଇଲ ପ୍ଲିଜ ଫାଉଣ୍ଡେସନ ପକ୍ଷରୁ ସହାୟତା



ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଦୁମୁକାହାଟ ସ୍ଥିତ ସ୍ମାଇଲ ପ୍ଲିଜ ଫାଉଣ୍ଡେସନ ପକ୍ଷରୁ ଆଜି ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଡ଼ସାରଦେଇପୁର ଗ୍ରାମର ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି । ଫାଉଣ୍ଡେସନ୍‌ର ସଦସ୍ୟ ସତ୍ୟଜିତ ଲେଙ୍କା, ଅନୁପ ରାଉତ, ପଙ୍କଜ କୁମାର ରାଉତ, ବିଷ୍ଣୁଦେବ ବେହେରା, ସୌମ୍ୟରଞ୍ଜନ ପୃଷ୍ଟି ପ୍ରମୁଖ ବଡ଼ସାରଦେଇପୁର ଗ୍ରାମର ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ସାନ୍ତ୍ୱନା ଦେବା ସହିତ ଏକମାସର ରାସନ ଓ ପିନ୍ଧାବସ୍ତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଏହି ଗ୍ରାମରେ ଗତ ୪ ତାରିଖ ରାତିରେ ଅଗ୍ନିକାଣ୍ଡ ଘଟି ଗ୍ରାମର କୁଳମଣି ମଳିକ, ନରେନ୍ଦ୍ର କୁମାର ମଳିକ ଓ ଅନିରୁଦ୍ଧ ମଳିକଙ୍କ ଘର ସମ୍ପୂର୍ଣ୍ଣ ଭସ୍ମିଭୂତ ହୋଇଯାଇଥିଲା।

# ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସ୍ମରଣୋତ୍ସବ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁର ସ୍ଥିତ ବଟମହାପୁରୁଷ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠାତା ପୁଣ୍ୟଶ୍ଳୋକ କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଷ୍ଟମ ବାର୍ଷିକ ସ୍ମରଣୋତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। କିଶୋର ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ମରଣୋତ୍ସବ ସଂସଦ ସଭାପତି ବୈକୁଣ୍ଠନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ପ୍ରବଚକ ଗୁଣନିଧି ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବରେ ସମାଜସେବୀ ନିରଞ୍ଜନ ସାହୁ, ଶିକ୍ଷା ସଂସ୍କାରକ ମନୋଜ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବରେ ଶ୍ରୀକାନ୍ତ କୁମାର ପଣ୍ଡା ଏବଂ ସମ୍ମାନିତ ବକ୍ତା ଭାବେ ଶ୍ରୀନିବାସ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ଯୋଗାନନ୍ଦ ମହାନ୍ତି, ସାମ୍ବାଦିକ ଭବାନୀ ଶଙ୍କର ପଣ୍ଡା, ଶିକ୍ଷକ ଜୀବନ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଥିବା ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତିରେ ପୂଜନ କାର୍ଯ୍ୟକ୍ରମ ଓ ମଞ୍ଚରେ ଥିବା ତୈଳଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବ ଉଦ୍‌ଘାଟନ ହେବା ପରେ ଆଦିକନ୍ଦ ଜେନା, ସୁଶ୍ରୀ ସଙ୍ଗିତା ମହାନ୍ତି, ବର୍ଷାରାଣୀ ସାହୁ, ନିରୁପମା ସାହୁ ଓ ସୁଶ୍ରୀ ସଙ୍ଗୀତା ବାରିକ ସ୍ମୃତିସଙ୍ଗୀତ ଗାନ କରିଥିଲେ। ସୁଧିରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂସଦର ସମ୍ପାଦକ ତଥା ପ୍ରଧାନଶିକ୍ଷକ ଚୌଧୁରୀ ସରୋଜକାନ୍ତ ପ୍ରହରାଜ ସ୍ୱାଗତ ଭାଷଣ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସମାଜ ସଂସ୍କାର ନିରଞ୍ଜନ ସାହୁ, ଶିକ୍ଷା ସଂସ୍କାରକ ମନୋଜ କୁମାର ପ୍ରଧାନ, ସାମ୍ବାଦିକ ଭବାନୀଶଙ୍କର ପଣ୍ଡା ଓ ଶିକ୍ଷକ ଜୀବନ କୁମାର ନାୟକଙ୍କୁ ସମ୍ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏଥିସହିତ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ସ୍ମୃତି ଉପହାର ପ୍ରଦାନ କରାଯାଇଥିଲା। ସଂସଦର ଉପସଭାପତି ଚିତରଞ୍ଜନ ଦାସ, ସଦସ୍ୟ ମନୋରଞ୍ଜନ ନାୟକ, ନିର୍ମଳା ହୋତା, ପ୍ରଜ୍ଞାପାରମିତା ନାୟକ, ରଘୁନାଥ ଦାସ, ବ୍ରଜବନ୍ଧୁ ଦାସ, ଅନାମ ଚରଣ ଦାସ, ଅଜୟ କୁମାର ସାହୁ, ଦେବେନ୍ଦ୍ରନାଥ ଦାସ, ବିଜୟ କୁମାର ନାୟକ, ଦୁର୍ଗା ପ୍ରସାଦ ସିଂ ପ୍ରମୁଖ ପରିଚାଳନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଂସଦର ସହସମ୍ପାଦକ ଭାବଗ୍ରାହୀ କର ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର



କଟକ(ଭାସ୍କର ନ୍ୟୁଜ): ହାଇକୋର୍ଟରେ ଆଜି କଣ୍ଟାବାଞ୍ଜି ନିର୍ବାଚନ ଅନିୟମିତତା ସମ୍ପର୍କିତ ମାମଲାର ଶୁଣାଣି ହୋଇଥିଲା । କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଭୋଟର ଗିରୀରାଜ ସିଂ ମାଝୀଙ୍କ ପକ୍ଷରୁ ଆଗତ ନିର୍ବାଚନୀ ମାମଲାକୁ ଖାରଜ କରିବାକୁ ବିଧାୟକ ଲକ୍ଷ୍ମଣ ବାଗ୍ ହାଇକୋର୍ଟରେ ଆବେଦନ କରିଥିଲେ । ପ୍ରତିପକ୍ଷ ଲକ୍ଷ୍ମଣ ବାଗଙ୍କ ପକ୍ଷରୁ ହାଇକୋର୍ଟରେ ଦର୍ଶାଯାଇଥିଲା ଯେ ସେ ଏହି ମାମଲାରେ ଏକ ଆଇ.ଏ ଫାଇଲ କରି ଆବେଦନକାରୀଙ୍କ ମାମଲାକୁ ଖାର କରିବା ପାଇଁ ଅଦାଲତକୁ ଦର୍ଶାଇଛନ୍ତି । ଆସନ୍ତା ୨୦୨୫ ଜାନୁୟାରୀ ୧୬ ତାରିଖରେ ମାମଲାର ପରବର୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟର ବିଚାରପତି ଏ.ସି. ବେହେରାଙ୍କ ଏକଲ ବେଞ୍ଚ ଆଦେଶ ଦେଇଛନ୍ତି । ସୂଚନାଥାଉକି ବିଧାୟକ ଶ୍ରୀ ବାଗ୍ ଏହି ନିର୍ବାଚନ ମଣ୍ଡଳୀରୁ ବିଜେଡିର ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରାସ୍ତ କରିଥିଲେ । ଶ୍ରୀ ବାଗ୍ ୯୦,୮୭୬ ଖଣ୍ଡ ଭୋଟ ପାଇଥିବାବେଳେ ଶ୍ରୀ ପଟ୍ଟନାୟକ ୭୪,୫୩୨ ଖଣ୍ଡ ଭୋଟ ପାଇଥିଲେ । ତେବେ ଶ୍ରୀ ବାଗ୍ ଏହି ନିର୍ବାଚନରେ ଅନିୟମିତତା କରିଛନ୍ତି ବୋଲି ଦର୍ଶାଇ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ଆବେଦନକାରୀ ଗିରୀରାଜ ସିଂ ମାଝୀ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି ।



### ଉତ୍ତରପ୍ରଦେଶରୁ ଆସିଲା ଆଳୁ

## କେଜି ୩୦ ଟଙ୍କାରେ କିଣିଲେ ଖାଉଟି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ଖାଉଟି ମାନଙ୍କୁ ସୁଲଭ ମୂଲ୍ୟରେ ଆଳୁ ଯୋଗାଇ ଦେବା ନିମନ୍ତେ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ରାଜ୍ୟ ସରକାର ନାଫେଡ ମାଧ୍ୟମରେ ଆଳୁ କିଣିବା ସହ ଖାଉଟି ମାନଙ୍କୁ କିଲୋଗ୍ରାମ ପିଛା ୩୦ ଟଙ୍କାରେ ଯୋଗାଇ ଦେଉଛନ୍ତି । ଖାଉଟି ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନାଫେଡ ମାଧ୍ୟମରେ ଖାଉଟି ମାନଙ୍କ ନିମନ୍ତେ ସୁଲଭ ଦରରେ ଆଳୁ ଯୋଗାଣ ନିମନ୍ତେ ନିଷ୍ପତ୍ତି ନେଇଥିବାରୁ ପ୍ରଥମ ପର୍ଯ୍ୟାୟରେ ତିନୋଟି ଗାଡ଼ିରେ ୬୦ ଟନ ଆଳୁ ଉତ୍ତର ପ୍ରଦେଶରୁ ଆସି ବର୍ତ୍ତମାନ ଭୁବନେଶ୍ୱରରେ ପହଁଚିଛି । ଏହାକୁ ଆଜି ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ସମେତ ସହରର ବିଭିନ୍ନ ସ୍ଥାନରେ ସର୍ବସାଧାରଣ ମାନଙ୍କୁ କିଲୋ ଗ୍ରାମ ପିଛା ୩୦ ଟଙ୍କାରେ ବିକ୍ରୟ କରାଯାଇଛି । ଏହି ଆଳୁ ସମସ୍ତ ସରକାରୀ ସୁଲଭ ଖୁଚୁରା କେନ୍ଦ୍ରରେ ସର୍ବ ସାଧାରଣ ମାନଙ୍କୁ ବିକ୍ରୟ କରାଯିବ । ଏହାଦ୍ୱାରା ଖାଉଟି ମାନଙ୍କୁ ସୁଲଭ ଦରରେ ଆଳୁ ଉପଲବ୍ଧ କରାଇବା ସହ ରାଜ୍ୟରେ ଆଳୁ ସଙ୍କଟ ଦୂର ହୋଇପାରିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି । ପ୍ରଥମ ପର୍ଯ୍ୟାୟରେ ଏହା ଭୁବନେଶ୍ୱର, କଟକ, ରାଉରକେଲା, ଜୟପୁର, ବାଲେଶ୍ୱର, ବଲାଙ୍ଗିର, ସମ୍ବଲପୁର ଓ ବ୍ରହ୍ମପୁରର ବିଭିନ୍ନ ସରକାରୀ ଖୁଚୁରା ଦୋକାନ ମାଧ୍ୟମରେ ଉପଲବ୍ଧ ହେବ ଏବଂ ଖାଉଟି ମାନେ ଏହାକୁ କିଲୋଗ୍ରାମ ପିଛା ୩୦ ଟଙ୍କାରେ କିଣିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

### ଭିଜିଲାନ୍ସ ଜାଲରେ ଖଣ୍ଡଗିରି ସବ୍ ରେଜିଷ୍ଟ୍ରାର ଅଫିସର କନିଷ୍ଠ କିରାଣି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲାଞ୍ଚ ନେବା ବେଳେ ମାଡି ବସିଲା ଭିଜିଲାନ୍ସ । ଖଣ୍ଡଗିରି ସବ ରେଜିଷ୍ଟାର ଅଫିସର ଜୁନିୟର କ୍ଲର୍କ ଦେବଯାନୀ କରଙ୍କୁ ମାଡିବସିଲା ଭିଜିଲାନ୍ସ । ଜଣେ ବ୍ୟକ୍ତିଙ୍କ ଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରେଡ ହ୍ୟାଣ୍ଡରେ ଧରିଲା ଭିଜିଲାନ୍ସ । ତାଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି । ଏବେ ଭୁବନେଶ୍ୱର ଅଫିସ ସମେତ ଦୁଇଟି ଠିକଣାରେ ଭିଜିଲାନ୍ସ ଚଢ଼ାଉ କରିଛି । ଦେବଯାନୀଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ଅଫିସରେ ରଖି ପଚରାଉଚରା କରୁଛି ଭିଜିଲାନ୍ସ ।

### ୧୧ରେ ୫୫୦ ଫ୍ଲାଟ୍ ବିଶିଷ୍ଟ ହାଇକୋର୍ଟ ନିଉ ଆନେକ୍ସ ବିଲ୍ଡିଙ୍ଗର ଭୂମିପୂଜା

କଟକ(ଭାସ୍କର ନ୍ୟୁଜ): ଓଡିଶା ହାଇକୋର୍ଟର ନିଉ ଆନେକ୍ସ ବିଲ୍ଡିଙ୍ଗ୍ ନିମନ୍ତେ ୫୫୦ ଫ୍ଲାଟ ନିର୍ମାଣ ପାଇଁ ଆସନ୍ତା ୧୧ ତାରିଖରେ ଅଭିନବ ବିଡାନାସୀ (ମର୍କତନଗର)ର ସେକ୍ଟର ୧୩ରେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶା ହାଇକୋର୍ଟର ଜୁଡିସିଆଲ୍ ଅଫିସର୍ସ, ବିଚାର ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ନିମନ୍ତେ ଏହି ନିଉ ଆନେକ୍ସ ବିଲ୍ଡିଙ୍ଗର ଭୂମି ପୂଜନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ।

## ପ୍ରବାସୀ ଭାରତୀୟ ଦିବସ ପାଇଁ ଭୂମି ପୂଜନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀ ଭୁବନେଶ୍ୱରରେ ଆୟୋଜିତ ହେବ ୧୮ ତମ ପ୍ରବାସୀ ଭାରତୀୟ ଦିବସ। ଜାନୁଆରୀ ୮ ତାରିଖରୁ ୧୧ ତାରିଖ ଯାଏଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ଅବସରରେ ରାଜଧାନୀ ଭୁବନେଶ୍ୱର ଜନତା ମଇଦାନରେ ସୋମବାର ଭୂମି ପୂଜନ କରାଯାଇଛି। ୪ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପାଖାପାଖି ୧୦୦୦୦ ରୁ ଅଧିକ ଅତିଥି ମାନେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେବାକୁ ଥିବା ବେଳେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଅନେକ କାର୍ଯ୍ୟକ୍ରମ ଆୟୋଜିତ କରାଯିବ ।



ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଡିଏସ୍‌କେ ଫାର୍ମାର ପ୍ରତିଷ୍ଠାତା ମୁଖ୍ୟ କାର୍ଯ୍ୟନିର୍ବାହୀ ଡକ୍ଟର ଶେଷ କିସନ ।

### ୧୫ରେ ସୈନିକ ସ୍କୁଲ-ଓଏମ୍‌ସି ମିନି ମାରାଥନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୈନିକ ସ୍କୁଲ ଏବଂ ଓଏମ୍‌ସି ତରଫରୁ ୮ତମ ମିନି ମାରାଥନ ଆସନ୍ତା ୧୫ ସକାଳ ୬ଟାରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ସ୍କୁଲର ୬୦୦ କ୍ୟାଡ଼େଟ୍, ଦୁଇଶହ ପୁରାତନ ଛାତ୍ର, ଚାରିଶହରୁ ଉର୍ଦ୍ଧ୍ୱ ସହୋଦୟ ସ୍କୁଲ ଏବଂ ସରକାରୀ ବିଦ୍ୟାଳୟ ମାନଙ୍କରୁ ପ୍ରତିଯୋଗୀଙ୍କୁ ମିଶାଇ ସର୍ବମୋଟ ୧୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ସୈନିକ ସ୍କୁଲ ଅଧ୍ୟକ୍ଷ ଜଣାଇଛନ୍ତି । ଦୌଡ଼ ପ୍ରତିଯୋଗୀତା ବିଭିନ୍ନ ବିଭାଗରେ ଅନୁଷ୍ଠିତ ହେବ ଯଥା ଷଷ୍ଠରୁ ଅଷ୍ଟମ ଶ୍ରେଣୀ, ନବମରୁ ଦ୍ୱାଦଶ, ବାଳିକା ବିଭାଗ, ପୁରାତନ ଛାତ୍ର ବିଭାଗରେ ଉଦ୍ଦିଷ୍ଟ ରହିବ। ଶେଷରେ ମୁଖ୍ୟ ଅତିଥି କମୋଡ଼ର ରହଙ୍ଗଡାଲେ ବିଜୟୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରିବେ। ସୈନିକସ୍କୁଲ ଭୁବନେଶ୍ୱରର ୫୩ତମ ବାର୍ଷିକ ବନ୍ଧୁ ମିଳନ ଆସନ୍ତା ୨୨ରେ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ପ୍ରତିରକ୍ଷା ବାହିନୀ, ଭାରତୀୟ ପ୍ରଶାସନିକ ସେବା, ଡାକ୍ତର, ବହୁ ରାଷ୍ଟ୍ରୀୟ ପବ୍ଲିକ୍ ସେକ୍ଟର କମ୍ପାନୀ, ଭାରତ ଏବଂ ବିଦେଶର ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ ପୁରାତନ ଛାତ୍ର ସପରିବାରେ ବହୁ ସଂଖ୍ୟାରେ ଯୋଗଦାନ କରିବେ।

### ବ୍ୟାଙ୍କ୍ ମିତ୍ର, କୃଷି ମିତ୍ର ଓ ପ୍ରାଣୀ ମିତ୍ର ଭଳି ବିଭିନ୍ନ ସଂଗଠନର ମହିଳାଙ୍କ ଆନ୍ଦୋଳନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀ ରାଜରାସ୍ତାକୁ ଓହ୍ଲାଇଲେ ବିଭିନ୍ନ ସଂଗଠନ । ବ୍ୟାଙ୍କ୍ ମିତ୍ର, କୃଷି ମିତ୍ର ଓ ପ୍ରାଣୀ ମିତ୍ର ଭଳି ବିଭିନ୍ନ ସଂଗଠନର ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ସେମାନେ ବକେୟା ଦରମା ଦାବିରେ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି । ୬ ଗୋଟି କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନଙ୍କର ୯ ମାସ ଦରମା ପ୍ରଦାନ ଦାବି ନେଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ରାଜରାସ୍ତାରେ ଆନ୍ଦୋଳନ ହେଉଛି । ଏମବିକେ, ବ୍ୟାଙ୍କ୍ ମିତ୍ର, ଏଲଏସପି, ସିଆରପି କୃଷି ମିତ୍ର ଓ ପ୍ରାଣୀ ମିତ୍ର ମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି।

### କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡିଶା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ ସାମଲ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଓ ପ୍ରବୀର ମହାନ୍ତିଙ୍କ ସହ ସମ୍ମିଳନୀ ଉପ-ସଭାପତି ଡ ସୁରେନ୍ଦ୍ର ମୋହନ ମିଶ୍ର ବରପୁତ୍ରଙ୍କ ଗୁଣଗାନ କରିଥିଲେ । ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପରିଚାଳନା କରିଥିବା ବେଳେ ସମ୍ପାଦିକା ବାସନ୍ତି ତ୍ରିପାଠୀ, ମଞ୍ଚେଶ୍ୱର ଶାଖା ଯୁଗ୍ମ-ସଂପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ ଓ ଅକ୍ଷୟ କୁମାର ଜେଠୀ, ମହେଶ୍ୱର ବିଶ୍ୱାଳ, ପ୍ରକାଶ ସାମଲ, ମନୋରଂଜନ ମହାନ୍ତି, ଦେବେନ୍ଦ୍ର ମହାନ୍ତି, ସଞ୍ଜୟ କୁମାର ପରିଡା, ଅମୀୟ ରନ ରଥ ଓ ବଂଶୀଧର ଭୋଇ ପ୍ରମୁଖ ଭାଗନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ବୋଲି ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସୂଚନା ଦେଇଛନ୍ତି ।

### ସିଟି କଲେଜରେ ଅଣଛାତ୍ରଙ୍କ ଆକ୍ରମଣରେ ଛାତ୍ର ଆହତ

କଟକ(ଭାସ୍କର ନ୍ୟୁଜ): ରାଜାବଗିଚାସ୍ଥିତ ସିଟି କଲେଜରେ ଜଣେ ଅଣଛାତ୍ରଙ୍କ ଆକ୍ରମଣରେ ଛାତ୍ର ଆହତ ହୋଇଛନ୍ତି । ଏହି ଘଟଣାକୁ ନେଇ କଲେଜ ପରିସର ଅଶାନ୍ତ ହେବା ସହିତ କଲେଜ୍‌ର ଶୈକ୍ଷିକ ବାତାବରଣ ନଷ୍ଟ ହୋଇଛି। ରାଜବଗିଚା ସିଟି କଲେଜ (ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟ)ରେ ଜଣେ ଯୁକ୍ତ ୨ ଛାତ୍ରଙ୍କୁ କିଛି ଅଣଛାତ୍ର ମାଡ଼ ମାରିଥିବା ନେଇ ବାଦାମବାଡ଼ି ଥାନାରେ ଅଭିଯୋଗ କରାଯାଇଛି। ସିଟି କଲେଜ କ୍ୟାମ୍ପସରେ କିଛି ଅଣଛାତ୍ର ପଶି ଗଣ୍ଡଗୋଳ କରୁଥିବା ବେଳେ ଜଣେ ଜୁନିୟର ଛାତ୍ର ଏହାକୁ ବିରୋଧ କରିଥିଲେ। ବିରୋଧ କରୁଥିବା ଯୁକ୍ତ ଦୁଇ ଛାତ୍ରଙ୍କୁ ମାଡ଼ ମାରିଥିଲେ। ଯୁକ୍ତ ଦୁଇ ଛାତ୍ରଙ୍କୁ ମାଡ଼ ମରାଯାଇଥିବା ନେଇ ବାଦାମବାଡ଼ି ଥାନାରେ ଅଭିଯୋଗ କରାଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, କିଛି ଅଣ ଛାତ୍ର ପ୍ରତ୍ୟେକ ଦିନ ନିଶାସକ୍ତ ଅବସ୍ଥାରେ କଲେଜ ଛାତ୍ରୀଙ୍କୁ କମେଣ୍ଟ୍ ପାସ କରିବା ସହ ଅସଦାଚରଣ କରୁଥିବା ଅଭିଯୋଗ ହୋଇଛି । ସେମାନଙ୍କୁ ବିରୋଧ କରିବାରୁ ସେମାନେ ମରଣାତ୍ମକ ଆକ୍ରମଣ କରିଛନ୍ତି। ଏନେଇ ପୋଲିସକୁ ଅବଗତ କରିବାରୁ ଥାନା ଅଧିକାରୀ କିଛି ନ ବୁଝି ଓଲଟା ଥାନା ପରିସରରେ କଲେଜ ଛାତ୍ରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ଏନେଇ ଭାଇରାଲ ହୋଇଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ, କିଛି କଲେଜ ଛାତ୍ରଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟୁଛନ୍ତି ଅନ୍ୟ କିଛି ଯୁବକ । କଲେଜ୍ କ୍ୟାମ୍ପସ୍ ଭିତରେ ଥିବା ପଡ଼ିଆରେ ଦିନ ଦିପହରରେ ଏହି ମାଡ଼ଗୋଳ ହୋଇଛି । ତେବେ ଏହି ଘଟଣା ନେଇ କେତେକ ଛାତ୍ର ଆହତ ହୋଇଥିବା ସୂଚନା ମିଳିଛି । ଘଟଣାକୁ ନେଇ ପୋଲିସ ତଦନ୍ତ ଜାରି ରହିଛି।

### ଦେଢ଼ଶହ କୋଟି ଟଙ୍କା ଟେଣ୍ଡର ପାଇଁ ୧୦ ଲକ୍ଷ ଟଙ୍କାର ଡିଲ୍ ଘଟଣା

## ଫୋନ୍ ଟ୍ୟାପିଂରୁ ଧରାପଡିଲେ ତିନି ଅଭିଯୁକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦେଢ଼ ଶହ କୋଟି ଟଙ୍କା ଟେଣ୍ଡର ପାଇଁ ୧୦ ଲକ୍ଷ ଟଙ୍କାର ଡିଲ ଘଟଣା । ଫୋନ ଟ୍ୟାପିଙ୍ଗରୁ ଧରା ପଡିଛନ୍ତି ତିନି ଅଭିଯୁକ୍ତ । ତିନି ଅଭିଯୁକ୍ତଙ୍କ ମୋବାଇଲ ନମ୍ବରକୁ ଟ୍ୟାପିଙ୍ଗ କରିଥିଲା ସିବିଆଇ । ମୋବାଇଲ ନମ୍ବରକୁ ଟ୍ରାକ କରି ଜୟଦେବ ବିହାର ଅଞ୍ଚଳରେ ରେଡ କରିଥିଲା ସିବିଆଇ । ଗତକାଲି ତିନି ଅଭିଯୁକ୍ତଙ୍କୁ ଗିରଫ କରି ରିମାଣ୍ଡରେ ଆଣିଛି ସିବିଆଇ । ତିନି ଅଭିଯୁକ୍ତଙ୍କ ଅଫିସ ସିଲ୍ କରିଛି ସିବିଆଇ । ଏଠାରେ ସୂଚନାଯୋଗ୍ୟ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କେନ୍ଦ୍ରୀୟ ସରକାରର ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ରିଜ ଏବଂ ରୁଫ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡର ଗ୍ରୁପ୍ ଜେନେରାଲ୍ ମ୍ୟାନେଜର୍ (ଜିଜିଏମ୍)ଙ୍କୁ ଏକ ଘରୋଇ କମ୍ପାନୀର ନିର୍ଦ୍ଦେଶକ ଏବଂ ଅନ୍ୟ ଏକ ବ୍ୟକ୍ତି ସହିତ ୧୦ ଲକ୍ଷ ଟଙ୍କା ଲାଂଚ ମାମଲାରେ ଗିରଫ କରିଥିଲା। ସିବିଆଇ ୭ ଡିସେମ୍ବର, ୨୦୨୪ରେ ଏହି ମାମଲାରେ ଜିଜିଏମ୍, ଭୁବନେଶ୍ୱରର ଏକ ଘରୋଇ କମ୍ପାନୀର ନିର୍ଦ୍ଦେଶକ, ଅନ୍ୟ ଏକ ବ୍ୟକ୍ତି ଏବଂ ଅଜ୍ଞାତ ସରକାରୀ ଓ ଘରୋଇ ବ୍ୟକ୍ତିମାନେ ଲାଞ୍ଚ ଏବଂ ବିଲ୍ ମଞ୍ଜୁରୀ କରିବାକୁ ଦେଇ ଏହି ମାମଲା ଆରମ୍ଭ କରିଛି। ଅଭିଯୁକ୍ତ ଜିଜିଏମ୍ ୬ ଡିସେମ୍ବର, ୨୦୨୪ ରେ ଭୁବନେଶ୍ୱରର ତାଙ୍କର କାର୍ଯ୍ୟାଳୟରେ ଘରୋଇ କମ୍ପାନୀର ନିର୍ଦ୍ଦେଶକ ଠାରୁ ୧୦ ଲକ୍ଷ ଟଙ୍କା ଲାଂଚ ଦାବି କରିଥିଲେ। ଏହାର ପ୍ରତି ବଦଳରେ, ଜିଜିଏମ୍ ଏହି ପରିମାଣକୁ ଭବିଷ୍ୟତ ଓ୍ୱିଲିଙ୍ଗ୍ ମଧ୍ୟମରେ ସମାଯୋଜିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହା ପରେ ସିବିଆଇ ଜାଲ ବିଛାଇଥିଲା ଏବଂ ୭ ଡିସେମ୍ବର, ୨୦୨୪ ରେ ଜିଜିଏମ୍‌କୁ ୧୦ ଲକ୍ଷ ଟଙ୍କା ଲାଂଚ ନେବା ବେଳେ ଗିରଫ କରାଯାଇଥିଲା । ଲାଞ୍ଚର ରାଶି ଜିଜିଏମ୍ ଠାରୁ ଜବତ କରାଯାଇଛି, ଏବଂ ଅନ୍ୟ ଏକ ବ୍ୟକ୍ତିକୁ ଗିରଫ କରାଯାଇଛି, ଯିଏ ଏହି ଦେଣ ନେଣ ପ୍ରକ୍ରିୟାରେ ସହାୟକ ଏବଂ ସହଯୋଗୀ ଥିଲେ।

### ଉଚ୍ଛେଦ ନୁହେଁ ଥଇଥାନ ଓ ଭେଣ୍ଡିଂ ଜୋନ୍ ଦାବିରେ ବିକ୍ଷୋଭ

କଟକ(ଭାସ୍କର ନ୍ୟୁଜ): ପୂର୍ବ ଘୋଷଣା ଅନୁଯାଇ କଟକ ଉଠାଦୋକାନୀ ମହାସଙ୍ଘ ପକ୍ଷରୁ ଉଠାଦୋକାନୀମାନଙ୍କୁ ଉଚ୍ଛେଦ ନୁହେଁ ଥଇଥାନ ଓ ଯୁଦ୍ଧକାଳୀନ ଭିତ୍ତିରେ ଭେଣ୍ଡିଂ ଯୋଗାଇଦେବା ଦାବିରେ ଏକ ପଟୁଆର କଚେରୀଗଡ଼ା ନିକଟରୁ ବାହାରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମହାସଙ୍ଘ ସଭାପତି ଆଡ଼ଭୋକେଟ ଅମରେନ୍ଦୁ ମହାନ୍ତି, ସମ୍ପାଦକ ଅକ୍ଷୟ ସାହୁ, ଉପଦେଷ୍ଟା ବିନୋଦ ବେହେରା, ପ୍ରସନ୍ନ ମହାପାତ୍ର, ବାଦାମବାଡ଼ି ସଙ୍ଘ ସଭାପତି ନିତ୍ୟାନନ୍ଦ ନାୟକ, ସମ୍ପାଦକ ଛବିନ୍ଦ୍ର ଖୁଣ୍ଟିଆ, ଶିବ ବେହେରା, ରାଣୀହାଟ ଉଠାଦୋକାନୀ ସଙ୍ଘ ସଭାପତି ନିରଞ୍ଜନ ସାହୁ, ରବୀନ୍ଦ୍ର ସାହୁ, ରତ୍ନାକର ସାହୁ, ରାଜକିଶୋର ସାହୁ, ସାମ୍ବାଦିକ ଶରତ ଦାଶ, ଖାନନଗର ସମ୍ପାଦକ ନୈନା ଦେହୁରୀ, ବାସନ୍ତୀ ସ୍ୱାଇଁ, ଡକ୍ଟର ପ୍ରଶାନ୍ତ ମିଶ୍ର ଓ ଓଡିଶା ନବନିର୍ମାଣ ବିକାଶମଞ୍ଚ କେନ୍ଦ୍ରୀୟ ସଭାପତି ଆଡ଼ଭୋକେଟ ଡକ୍ଟର ଜ୍ଞାନଗୁରୁ ଦାସ ପ୍ରମୁଖ କହିଥିଲେ, ପୂର୍ବରୁ ପ୍ରଶାସନ କ୍ଷେତ୍ର ପରିଦର୍ଶନ କରି ବାଦାମବାଡ଼ି, ରାଣୀହାଟ, ମଧୁପାଟଣା, ଓଏମପି, ପ୍ରେସଛକ, ଲିଙ୍କରୋଡ଼ ପ୍ରଭୃତି ଅଞ୍ଚଳରେ ୬୦୦ ଦୋକାନୀଙ୍କୁ ଥଇଥାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଅଦ୍ୟାବଧି କୌଣସି କାର୍ଯ୍ୟ ନ କରି ଚୁପ ହୋଇ ବସିଥିବାରୁ ଉଚ୍ଛେଦ ହୋଇଥିବା ଦୋକାନୀଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି । ଏଣୁ ତୁରନ୍ତ ଥଇଥାନ ଓ କ୍ଷତିପୂରଣ ଦେବା ସହିତ ନୂଆ କଟକ ମର୍କତନଗର(ସିଡିଏ) ଓ ଅନ୍ୟାନ୍ୟ ଅଞ୍ଚଳରେ ଭେଣ୍ଡିଂଜୋନ ତୁରନ୍ତ ଯୋଗାଇ ଦେବାକୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ଦିଆଯାଇଥିଲା ।

### ପୂର୍ବତଟ ରେଳପଥକୁ ଦୁର୍ବଳ କରିବା ବିରୋଧରେ ଜୋର୍‌ଦାର୍ ଲଢେଇ ହେବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟର ବିଜେପି ସରକାର ଅମଳରେ ହିଁ ଓଡ଼ିଆ ଅସ୍ମିତା ଉପରେ ଦୁର୍ବାର ଆକ୍ରମଣ ଆରମ୍ଭ ହୋଇଛି । ଓଡ଼ିଶାରୁ ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହୋଇଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ହାତରେ ହିଁ ଓଡ଼ିଆ ଅସ୍ମିତାର ମୁଣ୍ଡ ଉପରେ ପାହାର ଦିଆଯାଇଛି । ବହୁ ବିରୋଧ ସତ୍ତ୍ୱେ ପୂର୍ବତଟ ରେଳପଥ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ଅବସ୍ଥାପିତ, ତାକୁ ଖଣ୍ଡ ବିଖଣ୍ଡ କରି ଦିଆଯାଇଛି । ଓଡ଼ିଆ ଅସ୍ମିତାର ପ୍ରତୀକ ଭାବେ ଛିଡ଼ା ହୋଇଥିବା ପୂର୍ବତଟ ରେଳପଥର ସବୁଠୁ ଲାଭଜନକ ଅଙ୍ଗ ୱାଲଟିୟର ଡିଭିଜନକୁ କାଢି ନିଆଯିବା ସହ ନବଗଠିତ ଦକ୍ଷିଣତଟ ରେଳପଥରେ ମିଶାଇ ଦିଆଯାଇଛି । ଏହାଦ୍ୱାରା ଆମ ରାଜ୍ୟ କ୍ଷତିଗ୍ରସ୍ତ ହେବ । କାରଣ ରେଳପଥର ସବୁଠୁ ଲାଭଜନକ ଡିଭିଜନ ଥିଲା । କ୍ରମାଗତ ଭାବେ ୩ ବର୍ଷ ଧରି ରାଜସ୍ୱ ଉପାର୍ଜନକାରୀ ଡ଼ିଭିଜନ ଭାବେ ଏହା ସାରା ଦେଶର ନମ୍ବର ୱାନ ହୋଇ ରହିଥିଲା । କେବେ ନମ୍ବର ୱାନ, ନମ୍ବର-ଟୁ ହୋଇ ଆଜିପର୍ଯ୍ୟନ୍ତ ରେକର୍ଡ଼ କରିଥିବା ଏହି ଡିଭିଜନ ମାଲ୍ ପରିବହନ କ୍ଷେତ୍ରରେ ଗୋଟିଏ ଉଦାହରଣ ସୃଷ୍ଟି କରିଛି । ମାତ୍ର ଦୁଃଖ ଓ ପରିତାପର ବିଷୟ ଭେଙ୍କୟା ନାଇଡୁଙ୍କ ଦାବି ଓ ଆନ୍ଧ୍ର ବିଜେପିର ଚାପ ଆଗରେ ଓଡ଼ିଶାରୁ ଯାଇ ମନ୍ତ୍ରୀ ବନିଥିବା ଅଶ୍ୱିନୀ ବୈଷ୍ଣବ ସମ୍ପୂର୍ଣ୍ଣ ସମର୍ପଣ କରି ଓଡ଼ିଶାର ଅମାପ କ୍ଷତି କରିଛନ୍ତି । ଓଡ଼ିଶା ଲୋକଙ୍କୁ ଓଲା ବନାଇବା ପାଇଁ ରାୟଗଡ଼ା ଡିଭିଜନ ପରି ଏକ ଶୁଷ୍କ ଡିଭିଜନ ସୃଷ୍ଟି କରି ଲଲିପପ୍ ଧରାଇ ଦେବାର ଉଦ୍ୟମ କରୁଛନ୍ତି । ୱାଲଟିୟର ଡିଭିଜନ ଅଧୀନରେ ଥିବା ବିଶାଖପାଟଣାର ବିଶାଳ ଇସ୍ପାତ କାରଖାନା ଓ ବୃହତ୍ ବନ୍ଦର ଏବେ ଆମ ହାତରୁ ଖସି ଯାଉଥିବାରୁ ପୂର୍ବତଟ ରେଳପଥ ଭୀଷଣ କ୍ଷତିଗ୍ରସ୍ତ ହେବ । ଖାଲି ସେତିକି ନୁହେଁ, ବାଲେଶ୍ୱରକୁ ଏକ ନୂଆ ଡିଭିଜନରେ ପରିଣତ କରି ମୟୁରଭଞ୍ଜ ଆଦି ଅଞ୍ଚଳକୁ ମଧ ଦକ୍ଷିଣ ପୂର୍ବ ରେଳପଥ କବଳରୁ ମୁକ୍ତ କରି ପୂର୍ବତଟ ରେଳପଥରେ ମିଶ୍ରଣ କରାଯାଉ । ଯଦ୍ୱାରା ଆମେ ଆମ ରାଜ୍ୟର ସୀମାକୁ ଏକତ୍ର କରିବା ସହ ଏକ ସମୃଦ୍ଧ ରେଳବାଇ ଜୋନ ନିର୍ମାଣ କରିପାରିବୁ । ଏହା ନକରି ପୂର୍ବତଟ ରେଳପଥକୁ ଭାଗ ଭାଗ କରିବା ଏକ ଅକ୍ଷମଣୀୟ ଅପରାଧ ହୋଇଥିବାରୁ ସରକାର ସ୍ପଷ୍ଟ ମତ ନ ରଖିବା ପର୍ଯ୍ୟନ୍ତ ଜୋରଦାର ଆନ୍ଦୋଳନ ହେବ ବୋଲି ଆଇଏନଟିୟୁସିର ରାଷ୍ଟ୍ରୀୟ ସମ୍ପାଦକ ମାନସ ଚୌଧୁରୀ ଏବଂ ଯୁବନେତା ଅମିୟ ପାଣ୍ଡବ ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି ।

### 'କାନ୍ତକବି' ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ସ୍ମରଣ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): 'କାନ୍ତକବି' ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ବିଶିଷ୍ଟ ଔପନ୍ୟାସିକ ତଥା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା 'କାନ୍ତକବି' ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଅବସରରେ କୋଟି କୋଟି ପ୍ରଣାମ ।

### ଡ୍ରେନରେ ପଡି ଶ୍ରମିକ ମୃତ୍ୟୁ ଘଟଣା, ତଦନ୍ତ ପାଇଁ ୩ଜଣିଆ କମିଟି ଗଠନ

କଟକ(ଭାସ୍କର ନ୍ୟୁଜ): କଟକ ବିଡାନାସୀରେ ଡ୍ରେନ ନିର୍ମାଣ ବେଳେ ଶ୍ରମିକଙ୍କ ମୃତ୍ୟୁ ଘଟଣା । ତଦନ୍ତ ପାଇଁ ଅତିରିକ୍ତ କମିସନରଙ୍କ ନେତୃତ୍ୱରେ ୩ ଜଣିଆ କମିଟି ଗଠନ ହୋଇଛି । ତଦନ୍ତ କରି ଆଜି ସନ୍ଧ୍ୟା ସୁଦ୍ଧା ଦେବେ ରିପୋର୍ଟ ଦେବାକୁ ଦିଆଯାଇଛି ନିର୍ଦ୍ଦେଶ ଦିଆଯାଇଛି । ତଦନ୍ତ ନେଇ ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ସୂଚନା ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ, ଗତକାଲି ବିଡ଼ାନାସୀ ଛକରେ ସିଏମସିର ଡ୍ରେନ୍ କାମ ବେଳେ ଅଘଟଣ ଘଟିଥିଲା । ଡ୍ରେନ୍ କାମ ବେଳେ କାନ୍ଥ ଭୁଶୁଡ଼ି ଚାପି ହୋଇଯାଇଥିଲେ ୩ ଶ୍ରମିକ । ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ୨ ଗୁରୁତର ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି ।

### ୧୪ ପୂର୍ବତନ ବିଧାୟକ ଛାଡ଼ିନାହାନ୍ତି ସରକାରୀ କ୍ୱାର୍ଟର

ଭୁବନେଶ୍ୱର(ଭାସ୍କର ନ୍ୟୁଜ):୧୪ ପୂର୍ବତନ ବିଧାୟକ ଛାଡ଼ିନାହାନ୍ତି ସରକାରୀ କ୍ୱାର୍ଟର । ଏନେଇ ବିଜେପି ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଉତ୍ତର ରଖିଛନ୍ତି । ପୂର୍ବତନ ବିଧାୟକ ଅମର ଶତପଥୀ, ମହେଶ ସାହୁ, ମଞ୍ଜୁଳା ସ୍ୱାଇଁ, ପ୍ରଦୀପ୍ତ କୁମାର ନାୟକ, ରମେଶ ଚନ୍ଦ୍ର ସାଇ, ସାଲୁଗା ପ୍ରଧାନ, ଶଙ୍କର ଓରାମ, ପ୍ରୀତି ରଞ୍ଜନ ଘଡ଼ାଇ, ସ୍ୱର୍ଗତ ବେଦ ପ୍ରକାଶ ଅଗ୍ରୱାଲ, କିଶୋର ଚନ୍ଦ୍ର ତରାଇ, ସୁବାସ ପାଣିଗ୍ରାହୀ ଏବଂ ଅଳକା ମହାନ୍ତି ଛାଡ଼ିନାହାନ୍ତି କ୍ୱାର୍ଟର । ସେପଟେ ଜୟନ୍ତ ସଡ଼ଙ୍ଗୀ ଓ ସନ୍ତୋଷ ସିଂ ସାଲୁଜା ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ କ୍ୱାର୍ଟରରେ ରହିବା ପାଇଁ ଆବେଦନ କରିଛନ୍ତି ।

### ବିଜେବି କଲେଜ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେବି କଲେଜ ପୁରାତନ ଛାତ୍ର ୨୦୦୪ବ୍ୟାଚ କଳା ବିଭାଗର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅର୍ଥନୀତି, ଇଂରାଜୀ, ସଂସ୍କୃତ, ରାଜନୀତି ବିଜ୍ଞାନ, ଇତିହାସ, ଓଡ଼ିଆ, ମନସ୍ତତ୍ୱ ବିଜ୍ଞାନ ଆଦି ବିଭାଗର ଛାତ୍ରଛାତ୍ରୀମାନେ ଅଶଂ ଗ୍ରହଣ କରିଥିଲେ । ବ୍ୟସ୍ତବହୁଳ ଜୀବନ ତଥା ପାରିବାରିକ ଜୀବନରୁ କିଛି ସମୟ ବାହାରକରି ନାଚଗୀତ, ବିଭିନ୍ନ ଆମୋଦପୂର୍ଣ୍ଣ ଖେଳ ତଥା ସେଲ୍ଫିର ଖୁବ୍ ମଜା ଉଠାଇଥିଲେ ବନ୍ଧୁମାନେ। ଗତବର୍ଷ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ବନ୍ଧୁମିଳନର ସ୍ମୃତି ଚିର ଉଜ୍ଜୀବିତ ରଖିବା ପାଇଁ ଚଳିତ ବର୍ଷ ଟି-ସାର୍ଟ ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିବା ସାଥିମାନଙ୍କୁ ଆସନ୍ତାବର୍ଷ ବହୁମାତ୍ରାରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ଏଥିସହିତ ରାଜ୍ୟ ବାହାରେ ତଥା ସୁଦୁର ବିଦେଶରେ ରହୁଥିବା ସାଥିମାନେ ଏହି କାର୍ଯ୍ୟକ୍ରମରେ ଜୁମ୍ କଲ ଯୋଗେ ସାମିଲ ହୋଇଥିଲେ। କେବଳ ସେତିକି ନୁହେଁ ଏହି ଆୟୋଜନର ଶେଷ ପର୍ଯ୍ୟାୟରେ ସାମିଲ ହୋଇଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଚାରା ପ୍ରଦାନ କରାଯାଇଥିଲା।

## 'ସପୋର୍ଟ'ର ୨୪ ତମ ବାର୍ଷିକ ଉତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସପୋର୍ଟ'ର ୨୪ ତମ ବାର୍ଷିକ ଉତ୍ସବ ତଥା ସମ୍ମାନ ପ୍ରଦାନ ସମାରୋହ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ତଥା 'ଓଡ଼ିଶା ଭାସ୍କର'ର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ମୁଖ୍ୟ ଆୟକର କମିଶନର ତଥା ସଂସ୍କୃତି ବିଭାଗର ପୂର୍ବତନ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି, କ୍ଲାପ୍‌ର ସଭାପତି ବିକାଶ ଦାସ, ସପୋର୍ଟର ମୁଖ୍ୟ ଉପଦେଷ୍ଟା ସମାଜସେବୀ ସଞ୍ଜୟ ଲାଠ୍ ଏବଂ ଉପସଭାପତି ସଞ୍ଜିବ ସାହୁ ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ସଂସ୍ଥାର ନିଷ୍ଠାପର ସେବାମୂଳକ କାର୍ଯ୍ୟର ଉଚ୍ଚପ୍ରଶଂସା କରିଥିଲେ । ପ୍ରାରମ୍ଭରେ ସମ୍ପାଦିକା ଅନୁପମା ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟ ସଂଯୋଜିକା ଅନ୍ନପୂର୍ଣ୍ଣା ଦାଶ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ପାଣିଗ୍ରାହୀଙ୍କୁ ଦକ୍ଷ ପ୍ରଶାସକ ରୂପେ ସଦାଶିବ ଦାସ ସ୍ମୃତି ସମ୍ମାନ, କଳିଙ୍ଗ ବିହାର କେ-୫ ୱେଲଫେୟାର ଆସୋସିଏସନ୍‌କୁ ସମାଜସେବା ନିମନ୍ତେ ଓମପ୍ରକାଶ ଲାଠ୍ ସମ୍ମାନ, ସୁଭଦ୍ରା ଭିଲ୍ଲା ୱେଲଫେୟାର ଆସୋସିଏସନ୍‌କୁ ପରିବେଶ ସୁରକ୍ଷା ସମ୍ମାନ, ମହିଳା ଶିଳ୍ପୋଦ୍ୟୋଗୀ ବନ୍ଦନା ମଙ୍ଗରାଜ ଓ ସମୟ ସାହୁଙ୍କୁ ଯୁବ ଉଦ୍ୟୋଗୀ ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ପିଲାମାନେ ଆକର୍ଷଣୀୟ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ । ସଂଯୋଜିକା ବିଷ୍ଣୁପ୍ରିୟା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିବା ବେଳେ ନିରାକାର, ଜୟନ୍ତ, ମାମାଲି, ସଂଗୀତା, କମଳ, ଆଶିଷ, ମୀନାକ୍ଷି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ରାଜ୍ୟସଭାରେ ଓଡ଼ିଶା ସ୍ୱର ଅଧିକ ସୁଦୃଢ଼ ହେବ: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ବିଜେପି ଏକାକୀ ସରକାର ଗଢ଼ିବା ପରେ ଏହାର ସାଙ୍ଗଠନିକ ସ୍ଥିତି ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଜେପିର ଆଦର୍ଶ ଏବଂ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ପୂର୍ବତନ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କୁ ପୁନର୍ବାର ରାଜ୍ୟସଭାକୁ ପଠାଇବା ପାଇଁ କେନ୍ଦ୍ରୀୟ ସଂସଦୀୟ ବୋର୍ଡ ପକ୍ଷରୁ ନିଷ୍ପତି ହୋଇଛି। ସେ ଜଣେ ଦକ୍ଷ, ବିଦ୍ୱାନ, ଗୁଣି ଓ କର୍ମଠ ବ୍ୟକ୍ତି ଓ ପୂର୍ବରୁ ରାଜ୍ୟସଭାରେ ସାଂସଦ ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି। ଏନେଇ ସୁଜିତ୍ କୁମାର ବିଧାନସଭା କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ରାଜ୍ୟସଭାକୁ ମନୋନୀତ ହେଲେ ଓଡ଼ିଶାର ସ୍ୱାର୍ଥ ପାଇଁ ଉଠୁଥିବା ସ୍ୱର ଅଧିକ ସୁଦୃଢ଼ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

## ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ଦିଗରେ ଛାତ୍ରଛାତ୍ରୀମାନେ କିପରି ଭାବରେ ସଚେତନ ହେବେ ସେହି ଉଦ୍ଦେଶ୍ୟରେ ଏକ ବିଶେଷ ଆଲୋଚନାଚକ୍ର ଆୟୋଜିତ କରାଯାଇଥିଲା। ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଭୁବନେଶ୍ୱର 'ପରିବେଶ ବଂଧୁ ଓଡ଼ିଶା' ଓ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା ଓ ବିଦ୍ୟାଳୟର ଚେୟାରମ୍ୟାନ ତଥା ପରିବେଶ ବନ୍ଧୁ ଓଡ଼ିଶା ସଙ୍ଗଠନର ସଭାପତି ଡ଼ଃ. ଚିତ୍ତରଞ୍ଜନ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ପରିବେଶ ବନ୍ଧୁ ସଙ୍ଗଠନର କାର୍ଯ୍ୟକ୍ରମ ସଂଯୋଜକ ଇଂ. ହେମନ୍ତ ଜେନା ଉପସ୍ଥିତ ରହି ପ୍ଲାଷ୍ଟିକର ବ୍ୟବହାର ଦ୍ୱାରା ପରିବେଶ କିପରି ଭାବରେ ପ୍ରଭାବିତ ହୋଇ ମାଟି, ପାଣି ଓ ପବନ କିପରି ନଷ୍ଟ ହେଉଛି, ତାରି ଉପରେ ପିଲାମାନଙ୍କୁ ବୁଝାଇଥିଲେ। କିଟ୍‌ର ପ୍ରତିଷ୍ଠାତା ସଭ୍ୟ ତଥା ପରିବେଶ ବନ୍ଧୁ ଓଡ଼ିଶାର ସଭାପତି ଡଃ. ଚିତ୍ତରଞ୍ଜନ ମିଶ୍ର ପଞ୍ଚଭୂତ ବିଷୟରେ ପିଲାମାନଙ୍କୁ ସୁନ୍ଦର ଭାବରେ ସଚେତନ କରାଇଥିଲେ। ଅବସରପ୍ରାପ୍ତ ଭାରତୀୟ ଜନସେବା ଅଧିକାରୀ ହର୍ଷବର୍ଦ୍ଧନ ଉଦ୍ଗାତା ଉପସ୍ଥିତ ରହି ବୃକ୍ଷ ସମ୍ପଦର ସୁରକ୍ଷା ଓ ବୃକ୍ଷ ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବନ୍ୟ ଜନ୍ତୁମାନଙ୍କର ସୁରକ୍ଷା ଉପରେ ମଧ ଆଲୋକପାତ କରିଥିଲେ। ପରିବେଶ ବନ୍ଧୁ ଓଡ଼ିଶାର ସଂଯୋଜକ ତଥା ଅବସରପ୍ରାପ୍ତ ଓଡ଼ିଶା ସରକାରଙ୍କର ସ୍ୱତନ୍ତ୍ର ଶାସନ ସଚିବ ନିଧି କୁମାର ରାଉତରାୟ ପରିବେଶ ସୁରକ୍ଷା ବିଷୟରେ ଚଳନ୍ତି ପିଢିର କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ନିଖୁଣ ଭାବରେ ସୁଚାଇ ଥିଲେ। ବିଶିଷ୍ଟ ସାହିତିକ କୃଷ୍ଣ ନାୟକ ଜନଜୀବନ ଓ ପ୍ରାଣୀ ଜଗତର ସୁରକ୍ଷା ପାଇଁ ପରିବେଶର ସୁରକ୍ଷା ଅନିବାର୍ଯ୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପରିବେଶ ବନ୍ଧୁ ଓଡ଼ିଶାର ଉପସଭାପତି ଶ୍ରୀମାନ ଦେବାନନ୍ଦ ସାମଲ ଯୋଗ ଦେଇ ସ୍ୱରଚିତ କବିତା ମାଧ୍ୟମରେ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍‌ସିପାଲ ଉଦୟ ଶଙ୍କର ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଟେ ନିଅନ୍ତି ବଳେ ତାର ଧନ।
ଖଣ୍ଟ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ




### ଅଣ୍ଟା ଭାଙ୍ଗିଦେଲାଣି ବେଲଗାମ ଦରଦାମ୍

# କାହାକୁ କରିବା ଦାୟୀ ?

ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ହୁ ହୁ ହୋଇ ବଢ଼ି ଚାଲିଛି। ଯାହାକୁ ନେଇ ଖାଉଟିମାନେ ଅତିଷ୍ଠ ହୋଇପଡିଲେଣି। ଅର୍ଥ ତାଡ଼ନାରେ ସେମାନଙ୍କ ଅଣ୍ଟା ଦୋହଲି ଗଲାଣି। ଏପରିକି ବହୁ ଖାଉଟି ବଜାରକୁ ଯିବାକୁ ଭୟ କଲେଣି। ପକେଟରେ ହଜାରେ ଟଙ୍କା ନେଇ ଗଲେ ମଧ୍ୟ ବ୍ୟାଗ୍ ପୂରିବାର ନାଁ ନେଉନାହିଁ। ପେଟ୍ରୋଲ, ଡିଜେଲ ଠାରୁ ଆରମ୍ଭ କରି ହାଣ୍ଡିଶାଳରେ ଆବଶ୍ୟକ ହେଉଥିବା ପିଆଜ, ଆଳୁ, ଅଦା ଓ ରସୁଣ ଦର ବେଲଗାମ ଧରିଲାଣି। ଆଳୁ କିଲୋ ୪୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ପିଆଜ ୬୦, ଅଦା ୨୦୦ ଓ ରସୁଣ ୪୦୦ଟଙ୍କା ଛୁଇଁଲାଣି। ଏହାଛଡ଼ା ଖାଇବା ତେଲ, ଅଟା, ଗହମ ଜାତ ସାମଗ୍ରୀର ଦର ମଧ୍ୟ ବୃଦ୍ଧି ପାଇଲାଣି। ପଶ୍ଚିମବଙ୍ଗ ସରକାର ଆଳୁ ରପ୍ତାନୀ ବନ୍ଦ କରିଦେବା ପରେ ସାରା ରାଜ୍ୟରେ ଆଳୁ ସଙ୍କଟ ଦେଖାଦେଇଥିଲା। ଏପରିକି ବିଭିନ୍ନ ସ୍ଥାନରେ ଆଳୁ ୬୦ରୁ ୭୦ ଲେଖାଏଁ ବିକ୍ରି ହେଉଥିଲା। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ପଶ୍ଚିମବଙ୍ଗ ସରକାର ଆଳୁ ରପ୍ତାନୀ ପାଇଁ ଅନୁମତି ଦେବା ପରେ ଆଳୁ ଟ୍ରକ ରାଜ୍ୟକୁ ଆସିଥିଲା। ଏପରିକି ରାଜ୍ୟ ସରକାରଙ୍କ ଉଦ୍ୟମ କ୍ରମେ ଉତ୍ତରପ୍ରଦେଶରୁ ମଧ୍ୟ ଆଳୁ ମଗା ଯାଇଥିଲା। ଦୁଇ ରାଜ୍ୟରୁ ଆଳୁ ଆସିବା ପରେ ବି ଆଳୁ ଦର ଥମୁ ନାହିଁ। ଏବେ ବି କେଜି ପିଛା ଆଳୁ ୪୦ରୁ ୪୫ ଟଙ୍କା ବିକ୍ରି ହେଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଇତିମଧ୍ୟରେ ବିମାନ ଭଡ଼ା ୩ଗୁଣ ବୃଦ୍ଧି ପାଇଥିବା ବେଳେ ଥଣ୍ଡାପାନୀୟ ଓ ଅନ୍ୟାନ୍ୟ ସାମଗ୍ରୀ ଉପରେ ୩୫ ପ୍ରତିଶତ ଜିଏସ୍‌ଟି ଲାଗୁ କରିବା ପାଇଁ କେନ୍ଦ୍ର ସରକାର ଚିନ୍ତା କରୁଥିବା ସୂଚନା ମିଳିଛି। ତେଣୁ ଖାଉଟିମାନେ କେବଳ ହଇରାଣ ହେବା ସାର ହେଉଛି। ତେବେ ପ୍ରଶ୍ନ ଉଠୁଛି ଏଥିପାଇଁ କାହାକୁ ଦାୟୀ କରାଯିବ। ରାଜ୍ୟରେ ପ୍ରତିଦିନ ଯେତିକି ପରିମାଣର ଆଳୁ ଓ ପିଆଜ ଆବଶ୍ୟକ ତାହା ଉତ୍ପାଦନ ହେଉନାହିଁ। ବହୁ ଲୋକ ଚାଷ ଆଉ କରୁନାହାନ୍ତି। ସରକାରଙ୍କ ବିଭିନ୍ନ ମାଗଣା ଯୋଜନାକୁ ନେଇ ରାଜ୍ୟବାସୀ ଉପକୃତ ହେଉଥିବାରୁ ଆଉ ଚାଷ କରିବାକୁ କେହି ମନ ବଳାଉନାହାନ୍ତି। ଫଳରେ ଏହିସବୁ ସାମଗ୍ରୀର ସଙ୍କଟ ଦେଖାଦେଉଛି। ଚାଷୀ ଆଳୁ, ପିଆଜ ଉତ୍ପାଦନ କଲେ ବି ରାଜ୍ୟରେ ଶୀତଳଭଣ୍ଡାର ନଥିବାରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ଚାଷରେ ଯେତିକି ଅର୍ଥ ବିନିଯୋଗ କରୁଛି ସେହି ଅନୁସାରେ ଫଳ ମିଳୁନାହିଁ। ସରକାର ଶୀତଳଭଣ୍ଡାର ନିର୍ମାଣ ନକରି ତଥା ଚାଷୀଙ୍କୁ ପ୍ରୋତ୍ସାହନ ଦେଉନଥିବାରୁ ରାଜ୍ୟରେ ଚାଷ ସମ୍ପୂର୍ଣ୍ଣ ଠପ୍ ହୋଇ ପଡିଛି। ସରକାରଙ୍କ ଆଳୁ ଓ ପିଆଜ ମିଶନ ମଧ୍ୟ ଶୀତଳ ଭଣ୍ଡାରରେ ପଡି ରହିଛି। ତେବେ ବାହାର ରାଜ୍ୟ ଉପରେ ସବୁବେଳେ ନିର୍ଭର କରିବାକୁ ପଡୁଛି। ଏସବୁ ବାଦ୍ ପନିପରିବା ଦର ଏତେ ବଢ଼ିଛି ଯେ, କୌଣସି ପରିବାରେ ହାତ ମାରିବାକୁ ଡର ମାଡୁଛି। ଏସବୁ ଭିତରେ ଅସାଧୁ ବ୍ୟବସାୟୀମାନେ ମଧ୍ୟ ଦରବୃଦ୍ଧି କରି ଖାଉଟିମାନଙ୍କୁ ଶୋଷିବାରେ ଲାଗିଛନ୍ତି। ଗୋଟିଏ ପଟେ, ରାଜ୍ୟରେ ଆଦୌ ଚାଷ ହେଉନଥିବା ବେଳେ ଅନ୍ୟ ପକ୍ଷରେ ସରକାରଙ୍କ ଉଦାସୀନତା ଖାଉଟିମାନଙ୍କୁ ମଝି ସମୁଦ୍ରକୁ ଠେଲି ଦେଲା ଭଳି ଲାଗୁଛି। ସରକାର ତୁରନ୍ତ ଏ ନେଇ ପଦକ୍ଷେପ ନହେଲେ ଆଗାମୀ ଦିନରେ ସ୍ଥିତି ଯେ ଭୟଙ୍କର ରୂପ ଧାରଣ କରିବ ଏହା ନିଃସନ୍ଦେହ।

# ଅଙ୍ଗୁଳି ପ୍ରବେଶାତ୍ ବାହୁ ପ୍ରବେଶ



ଡ. ନିରଞ୍ଜନ ସାହୁ
ପୂର୍ବତନ ବରିଷ୍ଠ ଅଧିକାରୀ
(ଭାରତୀୟ ପ୍ରଶାସନିକ ସେବା)
ମୋ: ୯୪୩୮୪୮୨୯୧୧

ଗୋଟିଏ ସ୍ୱାଧୀନ ରାଷ୍ଟ୍ରରେ ରହିବାର ମୌଳିକ ଅଧିକାର କେବଳ ତା'ର ନାଗରିକ ମାନଙ୍କର। ସେମାନଙ୍କ ବାହାରେ ଅନ୍ୟ କୌଣସି ଦେଶରୁ ନିର୍ଦ୍ଦିଷ୍ଟ କାରଣ ପାଇଁ ସୀମିତ ସମୟର ଅବଧି ସହିତ ଅନୁମତି ନେଇ ଅନ୍ୟ କେହି ଆସିପାରନ୍ତି। ବିନା ଅନୁମତିରେ କୌଣସି ଦେଶରେ ରହିବା ଏକ ଗୁରୁତର ବେଆଇନ ବ୍ୟାପାର। ଏଥିପାଇଁ ସଂପୃକ୍ତ ବ୍ୟକ୍ତିଙ୍କୁ ଜେଲଦଣ୍ଡ, ଜୋରିମାନା ଦେବାକୁ ପଡ଼ିଥାଏ ଏବଂ ତାଙ୍କୁ ବାଧ୍ୟତାମୂଳକ ଭାବରେ ତାଙ୍କର ନିଜ ଦେଶକୁ ପଠେଇ ଦିଆଯାଏ।

କେତେକ ରାଷ୍ଟ୍ର ମଧ୍ୟ କିଛି ବାହାର ରାଷ୍ଟ୍ରର ଲୋକଙ୍କୁ ବିଭିନ୍ନ ଐତିହାସିକ କାରଣରୁ ଶରଣାର୍ଥୀର ମାନ୍ୟତା ଦେଇ ନିଜ ଦେଶରେ ରଖିଥାନ୍ତି, ତା'ଛଡ଼ା ବେଳେବେଳେ କିଛି ରାଜନୈତିକ ନେତୃବୃନ୍ଦଙ୍କୁ ମଧ୍ୟ ରାଜନୈତିକ ଆଶ୍ରୟ ପ୍ରଦାନ କରାଯାଇଥାଏ। ଏଠାରେ ପ୍ରଶ୍ନଉଠେ ବିନାନୁମତିରେ ଅନେକ ଲୋକ ନିଜ ରାଷ୍ଟ୍ର ଛାଡ଼ି ନିର୍ଦ୍ଦିଷ୍ଟ ଦେଶ ଆଡ଼େ ଯାଆନ୍ତି କାହିଁକି, ଯଦିଓ ଧରାପଡ଼ିଲେ ସେମାନେ ବହୁ ବିପଦର ସାମ୍ନା କରନ୍ତି। ଏହାର ମୁଖ୍ୟକାରଣ ହେଲା ଅନେକ ଦେଶରେ ଜୀବନଧାରଣର ମାନ ଅତ୍ୟନ୍ତ ଖରାପ, କେତେବେଳେ ସେମାନେ ଜୀବିକାର ସନ୍ଧାନରେ ଯାଆନ୍ତି ପୁଣି କେତେବେଳେ ସେମାନଙ୍କର ଧାରଣା ହୁଏ ନୂତନ ଦେଶରେ ସେମାନେ ସ୍ୱଚ୍ଛନ୍ଦରେ ଚଳିଯାଇ ପାରିବେ।

ଆମେରିକା, କାନାଡ଼ା ଓ ଜର୍ମାନୀକୁ ବେଆଇନ ଭାବେ ବହୁ ଲୋକ ଯିବା ପାଇଁ ସୁଯୋଗ ଉଣ୍ଡୁଥାନ୍ତି। ଯେପରି ଯୁଦ୍ଧକ୍ଲିଷ୍ଟ ମଧ୍ୟ ଭୂଖଣ୍ଡରୁ ବିପଦପୂର୍ଣ୍ଣ ନୌଯାତ୍ରା କରି ୟୁରୋପ ଯିବା ପାଇଁ ଅନେକ ଚେଷ୍ଟା କରନ୍ତି। ମେକ୍ସିକୋରୁ ଅନେକ ଲୋକ ଯୁକ୍ତରାଷ୍ଟ୍ର ଯିବା ପାଇଁ କଳେବଳେ କୌଶଳ ଲଗାଇ ଦିଅନ୍ତି ଏହାର ମୂଳକାରଣ ହେଲା ମେକ୍ସିକୋରେ ଯାହା ଦୈନିକ ମଜୁରି ଯୁକ୍ତରାଷ୍ଟ୍ରରେ ତାହାର ପରିମାଣ ପ୍ରାୟ ଛ'ଗୁଣ। ପ୍ରବାହମାନ ଜଳଧାରା ଯେପରି ସମତା ରକ୍ଷା କରିବା ପାଇଁ ଉଚ୍ଚ ସ୍ଥାନରୁ ନିମ୍ନଭୂମିକୁ ପ୍ରବାହିତ ହୁଏ ସେହିପରି ଅସ୍ୱଚ୍ଛଳ ଅଞ୍ଚଳରୁ ଅବସ୍ଥା ସ୍ୱଚ୍ଛଳ ଅଞ୍ଚଳକୁ ଯିବାକୁ ବ୍ୟାକୁଳ ହୋଇଥାନ୍ତି ଲୋକେ।

ଏବେ ଆମ ଦେଶ ପରିସ୍ଥିତିକୁ ଲକ୍ଷ୍ୟ କରିବା। ଭାରତରେ ଏହି ବେଆଇନ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଏବଂ ସମସ୍ୟା ଏକ ବିଶାଳ ସମସ୍ୟା ହୋଇ ଉଭା ହୋଇଛି ସମଗ୍ର ରାଷ୍ଟ୍ର ସମ୍ମୁଖରେ। ଏହାର ଚତୁଃପାର୍ଶ୍ୱ ଭିତରୁ ପ୍ରାୟ ତିନିଦିଗ ସାଗର ବେଷ୍ଟିତ ଯାହାର ଦୈର୍ଘ୍ୟ ପ୍ରାୟ ସାଢେ ସାତ ହଜାର କିଲୋମିଟର। ଏହି ବାଟ ଦେଇ ଅନ୍ୟ ଦେଶର ଲୋକ ଆସିଯିବା ଅପେକ୍ଷାକୃତ ସହଜ। ଅବଶ୍ୟ ଆମର ଭାରତୀୟ ତଟରକ୍ଷୀ ବାହିନୀ ସବୁବେଳେ ଅତିକ୍ରମଣକୁ ପ୍ରତିହତ କରିବାକୁ ଚେଷ୍ଟା କରିଆସିଛି- କିଛି ବର୍ଷ ତଳେ ବମ୍ବେରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀମାନେ ସମୁଦ୍ର ପଥରେ ଆସି ଧ୍ୱଂସର ଲୀଳା ରଚନା କରିଥିଲେ ଯେଉଁଥିରେ ଶତାଧିକ ନିହତ ହେବା ସଙ୍ଗେ ସଙ୍ଗେ ତା'ଠାରୁ ଯଥେଷ୍ଟ ଅଧିକ ମରଣାନ୍ତକ ଆହତ ହୋଇଥିଲେ।

ସ୍ୱାଧୀନତାର ପରବର୍ତ୍ତୀ ସମୟରେ ପାକିସ୍ତାନ ଅଞ୍ଚଳରୁ ବହୁ ଅନଧିକାର ଅନୁପ୍ରବେଶ ଗୁଜୁରାଟ, ରାଜସ୍ଥାନ ଆଡ଼କୁ ହେଉଥିବା ବେଳେ ପୂର୍ବ ପାକିସ୍ତାନ ଅଞ୍ଚଳରୁ ଆସାମ ଓ ବେଙ୍ଗଲ ଆଡ଼କୁ ହେଉଥିଲା। କ୍ରମଶଃ ପଶ୍ଚିମାଞ୍ଚଳରେ ପହରା ସମନ୍ୱିତ ହେବା ସହିତ ସେଠାରେ ତାରବାଡ଼ ଦିଆଯିବା ଫଳରେ କ୍ରମେ ସେପଟରୁ ଅନୁପ୍ରବେଶ କମିଛି; ମାତ୍ର ଭାରତ ପାଇଁ ସବୁଠୁ ବଡ଼ ମୁଣ୍ଡ ବିନ୍ଧାର କାରଣ ହୋଇଛି ବାଂଲାଦେଶରୁ ଆସୁଥିବା ଅନୁପ୍ରବେଶକାରୀମାନେ।

ଏବେ ବି ଅନୁପ୍ରବେଶକାରୀମାନଙ୍କ ପାଇଁ ଜୋରିମାନା ସହିତ ଦୁଇରୁ ଆଠ ବର୍ଷ ଯାଏ ଜେଲଦଣ୍ଡ ଦେବାର ପ୍ରାବଧାନ ରହିଛି ଏବଂ ସେମାନଙ୍କୁ ନିଜ ଦେଶକୁ ଫେରେଇ ଦେବାର ଅଧିକାର ରହିଛି ଆମ ଦେଶର। ଏ ସଂକ୍ରାନ୍ତରେ ଫରେନର୍ସ ଏକ୍ଟ, ୧୯୪୬; ପାସପୋର୍ଟ ଏକ୍ଟ (ଏଣ୍ଟ୍ରି ଇନ୍ ଟୁ ଇଣ୍ଡିଆ) ଆକ୍ଟ, ୧୯୨୦; ସିଟିଜେନ୍‌ସିପ୍ ଏକ୍ଟ, ୧୯୫୫ ରହିଛି। ଏତେ ପ୍ରବନ୍ଧନ ସତ୍ତ୍ୱେ ବଙ୍ଗଳାଦେଶରୁ କେତେ ଲୋକ ଭାରତରେ ବେଆଇନ ଭାବରେ ଅଛନ୍ତି ତାହା ଜାଣିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ। ଜାତିସଂଘର ଜଣେ ପ୍ରବକ୍ତାଙ୍କ ଭାଷାରେ ୧୯୯୦ ମସିହାରେ ଏହି ସଂଖ୍ୟା ପ୍ରାୟ ୭୬ ଲକ୍ଷ ଥିଲାବେଳେ ୨୦୨୦ରେ ଏହା କମି ପ୍ରାୟ ୫୦ ଲକ୍ଷରେ ପହଞ୍ଚିଛି।

ବୋଧହୁଏ ଜାତିସଂଘ ଦ୍ୱାରା ଦିଆ ହୋଇଥିବା ଏହା ଏକ ଅତି ଉଦାର ପରିସଂଖ୍ୟାନ। ୨୦୦୧ରେ ଭାରତୀୟ ପାର୍ଲାମେଣ୍ଟରେ ତତ୍କାଳୀନ ଗୃହରାଷ୍ଟ୍ର ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ ବେଆଇନ ଭାବରେ ଭାରତରେ ଥିବା ବଙ୍ଗଳାଦେଶୀ ନାଗରିକଙ୍କର ସଂଖ୍ୟା ପ୍ରାୟ ଏକ କୋଟି କୋଡ଼ିଏ ଲକ୍ଷ ଏବଂ ୨୦୧୬ରେ ଆମର ପାର୍ଲାମେଣ୍ଟରେ ତତ୍କାଳୀନ ରାଷ୍ଟ୍ରମନ୍ତ୍ରୀ କୀରନ୍ ରିଜ୍‌ଜୁ ଦେଇଥିବା ତଥ୍ୟ ଅନୁସାରେ ଏହି ସଂଖ୍ୟା ଦୁଇକୋଟିରୁ ଅଧିକ।

ଏହି ସଂଖ୍ୟା କେବଳ ଏକ ସ୍ଥିର ସଂଖ୍ୟା ନୁହେଁ ଏହା ଏକ କ୍ରମାଗତ ପରିବର୍ଦ୍ଧନଶୀଳ ସଂଖ୍ୟା ଏବଂ ତାହାହିଁ ସବୁଠାରୁ ଚିନ୍ତାର ବିଷୟ। ଭାରତ ଓ ବାଂଲାଦେଶର ସୀମା ଚାରିହଜାର ଛୟାନବେ କିଲୋମିଟର ବ୍ୟାପୀ; ତାହା ଭିତରେ ପୁଣି ଅନେକ ଜଙ୍ଗଲ ଓ ଜଳଭାଗ ଏବଂ ବହୁ ଅଞ୍ଚଳରେ ଦୃଢ଼ ତାରବାଡ଼ ନାହିଁ। ବଙ୍ଗଳାଦେଶରେ ଲୋକସଂଖ୍ୟାର ସାନ୍ଦ୍ରତା ଖୁବ୍ ଅଧିକ, ସେଠାରେ ସେହି ଅନୁପାତରେ ଜୀବିକା ଅର୍ଜନର ସମ୍ଭାବନା ଖୁବ୍ କମ୍। ବୋର୍ଡ଼ର ସିକ୍ୟୁରିଟି ଫୋର୍ସଙ୍କ ଆଖିରେ ଧୂଳି ଦେଇ କିମ୍ବା କିଛି ଅସାଧୁ କର୍ମଚାରୀଙ୍କ ସହାୟତାରେ ସେମାନେ ଅନାୟାସରେ ଆନ୍ତର୍ଜାତିକ ସୀମା ଲଙ୍ଘନ କରି ଭାରତକୁ ପଳାଇ ଆସନ୍ତି। କେବଳ ପଶ୍ଚିମବଙ୍ଗ ନୁହେଁ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବହୁ ବଙ୍ଗଳା ଭାଷୀ ଲୋକ ବସବାସ କରୁଥିବାରୁ ପ୍ରଥମେ ସେମାନେ ଅତି ସୁଧୀର ଭଦ୍ରଲୋକ ଭାବରେ ତାଙ୍କର ଜୀବନ ଜୀବିକାରେ ଲାଗନ୍ତି।

ସେମାନେ କଠିନ ପରିଶ୍ରମ କରିବାକୁ ପ୍ରସ୍ତୁତ ଥାଆନ୍ତି ଏବଂ ପ୍ରାଥମିକ ଅବସ୍ଥାରେ କମ୍ ମଜୁରିରେ କାମ କରିବାକୁ ଅନିଚ୍ଛା ପ୍ରକାଶ କରନ୍ତି ନାହିଁ। ଆଜି ଦିନରେ ଭୁବନେଶ୍ୱର ପରି ନଗରୀମାନଙ୍କରେ ଯେଉଁ ହଜାର ହଜାର ବହୁତଳ ବିଶିଷ୍ଟ କୋଠାମାନ ନିର୍ମାଣ ଚାଲିଛି, ଯଦି ଆପଣ ଅନୁଧ୍ୟାନ କରିବେ ତା'ହେଲେ ଆପଣ ବିସ୍ମିତ ହେବେ ଯେ ପ୍ରାୟ ସବୁ ଶ୍ରମିକ ବଙ୍ଗଳାଦେଶରୁ ଆସିଛନ୍ତି। ସେମାନେ ଏଠାକୁ ଆସିଲା ପରେ ବିଭିନ୍ନ ଯୋଗାଡ଼ଯନ୍ତ୍ର କରି ସ୍ଥାନୀୟ ନେତୃମଣ୍ଡଳୀ ଏବଂ ପ୍ରଶାସନକୁ କରାୟତ୍ତ କରନ୍ତି ଏବଂ ନିଜ ନାମରେ ଯାବତୀୟ କାଗଜପତ୍ର କରାଇ ନିଅନ୍ତି। ସେମାନଙ୍କ ଭିତରୁ ଅନେକଙ୍କ ନାଁରେ ରେସନ କାର୍ଡ଼, ଲେବର କାର୍ଡ଼, ଭୋଟର କାର୍ଡ଼ ଏପରିକି ଆଧାର କାର୍ଡ଼ ମଧ୍ୟ ରହିଛି। ଯେତେବେଳେ ବି ଭାରତ ତରଫରୁ କୌଣସି ଦ୍ୱିପାକ୍ଷିକ ଆଲୋଚନା ବେଳେ ଏହି କଥା ପ୍ରସଙ୍ଗକୁ ଆସେ ବଙ୍ଗଳାଦେଶ ସବୁବେଳେ ଅନୁପ୍ରବେଶକୁ ଅସ୍ୱୀକାର କରି ଆସିଛି।

ଭୁବନେଶ୍ୱର ଭଳି ଏକ ସହରରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା କେତେ ତାହା କେହି କହିପାରିବେ ନାହିଁ, ଖାଲି ଘର ନିର୍ମାଣସ୍ଥଳ ନୁହେଁ, ରାସ୍ତାଘାଟରେ ଯେତେ ଫେରିବାଲା ଆପଣ ଦେଖିବେ ସେମାନେ ସବୁ ସେଇ ଶ୍ରେଣୀୟ। ଏ ସମ୍ପର୍କରେ ଜଣେ ବନ୍ଧୁ ଯାହା ଏକ ଅନୌପଚାରିକ କଥାବାର୍ତ୍ତାରେ ପ୍ରକାଶ କଲେ ତାହା ଆପଣଙ୍କର ଲୋମ ଟାଙ୍କୁରାଇ ଦେବ। ସେ କହୁଥିଲେ ଗତବର୍ଷ ବାଲେଶ୍ୱର ଜିଲ୍ଲାର ବାହାନଗା ଠାରେ ହୋଇଥିବା ଏକ ଭୟଙ୍କର ରେଳ ଦୁର୍ଘଟଣାର କଥା, ଯେଉଁଥିରେ ପ୍ରାୟ ଚାରିଶହ ଲୋକଙ୍କର ଜୀବନ ହାନୀ ଘଟିଲା, ତାହା ମଧ୍ୟରେ ଥିଲେ ସତାବନ ଜଣ, ଯେଉଁମାନଙ୍କର କିଛି ଖୋଜ ଖବର ମିଳିଲାନି, ଏପରିକି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଧନରାଶି ନେବା ପାଇଁ କେହି ଜ୍ଞାତିକୁଟୁମ୍ବ ବି ଆସିଲେ ନାହିଁ। ବନ୍ଧୁଙ୍କର ପ୍ରଶ୍ନ ଥିଲା – ଏମାନେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଛଡ଼ା ଅନ୍ୟ କେହି ହୋଇପାରିବେ କି ? ଯଦି ଏହିପରି ସଂଖ୍ୟାରେ ଦୈନିକ ଲୋକ ଆସୁଥାନ୍ତି ବିଶେଷତଃ ଅନୁପ୍ରବେଶକାରୀ, ତା'ହେଲେ ଆମ ରାଜ୍ୟର ଭବିଷ୍ୟତ ଅନ୍ଧକାରରେ ନୁହେଁ ତ ଆଉ କ'ଣ ?

ଖାଲି ଆମ ରାଜ୍ୟ ନୁହେଁ ମିଆଁମାରରୁ ଯେଉଁ ରୋହିଙ୍ଗିଆମାନଙ୍କୁ ସେତେବେଳର ଭାରତ ସରକାର ଆଣି ଭାରତରେ ରହିବାକୁ ଅନୁମତି ଦେଇଛନ୍ତି ସେମାନେ ଆଗାମୀ ଦିନରେ ଦେଶ ପାଇଁ ଭୟଙ୍କର ସାବ୍ୟସ୍ତ ହେବେ ତାହା ଆଜିଠାରୁ ଜଳଜଳ ହୋଇ ଦିଶୁଛି। କେବଳ ଦୃଢ଼ ଆଇନ ନୁହେଁ କଠିନ କାର୍ଯ୍ୟାନ୍ୱୟନ ଦ୍ୱାରା ହିଁ ଏହି ସମସ୍ୟାକୁ କିଛି ପରିମାଣରେ କମେଇ ଦିଆଯାଇପାରେ। ଅନୁପ୍ରବେଶ ଦ୍ୱାରା ବହୁ ଦେଶରେ ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀ ବଢ଼ିଯିବା ଫଳରେ ସେ ଦେଶର ଲୋକଙ୍କ ସହିତ ଅନୁପ୍ରବେଶକାରୀଙ୍କ ଦ୍ୱନ୍ଦ୍ୱ ଲାଗିରହିଛି। ଏଭଳି ପ୍ରମୁଖ ସମସ୍ୟାରେ ଆମେ ସମସ୍ତେ ସଜାଗ ଓ ସତର୍କ ହେବାର ଆବଶ୍ୟକତା ରହିଛି। ସାଧୁ ସାବଧାନ !

କଥା ନିରବଧି

# ସେଲ୍ଫ ହାର୍ମ ଥିଙ୍କିଙ୍ଗ୍



ଡାକ୍ତର ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼୍, କଟକ
ମୋ : ୯୧୩୨୪୩୩୩୩୩

ସକାଳୁ ବର୍ଷା ଲାଗି ରହିଥାଏ। ଅନେକ ସମୟ ଲମ୍ବା ରିଂ ପରେ ଦେଖିଲେ ସୁଦୂର କାଲିଫର୍ଣ୍ଣିଆରୁ ଫୋନ କରିଛନ୍ତି ବାନ୍ଧବୀ ନିରୁପମା। ନିରୁପମା ତାଙ୍କ ପୁଅ ସୌମ୍ୟସାଇ ସିଦ୍ଧାର୍ଥକୁ ନେଇ କେଜାଣି କାହିଁ ଭାରି ଚିନ୍ତିତ। ତାଙ୍କ କହିବା ମୁତାବକ ପିଲାଟି ହିଂସାତ୍ମକ ବା ଅଭଦ୍ର ଆଚରଣର ନୁହଁ କିନ୍ତୁ କେଜାଣି କାହିଁକି ବେଳେ ବେଳେ ଉତ୍ତେଜିତ ହୋଇଯାଇ ନିଜର କିଛି ଗୋଟିଏ ଛୋଟବଡ଼ ଶାରୀରିକ କ୍ଷତି କରି ବସୁଛି। ଯାହାକି ପରବର୍ତ୍ତୀ ସମୟରେ ମାନସିକ ଅସ୍ଥିରତା ଓ ଘରେ ଅଶାନ୍ତିର ଝଡ଼ ଦେଖିବା ପାଇଁ ମିଳୁଛି। ମୁଁ ତାଙ୍କ ଠାରୁ ସବିଶେଷ ଶୁଣିବା ପରେ କହିଲି ବର୍ତ୍ତମାନର ସମୟରେ ଯୁବପିଢିଙ୍କ ମଧ୍ୟରେ ଏବେ ଏକ ଅଜବ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। କୌଣସି କାର୍ଯ୍ୟରେ ଅସଫଳ ହେଲେ ସେମାନଙ୍କ ଧୈର୍ଯ୍ୟଚ୍ୟୁତି ଘଟୁଛି ଏବଂ ସେମାନେ ନିଜ ମାନସିକ ଭାରସାମ୍ୟ ହରାଉଛନ୍ତି। ଏପରି ସମୟରେ ସେମାନଙ୍କ ଠାରେ ସେଲ୍ଫ ହାର୍ମ ଥିଙ୍କିଙ୍ଗ ବୃଦ୍ଧି ପାଉଥିବା ଦେଖାଯାଉଛି। ଏହା ଏକ ମାନସିକ ନୁହଁ ବ୍ୟବହାରିକ ରୋଗ। ଯେଉଁଥିରେ ସୁଇସାଇଡ଼ର ଇଚ୍ଛା ନଥାଇ ଉଦ୍ଦେଶ୍ୟମୂଳକ ଭାବରେ ନିଜର ଶାରୀରିକ କ୍ଷତି କରାଯାଏ।

ସେଲ୍ଫ ହାର୍ମ ବିଭିନ୍ନ ପ୍ରକାରର ରହିଛି। ଉଦାହରଣ ହେଉଛି ତୀକ୍ଷ୍ଣ ବସ୍ତୁ କିମ୍ବା ଉତ୍ତାପ ସାହାଯ୍ୟରେ ହାତର ଚର୍ମକୁ ଆଘାତ ପହଞ୍ଚାଇବା। ସହିପରି ଅତ୍ୟଧିକ ଔଷଧ ସେବନ, ନିଜ ଶରୀରକୁ ଜଳାଇବା, କୌଣସି କଠିନ ବସ୍ତୁକୁ ମୁଥା ମାରିବା, ନିଜ ମୁଣ୍ଡ ପିଟିବା ଆଦି କାର୍ଯ୍ୟ ସେଲ୍ଫ ହାର୍ମ ଥିଙ୍କିଙ୍ଗରେ ଅନ୍ତର୍ଭୁକ୍ତ। ଏହି ଭାବନା ଆସିବାର ମୁଖ୍ୟ କାରଣ ପାରିବାରିକ ସମସ୍ୟା। ଏହାଛଡ଼ା ଶାରୀରିକ ଓ ମାନସିକ ଶୋଷଣ, ଦୀର୍ଘଦିନ ଡିପ୍ରେସନରେ ରହିବା, ଏକୁଟିଆପଣ ଆଦି ସମସ୍ୟା ଯୋଗୁଁ ସେଲ୍ଫ ହାର୍ମ ଥିଙ୍କିଂ ଆସିପାରେ। ଏଥିରୁ ବର୍ତ୍ତିବା ଲାଗି ନିଜ ସମସ୍ୟା ତଥା ଭାବନାକୁ ସାଙ୍ଗ ଓ ପରିବାର ଲୋକଙ୍କ ସହ ସେୟାର କରନ୍ତୁ। ଏହା ବ୍ୟତୀତ ପ୍ରୋବ୍ଲେମ ସଲଭିଂ ଥେରାପୀ, କଗ୍ନିଟିଭି ଥେରାପୀ ଏବଂ ସାଇକୋଡିନାମିକ ଥେରାପୀର ସାହାଯ୍ୟ ନେଇ ପାରିବେ। ମାନସିକ ଶାନ୍ତି ଲାଗି ଯୋଗ ଓ ଧ୍ୟାନ କରିବା ସହ ଭ୍ରମଣରେ ଯାଇପାରିବେ। ଏହାଛଡ଼ା ଡେଲି ଡାଏରୀରେ ମେଣ୍ଟେନ କରିପାରିବେ। ସଙ୍ଗୀତ ଶୁଣିପାରିବେ କିମ୍ବା ଚିତ୍ର ଆଙ୍କି ପାରିବେ।

ବାସ୍ତବରେ ସେଲ୍ଫ ହାର୍ମ ଥିଙ୍କିଂ ଏକ ସେପରି ମାନସିକ ଅସନ୍ତୁଳନ ନୁହେଁ। ଏହାର ନିରାକରଣ କ୍ଷେତ୍ରରେ ପୀଡ଼ିତର ପାଖରେ ରହୁଥିବା ଲୋକ ବା ସେ ପ୍ରତିଦିନ ମିଳାମିଶା କରୁଥିବା ଲୋକମାନଙ୍କର ଗୁରୁଦାୟିତ୍ୱ ରହିଛି। କୌଣସି ପରିସ୍ଥିତିରେ ପୀଡ଼ତ ଜଣଙ୍କୁ ବିରକ୍ତି କରନ୍ତୁ ନାହିଁ କିମ୍ବା ସେ ଦୁଃଖିତ ହେଲା ପରି ବା ଉତ୍ତେଜିତ ହେଲା ପରି କୌଣସି କାର୍ଯ୍ୟ କରନ୍ତୁ ନାହିଁ। ତାଙ୍କ ପାଇଁ ଏକ ଭଲ ରୁଟିନ ବନ୍ଧା ଜୀବନ ତିଆରି କରନ୍ତୁ। ସୁଷମ ଖାଦ୍ୟ, ତଟକା ପନିପରିବା, ନିରାମିଷ ଖାଦ୍ୟ, ଶାଗ ଓ ତଟକା ଫଳ ବହୁତ ଭଲ କାମ ଦେବ। ଯୋଗପ୍ରାଣାୟମ ବା ମର୍ଣ୍ଣିଂ ୱାର୍କ ଏକ ଭଲ ଅଭ୍ୟାସ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ସେ ଯେପରି ଦୂରେଇ ରହିବେ ସେ ଦିଗଟିକୁ ଦେଖନ୍ତୁ। ଉଚିତ ସମୟରେ ଖାଇବା ସହିତ ନିର୍ଦ୍ଧାରିତ ସମୟରେ ଯେପରି ସେ ବିଶ୍ରାମ ନିଅନ୍ତି ସେ ଦିଗଟିକୁ ଦେଖନ୍ତୁ। ତେବେ ତାଙ୍କ ମାନସିକ ଅସନ୍ତୁଳନ କ୍ଷେତ୍ରକୁ ଲକ୍ଷ୍ୟ ରଖି ଅକସ୍ମାତ କୌଣସି କ୍ଷୟକ୍ଷତି କରିବା ପୂର୍ବରୁ ତାଙ୍କ ପାଖରେ ରହୁଥିବା ଲୋକମାନଙ୍କର ସତର୍କ ନଜର ରହିବା ମଧ୍ୟ ଜରୁରି। କାରଣ ଏ କ୍ଷେତ୍ରରେ ପୀଡ଼ିତମାନେ ମଧ୍ୟ ନିଦରୁ ହଠାତ୍ ଉଠି ପଡ଼ି କୌଣସି ଅଭାବନୀୟ ଘଟଣା ଘଟାଇବାର ମଧ୍ୟ ସମ୍ଭାବନା ଅଛି। ତେଣୁ ପୀଡ଼ିତର ପାଖ ଲୋକମାନେ ଅଧିକ ସମସ୍ୟା ଅନୁଭବ କଲେ କିମ୍ବା ପୀଡ଼ିତର ଆଚରଣ ଅସ୍ୱାଭାବିକ ଦେଖିଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କୌଣସି ପରିସ୍ଥିତିରେ ଦେଶୀୟ ଚିକିତ୍ସା ବା ଗୁଣି ଗାରେଡ଼ି ଚିକିତ୍ସାକୁ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ଏହାକୁ ଗ୍ରହଣ କରନ୍ତୁ ନାହିଁ। ଆପଣଙ୍କ ଧୈର୍ଯ୍ୟ ଓ ଡାକ୍ତରଙ୍କ ଉପରେ ବିଶ୍ୱାସ ପୀଡ଼ିତକୁ ନିଶ୍ଚିନ୍ତ ଆରୋଗ୍ୟ ପ୍ରଦାନ କରି ଏକ ନୂଆ ଜୀବନ ଅଭିମୁଖେ ରାସ୍ତା ଦେଖାଇବ।

# ସିଦ୍ଧ ସାଧକ-ଯଶୋବନ୍ତ ଗୋସ୍ୱାମୀ



ଅକ୍ଷୟ କୁମାର ରାଉତ
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ:୯୯୩୭୬୯୧୪୭୫

ଓଡ଼ିଆ ଜାତିର ସାମାଜିକ, ସାହିତ୍ୟ, ସଂସ୍କୃତି, ପରମ୍ପରା, ଧର୍ମ, ରାଜନୈତିକ ଦର୍ଶନ, ଭାସ୍କର୍ଯ୍ୟ, ରୀତିନୀତି, ଇତିହାସ ଓ ଆଧ୍ୟାତ୍ମିକ ଭାବଭକ୍ତିର ଯେଉଁ ଅଭୂତ ପୂର୍ବ ପରିବର୍ତ୍ତନର ଅଭ୍ୟୁଦୟ ଘଟିଛି ସେ ପଞ୍ଚସଖା ଯୁଗକୁ ଓଡ଼ିଆ ଜାତି ଭୁଲିନି କି ଭୁଲିବ ନାହିଁ। ଏହି ଯୁଗରେ ୧୪୮୭ ଖ୍ରୀଷ୍ଟାବ୍ଦ ବୈଶାଖ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଜଗତ୍‌ସିଂହପୁର ଅଡଙ୍ଗ ଗଡର ନାଇଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ସିଦ୍ଧ ସାଧକ, ମହାପୁରୁଷ ଯଶୋବନ୍ତ ଦାସ। ତାଙ୍କ ପିତାଙ୍କ ନାମ ଜଗନ୍ନାଥ ମଲ୍ଲିକ ବା ଜଗୁ ମଲ୍ଲିକ ଓ ମାତାଙ୍କ ନାମ ରେଖାଦେବୀ। ସେ ଜାତିରେ କ୍ଷତ୍ରୀୟ ଥିଲେ। ସେ କ୍ଷତ୍ରି ଥିବାରୁ ତାଙ୍କର ମଲ୍ଲିକ ଉପାଧି, ପର ଅବସ୍ଥାରେ ମଲ୍ଲ ହୋଇଥିବା ଅନୁମାନ କରାଯାଏ। ଲୋହି ଦାସଙ୍କ ଷଷ୍ଠୀମେଳାରେ ପିତାଙ୍କ ନାମ ବଳ ଭଦ୍ରମଲ୍ଲ ଉଲ୍ଲେଖ ଅଛି। ଯଶୋବନ୍ତ ଦାସ ମାତୃ ଗର୍ଭରେ ବାର ମାସକାଳ ଧାନମଗ୍ନରେ ରହୁଥିଲେ। ସେ ଜନ୍ମରୁ ଜଟାଜୁଟ ବିମଣ୍ଡିତ ଥିବାର ଦେଖାଯାଇଥିଲା। ଜନ୍ମରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ମୌନ ବ୍ରତ ସହିତ ପଦ୍ମାସନରେ ନିର୍ଜନ ବଟ ବୃକ୍ଷ ମୂଳରେ ଧ୍ୟାନ ମଗ୍ନ ରହିଥିଲେ।

ଯଶୋବନ୍ତ ଦାସ ମାତ୍ର ବାରବର୍ଷ ବୟସରେ ଶ୍ରୀକ୍ଷତ୍ର ଧାମରେ ବଟଗଣେଶଙ୍କ ନିକଟରେ ମହାପୁରୁଷ ଜଗନ୍ନାଥ ଦାସଙ୍କ ପିତା ଭଗବାନ ଦାସଙ୍କ ନିକଟରୁ ସଂସ୍କୃତ ଭାଗବତର ବ୍ୟାଖ୍ୟା ଶ୍ରବଣ କରୁଥିଲେ। ଧାନ ଚୋରୀ କେସ୍‌ରେ ଯଶୋବନ୍ତଙ୍କୁ ଶୂଳି ଦେବାକୁ ରାଜା ରଘୁରାମ ହୁକୁମ ଦେଲେ। ଯଶୋବନ୍ତଙ୍କ କାତର ପ୍ରାର୍ଥନାରେ ଶ୍ରୀଜଗନ୍ନାଥ ସୁଦର୍ଶନକୁ ଆଜ୍ଞା ଦେଲେ ସଭାରେ ଯେତେ ଜନ ଅଛନ୍ତି ସମସ୍ତଙ୍କୁ ଢାଙ୍କି ରଖିବାକୁ। ଯଶୋବନ୍ତଙ୍କ ଦେହରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀଜଗନ୍ନାଥଙ୍କର ରୂପ ରଘୁରାମ ଦେଖି ତାଙ୍କ ଗୋଡ଼ତଳେ ପଡି କ୍ଷମା ମାଗିଲେ। ଯଶୋବନ୍ତଙ୍କ ଏହି ଅଲୌକିକତାରେ ପ୍ରଭାବିତ ହୋଇ ରାଜା ରଘୁରାମ ଚମ୍ପତି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ଗୁରୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ରଘୁରାମ ଚମ୍ପତି ନିଜର କନ୍ୟା ଅନାକୁ ଯଶୋବନ୍ତଙ୍କୁ ବିବାହ କରିଦେଇଥିଲେ। ଦୁର୍ଭିକ୍ଷ ଯୋଗୁ ଜନସାଧାରଣ ଜମିଦାରଙ୍କ କ୍ଷେତ ଓ ବାଡି ବଗିଚାରୁ ଶସ୍ୟ ଚୋରି କରୁଥିଲେ। ଜମିଦାର ନିଜର ବିଶ୍ୱସ୍ତ ଜ୍ୱାଇଁ ଯାଶୋବନ୍ତଙ୍କୁ ରାତ୍ରୀ ଜଗୁଆଳ ରୂପେ କିଛିଦିନ ନିଯୁକ୍ତ କରି ଦେଲେ। ନିଶାର୍ଦ୍ଧରେ ଚୋର ଶସ୍ୟ କ୍ଷେତ୍ରରେ ପହଞ୍ଚିବା କ୍ଷଣି ବୃକ୍ଷ ଗୁଡିକ ରାମନାମ ଜପ କରନ୍ତି। ରାମନାମ ଶୁଣି ଚୋର ଭୟରେ ପଳାୟନ କରନ୍ତି। ଶସ୍ୟ ବୃକ୍ଷ ଗୁଡିକଙ୍କ ରାମନାମ ଭଜନ ଶୁଣି ଜମିଦାର ଆଶ୍ଚର୍ଯ୍ୟ ହେଉଥିଲେ।

୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ର ଆଗମନ କରିଥିବା ସମୟରେ ପଞ୍ଚସଖା ଗଣ ତାଙ୍କ ଠାରୁ ମନ୍ତ୍ର ଦୀକ୍ଷା ଗ୍ରହଣ କରିଥିଲେ। ଯଶୋବନ୍ତ ଦାସଙ୍କୁ ଶ୍ୟାମ ପଞ୍ଚାକ୍ଷର ମନ୍ତ୍ର ଶ୍ରୀଚୈତନ୍ୟ ଦେବ ପ୍ରଦାନ କରିଥିଲେ। ତତ୍କାଳୀନ ଗଜପତି ରାଜା ପ୍ରତାପରୁଦ୍ର ଦେବ ଓ ତାଙ୍କର ମହାମନ୍ତ୍ରୀ ରାମାନନ୍ଦ ମଧ୍ୟ ଶ୍ରୀଚୈତନ୍ୟଙ୍କ ଠାରୁ ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ।

ଦିନକର କଥା, ଯଶୋବନ୍ତ ଦାସ ନିଶାର୍ଦ୍ଧରେ ହରିନାମ କରି ଶିଷ୍ୟମାନଙ୍କ ସହିତ ପାଦରେ ଚାଲି ଚାଲି ଶ୍ରୀକ୍ଷେତ୍ରକୁ ଯାଉଥିବା ସମୟରେ ଚନ୍ଦନପୁର ନିକଟରେ ଏକ ବ୍ରହ୍ମ ରାକ୍ଷସ ହାବୁଡରେ ପଡିଗଲେ। ବ୍ରହ୍ମରାକ୍ଷସ ତାଙ୍କ ପଥରୋଧ କଲା। କିନ୍ତୁ ଯଶୋବନ୍ତ ଭୟ କଲେ ନାହିଁ। ବ୍ରହ୍ମରାକ୍ଷସକୁ ଆଦେଶ ଦେଲେ, ହେ ବ୍ରହ୍ମରାକ୍ଷସ ତୁ ମୋତେ ତୋ କାନ୍ଧ ଉପରେ ବସାଇ ଶ୍ରୀକ୍ଷେତ୍ରକୁ ନେଇଚାଲ। ବ୍ରହ୍ମରାକ୍ଷସ ଯଶୋବନ୍ତଙ୍କ କଥାକୁ ମାନି ତାଙ୍କୁ କାନ୍ଧରେ ବସାଇ ପୁରୀ ଅଭିମୁଖେ ଗମନ କଲା। ଏ ଖବର ଗଜପତି ରାଜା ପ୍ରତାପରୁଦ୍ରଙ୍କ କର୍ଣ୍ଣ ଗୋଚର ହେଲା। ତେଣୁ ରାଜା ରାଜଉଆସରୁ ବାହାରି ଶିଶୁ ଯଶୋବନ୍ତଙ୍କୁ ଦର୍ଶନ କରି ପଚାରିଲେ, ଏ ବ୍ରହ୍ମରାକ୍ଷସ କେଉଁଆଡେ ଯିବ ? ଏହା ଶୁଣି ଯଶୋବନ୍ତ କହିଲେ ଆଜି ଠାରୁ ଏ ବ୍ରହ୍ମରାକ୍ଷସ ବାବନା ଭୂତ ନାମରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ରହିବ। ଅନ୍ୟାୟ, ଅନୀତି ଓ ରାକ୍ଷସ ସଂପନ୍ନ ମନୁଷ୍ୟମାନଙ୍କୁ ସଂହାର କରିବ। ଏ ବାବନା ଭୂତ ରଥ ସମୟରେ ତିନି ରଥର ସୁରକ୍ଷା ଦାୟିତ୍ୱ ବହନ କରିବ।

ଯଶୋବନ୍ତ ବହୁତ ଅଦ୍ଭୁତ ଲୀଳା ଜନସାଧାରଣଙ୍କ ନିକଟରେ ଦେଖାଇଛନ୍ତି। ପୁରୀରୁ ଗ୍ରାମକୁ ଫେରିବାକୁ ହାତରେ ବାଟ ଖର୍ଚ୍ଚ ନାହିଁ। ଜଗନ୍ନାଥଙ୍କୁ ପ୍ରାର୍ଥନା କରିବାରୁ ଶ୍ରୀଜଗନ୍ନାଥ ନିଜେ ରତ୍ନକୁଣ୍ଡଳ ଯଶୋବନ୍ତଙ୍କୁ ପ୍ରଦାନ କଲେ। ସେବକମାନେ ପ୍ରଭୁଙ୍କର କର୍ଣ୍ଣର କୁଣ୍ଡଳ ନଦେଖି ରାଜାଙ୍କୁ ଜଣାଇଲେ। ଉକ୍ତ କୁଣ୍ଡଳଟି ଯଶୋବନ୍ତଙ୍କ ନିକଟରୁ ବାହାରିବାରୁ ତାଙ୍କୁ, ଜେଲ୍ ହୋଇଗଲା। ଜଗନ୍ନାଥ ରାଜାଙ୍କୁ ସ୍ୱପ୍ନାଦିଷ୍ଟ ହୋଇ ଭକ୍ତ ଯଶୋବନ୍ତଙ୍କୁ ସସମ୍ମାନେ ମୁକ୍ତି କରିବାକୁ ନିର୍ଦ୍ଦେଶ ଦେଲେ।

ଯୋଗଜନ୍ମା ଯଶୋବନ୍ତ ଦାସ ଓଡିଆ ସାହିତ୍ୟ ଭଣ୍ଡାରକୁ ଯେଉଁ ଗ୍ରନ୍ଥମାନ ଦାନ କରିଯାଇଛନ୍ତି ତା'ର ତୁଳନା ନାହିଁ। ସେହି କାଳଜୟୀ ମହାପୁରୁଷ ଯେଉଁ ଗ୍ରନ୍ଥମାନ ଲେଖିଛନ୍ତି ସେ ଗୁଡିକ ହେଉଛି - ଶିବ ସ୍ୱରୋଦୟ, ପ୍ରେମଭକ୍ତି ଗୀତ, ଗୋବିନ୍ଦଚନ୍ଦ୍ର ଟୀକା, ରାସ, ମାଳିକା, ଆଗତ ଭବିଷ୍ୟମ ଧାନଚୋରି, ବାଘ ଲୀଳା, ଭଜନ ସାର, ଚଉରାଅଶୀ ଆଜ୍ଞା। ଓଡ଼ିଆ ଜାତିର ବ୍ରହ୍ମଜ୍ଞାନୀ, ଭକ୍ତି ଭାବ ଧାରର କବି ଯଶୋବନ୍ତ ଦାସ ନିଜ ଜନ୍ମସ୍ଥାନ ଅଡଙ୍ଗଗଡ ନନ୍ଦିଗ୍ରାମ (ନାଇଲୋ)ରେ ଶେଷ ଜୀବନ କଟାଇଥିଲେ। ମୃତ୍ୟୁ ପୂର୍ବରୁ ପରିବାରର ସମସ୍ତ ସଦସ୍ୟ ଓ ପତ୍ନୀଙ୍କୁ ନିଜର ଇଚ୍ଛା ମୃତ୍ୟୁର ସୂଚନା ଦେଇଥିଲେ। ସେହି ଦିନଟି ଥିଲା ମାର୍ଗଶୀର ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିର ବ୍ରହ୍ମମୁହୂର୍ତ୍ତ ୧୫୭୦ ମସିହା। ସିଦ୍ଧ ସାଧକ ଯଶୋବନ୍ତ ଗୋସ୍ୱାମୀ ଭୂ-ଗର୍ଭରେ ମହାସମାଧି ନେଲେ। ତା'ପରଦିନ ଅଡଙ୍ଗଗଡର କେତେ ଜଣ ବେପାରି କଲିକତାରୁ ଫେରିବା ସମୟରେ ବାଟରେ ଯଶୋବନ୍ତ ଦାସଙ୍କୁ ଏକୁଟିଆ ଦେଖି ଆଶ୍ଚର୍ଯ୍ୟ ହୋଇ ପଚାରନ୍ତେ ଯଶୋବନ୍ତ କହିଲେ ସେ ଏକାକୀ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ବାହାରି ପଡିଲେ। ମୋର ଏହି ଗଡୁ ନିଅ ରାଜା ରଘୁରାମଙ୍କୁ ଦେଇ କହିବ ଭୂଷଣ୍ଡ ଶିଷ୍ୟଙ୍କୁ ଶୀଘ୍ର ପଠାଇ ଦେବେ। ବେପାରୀମାନେ ଆସି ରଘୁରାମଙ୍କୁ ଗଡୁ ଦେଇ କହିଲେ। କିନ୍ତୁ ତା' ପୂର୍ବଦିନ ଯଶୋବନ୍ତ ସମାଧି ନେବାରୁ ହରି କୀର୍ତ୍ତନ ଲାଗିଛି, ତାଙ୍କର ପ୍ରିୟ ଶିଷ୍ୟ ଭୂଷଣ୍ଡ କୀର୍ତ୍ତନ କରୁଥିଲେ। ଏହା ଶୁଣି ସେ ଭୂତଳରେ ପତିତ ହେଲେ। ତାଙ୍କର ଜୀବଆତ୍ମା ଶରୀର ଛାଡ଼ି ଚାଲିଗଲା। ସମସ୍ତେ ଦେଖିଲେ ଭୂଷଣ୍ଡ ନିର୍ଜୀବ। ସେଥିପାଇଁ ମହାପୁରୁଷ ଯଶୋବନ୍ତ ଦାସ 'ଶିବ ସ୍ୱରୋଦୟ'ରେ ରଚନା କରିଛନ୍ତି-

ଏବଂ ଭୂତ ଯେଉଁ ପ୍ରଭୁ ତାଙ୍କ ପଞ୍ଚଭୂତ
ଏକଭୂତ ସଖା ଯେ ଅଟଇ ଯଶୋବନ୍ତ।

ଏହି ମାର୍ଗଶୀର ଶୁକ୍ଳ ଷଷ୍ଠୀ (ଓଡଣ ଷଷ୍ଠୀ) ଦିନ ସିଦ୍ଧସାଧକ ଯଶୋବନ୍ତ ଦାସ ମହାପୁରୁଷଙ୍କୁ ସ୍ମରଣ କରି ଉତ୍କଳୀୟ ଜନସାଧାରଣ ମହାସମାଧି ପୀଠକୁ ଯାତ୍ରା କରନ୍ତି ଓ ଅନ୍ତରର ଭକ୍ତି ନୈବେଦ୍ୟ ଅର୍ପଣ କରିଥାଆନ୍ତି। ଗୋସ୍ୱାମୀ ଯଶୋବନ୍ତ ଦାସ ଭକ୍ତମାନଙ୍କୁ ବାହୁ ପ୍ରସାରି ଆଶୀର୍ବାଦ କରିଆନ୍ତି ଓ କୁହନ୍ତି ମୁଁ ସର୍ବଦା ତୁମ୍ଭମାନଙ୍କ ନିକଟରେ ଅଛି। ସେ ଦେହାବସାନ କଲେ ସିନା ମାତ୍ର ସେ ଆଜି ମରି ବି ଅମର।

# କିଏ ଟାଣେ କିଏ ଧରେ



ମୋହନ ଚରଣ ବିଷି
ଗଡରାମାଲ, କୋକସରା, କଳାହାଣ୍ଡି
ମୋ: ୯୭୭୭୪୬୮୮୪୧

ଟାଣିବା ଧରିବା ଏକ ପ୍ରକ୍ରିୟା। ସୂର୍ଯ୍ୟ ଚାରିପଟେ ବିଭିନ୍ନ ଗ୍ରହମାନଙ୍କର ପରିକ୍ରମଣ ହେଉଛି। ଗ୍ରହମାନେ ନିର୍ଦ୍ଦିଷ୍ଟ କକ୍ଷରେ ଅବସ୍ଥିତ ହୋଇ ନିଜ ଅକ୍ଷ ଚାରିପଟେ ନିୟମିତ ଭାବେ ଘୂରୁଛନ୍ତି। ସୂର୍ଯ୍ୟ ସମସ୍ତ ଗ୍ରହମାନଙ୍କୁ ଟାଣି ଧରିଛନ୍ତି। ସୂର୍ଯ୍ୟ ଯଦି ଛାଡି ଦିଅନ୍ତି କିମ୍ବା ଗ୍ରହମାନେ ସୂର୍ଯ୍ୟଙ୍କୁ ଧରିବା ଛାଡି ଦିଅନ୍ତି ତା'ହେଲେ କକ୍ଷରୁ ଖସିବା ନିଶ୍ଚିତ। ଆଉ କକ୍ଷରୁ ବିଚ୍ୟୁତି ହେଲେ ପରିଣାମ କେତେ ଭୟଙ୍କର ହୋଇପାରେ ତାହା ଆକଳନ ମଧ୍ୟ କରିହେବ ନାହିଁ। ମା' ମାଙ୍କଡ଼ ତା ଛୁଆକୁ ଛାତିରେ ଧରେ। କିନ୍ତୁ ମା' ମାଙ୍କଡ଼ ଧରେ ନାହିଁ ତା' ଛୁଆ ହିଁ ଧରେ। ଏ ଡାଳରୁ ସେ ଡାଳକୁ ଡିଆଁ ମାରେ, ଏଭିତରେ ଯଦି ପଡିଯାଏ ଛୁଆ ମାଙ୍କଡ଼ ତା'ହେଲେ ଦୋଷ ତାହାର।

ଶିକ୍ଷକ ଶିକ୍ଷାଦାନ କରନ୍ତି। ସମସ୍ତଙ୍କୁ ସମାନ ପ୍ରକାର ବୁଝାଇ ଥାନ୍ତି। ସମସ୍ତେ କ'ଣ ଶିକ୍ଷକଙ୍କ କଥା ଧରନ୍ତି ? ଯେଉଁ କେତେଜଣ ଧରନ୍ତି ସେମାନେ ହିଁ ମଣିଷ ହେଇଯାଆନ୍ତି।

ବକ୍ତା ବିଭିନ୍ନ ବିଷୟରେ କହିବା ବେଳେ ଶ୍ରୋତା କିଛି କଥା ଦେହକୁ ନିଅନ୍ତି। ସତେ ଯେମିତି ତାଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ବକ୍ତା କିନ୍ତୁ ସାର୍ବଜନୀନ ଭାବରେ କହନ୍ତି। ବକ୍ତାକୁ ମନେ ମନେ ଗାଳି କରନ୍ତି। ସଭାକୁ ଆସିବା ନିରର୍ଥକ ମନେ କରନ୍ତି। ଆଉ ଯଦି ବକ୍ତା ତାଙ୍କର ଗୁଣ ବିଷୟରେ ପ୍ରଶଂସା କରିଛନ୍ତି ତା'ହେଲେ ବକ୍ତା ପ୍ରତି ଶତମୁଖର ହେଇଯାନ୍ତି। କିନ୍ତୁ ବକ୍ତା ତାଙ୍କୁ କହି ନଥାନ୍ତି। କଥା ଧରିଲେ ମୋଟା ନ ଧରିଲେ ସରୁ।

ସେମାନେ ଟାଣନ୍ତି ଯେଉଁମାନେ ଅନ୍ୟର ପ୍ରଶଂସା, ପ୍ରତିଭା, ସମ୍ମାନକୁ ସହି ପାରନ୍ତି ନାହିଁ। କହିବାକୁ ଗଲେ ତାହା ତାଙ୍କ ଦେହରେ ପଡେ ନାହିଁ। ଏତେ କମ୍ ସମୟରୁ ଏତେ ଉପରକୁ କେମିତି ଉଠିଲା ? ଏ ଯଦି ଆଗକୁ ଯାଏ ଆମର କାରବାର ଠପ୍ କରିଦେବ। ଏମିତି ନାନା ଭାବାନ୍ତର ସୃଷ୍ଟି ହେଇଥାଏ। ସେମାନେ କୌଶଳ କରି ତଳକୁ ଖସାଇବା ପାଇଁ ଅହରହ ଚେଷ୍ଟା କରନ୍ତି।

ଆଉ କିଛି ଲୋକ ଅଛନ୍ତି ଯେଉଁମାନେ ତଳର ଲୋକକୁ ଉପରକୁ ଉଠାଇବା ପାଇଁ ଜାଣନ୍ତି। ସେମାନେ ପ୍ରତିଭାକୁ ଚିହ୍ନଟ କରି, ଆଗକୁ ନେବା ପାଇଁ ପ୍ରୟାସ କରନ୍ତି। ସେମାନେ ଲୋକଲୋଚନକୁ ଆସନ୍ତି ନାହିଁ ତା'ପଛର କାରଣ ହେଲା ସେମାନେ ନିଜର ପ୍ରଚାର ପ୍ରସାର କରନ୍ତି ନାହିଁ। ଯେଉଁମାନେ ତାଙ୍କର ସଂସ୍ପର୍ଶରେ ଆସିଛନ୍ତି ସେମାନେ ହିଁ ଜାଣନ୍ତି। ତେଣୁ ସେହିପରି ଭଲ ଲୋକଙ୍କୁ ଉପରକୁ ଟାଣିବା ପାଇଁ କିଛି ଲୋକ ପ୍ରୟାସ କରନ୍ତି। ନିଶ୍ଚିତ ଏହା ଏକ ଭଲ ପ୍ରୟାସ।

ଆଉ ଦଳେ ଲୋକ ଅଛନ୍ତି। ଯେଉଁମାନେ ତାଙ୍କ ସମଧର୍ମୀ ମାନଙ୍କର ସେହି ସ୍ଥାନରେ ସ୍ଥାପିତ କରିବା ପାଇଁ ଅହରହ ଚେଷ୍ଟା କରନ୍ତି। ତାଙ୍କର ସେମିତି ଯୋଗ୍ୟତା ନଥାଏ ତଥାପି ମଧ୍ୟ ସେମାନେ ଉପରିସ୍ଥଙ୍କୁ ଖୋସାମତ କରି ଉପରକୁ ଟାଣିବା ପାଇଁ ଶତ ଚେଷ୍ଟା କରନ୍ତି। ଆଜିକାଲି ଏମିତି ଗୋଷ୍ଠୀ ବେଶୀ ଦେଖିବାକୁ ମିଳୁଛି। ଯେକୌଣସି ସଭାସମିତି, ଉତ୍ସବରେ ତାଙ୍କର ଗୋଷ୍ଠୀମାନେ ଆସନ ଜମାଇ ରହିଛନ୍ତି। ଗୁଣକୁ ନୁହେଁ ଗାରିମାକୁ ଏଠି ତାରିଖ କରାଯାଏ। ଯଦିଓ କୌଣସି କାରଣବଶତଃ ତାଙ୍କର ଲୋକ କିମ୍ବା ପୂର୍ବରୁ ରହି ଆସିଥିବା ଲୋକମାନେ ସେହି ଉତ୍ସବରେ କାର୍ଯ୍ୟକର୍ତ୍ତା ଭାବରେ ରହନ୍ତି ନାହିଁ, ତା'ହେଲେ ସେହି ଉତ୍ସବ ଯେତେ ଭଲ ହେଲେ ମଧ୍ୟ ଗୁଣ ବାହାରିବ। ଆଉ ସେମାନେ ସମସ୍ତେ ତାଙ୍କର ସ୍ୱାମୀ ସ୍ତ୍ରୀ, ଭାଇ, ବନ୍ଧୁ ଯଦି ଅଛନ୍ତି ମାନ ନଥିବା କାର୍ଯ୍ୟକ୍ରମ ମଧ୍ୟ ବହୁବାର ପ୍ରଶଂସା ପାଇଥାଏ।

ଏମିତି ତ ଟାଣିବା ଲୋକ ଅନେକ ପ୍ରକାର କିଏ ତରଫରୁ ଟାଣେ ଆଉ କିଏ ଉପରକୁ ଉଠିବା ପାଇଁ ଟାଣେ। ତଳରୁ ଟାଣିବା ଲୋକ ପ୍ରବଳ ଅଛନ୍ତି କିନ୍ତୁ ଉପରକୁ ଟାଣିବା ଲୋକ ଅଳ୍ପ ଅଛନ୍ତି। ସେହିପରି କଥା ଧରି ଅଭିମାନ କରିବା ଲୋକ ବେଶୀ ଅଛନ୍ତି କିନ୍ତୁ କଥା ଧରି ଜୀବନକୁ ପରିବର୍ତ୍ତନ କରିବା ଲୋକ କମ୍ ଅଛନ୍ତି। ଯଦି ଜଣେ ତଳକୁ ଟାଣୁଛି ତା'ହେଲେ ନିଜର କର୍ତ୍ତବ୍ୟକୁ ଜୋର କରି ଧରନ୍ତୁ। ଯେତେ ଚେଷ୍ଟା କଲେ ମଧ୍ୟ ଟାଣି ପାରିବ ନାହିଁ। କେତେ ଟାଣିବ। ଟାଣି ଟାଣି ହାଲିଆ ହେଇଯିବ ପଛେ ଟାଣି ପାରିବ ନାହିଁ। ଆଉ ଯିଏ ଉପରକୁ ଟାଣୁଛି ହାଲୁକା ହେଇ ଯାଆନ୍ତୁ କିନ୍ତୁ ଦେଖିବେ ଏତେ ହାଲୁକା ମଧ୍ୟ ହେବା ଉଚିତ୍ ନୁହେଁ। ଟିକିନିଖି ପରଖି ଉପରକୁ ଉଠନ୍ତୁ।

ସେହି କଥାକୁ ଧରନ୍ତୁ ଯେଉଁ କଥା ଆପଣଙ୍କର ଜୀବନକୁ ପରିବର୍ତ୍ତନ କରିବ ଆପଣଙ୍କ ପ୍ରତିଭାର ବିକାଶ ହେଇ ପାରିବ। ଆଉ ଛୋଟ ଛୋଟ କଥା ଧରି ମାନ ଅଭିମାନରେ କେତେ ଦିନ ବଞ୍ଚିବେ ? ନିଜକୁ ହାଲ୍‌କା କରନ୍ତୁ। ଅଯଥାରେ ଈର୍ଷା ଭାବ ରଖି କାହାକୁ ଟାଣନ୍ତୁ ନାହିଁ। ଆପଣ ନିଜେ ଟାଣି ହେଇ ଯିବେ। ଗଠନ ମୂଳକ ସମାଲୋଚନା କରନ୍ତୁ। ଆପଣଙ୍କ କଥା କାହା ମନରେ ବ୍ୟଥା ଯେମିତି ନଦେଉ। ସେଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦେବାକୁ ପଡିବ। ଜୀବନକୁ ସରସ, ସୁନ୍ଦର କରିବା ପାଇଁ ଟାଣିବା ବା ଧରିବା ସମୟରେ ନିଜ ବିଷୟରେ ଟିକେ ଭଲ ଭାବରେ ଚିନ୍ତା କରନ୍ତୁ।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର






ପରଜଙ୍ଗ(ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଚାନ୍ଦପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ପରଜଙ୍ଗ ବ୍ଲକ ପଞ୍ଚାୟତ ସମିତି ଆନୁକୁଲ୍ୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ଏସପି, ପିଡି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଏସଡିପିଓ କାମାକ୍ଷାନଗର, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରାଙ୍କ ସମେତ ଜିଲ୍ଲା, ସବ୍‌ଡିଭିଜନ ଓ ବ୍ଲକସ୍ତରର ସମସ୍ତ ବିଭାଗୀୟ ଅଧିକାରୀ ମାନେ ଶିବିରରେ ଉପସ୍ଥିତ ଥିଲେ । ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଜନସାଧାରଣ ଆସି ଆବାସ ଗୃହ, ଭତ୍ତା, ରାସନ ଓ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ସମୁଦାୟ ୧୧୭ ଗୋଟି ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇଥିଲା । ଶିବିରରେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିରକୁ ସହଯୋଗ କରିଥିଲେ ।

### ରାତିଅଧିଆ କାମ କରି ସରକାରୀ ଅର୍ଥ ବାଟମାରଣା

# ଅବଧି ପୂରଣ ପରେ ଶେଷ ହୋଇନି ରାସ୍ତା ନିର୍ମାଣ



ଟାଙ୍ଗି-ଚୌଦ୍ୱାର(ଭାସ୍କର ନ୍ୟୁଜ): ସରକାରୀକା ମାଲ ଦରିଆମେ ଡାଲ ନୀତିରେ ଚାଲିଛି ଚୌଦ୍ୱାର ପୌରପାଳିକା। ଗୋଟିଏ ପଟେ ପୌରପାଳିକାର ବହୁ ଅଧିକାରୀ ଓ କର୍ମଚାରୀ ବର୍ଷ ବର୍ଷ ଧରି ନିର୍ଦ୍ଦିଷ୍ଟ ପଦବୀରେ ରହି ସମସ୍ତ ଦୁର୍ନୀତି ଚଳାଇଥିବା ବେଳେ ବିଭିନ୍ନ ଲୋକାଭିମୁଖୀ କାମକୁ ବି ବାଟମାରଣା କରାଯାଉଛି। ତେବେ କେବଳ ଚୌଦ୍ୱାର ପୌରପାଳିକା କାହିଁକି ଚୌଦ୍ୱାର ଅଞ୍ଚଳର ସମସ୍ତ ବିଭାଗରେ କିଛି ନା କିଛି ଦୁର୍ନୀତି ଚାଲିଛି। ଚୌଦ୍ୱାରରେ ଚାଲିଥିବା ଦୁର୍ନୀତିର ଗୋଟିଏ ପରେ ଗୋଟିଏ ଗୁମର ଖୋଲୁଥିଲେ ମଧ୍ୟ ଏଠାରେ ଦୁର୍ନୀତିର ମୂଳୋତ୍ପାଟନ ହୋଇ ପାରୁନାହିଁ। ଏପରିକି ଯେଉଁଠି ଦେଖିବ ଦୁର୍ନୀତି ଆଉ ବାଟମାରଣା। ପୂର୍ବରୁ ତତ୍‌କାଳୀନ ରାଜ୍ୟ ସରକାରଙ୍କ ୫ଟି ଛାଟକୁ ଡରି କିଛି କାମ ହେଉଥିବା ବେଳେ ଏବେ ସର୍ବସ୍ୱ ଗିଳିଦେବାକୁ ବସିଛନ୍ତି ବିଭାଗୀୟ ଅଧିକାରୀ ଆଉ ଠିକା ସଂସ୍ଥା କର୍ତ୍ତୃପକ୍ଷ। ପରସ୍ପର ମଧ୍ୟରେ ଅସାଧୁ ମେଣ୍ଟ କରି ସରକାରୀ ଅର୍ଥକୁ ବାଟମାରଣା କରୁଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଚୌଦ୍ୱାର ପୌରାଞ୍ଚଳର ୧୨ନମ୍ବର ୱାର୍ଡ ଦେଇ ଯାଇଥିବା ରାସ୍ତା ନିର୍ମାଣରେ ମଧ୍ୟ ଠିକା ସଂସ୍ଥା ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ଅଭିଯୋଗ ହେଉଛି। ଯାହାଦ୍ୱାରା କି ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ଅନ୍ଧାର ରାତିରେ କାମ କରିବା ଅର୍ଥ ନିମ୍ନମାନର କାମ କରିବା ଉଦ୍ଦେଶ୍ୟ ବୋଲି ଅଞ୍ଚଳବାସୀ ଅଭିଯୋଗ ଉଠାଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାନୀୟ ବୁଢ଼ାଲିଙ୍ଗ କେଦାରେଶ୍ୱର ଠାରୁ ଓଟିଏମ୍ କଲୋନୀ ଏବଂ କୁଜିବର ଭାୟା ଯାଜଭୈରବ ନୂଆଗାଁ ପର୍ଯ୍ୟନ୍ତ ୫କିଲୋମିଟର ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏପରିକି ୨୨ ନଭେମ୍ବର ୨୦୨୩ରେ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିବା ବେଳେ ୨୧ ମଇ ୨୦୨୪ ତାରିଖ ମଧ୍ୟରେ ରାସ୍ତା କାମ ଶେଷ କରିବା ପାଇଁ ଅବଧି ଦିଆଯାଇଥିଲା। ମାତ୍ର ଆଜିପର୍ଯ୍ୟନ୍ତ ରାସ୍ତାକାମ ନ ସରିବା ବିଭାଗୀୟ ଉଦାସୀନତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେବେ ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ଜାଣିବା ପରେ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ରାତିଅଧିଆ କାମ କରିବା ଅଞ୍ଚଳବାସୀଙ୍କ ସନ୍ଦେହକୁ ଅଧିକ ଘନିଭୂତ କରିଛି। ୩କୋଟି ୭୪ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତାକୁ ନିମ୍ନମାନର କାମ କରି ସରକାରୀ ଅର୍ଥ ବାଟମାରଣା କରାଯିବାର ଏକ ମସୁଧା ଚାଲିଛି ବୋଲି ଏବେ ଚର୍ଚ୍ଚା ଜୋର ଧରିଛି। ଏହି ରାସ୍ତା ନିର୍ମାଣ ପାଇଁ ଦେବାଶିଷ ନାୟକ ନାମକ ଠିକାଦାରକୁ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ରାସ୍ତା ନିର୍ମାଣକୁ ଉଚ୍ଚସ୍ତରୀୟ ଯାଞ୍ଚ କରାଗଲେ କେତେ ସରକାରୀ ଅର୍ଥ ବାଟମାରଣା ହୋଇଛି ତାହା ସ୍ପଷ୍ଟ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ତେବେ ଏ ନେଇ ବିଧାୟକଙ୍କ ଦୃଷ୍ଟି ଗୋଚର କରାଯାଇଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବ ବୋଲି କଥା ରଖି ଥିବାବେଳେ ବିଭାଗୀୟ ଜେଇ କିମ୍ବା ଏସଡିଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ କୌଣସି ଉତ୍ତର ଦେଇନଥିଲେ ।

## ନିମାପଡ଼ା ନୟା ସବେରା ୟୁଥ୍ ଟ୍ରଷ୍ଟ କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଅଗ୍ରଣୀ ଅନୁଷ୍ଠାନ ନୟା ସବେରା ନିମାପଡ଼ା ୟୁଥ୍ ଟ୍ରଷ୍ଟର ୫ମ ବାର୍ଷିକ ଉତ୍ସବ ଓ ସ୍ୱେଚ୍ଛାସେବୀ ସମ୍ମାନ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ରବିବାର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗ ଦେଉଥିବା ବେଳେ ଅଶୋକ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଛନ୍ତି । ସମ୍ମାନୀୟ ଅତିଥି ଭାବେ ସନ୍ନ୍ୟାସୀ ବେହେରା, ଡ଼ଃ ପ୍ରଫୁଲ୍ଲ କୁମାର ମହାନ୍ତି, ମାନସ ଦାସ, ମଞ୍ଚ ସଭାପତି ପ୍ରତାପ ଚନ୍ଦ୍ର ସାବ୍ରତ, ନୟା ସବେରା ୟୁଥ୍ ଟ୍ରଷ୍ଟର ସଭାପତି ବିଶ୍ୱରଂଜନ ତ୍ରିପାଠୀ, ସଂପାଦକ ନିର୍ମଳ ପରିଜା, ଉପଦେଷ୍ଟା ଜୀବନଜ୍ୟୋତି ଶତପଥୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଥିଲା । କଳାକାରଙ୍କୁ ସମ୍ମାନୀତ କରାଯାଇଥିବା ବେଳେ ୯୦ ଜଣଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ସଂସ୍ଥା ପକ୍ଷରୁ ଜଣାପଡ଼ିଛି ।

## ଜେଲରେ ସହକାରୀ ଜେଲର୍‌ଙ୍କୁ ମାଡ ଘଟଣାର ତଦନ୍ତ ସରିବ କେବେ ?

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଏକ ଜେଲ ଭିତରେ ସହକାରୀ ଜେଲରଙ୍କୁ ଆକ୍ରମଣ ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିବା ବେଳେ ଜଣେ କଏଦୀ ନିମାପଡ଼ାର ହୋଇଥିବା ବେଳେ ହତ୍ୟାକାଣ୍ଡ ମାମଲାରେ ଜେଲରେ ରହିଅଛି । ଆସାମୀ ଜଣକ ଗୁରୁତ୍ୱପୂର୍ଣ୍ଣ ଡ଼କୁମେଣ୍ଟ ମୋବାଇଲରେ ପରିବାର ଲୋକଙ୍କୁ ପଠାଇବା ସହ ଡ଼କୁମେଣ୍ଟସ୍ ଦେଖି କଏଦୀର ମୁଣ୍ଡ ଟିଣ ହୋଇଯିବାରୁ ସହକାରୀ ଜେଲଙ୍କୁ ମାରଣାନ୍ତକ ଆକ୍ରମଣ କରିଛି । ଏ ସଂପର୍କରେ ଅଭିଯୋଗ ହୋଇଥିଲେ ମଧ୍ୟ ଜେଲ ଅଧୀକ୍ଷକ ସଂଜୟ ବର୍ମା ସିସିଟିଭି ଆଧାରରେ କ'ଣ ପାଇଁ ତଦନ୍ତ କରୁନାହାନ୍ତି ତାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିଥିବା ବେଳେ ଯେଉଁଠି ସହକାରୀ ଜେଲରଙ୍କୁ ଆକ୍ରମଣ ହେଉଛି ସାଧାରଣ ୱାର୍ଡରଙ୍କୁ କାହିଁକି ଆକ୍ରମଣ ନ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ରାମଚଣ୍ଡୀ ଥାନା ନିକଟରେ ପୁରୀ ମୁଖ୍ୟ ଜେଲ ରହିଥିବା ବେଳେ ଏହି ଜେଲ ଭିତରେ ଏକ ଅଭାବନୀୟ ଘଟଣା ଘଟିଛି । ନିମାପଡ଼ାର ଜଣେ କଏଦୀ ହତ୍ୟାକାଣ୍ଡ ମାମଲାରେ ଜେଲରେ ଥିବା ବେଳେ ସହକାରୀ ଜେଲରଙ୍କୁ ମାରଣାନ୍ତକ ଆକ୍ରମଣ କରିଛି । ସହକାରୀ ଜେଲର ଆହତ ହୋଇଛନ୍ତି । ଘଟଣାଟି ଜେଲ ଭିତରେ ହଇଚଇ ସୃଷ୍ଟି କରିଛି । ଏହି ଘଟଣା ପ୍ରଚାରିତ ହେବା ପରେ ବିଭାଗୀୟ ଅଧିକାରୀ ତନାଘନା ଆରମ୍ଭ କରିଛନ୍ତି ବୋଲି କୁହାଯାଉଛି । ମାତ୍ର ଆଜିପର୍ଯ୍ୟନ୍ତ ସେପରି କିଛି ତଦନ୍ତ କରାଯାଇ ନଥିବା ଜଣାପଡ଼ିଛି । କଏଦୀ ଜଣକ କାହିଁକି ସହକାରୀ ଜେଲରଙ୍କୁ ଆକ୍ରମଣ କଲା ତାହାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି । ନିମାପଡ଼ାର ହତ୍ୟାକାଣ୍ଡରେ ଜଡ଼ିତ ବନ୍ଦୀ ଭାବେ କଏଦୀ ଜଣକ ରହିଥିବା ବେଳେ ଜେଲର ଅଫିସ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିଲା । ଗତ ରବିବାର ଅଫିସ କାର୍ଯ୍ୟରେ ସହକାରୀ ଜେଲର ନିଜ ମୋବାଇଲ ଆଟେଣ୍ଡାଣ୍ଟ କଏଦୀଙ୍କୁ ଦେଇ କିଛି ଡ଼କୁମେଣ୍ଟ ପ୍ରିଣ୍ଟ୍ କରିବାକୁ କହିଥିଲେ । କଏଦୀ ଜଣକ ନିଜ ପରିବାରକୁ ମୋବାଇଲ ମାଧ୍ୟମରେ ଡ଼କୁମେଣ୍ଟ ପଠାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ଏପରି ଡ଼କୁମେଣ୍ଟ ଦେଖି କଏଦୀର ମୁଣ୍ଡ ଟିଣ ହୋଇଯାଇଥିଲା । ସହକାରୀ ଜେଲରଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ମାଡ଼ ମାରିଥିଲା । ଜେଲ ଅଧୀକ୍ଷକ ସଂଜୟ ବର୍ମା ବିଭିନ୍ନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ସହକାରୀ ଜେଲର ସାରଦା ରାଉତଙ୍କୁ କଏଦୀ ଜଣକ ମାଡ଼ ମାରିଥିବା ଖବର ସଂପର୍କରେ ତଦନ୍ତ ହେଉଛି । ତଦନ୍ତ ସରିଲେ ଏହାର ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି କହିଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି କେତେଦିନ ତଦନ୍ତ ଚାଲିବ । ଏହି ଜେଲର ସୁରକ୍ଷାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଥିବା ବେଳେ କଏଦୀକୁ ଘଂଟ ଘୋଡ଼ା ଯାଉନି ତ' ବୋଲି ସଚେତନ ନାଗରିକମାନେ ପ୍ରଶ୍ନ କରିଛନ୍ତି ।

## କାଶିଆ ମାଇନ୍ସର ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ପାଳିତ





କେନ୍ଦୁଝର(ଭାସ୍କର ନ୍ୟୁଜ): ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ ନେତୃତ୍ୱରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର କାଶିଆ ଆଇରନ ଓ ଡୋଲାମାଇଟ୍ ମାଇନ୍ସ ପକ୍ଷରୁ ୨୬ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ (ଏମଇଏମଏସ) ସପ୍ତାହ-୨୦୨୪-୨୦୨୫ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜେଏସଡବ୍ଲୁ ଷ୍ଟିଲର ଡିଜିଏମ ବୋରା ବିଦ୍ୟାସାଗର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଏମସିର ସିନିୟର ମ୍ୟାନେଜର (ଜିଓଲୋଜିଷ୍ଟ) ରାଧେଶ୍ୟାମ ସାହୁ ଓ ଶିବା ସିମେଣ୍ଟର ଡେପୁଟି ମ୍ୟାନେଜର(ମାଇନ୍ସ) ଚିତ୍ତରଞ୍ଜନ ମହାପାତ୍ର ଯୋଗଦେଇଥିଲେ। କାଶିଆ ମାଇନ୍ସର ୟୁନିଟ ମୁଖ୍ୟ ପ୍ରମୋଦ କୁମାର ପାତ୍ର, ଏଚଆର ଆଣ୍ଡ ଇଏସ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି ଓ କାଶିଆ ମାଇନ୍ସ ମ୍ୟାନେଜର ରଞ୍ଜିତ ଚୌଧୁରୀ ପ୍ରମୁଖଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କାଶିଆ ମାଇନ୍ସ ଓ ସିଏସଆର ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହାକୁ ଅତିଥିମାନେ ବହୁତ ପ୍ରଶଂସା କରିଥିଲେ। ସ୍ଲୋଗାନ ଲିଖନ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ସହଭାଗୀ ଏବଂ କର୍ମଚାରୀ ସାମିଲ ହୋଇଥିଲେ।

## ପ୍ରଶାସନିକ ଅବହେଳାରୁ କୁଣ୍ଡେଇ ହାଟ ନିଲାମ ସ୍ଥଗିତ ଅଭିଯୋଗ

କାକଟପୁର(ଭାସ୍କର ନ୍ୟୁଜ): ପଞ୍ଚାୟତରେ ଥିବା ପଞ୍ଚାୟତ ଆୟର ଉତ୍ସଗୁଡ଼ିକୁ ସର୍ବସାଧାରଣରେ ନିଲାମ କରାଇବାର ଦାୟିତ୍ୱକୁ ଠିକ୍ ଭାବେ ନିର୍ବାହ କରିବାରେ ବିଫଳ ହୋଇଛି କାକଟପୁର ବ୍ଲକ ପଞ୍ଚାୟତିରାଜ ବିଭାଗ ବୋଲି ଅଭିଯୋଗ ଆଣିଛନ୍ତି କୁଣ୍ଡେଇ ଗ୍ରାମପଞ୍ଚାୟତ ଅଧିବାସୀ। ଅଭିଯୋଗ ମୁତାବକ କାକଟପୁର ବ୍ଲକ ଅନ୍ତର୍ଗତ ୧୬ ଗୋଟି ପଞ୍ଚାୟତରେ ଥିବା ସାପ୍ତାହିକ ହାଟ ମଧ୍ୟରେ କୁଣ୍ଡେଇ ହାଟ ସର୍ବପୁରାତନ ଓ ଅଞ୍ଚଳର ବଡ଼ ହାଟ ଅଟେ।ଏହାର ନିଲାମ ଅର୍ଥ ସହିତ ସରକାରୀ ଅନୁଦାନ ରାଶି ମିଶି ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଥାଏ। କିନ୍ତୁ ବିଗତ ଦୁଇ ବର୍ଷ ହେବ ବ୍ଲକ ପ୍ରଶାସନିକ ଅପାରଗତା ହେତୁ ହାଟ ନିଲାମ ହୋଇପାରୁ ନାହିଁ। ପୂର୍ବ ଥରର ନିଲାମ ଧାରି ନିଲାମ ଅର୍ଥ ପୈଠ କରି ନଥିବା ବେଳେ ଚଳିତବର୍ଷ ହାଟକୁ ନିଲାମ କରାଯାଇନାହିଁ। ଯଦିଓ ପଞ୍ଚାୟତ ପକ୍ଷରୁ ଲୋକ ରଖି ପ୍ରତି ହାଟ ପାଳିରେ ହାଟ ମହାସୁଲ ଆଦାୟ କରୁଛି, କିନ୍ତୁ ସମସ୍ତ ଆଦାୟ ରାଶି ଜମା କରା ନ ଯାଇ ତାହାର ସିଂହ ଭାଗ ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ଯାହାଫଳରେ ପଞ୍ଚାୟତ ଆର୍ଥିକ କ୍ଷତି ସହୁଛି। ପଞ୍ଚାୟତକୁ ମିଳୁଥିବା ଅନୁଦାନ ରାଶିରେ ହାଟରେ ଉନ୍ନତି କରଣ କରାଯାଇ ବ୍ୟବସାୟୀଙ୍କ ପାଇଁ ପିଣ୍ଡି ନିର୍ମାଣ କରାଯାଇଥିଲେ ମଧ୍ୟ ହାଟକୁ ଆସୁଥିବା ଗ୍ରାହକ ମାନଙ୍କ ପାଇଁ ପରିସ୍ରା ଓ ଶୌଚ ପାଇଁ କିଛି ବ୍ୟବସ୍ଥା ନଥିବାରୁ ହାଟ ସମୟରେ ହାଟ ପରିବେଶ ଅସ୍ୱାସ୍ଥ୍ୟକର ରହୁଛି। ହାଟ ତାର ପୂର୍ବ ଗାରିମା ହରାଇ ସଂକୁଚିତ ହୋଇ କେବଳ ପରିବା ହାଟରେ ସୀମିତ ରହିବା ଭଳି ସ୍ଥିତିରେ ପହଞ୍ଚିଲାଣି। କାରଣ ହାଟର ପରିସୀମାରେ ଥିବା ସରକାରୀ ଜମି ଗୁଡ଼ିକୁ ବାଉଁଶ ବ୍ୟବସାୟୀ ଓ ଜମି ମାଫିଆମାନେ ମାଡି ବସିଥିଲେ ମଧ୍ୟ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନ ନିରବଦ୍ରଷ୍ଟା ସାଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି। ଅନ୍ୟପକ୍ଷରେ ବ୍ଲକ ପଞ୍ଚାୟତ ଅଧିକାରୀଙ୍କୁ ଏ ସମ୍ପର୍କରେ ପ୍ରତିକ୍ରିୟା ମାଗିଲେ ମହାଶୟ କୁହନ୍ତି କି ସାଧାରଣ ନିର୍ବାଚନ ପାଇଁ ହାଟ ନିଲାମ କରାଯାଇନାହିଁ। ଆଗାମୀ ମାର୍ଚ୍ଚ ମାସରେ ଆମେ ନିଲାମ କରାଇବୁ। ଏଠାରେ ପ୍ରଶ୍ନ ଉଠୁଛି କି ସମୟାନ୍ତରେ ଯେଉଁ ସରକାରୀ କାର୍ଯ୍ୟ କରାଯାଉଥାଏ, କ'ଣ ସାଧାରଣ ନିର୍ବାଚନରେ ସେସବୁକୁ ବନ୍ଦ କରି କେବଳ ନିର୍ବାଚନ କାର୍ଯ୍ୟ କରିବାକୁ ସରକାରୀ ନିର୍ଦ୍ଦେଶନାମା ରହିଛି ନାଁ ଅଧିକାରୀ ନିଜ ଉପରୁ ଦୋଷ ଛଡ଼ାଇବାକୁ ଏଭଳି କହିଲେ ? ହାଟରେ ପୂର୍ବ ସ୍ଥିତି ଫେରାଇ ଆଣିବା ସହିତ ସ୍ୱଚ୍ଛତା ଉପରେ ଦୃଷ୍ଟି ଦେଇ ନିୟମିତ ବ୍ୟବଧାନରେ ନିଲାମ କରାଇବାକୁ କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ, ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି।

## ମୋବାଇଲ ନେଟୱାର୍କ ସେବାରେ ବିଭ୍ରାଟ, ଟାୱାରରୁ କଳଙ୍କି କ୍ଲାମ୍ପ ଗଳି ଭାଙ୍ଗିଲା ବାଇକ୍



ପାରାଦୀପ(ଭାସ୍କର ନ୍ୟୁଜ): ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ଦୀର୍ଘଦିନ ଧରି ମୋବାଇଲ ସେବାରେ ବିଭ୍ରାଟ ଲାଗି ରହିଛି । ବିଏସଏନଏଲ ଓ ଜିଓ ମୋବାଇଲ ସେବା ପ୍ରଦାନକାରୀ ସଂସ୍ଥାରେ ଆଚଳାବସ୍ଥା ଲାଗି ରହିଥିବା ଯୋଗୁଁ ସାଧାରଣରେ କଥାବାର୍ତ୍ତା କରିବା ଏକ ରକମର ଠପ୍ ହୋଇଯାଇଥିବା ବେଳେ ନେଟୱାର୍କ ଚାଲୁ ନଥିବାରୁ ଯୋଗାଯୋଗରେ ବ୍ୟାଘାତ ସୃଷ୍ଟି ହେଉଛି । ଗ୍ରାହକଙ୍କ ଠାରୁ ଅଗ୍ରିମ ପ୍ରାପ୍ୟ ନେଇ ଠିକ ସେବା ନଯୋଗାଇ କମ୍ପାନୀ ଶୋଷଣ ଓ ଲୁଟ କରୁଥିବା ଅଭିଯୋଗ ହୋଇଛି । ପାରାଦୀପରେ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଟାୱାର ଜରାଜୀର୍ଣ୍ଣ ଅବସ୍ଥାରେ ରହି ସାଧାରଣରେ ବିପଦ ଆଶଙ୍କା ସୃଷ୍ଟି କଲାଣି । ମଧୁବନରେ ଥିବା ଏଆରଟେଲ ଟାୱାରରେ କଳଙ୍କି ଲାଗି ଏହାର କ୍ଲାମ୍ପ ଓ ଆଙ୍ଗେଲ ଗଳିବା ଆରମ୍ଭ କଲାଣି । ଏହିପରି ଏଆରଟେଲ ଟାୱାର ଛକ ପାଖରେ ପାର୍କିଂ କରିଥିବା କିଛି ମଟର ସାଇକେଲ ଉପରେ ଏହି କଳଙ୍କି କ୍ଲାମ୍ପ ପଡ଼ି ଗାଡି ଭାଙ୍ଗିଥିବା ଖବର ମିଳିଛି । ତେବେ ଗ୍ରାହକଙ୍କୁ ଲୁଟୁଥିବା ଏବଂ ଟାୱାରଗୁଡ଼ିକର ରକ୍ଷଣାବେକ୍ଷଣ ନକରି ସାଧାରଣରେ ବିପଦ ସୃଷ୍ଟି କରୁଥିବା ଏହି କମ୍ପାନୀଙ୍କ ବିରୁଦ୍ଧରେ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

### ନିଆଳି ସିଡିପିଓଙ୍କୁ ମାନୁନାହାନ୍ତି ଅଙ୍ଗନୱାଡ଼ି ଦିଦି

## କେଉଁଠି ସେଣ୍ଟର ବନ୍ଦ ତ କେଉଁଠି ଖାଦ୍ୟ ଦିଆଯାଉନି, ପ୍ରମାଣ ଥାଇ କାର୍ଯ୍ୟାନୁଷ୍ଠାନ ଶୂନ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ୍‌ରେ ୨୩୦ ଅଙ୍ଗନୱାଡ଼ି କେନ୍ଦ୍ର ଥିବା ବେଳେ ପାଖାପାଖି ହଜାରରୁ ଉର୍ଦ୍ଧ୍ୱ ଶିଶୁ ନାମ ଲେଖାଇଛନ୍ତି । କିନ୍ତୁ ଏହି ଶିଶୁମାନଙ୍କୁ ଗଢି ତୋଳିବାରେ ଅଙ୍ଗନୱାଡ଼ିର ମୁଖ୍ୟ ଭୂମିକା ଥିବା ବେଳେ ଏପରିକି ପୃଷ୍ଟିସାର ଅଭାବ ଯେଭଳି ଶିଶୁମାନଙ୍କୁ ନହେବ ସେସବୁ ଦାୟିତ୍ୱ ଅଙ୍ଗନୱାଡ଼ିରେ ଥାଏ। ଛତୁଆ, ବୁଟ, ଅଣ୍ଡା, ରାଶି ଲଡୁ, ଫଳ, ବାଦାମ ଲଡୁ, ମୁଢି ସହିତ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥାଏ। ଏହି ସବୁ କାର୍ଯ୍ୟ କରିବା ଅଙ୍ଗନୱାଡ଼ିରେ ଥିବାବେଳେ ନିଆଳିରେ ଏହା ବିପରୀତ ଦେଖିବାକୁ ମିଳିଛି। ଏଠାରେ ଥିବା ସିଡିପିଓ ସଞ୍ଜୁକ୍ତା ଘଡେଇ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳରେ କାର୍ଯ୍ୟ କରୁଥିବାରୁ ସେହି ଦଳର ଅଙ୍ଗନୱାଡ଼ି କର୍ମୀଙ୍କୁ ଚାରିଖୁରାକୁ ମାଫ। ଏଭଳି ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି କପାସି ପଞ୍ଚାୟତର ପୋଦନା ଗ୍ରାମର ପାଟସାହି ଅଙ୍ଗନୱାଡ଼ି କର୍ମୀ କାବେରୀ ମଲ୍ଲିକ ସପ୍ତାହକୁ ତିନିଦିନ ସେଣ୍ଟର ଆସୁନାହାନ୍ତି। ଯାହାର ଭିଡିଓ ଭାଇରାଲ୍ ହେଉଥିବା ମଧ୍ୟ ସିଡିପିଓ ଜାଣିକି ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ବାହାରଣା ପଞ୍ଚାୟତର ରୁକୁଣିଆ ସାହି ଅଙ୍ଗନୱାଡ଼ି ଦିଦି ନିଜ ଏରିଆରେ ସେଣ୍ଟର ନଚଳାଇ ଅନ୍ୟ ଏରିଆରେ ଚଳାଉଥିବାରୁ ଶିଶୁମାନେ ସେଠାକୁ ଯାଉନାହାନ୍ତି। ଯାହାର ଫାଇଦା ସମ୍ପୃକ୍ତ ଅଙ୍ଗନୱାଡ଼ି ଦିଦି ନେଉଛନ୍ତି। ସିଡିପିଓଙ୍କ କାର୍ଯ୍ୟାଳୟ ବିଭିନ୍ନ ସମୟରେ ବିବାଦରେ ରହିଛି। କେତେବେଳେ ଦଳୀୟ ନେତାଙ୍କ ବ୍ୟତୀତ ଆଉ କେତେବେଳେ ନିଜ ୱାର୍କରଙ୍କଠାରୁ ଚାନ୍ଦା ଆଦାୟ କରୁଛନ୍ତି। ସେହିଭଳି ବିବାଦ ଉଠାଉଥିବା ସିଡିପିଓ ଅନେକ ସେଣ୍ଟର୍‌ରେ ନଯାଇ ସୁପରଭାଇଜରଙ୍କ ଦ୍ୱାରା ବାରମ୍ବାର ଚଢାଉ କରୁଛନ୍ତି। ଏହା ପୁଣି ଦଳୀୟ ନେତାଙ୍କ ନିର୍ଦ୍ଦେଶ ବୋଲି ଅଭିଯୋଗ ହେଉଛି।

## ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଟିପିଏସ୍‌ଓଡିଏଲ୍‌ର ବ୍ୟାପକ ପ୍ରୟାସ



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ବିଦ୍ୟୁତ ତାର ବିଛାଇବା ଯୋଗୁଁ ହେଉଥିବା ବନ୍ୟଜନ୍ତୁ ଶିକାରକୁ ରୋକିବା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ପକ୍ଷରୁ ଦୃଢ଼ ପଦେକ୍ଷପ ନିଆଯାଇଛି। ଟିପିଏସ୍‌ଓଡିଏଲ୍ ପରିସରଭୁକ୍ତ ୮ଟି ଜିଲ୍ଲାରେ ଏହି ପଦେକ୍ଷପ ଆରମ୍ଭ ହୋଇଛି। ବିଦ୍ୟୁତଜନିତ ଆଘାତରୁ ବନ୍ୟପ୍ରାଣୀଙ୍କୁ ରକ୍ଷା କରିବା ଏବଂ ଜୈବ ବିବିଧତାକୁ ସୁରକ୍ଷା ପ୍ରଦାନ କରିବା ହେଉଛି କମ୍ପାନୀର ଉଦ୍ଦେଶ୍ୟ। ବନ ବିଭାଗ ଏବଂ ସ୍ଥାନୀୟ ଆଇନ ପ୍ରବର୍ତ୍ତନ ଏଜେନ୍ସିଙ୍କ ମିଳିତ ସହଯୋଗରେ ଟିପିଏସ୍‌ଓଡିଏଲ୍ ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ଚିହ୍ନଟ କରିବା ସହ ସର୍ଭିଲାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିଛି। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏବଂ ବିପଦପୂର୍ଣ୍ଣ ଅଞ୍ଚଳରେ ନଜର ରଖିବା ସହ ପଶୁ ଶିକାର ପାଇଁ ବିଦ୍ୟୁତ ତାର ବିଛାଇବାକୁ ରୋକିବା ଉଦ୍ଦେଶ୍ୟରେ ଏହି ପଦେକ୍ଷପ ନିଆଯାଇଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଜଙ୍ଗଲ ଏବଂ ବନ୍ୟପ୍ରାଣୀ ଆମର ଅମୂଲ୍ୟ ସମ୍ପଦ। ଏମାନଙ୍କ ସୁରକ୍ଷା ଆମର ଦାୟିତ୍ୱ। ବନ୍ୟପ୍ରାଣୀ ଶିକାର ପାଇଁ ବିଦ୍ୟୁତ ତାରର ଅବୈଧ ବ୍ୟବହାର କରିବା ଦ୍ୱାରା ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି ହୋଇଛି। ଦୃଢ଼ ପଦେକ୍ଷପ ଏବଂ ଗୋଷ୍ଠୀ ଭାଗିଦାରୀ ମାଧ୍ୟମରେ ସମସ୍ୟା ସମାଧାନ ପାଇଁ ଟିପିଏସ୍‌ଓଡିଏଲ୍ ପ୍ରତିଶ୍ରୁତିବଦ୍ଧ।

## ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର ଦାବିରେ ଧାରଣା ସହ ରାସ୍ତା ଅବରୋଧ



ଗରଦପୁର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ୍‌ର ସର୍ବପୁରାତନ ଉଚ୍ଚ ବିଦ୍ୟାଳୟ, କୋରୁଆ ସରକାରୀ ଉଚ୍ଚ ବିଦ୍ୟାଳ ରେ ଦେଖାଦେଇଛି ଛାତ୍ର ଅଶାନ୍ତି । ଜଣେ ଶିକ୍ଷକଙ୍କ ବଦଳି ପ୍ରତିବାଦରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ରାସ୍ତାରେ ଟାୟାର ଜାଳି କୋରୁଆ-ନେମାଳ ରାସ୍ତା ଅବରୋଧ କରିବା ସହିତ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣରେ ବସିରହିଛନ୍ତି। ଘଟଣାସ୍ଥଳକୁ ସ୍ଥାନୀୟ ତହସିଲଦାର ଏବଂ ଏବିଇଓ ଆସି ଯେତେ ବୁଝାସୁଝା କରିଥିଲେ ମଧ୍ୟ ତାହା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନଥିବା ଦେଖାଯାଇଥିଲା। ଛାତ୍ରଛାତ୍ରୀ ପ୍ରିୟ ଶିକ୍ଷକ ବାଦଲ ସାରଙ୍କୁ ଫେରାଇ ଆଣିବା ଦାବିରେ ଅଟଳ ରହିଥିଲେ। ଯେପର୍ଯ୍ୟନ୍ତ ସାରଙ୍କୁ ଫେରାଇ ଅଣା ନଯାଇଛି ସେପର୍ଯନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଛାତ୍ରଛାତ୍ରୀ, ପୁରାତନ ଛାତ୍ର ସଂଘ ଓ ଅଭିଭାବକମାନେ ଘୋଷଣା କରିଥିଲେ। ଘଟଣାସ୍ଥଳରେ କୌଣସି ଅଘଟଣକୁ ଦୃଷ୍ଟିରେ ରଖି କୁଦାନଗରୀ ଥାନା ପକ୍ଷରୁ ପୋଲିସ୍ ମୁତୟନ କରାଯାଇଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିଥିଲା।

## ତିହିଡ଼ି ଯୁବମଞ୍ଚକୁ ଶ୍ରେଷ୍ଠ ସେବା ସଂଗଠନ ସମ୍ମାନ



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକର ଅଗ୍ରଣୀ ସେବା ସଂଗଠନ ତିହିଡ଼ି ଯୁବମଞ୍ଚକୁ ଶ୍ରେଷ୍ଠ ସେବା ସଂଗଠନ ଭାବେ ସମ୍ମାନିତ କରାଯାଇଛି। ଭଣ୍ଡାରିପୋଖରୀ ଠାରେ ସାମାଜିକ ସଂଗଠନ ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବରେ ସମ୍ମାନ ପ୍ରଦାନ କରାଯାଇଛି। ଚିତ୍ରଶିଳ୍ପୀ ତଥା କଳାକାର ନିତ୍ୟାନନ୍ଦ ରାଉତଙ୍କ ପୌରୋହିତ୍ୟରେ ବିଶିଷ୍ଟ ଅଭିନେତା ଅଶ୍ରୁମୋଚନ ମହାନ୍ତି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମାଜସେବୀ ବଦ୍ରୀନାରାୟଣ ଧଳ, ଟ୍ରଷ୍ଟ ସଭାପତି ଅଜିତ୍ ପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ତିହିଡ଼ି ଯୁବମଞ୍ଚକୁ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରିଥିଲେ। ସଭାପତି କୈଳାସ ବେହେରା, ସମ୍ପାଦକ ନିରଂଜନ ବାରିକ, ସଂଯୋଜକ ଆଇନଜୀବୀ ନୀଳମାଧବ ସେନାପତି, ସୌମ୍ୟ ଗୋପାଳ ନାୟକ, ସୟଦ ରଫିକ୍, ସୁବ୍ରତ ମିଶ୍ର ପ୍ରମୁଖ ସମ୍ମାନ ଗ୍ରହଣ କରିଥିଲେ। ତିହିଡ଼ି ଯୁବମଞ୍ଚ ବିଭିନ୍ନ ସାମାଜିକ କାର୍ଯ୍ୟ କରୁଥିବା ବେଳେ ବଜ୍ରପାତରୁ ଧନଜୀବନ ରକ୍ଷା ପାଇଁ ଚଳିତ ବର୍ଷ ୨ଶହ ତାଳଗୋଟମା ରୋପଣ କରି ସାରା ଓଡ଼ିଶାରେ ଚର୍ଚ୍ଚାର ପରସରକୁ ଆସିଛନ୍ତି।

## ୧୯୮୭ ବ୍ୟାଚ୍‌ର ବନ୍ଧୁମିଳନ ଓ ଗୁରୁ ପୂଜନ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ପଞ୍ଚାୟତ ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୯୮୭ ବ୍ୟାଚ୍‌ର ବନ୍ଧୁମିଳନ ଓ ଗୁରୁ ପୂଜନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସହପାଠୀ ମଞ୍ଜୁଲତା ଦାଶ ଓ ବୃନ୍ଦାବନ ମଲ୍ଲିକଙ୍କ ଦେହାନ୍ତରେ ଶୋକ ପାଳନ କରଯାଇଥିଲା । ରାଜ ନାରାୟଣ ତ୍ରିପାଠୀ, ସରିତା ଦାଶ, ପୁଷ୍ପାଞ୍ଜଳି ମଲ୍ଲିକ, ପୁଷ୍ପଶ୍ରୀ ପଣ୍ଡା, ସାଧନା ଦାଶ, ସ୍ୱପ୍ନାରାଣୀ ଦାଶ, ସଦାନନ୍ଦ ମଳିକ, ବିବେକାନନ୍ଦ ତରାଇ, ଦେବୀ ପ୍ରସାଦ ଦାଶ, ପ୍ରଶାନ୍ତ ଦାଶ ପ୍ରମୁଖ ଯୋଗଦେଇ ପରସ୍ପର ମଧ୍ୟରେ ଭଲମନ୍ଦ, ପାରିବାରିକ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପୁରାତନ ଶିକ୍ଷକ ମହେଶ୍ୱର ପାତ୍ର, ପଦ୍ମଭାଭ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଗ୍ରାମ ଇତିହାସ ଓ ମୁଖବନ୍ଧ ବଣ୍ଟନ କରାଯାଇଥିଲା । ଗାଁ ମନ୍ଦିର ଦର୍ଶନ କରିବା ସହ ପୋଖରୀ ବୁଲି ଦେଖିଥିଲେ ଓ ସୁନେଇ ରୁପେଇ ପାହାଡ ଚଢିଥିଲେ । ପାହାଡ ଶିଖର ଦେଶରେ ଏକ ହନୁମାନ ମୂର୍ତ୍ତି ସ୍ଥାପନ କରାଯିବାକୁ ଯୋଜନା କରାଯାଇଥିଲା ।

## ଗୋପ ବ୍ଲକ୍ କଳା ସଂସ୍କୃତି ସଂଘର ନୂତନ କର୍ମକର୍ତ୍ତା



ଗୋପ(ଭାସ୍କର ନ୍ୟୁଜ): ଗୋପ ବ୍ଲକ କଳା ସଂସ୍କୃତି ସଂଘର କର୍ମକର୍ତ୍ତା ଚୟନ ସୋମବାର ଗୋପ ବ୍ଲକ ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁଙ୍କ ତତ୍ତ୍ୱବଧାନରେ ସୋମବାର ଗୋପ ବ୍ଲକର ପାଲ୍ଲା, ସଂକିର୍ତ୍ତନ, ଲୋକନୃତ୍ୟ ଓ ଘୋଡାନାଚ କଳାକାର ମାନଙ୍କ ସଭାପତି ଚୟନ ହେବା ସହିତ ବ୍ଲକ କଳା ସଂସ୍କୃତି ସଂଘର ଜିଲ୍ଲା ସଦସ୍ୟ ଓ ଉପ ସଭାପତି ଗଣତାନ୍ତ୍ରିକ ପଦ୍ଧତିରେ ଚୟନ ହୋଇଯାଇଛି। ସୂଚନା ଅନୁସାରେ ଗୋପ ବ୍ଲକ କଳା ଓ ସଂସ୍କୃତି ପୂର୍ବତନ ସଭାପତି ବିମ୍ବାଧର ପରିଡାଙ୍କ ହେହାନ୍ତ ପରେ ଏକ ବର୍ଷ ଧରି ଏହି ପଦବୀ ଖାଲି ପଡିଥିଲା। ସଂକିର୍ତ୍ତନ କଳାରେ ସର୍ବ ସହମତି ଭାବେ ଗୋପ ଜୋନର ରଶ୍ମି ରଞ୍ଜନ ରାଉତରାୟ, ନୟାହାଟ ଜୋନର ଶଙ୍କର ଭୋଇ, କୋଣାର୍କ ଜୋନର ପ୍ରଭାକର ସ୍ୱାଇଁ ସଭାପତି ଭାବେ ଚୟନ ହୋଇଥିବା ବେଳେ ଛଇତନା ଜୋନର ଭୋବନି ସାହୁ ୧୨ ଭୋଟରେ ଜିତି ସଭାପତି ଚୟନ ହୋଇଥିଲେ କ୍ଷ ସେହିପରି ସର୍ବ ସହମତି କ୍ରମେ ଘୋଡାନାଚରେ ବ୍ରଜବନ୍ଧୁ ବେହେରା, ପାଲ୍ଲାରେ ଗଗନ ବିହାରୀ ସାହୁ ଲୋକନୃତ୍ୟ ତଥା ଫକ ଡ୍ୟାନ୍ସରେ ପବିତ୍ର ମୋହନ ନାୟକ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଶେଷରେ ନିର୍ବାଚିତ ସମସ୍ତ କଳାକାରଙ୍କ ଦ୍ୱାରା ପବିତ୍ର ମୋହନ ନାୟକଙ୍କୁ ଗୋପ ବ୍ଲକ କଳା ଓ ସଂସ୍କୃତି ସଂଘର ଉପସଭାପତି ଓ ରଶ୍ମି ରଞ୍ଜନ ରାଉତରାୟଙ୍କୁ ଜିଲ୍ଲା କଳା ସଂସ୍କୃତି ସଦସ୍ୟ ଭାବେ ଚୟନ କରାଯାଇଥିଲା। ସମସ୍ତ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ଗୋପ ବ୍ଲକ କଳା ସଂସ୍କୃତି ଚୟନ ପ୍ରକ୍ରିୟାକୁ ଗୋପ ବ୍ଲକ ବଡ଼ିଓ ଛବିରାଣୀ ସାହୁ ସୁଚାର ରୂପେ ତୁଲାଇ ଥିଲେ। ଏହି ଅବସରରେ ବିଡିଓ ଛବିରାଣୀ ସାହୁ କଳା ସଂସ୍କୃତି କୁ ବଞ୍ଚାଇ ରଖିବା ପାଇଁ ଗୋପ ବ୍ଲକର କଳାକାରମାନେ ସର୍ବଦା ପ୍ରଚେଷ୍ଟା ଜାରି ରଖିଛନ୍ତି । ଯାହାକି ଆଗାମୀ ପିଢିର ଭବିଷ୍ୟତ ଗଠନ କରିବାରେ ସହାୟକ ହେବ । ତେଣୁ ସେ ଗୋପ ବ୍ଲକ କଳାକାର ପରିବାର ସମେତ ନବନିର୍ବାଚିତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଚୟନ ପ୍ରକ୍ରିୟାରେ ଗୋପ ବ୍ଲକ ଏବିଡ଼ିଓ, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ୧୧ ନଂ ଜୋନ ଜିଲ୍ଲା ପରିଷଦ ପ୍ରମୋଦ ରାୟଙ୍କ ସମେତ ଗୋପ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହ ଶତାଧିକ କଳାକାର ଉପସ୍ଥିତ ଥିଲେ ।

## ସିଦ୍ଧ ମହାପୁରୁଷ ବାବା କାହ୍ନୁ ଗୋସେଇଁଙ୍କ ସାଧନା ପୀଠରେ ବିରାଟ ଧର୍ମ ସଭା



ବ୍ୟାସନଗର(ଭାସ୍କର ନ୍ୟୁଜ): କୋରାଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲାସ୍ଥ ନାଉଡପୁରଠାରେ ଥିବା ସିଦ୍ଧ ମହାପୁରୁଷ ଶ୍ରୀ ଶ୍ରୀ ବାବା କାହ୍ନୁ ଗୋସ୍ୱାମୀଙ୍କ ୯୫ତମ ମହାପ୍ରୟାଣ ଦିବସର ବାର୍ଷିକ ଶ୍ରାଦ୍ଧ ମହୋତ୍ସବ ପରିପ୍ରେକ୍ଷୀରେ ସାଧୁ ମିଳନ ସହ ଧୁନି ଯଜ୍ଞ, ନାମ ଯଜ୍ଞ ଓ ଏକ ବିରାଟ ଧର୍ମ ସଭା କାର୍ଯକ୍ରମ ଗତ ୬ ତାରିଖ ଠାରୁ ତିନିଦିନ ଧରି ଆରମ୍ଭ ହୋଇ ଗତ ୮ ତାରିଖ ରବିବାର ସମାପନ ହୋଇଯାଇଛି। ଧର୍ମସଭାରେ ସମସ୍ତ ସାଧୁସନ୍ଥ, ସନ୍ନ୍ୟାସୀ ଓ ବିଶିଷ୍ଟ ଅତିଥିଙ୍କୁ ଶଙ୍ଖଚିଲା ବଜାରସ୍ଥ ଖମଣ ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ମିଳିତ ଭାବେ ଏକ ଭବ୍ୟ ପରିବେଶ ମଧ୍ୟରେ ଧର୍ମସଭା ସ୍ଥଳ କାହ୍ନୁ ଗୋସ୍ୱାମୀ ସାଧନା ପୀଠକୁ ଭଜନ କୀର୍ତ୍ତନ ସହ ଶୋଭାଯାତ୍ରାରେ ଅଞ୍ଚଳବାସୀଙ୍କ ତରଫରୁ ପାଛୋଟି ନିଆଯାଇଥିଲା। କାର୍ଯକ୍ରମରେ ସଭାପତି ଭାବେ କମିଟି ସଭାପତି ମଦନମୋହନ ସାହୁ ସଭାପତିତ୍ୱ କରିଥିଲା ବେଳେ କମିଟିର ବରିଷ୍ଠ ସଭ୍ୟ ଅକ୍ଷୟ କୁମାର ଜେନାଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ତଥା ଧର୍ମପ୍ରାଣ ନିଗମାନନ୍ଦ ମହାନ୍ତି, ମୁଖ୍ୟବକ୍ତା ମାଳିକା ପ୍ରବକ୍ତା ଦାଶରଥି ଦୟାନିଧି ମହାରାଜ, ଜନ ସମୁଦ୍ର ମଠ ଓ ସମ୍ମାନିତ ଅତିଥି ବାବାଜୀ ନିଳାଚଳ ଦାଶ ମହାରାଜ ଶ୍ରୀରାଧାରମଣ ସେବାଶ୍ରମ, ସନ୍ଥ ପାଗଳ ବାବା ଗାଦି ବ୍ରହ୍ମ ପୀଠ, ସନ୍ଥ ମଦନମୋହନ ମହନ୍ତ, ବାଲିକୁଦା, ଜଗତସିଂହପୁରରୁ ଓ ବ୍ରହ୍ମଚାରୀ ହିମାଂଶୁ ଚୈତନ୍ୟ ମହାରାଜ ବଳଦେବଜୀଉ ଆଶ୍ରମ ମଂଜୁରୀ ରୋଡ ଭଦ୍ରକରୁ ଯୋଗ ଦେଇଥିଲେ। ଏଥିସହ ଅଞ୍ଚଳର କୁମ୍ଭଣ୍ଡୁଆ ମଠର ସାଧୁ ରାଧେଶ୍ୟାମ ଦାଶ ମହାରାଜଙ୍କ ନେତୃତ୍ୱରେ ସାଧୁମେଳି କରାଯାଇ ଧୂନି ଯଜ୍ଞ କରାଯାଇଥିଲା। ସଙ୍କୀର୍ତ୍ତନ ନାମ ଯଜ୍ଞ ବରିଷ୍ଠ ସଭ୍ୟ ଧନେଶ୍ୱର ନାଥ ଓ ବାଇଧର ନାୟକଙ୍କ ନେତୃତ୍ୱରେ ସମାପନ ହୋଇଥିଲା। ପ୍ରଥମେ ଧର୍ମ ସଭାକୁ ପଣ୍ଡିତ ଲକ୍ଷ୍ମୀଧର ଅଧିକାରୀ ବେଦପାଠ କରାଇ ଅତିଥିଙ୍କ ଦ୍ୱାରା ସମୂହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଉଦଘାଟନ କରାଯିବା ସ୍ଥଳେ କାହ୍ନୁ ଗୋସ୍ୱାମୀ କମିଟିର ସମ୍ପାଦକ ରଘୁନାଥ ବେହେରା ସ୍ୱାଗତ ଭାଷଣ ଓ ଅନୁଷ୍ଠାନର ବିବରଣୀ ସର୍ବସମ୍ମୁଖରେ ଉପସ୍ଥାପନ କରିଥିଲେ। କମିଟିର କାର୍ଯ୍ୟନିର୍ବାହୀ ସଭ୍ୟ ନିରଞ୍ଜନ ସାହୁ ଓ ସାଥୀ ଗଣ ଆବହନି ସଙ୍ଗୀତ ସହ ବିଦ୍ୟାଧର ସାହୁ ଓ ଅନନ୍ତ ଚରଣ ମଲ୍ଲିକ, ଉପେନ୍ଦ୍ର କୁମାର ସାହୁ, ଗୋପିନାଥ ନାୟକ, ନାରାୟଣ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶଙ୍ଖଚିଲା ଗୋଡ଼ି ପାଟଣା ଗ୍ରାମର ଜଣେ ପୁରାତନୀ ସଭ୍ୟ ତଥା ବୁଦ୍ଧିଜୀବୀ ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ସାହୁଙ୍କ ଦ୍ୱାରା ଏହି ସର୍ବ ପୁରାତନ ପ୍ରାଚୀନ ପୀଠର ମହିମା ପ୍ରଚାର ଉଦ୍ଦେଶ୍ୟରେ ୧୯୭୨ ମସିହାରୁ ଲିଖିତ ମାତ୍ର ଅପ୍ରକାଶିତ ପୁସ୍ତକ ତ୍ରଶ୍ରୀ ଶ୍ରୀ ସିଦ୍ଧ କାହ୍ନୁ ଗୋସ୍ୱାମୀ ଚରିତ ନାମକ ପୁସ୍ତକକୁ ତାଙ୍କ ପୁତ୍ର ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁ ଚରଣ ସାହୁଙ୍କ ଦ୍ୱାରା ପ୍ରକାଶନ କରାଯାଇ ଏହି ଧର୍ମ ସଭା ରେ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଭ୍ୟ ବିମଳେନ୍ଦୁ ସାହୁ ଭୀମସେନ ସାହୁ ରବୀନ୍ଦ୍ର କୁମାର ସାହୁ, ପୂର୍ଣ୍ଣ ଚନ୍ଦ୍ର ମହାକୁଡ଼, ଈଶ୍ୱର ଚନ୍ଦ୍ର ସାହୁ, ଗୌରାଙ୍ଗ ଚରଣ ସାହୁ, ଜଗବନ୍ଧୁ ବିନ୍ଧାଣି, ଗୋପାଳ ଚରଣ ମଳିକ, ଶତ୍ରୁଘ୍ନ ସାହୁ, ରାଧାକାନ୍ତ ସାହୁ, ସଞ୍ଜୟ କୁମାର ସାହୁ, ଜୟନ୍ତ କୁମାର ଗୁରୁ, ବନମାଳୀ ଗୁରୁ, ଦୁର୍ଯୋଧନ ସାହୁ, ଶତ୍ରୁଘ୍ନ ପାଢ଼ୀ, ଅଭିରାମ ସାହୁ, ରବୀନ୍ଦ୍ର କୁମାର ସାହୁ (ଖ), ଅନନ୍ତ ଚରଣ ଅଧିକାରୀ, ମଣି ଚରଣ ପଣ୍ଡା, ଭିକାରୀ ଚରଣ ଅଧିକାରୀ ଓ ଅଭିନ୍ନ ଚରଣ ମଳିକ ଅଞ୍ଚଳର ସମସ୍ତ ଗ୍ରାମବାସୀଙ୍କ ସହିତ ପ୍ରମୁଖ ବିଶେଷ ସହଯୋଗ କରିଥିଲେ। ବଢେଇ ଟିକର ଯୁବକ ସଙ୍ଘ ଓ କାହ୍ନୁ ଗୋସ୍ୱାମୀ ୟୁଥ୍ କମିଟିର ଯୁବ ସ୍ୱେଚ୍ଛାସେବୀଗଣ ସହ ସ୍ଥାନୀୟ ପୋଲିସ ଉଲ୍ଲେଖନୀୟ ସହଯୋଗ କରି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା ବେଳେ ଓଁ ନମଃ ଶିବାୟ ଭଜନ ସନ୍ଧ୍ୟା ଗ୍ରୁପ୍ ଭୁବନେଶ୍ୱର ତରଫରୁ ବିଷ୍ଣୁ ମାଷ୍ଟ୍ରେଙ୍କ ନେତୃତ୍ୱରେ ଭଜନ ପରିବେଷଣ ହୋଇଥିଲା । ଶେଷରେ ଅନୁଷ୍ଠାନର ଉପସଭାପତି ଚକ୍ରଧର ସାହୁଙ୍କ ଦ୍ୱାରା ଧନ୍ୟବାଦ ପ୍ରଦାନ କରାଯାଇଥିଲା।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ତାଳଚେର, (ଭାସ୍କର ନ୍ୟୁଜ): ଦେଉଳବେଡା କୋଲିୟରୀ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ୩୧ତମ ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଯାପିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ପ୍ରତିଯୋଗୀତାର ପୁରସ୍କାର ବିତରଣ ସ୍ଥାନୀୟ ଗ୍ରୀନ୍‌ଗ୍ରାସ ଷ୍ଟାଡିଅମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଗତ ୨୮ ତାରିଖ ଠାରୁ ଶିଶୁ ପ୍ରାରମ୍ଭ ଓ ବୋଧ ଶ୍ରେଣୀ ଏବଂ ୧ମ ଓ ୨ୟ ଶ୍ରେଣୀର କ୍ରୀଡା ଆରମ୍ଭ ହୋଇ ଡିସେମ୍ବର ୭ ରିଖରେ ୩ୟ ଠାରୁ ୧୦ମ ପର୍ଯ୍ୟନ୍ତ ଖେଳକୁଦ ଶେଷ ହୋଇଥିଲା । ଏହି ଖେଳକୁଦ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଲିଙ୍ଗରାଜ କୋଇଲାଖଣିର ଏରିଆ ପର୍ସନାଲ୍ ମ୍ୟାନେଜର ଦିପ୍ତିରାଣୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କର କ୍ରୀଡାର ଉନ୍ନତିରେ ଦେଶର ଉନ୍ନତି ହେବା ବୋଲି କହିଥିଲେ । ଏହି ଅବସରରେ କୃତୀ କ୍ରୀଡାବିଦ୍‌ମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ଶିଶୁମନ୍ଦିରର ସଭାପତି ହେମନ୍ତ କୁମାର ଶତପଥିଙ୍କ ଅଧ୍ୟକ୍ଷତା କରିଥିବାବେଳେ ପ୍ରଧାନଆଚାର୍ଯ୍ୟ ବାବୁଲି ସାମଲ ଅତିଥି ପରିଚୟ ପ୍ରଦାନ ଓ ଯୁଗ୍ମ ସଂପାଦକ ଧନଞ୍ଜୟ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଖେଳରେ ବିଦ୍ୟାଳୟର ୯୦୦ ଜଣ ଶିଶୁ କ୍ରୀଡାବିଦ୍ ଭାଗ ନେଇଥିବାବେଳେ ବିଦ୍ୟାଳୟର ୪୫ ଜଣ ଗୁରୁଜୀ ଗୁରୁମା କ୍ରୀଡା ପରିଚାଳନା କରିଥିଲେ ଏବଂ ପରିଚାଳନା ସମିତିର ଉପସଭାପତି ମନୋରଞ୍ଜନ ନନ୍ଦ ଓ କୋଷାଧକ୍ଷ ସୁକାନ୍ତ ପ୍ରଧାନ ସହଯୋଗ କରିଥିଲେ । ଏହି ଖେଳରେ ଶିଶୁଙ୍କ ଦ୍ୱାରା ବ୍ୟାୟାମ ଯୋଗ, ଡମ୍ବେଲ, ଯୋଗ ଚାପ, ଗୋପୁରମ୍, ଆସନ କ୍ରୀଡ଼ା କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା ।

## ଅଟୋ ଚୋରି ମାମଲାରେ ୫ ଗିରଫ

କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟ ଟାଉନ ଥାନା ପୋଲିସ ଅଟୋ ଚୋରି କରିବା ମାମଲାରେ ସଂପୃକ୍ତ ୫ଜଣଙ୍କୁ ଗିରଫ କରଛି । ଗିରଫ ୫ଜଣଙ୍କ ମଧ୍ୟରେ ଦୁଇ ଜଣ ନାବାଳକ ରହିଛନ୍ତି । ଅନ୍ୟ ୩ ଦୁର୍ବୃତ୍ତ ସେମିଳିଗୁଡାର ଭାସ୍କର ବାରିକ (୩୨), ଜଲାପୁଟର ବି. ନାଗେନ୍ଦ୍ର (୩୦) ଓ ଦେଓଘାଟିର ସାଇମନ ସୁଗୁରୀ(୨୪)ଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେହିପରି ୨ନାବାଳକଙ୍କୁ ମାଲକାନଗିରି ସୁଧାର ଗୃହକୁ ପଠାଯାଇଛି ବୋଲି କହିଛନ୍ତି ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର । କୋରାପୁଟ ସିନେମା ସାହି ନିକଟରୁ ଗତ ୨ତାରିଖ ରାତିରେ ଗୋଟିଏ ଅଟୋ ଚୋରି ହୋଇଥିଲା । ଏନେଇ ଅଟୋ ମାଲିକ ସତ୍ୟନାରାୟଣ କୋରାପୁଟ ଟାଉନ ଥାନାରେ ଅଭିଯୋଗ ଦେବା ପରେ ପୋଲିସ ଏକ ଟିମ୍ ଗଠନ କରି ବିଭିନ୍ନ ଅଞ୍ଚଳରେ ଚଢ଼଼ଉ କରିଥିଲା । ଅଭିଯୁକ୍ତମାନେ ଚୋରି ଅଟୋକୁ ପ୍ରଥମେ ସେମିଳିଗୁଡା ଓ ଦାମନଯୋଡିରେ ନେଇ ଲୁଚାଇ ଥିଲେ । ଏହା ପରେ ବୈପାରିଗୁଡା ଅଞ୍ଚଳରେ ୩୦ହଜାର ଟଙ୍କାରେ ଉକ୍ତ ଅଟୋକୁ ବିକ୍ରି କରିବା ପାଇଁ ଯୋଜନା କରିଥିଲେ । ୨ଜଣ ନାବାଳକ ଅଭିଯୁକ୍ତ ଅଟୋ ନେଇ କୋଲାବ ପେଟା ରାସ୍ତାରେ ବାହାରି କୋଟା ଛକରୁ ବୈପାରିଗୁଡା ଯିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ । ଏହି ଖବର ପୋଲିସକୁ ମିଳିଥିଲା । ଏହାପରେ ପୋଲିସ ଉକ୍ତ ରାସ୍ତାରେ ଦୁଇ ଜଣ ନାବାଳକ ସହ ଅଟୋକୁ ଜବତ କରିଥିଲା । ତେବେ ନାବାଳକ ଅଭିଯୁକ୍ତମାନେ ପୋଲିସ ନିକଟରେ ଚୋରି ଘଟଣାର ଫର୍ଦ୍ଦାଫାସ କରିଥିଲେ । ଏହାପରେ ଅନ୍ୟ ୩ଜଣ ଅଭିଯୁକ୍ତଙ୍କୁ ଗରିଫ କରି କୋର୍ଟ ଚାଲାଣ କରିଥିଲା ପୋଲିସ । ଉଦ୍ଧାର ହୋଇଥିବା ଅଟୋକୁ ମାଲିକ ସତ୍ୟନାରାୟଣଙ୍କୁ ହସ୍ତାନ୍ତର କରାଯାଇଛି । ତେବେ ୨ଅଭିଯୁକ୍ତ ନଗେନ୍ଦ୍ର ଓ ସାଇମନଙ୍କୁ ଫୋନ ପେ ଠକେଇ ମାମଲାରେ ରିମାଣ୍ଡରେ ଅଣାଯିବ ବୋଲି କହିଛନ୍ତି ଟାଉନ ଥାନା ଅଧିକାରୀ । ନବରଙ୍ଗପୁର ଜିଲ୍ଲାରୁ ଆରମ୍ଭ କରି ସୁଙ୍କି ଯାଏଁ ବିଭିନ୍ନ ଦୋକାନରେ ସାମଗ୍ରୀ କିଣିବା ସହ ଫୋନ ପେ'ରେ ଟଙ୍କା ଦେବା ବାହାନା କରି ଘଟଣାସ୍ଥଳରୁ ଚମ୍ପଟ ମାରିବା ମାମଲା ଉଭୟଙ୍କ ନାଁରେ ରହିଛି । ଏହି ମାମଲାରେ ଏସଆଇ ରାଜେଶ ରଞ୍ଜନ ନାୟକ, ଏଏସଆଇ ଶେଖ ମୁକ୍ତାର ଏବଂ ଶରତ ଚନ୍ଦ୍ର ବିଶୋଇ ତଦନ୍ତ କରୁଥିଲେ ।

## କଳିଙ୍ଗ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ଆସନ୍ତା ଜାନୁଆରୀ ୧୧ ଓ ୧୨ ଦୁଇ ଦିନ ବ୍ୟାପୀ ହେବାକୁ ଥିବା 'କଳିଙ୍ଗ ମହୋତ୍ସବ' ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂସ୍କୃତିପ୍ରେମୀ ଇଂ. ଜାମିନିକାନ୍ତ ଦାସଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ଏହି ବୈଠକରେ ଉଷାରାଣୀ ମହାପାତ୍ର, ରଞ୍ଜନା ମିଶ୍ର, କେଦାରନାଥ ଚୌଧୁରୀ, ସୁଦୀପ ସାହୁ, କ୍ଷୀରୋଦ ସେଠୀ, ସୁଶାନ୍ତ ସାହୁ, ପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବର ରୂପରେଖ ସଂପର୍କରେ ଆଲୋଚନା କରିଥିଲେ । ଦୁଇ ଦିନ ବ୍ୟାପୀ ହେବାକୁ ଥିବା ଏହି ମହୋତ୍ସବରେ ଲୋକ ସଂଗୀତ, ଲୋକନୃତ୍ୟ ସହ ଶାସ୍ତ୍ରୀୟ ଓ ଆଧୁନିକ ନୃତ୍ୟ ପରିବେଷଣ ସହ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସଂଗୀତ ପରିବେଷଣର ମଧ କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ କଳାକାରମାନଙ୍କ ମଧ୍ୟରେ ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ସହ ଆମ ଓଡ଼ିଆଣୀ ସଂସ୍କୃତି ପରମ୍ପରାକୁ ଦୃଷ୍ଟିରେ ରଖି କଳିଙ୍ଗ ବୋହୂ ଓ କଳିଙ୍ଗ ପୁଅ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥି ପାଇଁ ପ୍ରତିଯୋଗୀମାନଙ୍କ ମଧ୍ୟରେ ହୁଳହୁଳି, ଶଙ୍ଖ ଫୁଙ୍କା ଓ ଝୋଟି ପକାଇବା ସହ ପାରମ୍ପରିକ ପିଠା ପଣା ପ୍ରସ୍ତୁତି ଓ ଓଡ଼ିଆ ବେଶଭୁଷା ପରିଧାନକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

## ବିଧାୟକଙ୍କ ଦ୍ୱାରା ଏକାଧିକ ପ୍ରକଳ୍ପର ଶିଳାନ୍ୟାସ



ଗରଦପୁର, (ଭାସ୍କର ନ୍ୟୁଜ): ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଗରଦପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଡା ପଞ୍ଚାୟତରେ ରବିବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର । ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେବାକୁ ଥିବା ମିର୍ଜାମାହାଲାରୁ ଜାଂଲଗୋଡା ଭାୟା ତେଣ୍ଡାକୁଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ କଟିକିଆ ମହଲା ପିଡବ୍ଲୁଡି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟର ପ୍ରଥମେ ଶିଳାନ୍ୟାସ କରିଥିବା ବେଳେ ପରେ ଆଉ ଦୁଇଟି ପ୍ରକଳ୍ପ ଯଥା ପୁଟଲିଙ୍ଗରୁ ଦାଆଁଲୋ ଗ୍ରାମ୍ୟ ଉନ୍ନୟନ ରାସ୍ତା ପାଣୁଆ ନାଳରେ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦରେ ନିର୍ମାଣ ହେବାକୁ ଥିବା ଏକ ସେତୁ ଓ ତେଣ୍ଡାକୁଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେବାକୁ ଥିବା ଆୟୁଷ୍ମାନ ମନ୍ଦିରର ନୂତନ ଗୃହ ନିର୍ମାଣ ଇତ୍ୟାଦିର ଶୁଭ ଶିଳାନ୍ୟାସ କରିଥଲେ । ନିଜର ହଜାର ହଜାର ସମର୍ଥକ ବିଧାୟକଙ୍କୁ ବିଲହାଟ ଠାରୁ ଏକ ମୋଟର ସାଇକେଲ୍ ଶୋଭାଯାତ୍ରା କରି ଶିଳାନ୍ୟାସ ସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ଆଜିର ଏହି ଶୁଭ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି କ୍ଷିତିଶ ଦାଶ, ଗରଦପୁର ବ୍ଲକ୍ ଅଧ୍ୟକ୍ଷ ଅଭୟ ମହାରାଜ, ତଳକୁସୁମା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶୋକ ଜେନା, ଜିଲ୍ଲା ପରିଷଦ ସତ୍ୟାନନ୍ଦ ରାଉତ, ବିଜେଡି ନେତା ଶୈଳେନ୍ଦ୍ର ମହାନ୍ତି, ସନ୍ତୋଷ ମହାଳି, କ୍ଷିରୋଦ ମହାନ୍ତି, ଅବନି ମହାପାତ୍ର, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବାସୁଦେବ ବେହେରା, ସରପଞ୍ଚ ଅମିୟ ନାୟକ, ରାଜେନ୍ଦ୍ର ମଲ୍ଲିକ୍, ଅରୁଣ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଅନୁଜ ମହାନ୍ତି, ତ୍ରିଲୋଚନ ଜେନା, ସମିତିସଭ୍ୟ ବ୍ରଜକିଶୋର ସାହୁ, ମିର ଗୋଲାବ୍ ଜିଲାନି, ନାବେଦ୍ ଜାଫର, ମାନସ ମହାନ୍ତି, ଅମ୍ବିକା ମହାନ୍ତି, ସତ୍ୟଜିତ୍ ସାହୁ, ପୂର୍ବତନ ସରପଞ୍ଚ ପ୍ରକାଶ ସାହୁ, ପ୍ରକାଶ ଚନ୍ଦ୍ର ଦାଶ ଓ ପୂବତନ ସମିତିସଭ୍ୟ ପ୍ରହଲ୍ଲାଦ ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ତେଣ୍ଡାକୁଡା ପଞ୍ଚାୟତର ବିଜେଡି ନେତା ସୁକାନ୍ତ ନାୟକ ପରିଚାଳନା କରିଥିଲେ ।

## ଏନ୍‌ସିସି କ୍ୟାଡେଟଙ୍କୁ ତାଲିମ



ଭଞ୍ଜନଗର, (ଭାସ୍କର ନ୍ୟୁଜ): ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟରେ ସୋମବାର ଏନ୍‌ସିସି ଆର୍ମୀ କ୍ୟାଡେଟମାନଙ୍କୁ ଆଗାମୀ ଦିନରେ ହେବାକୁ ଥିବା ଏନ୍‌ସିସି 'ଏ' ସାର୍ଟିଫିକେଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି ନିମନ୍ତେ ପୁନର୍ବାର ୨ ଓଡ଼ିଶା ବାଟାଲିୟନ ଏନ୍‌ସିସି , ବ୍ରହ୍ମପୁର ୟୁନିଟ ତରଫରୁ ପି ଆଇ ଷ୍ଟାଫ୍ ଦ୍ୱାରା ତାଲିମ୍ ଦିଆଯାଇଛି । ବିଦ୍ୟାଳୟର ଏନ୍ ସି ସି (ଆର୍ମୀ ଉଇଙ୍ଗ୍) ସେକେଣ୍ଡ୍ ଅଫିସର୍ ଶ୍ୟାମା ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମ୍ କର୍ମଶାଳାରେ ୨ ଓଡ଼ିଶା ବାଟାଲିୟନ ଏନ୍‌ସିସି ଦ୍ୱାରା ପ୍ରେରିତ ପି. ଆଇ. ଷ୍ଟାଫ୍ (ଭାରତୀୟ ସ୍ଥଳ ସେନାର) ସୁବେଦାର୍ ବିସନ୍ ସିଂ ଗୁରୁଙ୍ଗ୍ ଉପସ୍ଥିତ ହୋଇଥିଲେ । ଉଭୟ ପ୍ରଶିକ୍ଷକ ଏବଂ ଏଏନ୍‌ଓ ଶ୍ରୀ ମିଶ୍ର ଏହି କ୍ୟାଡେଟମାନଙ୍କୁ ଡ୍ରିଲ୍ ପ୍ୟାରେଡ, ୱିପନ୍ ଟ୍ରେନିଂ ଏବଂ ଅନ୍ୟାନ୍ୟ କେତେକ ଏନ୍‌ସିସି ସମ୍ବନ୍ଧୀୟ ବିଷୟରେ ଉଭୟ ତତ୍ତ୍ୱଭିତ୍ତିକ ଓ ଅଭ୍ୟାସଭିତ୍ତିକ ତାଲିମ ପ୍ରଦାନ କରିଥିଲେ । ପି ଆଇ ଷ୍ଟାଫ୍ ଶ୍ରୀ ଗୁରୁଙ୍ଗ୍ ବିଭିନ୍ନ ଡ୍ରିଲ୍ ଅବସ୍ଥାନ ସମୂହର ପ୍ରଦର୍ଶନ ମୂଳକ ଅଭ୍ୟାସ କରାଇଥିଲେ । ଏଥିରେ ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷର କ୍ୟାଡେଟ ଭାଗନେଇଥିଲେ । ତତ୍ ପରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟ କ୍ରମରେ ସମସ୍ତେ ବିଦ୍ୟାଳୟ ହତା ସଫେଇ କରିଥିଲେ ଏବଂ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ନ କରିବା ନିମନ୍ତେ ଶପଥଗ୍ରହଣ କରିଥିଲେ । ପରିଶେଷରେ ସମସ୍ତ କ୍ୟାଡେଟଙ୍କୁ ସାମାନ୍ୟ ଜଳପାନ ବଣ୍ଟନ କରାଯାଇଥିଲା । ଏଥି ନିମିତ୍ତ ପ୍ରଧାନ ଶିକ୍ଷକ ଉମାକାନ୍ତ ନାହାକ ଓ ଆଜିର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ନାୟକ; ୨ ଓଡ଼ିଶା ବାଟାଲିୟନ ଏନ୍‌ସିସିର କମାଣ୍ଡିଙ୍ଗ୍ ଅଫିସର୍ ଓ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଏମ୍‌ୟୁଜେର ସାଙ୍ଗଠନିକ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ

ବାଲିମେଳା, (ଭାସ୍କର ନ୍ୟୁଜ): ମାଲକାନଗିରି ସ୍ଥିତ ଏମ୍‌ୟୁଜେ ଭବନରେ ଜିଲ୍ଲାର ଶତାଧିକ ସାମ୍ବାଦିକମାନଙ୍କୁ ନେଇ ସାଂଗଠାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଭାପତି ଦେବ ପ୍ରସାଦ ଦାସ ସଭାପତିତ୍ୱ କରିଥିଲେ । ଅନ୍ୟ ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରୁ ସଂପାଦକ ପ୍ରେମେନ୍ଦ୍ର ପରିଚ୍ଛା, ଉପସଭାପତି ସତ୍ୟ ନାରାୟଣ ପଣ୍ଡା, ପୂର୍ବତନ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଭାସ୍କର ବେହେରା, ଗୋପୀ ପଟ୍ଟନାୟକ ଏବଂ ଈଶ୍ୱର ପଟ୍ଟନାୟକ । ବୈଠକରେ ଏମ୍‌ୟୁଜେର ସଂଗଠନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏମ୍‌ୟୁଜେ କିପରି ଆଗକୁ ଆହୁରି ଉତ୍ତରୋତ୍ତର ଉନ୍ନତି କରିବ ସନେଇ ମଧ ଆଲୋଚନା କରାଯାଇଥିଲା । ପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତି କ୍ରମେ ସଭାପତି ଦେବ ପ୍ରସାଦ ଦାସଙ୍କୁ ପୁନଃ ସଭାପତି ପଦବୀରେ ଅଧିଷ୍ଠିତ ରହିବା ପାଇଁ ସମସ୍ତ ସଦସ୍ୟ ଏକମତ ହୋଇଥିଲେ । ସେହିପରି ଉପସଭାପତି ପଦରେ ସତ୍ୟ ନାରାୟଣ ପଣ୍ଡା ନିଜ ପଦବୀରେ ପୁନଃ ଅବସ୍ଥାପିତ ହେଲେ । ସଂପାଦକ ଭାବେ ଶରତ ଚନ୍ଦ୍ର ମହାରଣା ମନୋନୀତ ହୋଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ଚକ୍ରଧର ପଟ୍ଟନାୟକ, ଯୁଗ୍ମ ସଂପାଦକ ଭାବେ ଅସିମ ବିଶ୍ୱାସ ଓ ପ୍ରକାଶ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିଲା । ତେବେ ପ୍ରତ୍ୟେକ ବ୍ଲକର ଜଣେ ଜଣେ ସଦସ୍ୟଙ୍କୁ ସଂଘର ସଦସ୍ୟ ରୂପେ ମନୋନୀତ କରାଯାଇଥିଲା । କାଲିମେଳା ବ୍ଲକ ପାଇଁ ପ୍ରଶାନ୍ତ ବିହାରୀ, ମାଲକାନଗିରି ବ୍ଲକ ପାଇଁ ଶିବ ପ୍ରସାଦ କର୍ଣ୍ଣନୀଆ, ପଡିଆ ବ୍ଲକ ପାଇଁ ବି.ଶ୍ରୀନିବାସ, ଚିତ୍ରକୋଣ୍ଡା ବ୍ଲକ ପାଇଁ ବଳରାମ ପଡିଆରୀ, କୋରକୋଣ୍ଡା ବ୍ଲକ ପାଇଁ କାମରାଜ ଜେନା, ଖଇରପୁଟ ବ୍ଲକ ପାଇଁ ଜଗନ୍ନାଥ ଦଳେଇ, ମାଥିଲି ବ୍ଲକ ପାଇଁ ରାଜୀବ ଦଳେଇ, ବାଲିମେଳା ଏନ୍‌ଏସି ପାଇଁ ଯଦୁପତି ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା । ଆଗାମୀ ଦୁଇ ବର୍ଷ ପାଇଁ ଏହି କର୍ମକର୍ତ୍ତା ଏମ୍‌ୟୁଜେର ଉନ୍ନତି ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ମହୁମାଛି ଆକ୍ରମଣରେ ୨ ଗୁରୁତର, ୫ରୁ ଊର୍ଦ୍ଧ୍ୱ ଆହତ

ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଗ୍ରାମରେ ରବିବାର ମହୁମାଛି ଆକ୍ରମଣରେ ୨ଜଣ ଗୁରୁତର ଆହାତ ହୋଇଥିବା ବେଳେ ୫ରୁ ଊର୍ଦ୍ଧ୍ୱ ଆହାତ ହୋଇଥିବା ଜଣାଯାଇଛି । ଏପରିକି ମହୁମାଛିଙ୍କ ଆତଙ୍କ ଫଳରେ ଗ୍ରାମରେ ତାଟିକବାଟ ପଡ଼ିଯାଇଥିବା ବେଳେ ଲୋକମାନେ କିଛି ସମୟ ପାଇଁ ବାହାରକୁ ବାହାରି ପାରିନଥିଲେ । ସୂଚନା ଅନୁଯାୟୀ ନୂଆଗାଁ ଗ୍ରାମର ସୁବ୍ରତ ପ୍ରଧାନ ଗ୍ରାମ ନିକଟସ୍ଥ ଧାନ ବିଲକୁ କ୍ଷେତ ଦେଖିବା ପାଇଁ ଯାଇଥିଲେ । ଏହି ସମୟରେ ଏକ ମହୁମାଛି ପଲ ହଠାତ ସୁବ୍ରତଙ୍କୁ ଘେରିଯାଇ ଆକ୍ରମଣ କରିବାକୁ ଲାଗିଲେ । ମହୁମାଛିଙ୍କ ଦଂଶନରେ ଆହାତ ସୁବ୍ରତ ନିକଟସ୍ଥ ଏକ ପୋଖରୀ ଭିତରକୁ ଡେଇଁପଡ଼ି ପାଣିରେ ବୁଡ଼ିଯାଇଥିଲେ । ଫଳରେ ମହୁମାଛି ପଲ ନିକଟସ୍ଥ ବିଲରେ ଧାନ କାଟୁଥିବା ପ୍ରକାଶ ପ୍ରଧାନଙ୍କୁ ଘେରି ଆକ୍ରମଣ କରିଥିଲେ । ଫଳରେ ପ୍ରକାଶ ଜିବନ ବିକଳରେ ଗ୍ରାମ ଆଡ଼କୁ ଦୌଡ଼ିବାରେ ଲାଗିଥିଲେ । ହେଲେ ମହୁମାଛିମାନେ ତାଙ୍କୁ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିବାରେ ଲାଗିଥିଲେ । ପ୍ରକାଶଙ୍କ ଏ ଅବସ୍ଥା ଦେଖି ଗ୍ରାମର କବି ପ୍ରସାଦ ପ୍ରଧାନ, ଅନିରୁଦ୍ଧ ପ୍ରଧାନ ଓ ଅନୁଶୟ ପ୍ରଧାନ ପ୍ରମୁଖ ପ୍ରକାଶଙ୍କୁ ମହୁମାଛିଙ୍କ କବଳରୁ ସୁରକ୍ଷା ଦେବା ପାଇଁ ଧୂଆଁ ଇତ୍ୟାଦି କରିଥିଲେ । ଫଳରେ ମହୁମାଛିମାନେ ପ୍ରକାଶଙ୍କୁ ଛାଡ଼ି ପଳାଇଯାଇଥିଲେ । ହେଲେ ସେତେବେଳେକୁ କବି, ଅନିରୁଦ୍ଧ ଓ ଅନୁଶୟାଙ୍କୁ ମଧ ବହୁ ମହୁମାଛି ଦଂଶନ କରିଥିଲେ । ପରେ ମହୁମାଛିଙ୍କ ସାମନରେ ଯିଏ ପଡ଼ିଥିଲେ ତାଙ୍କୁ ମଧ ସେମାନେ ଅକ୍ରମଣ କରିଥିଲେ । ଫଳରେ କିଛି ସମୟ ପାଇଁ ଗ୍ରାମରେ ତାଟିକବାଟ ପଡ଼ିଯାଇଥିଲେ । ଲୋକମାନେ କିଛି ସମୟ ପାଇଁ ଘର କବାଟ ଝରକା ବନ୍ଦ କରି ପଶିରହିଥିଲେ । ପରେ ମହୁମାଛି ଆକ୍ରମଣରେ ଗୁରୁତର ଉଭୟ ପ୍ରକାଶ ଓ ସୁବ୍ରତଙ୍କୁ ନିକଟସ୍ଥ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି




ଗୁଣପୁର, (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଗୁଣପୁର ଉପଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ରାୟଗଡା ଜିଲ୍ଲାପାଳ ପାରୁଲ ପାଟାୱରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍ କୁମାର, ଗୁଣପୁର ଉପ ଜିଲ୍ଲାପାଳ କିରନ ଦୀପ କୌର ସହୋତା, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମହନ ରାଉତରାୟ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୬୧ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୪୬ ଟି ବ୍ୟକ୍ତିଗତ ଅଭିଯୋଗ ଥିଲାବେଳେ ୧୫ଗୋଟି ଗ୍ରାମବାସୀମାନଙ୍କର ସାମୂହିକ ଅଭିଯୋଗ ଥିଲା । ଜିଲ୍ଲାପାଳ ଆଜି ଦୁଇ ଜଣଙ୍କ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଚାଳିଶି ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଦୁଇ ଜଣଙ୍କୁ ବାର୍ଦ୍ଧକ ଭତ୍ତା ମଞ୍ଜୁର କରି ଜିଲ୍ଲାପାଳ ପ୍ରଦାନ କରିଥିଲେ । ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ପାରିବାରିକ ସମସ୍ୟା, କୃଷି ସମସ୍ୟା, ରାସ୍ତା ତିଆରି, ବିଦ୍ୟୁତ ଯୋଗାଣ, ମଣ୍ଡି ପରିଚାଳନା ଜଳସେଚନ, ଭତ୍ତା, ଅଙ୍ଗନବାଡି ଗୃହ ନିର୍ମାଣ ଓ ଅନ୍ୟାନ ସମସ୍ୟା ଉପସ୍ଥାପିତ ହୋଇଥିଲା । ଏହି ଅଭିଯୋଗ ଶିବିରରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଚିନ୍ମୟ ମହାନନ୍ଦ, ଅଭିଯୋଗ ଶୁଣାଣି ଅଧିକାରୀ ସୁସ୍ମିତା ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୁଣପୁର ଶୁଭ୍ରାଞ୍ଜଳି ପ୍ରଧାନ, ତହସିଲଦାର ଗୁଣପୁର ଲୀଳାବତୀ ଆଚାର୍ଜି ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଦୟାନିଧି ରାଉତ, ଜିଲ୍ଲା ଦକ୍ଷତା ବିକାଶ ତଥା କର୍ମ ନିୟୋଜନ ଅଧିକାରୀ ତତ୍ତ୍ୱମୋସୀ ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ବସନ୍ତ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ, ଅବକାରୀ ଅଧିକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ମଧ୍ୟମ ଜଳସେଚନ ଅଧିକ୍ଷଣ ଯନ୍ତ୍ରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ ସନ୍ତୋଷ କୁମାର, ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ, ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗଗୁଡିକର ଶୁଣାଣି କରିଥିଲେ । ଜିଲ୍ଲାପାଳ ଆଜିର ଅଭିଯୋଗଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଗୁଣପୁର ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବା ବେଳେ ଗୁଣପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନନ୍ଦିତା ଶବର, ବିନୋଦ ଶବର, ଗଣେଶ ସାହୁ, ତପନ ରଥ, ଯସ୍ମିନ ଭୂୟାଁ ଆଦି କର୍ମଚାରୀ ସହଯୋଗ କରିଥିଲେ ।

## ଜିଲ୍ଲା ଶିକ୍ଷକ ସଂଘ ବୈଠକ



ମାଲକାନଗିରି, (ଭାସ୍କର ନ୍ୟୁଜ): ବିଭିନ୍ନ ଦାବି ପୂରଣ ନେଇ ଆସନ୍ତା ୧୦ ତାରିଖରେ ଭୁବନେଶ୍ୱର ଗାନ୍ଧିମାର୍ଗରେ ହେବ ଶିକ୍ଷକଙ୍କ ଆନ୍ଦୋଳନ । ଏହି ଆନ୍ଦୋଳନରେ ଜିଲ୍ଲାର ଶତାଧିକ ଶିକ୍ଷକ ଯୋଗଦେବେ । ଜିଲ୍ଲା ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଜିଲ୍ଲା ଓଷ୍ଟା ସଂଘ ସଂପାଦକ ମନୋଜ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ହାଇକୋର୍ଟଙ୍କ ରାୟକୁ ସମ୍ମାନ ଜଣାଇ ତୁରନ୍ତ ଚାକିରି ସର୍ତ୍ତାବଳୀ ସହ ପେନ୍‌ସନ୍ ପ୍ରଦାନ, ଯୋଗ୍ୟ ବିବେଚିତ ୧୯୪ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ୨୨୬ ଓ ୩୧୯ ବିଦ୍ୟାଳୟର ବଞ୍ଚିତ ଶିକ୍ଷକ ଓ କର୍ମଚାରୀଙ୍କୁ ତୁରନ୍ତ ସପ୍ତମ ପେ' ପ୍ରଦାନ, ନୂଆ ଏବଂ ପୂର୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ସରକାରୀ କରଣ ଓ ଖାଲି ପଦବୀ ପୂରଣ, ଗ୍ରାଚ୍ୟୁଇଟି ୫ ଲକ୍ଷରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି, ଅବସର ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏ ସମ୍ପର୍କରେ ସରକାରଙ୍କ ନିକଟରେ ବହୁବାର ଦାବି କରାଯାଇଛି । ତଥାପି ସଂଘର କୌଣସି ଦାବି ଆଜି ପର୍ଯ୍ୟନ୍ତ ପୂରଣ ହୋଇଛି । ଯାହାର ପ୍ରତିବାଦରେ ଆସନ୍ତା ୧୦ ରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ସମନ୍ୱୟ ସମିତି ତରଫରୁ ଭୁବନେଶ୍ୱର ଗାନ୍ଧିମାର୍ଗରେ ବିରାଟ ଶୋଭାଯାତ୍ରା କରାଯିବ । ଏହି ଆନ୍ଦୋଳନରେ ଜିଲ୍ଲାର ଶତାଧିକ ଶିକ୍ଷକ ଯୋଗ ଦେବେ ବୋଲି ଆଲୋଚନା କରାଯାଇଥିଲା । ବୈଠକରେ ଶିକ୍ଷକ ଅଜୟ ସ୍ୱାଇଁ, ରଞ୍ଜନ କୁମାର ପରିଡ଼ା, ଦୀନବନ୍ଧୁ ବେଜ, ସୁଦର୍ଶନ ସ୍ୱାଇଁ, ଗିରିଧାରୀ ସାହୁ, ମନୋଜ ତ୍ରିପାଠୀ, ଅଶୋକ କୁମାର ରାଉତ, ରତିକାନ୍ତ ରାଉତ, ନାଗେଶ୍ୱର ଦୋରା, ଜଯାତି କେଶରୀ ପଣ୍ଡା, ନିରଞ୍ଜନ ନାୟକ, ରମେଶ ଚନ୍ଦ୍ର ଭୂୟାଁ, ବାବୁଲା ନାୟକ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ ପ୍ରମୁଖ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଓ ଜିଲ୍ଲା ଶିକ୍ଷା ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ଉପସଭାପତି ସୂର୍ଯ୍ୟକାନ୍ତ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଗ୍ୟାପନ କରିଥିଲେ ।

## ଜିଲ୍ଲାସ୍ତରୀୟ ମଣ୍ଡେଇ ମହୋତ୍ସବ ଉଦ୍‌ଯାପିତ



ତେନ୍ତୁଳି ଖୁଣ୍ଟି/ନବରଙ୍ଗପୁର, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲାର ସାଂସ୍କୃତିକ ଗଣ ପର୍ବ ମଣ୍ଡେଇ ଉଦଯାପିତ ହୋଇଯାଇଛି । ୬ତାରିଖ ଠାରୁ ଆରମ୍ଭ ହୋଇ ତିନି ଦିନ ଧରି ଚାଲିଥିବା ମଣ୍ଡେଇ ଉଦ୍‌ଯାପିତ ହୋଇଯାଇଛି । ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ପଲିଶ୍ରୀ ମେଳା ଚାଲିବ । ଉଦ୍‌ଯାପନୀ ମଣ୍ଡେଇ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବରେଣ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ସାଂସଦ ମୁଜିବୁଲା ଖାଁ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା ମଞ୍ଚାସିନ ରହିଥିଲେ । ପ୍ରଥମେ ମୁଖ୍ୟ ମନ୍ତ୍ରୀ ମା' ଭଣ୍ଡାର ଘରଣୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ପରେ ନବରଙ୍ଗପୁର ସହରରେ ଏକ ବିଶାଳ ଶୋଭାଯାତ୍ରା କରି ମଣ୍ଡେଇ ପଡିଆରେ ପହଞ୍ଚିଥିଲେ । ନବରଙ୍ଗପୁର ଜିଲ୍ଲାର ସାଂସ୍କୃତିକ ଗଣପର୍ବରେ ପ୍ରଥମ ଥର ମୁଖ୍ୟମନ୍ତ୍ରୀ ଯୋଗ ଦେବା ଇତିହାସ ସୃଷ୍ଟି କରିଛି । ବିଗତ ୨୨ ବର୍ଷ ମଧ୍ୟରେ ଏମିତି ହୋଇ ନଥିଲା । ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲାର ଟୁରୀ ନଦୀ ଠାରେ ସହୀଦ ଓ ସଂଗ୍ରାମୀମାନଙ୍କୁ ସ୍ମରଣ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ରାଜନୀତି ନବରଙ୍ଗପୁର ଜିଲ୍ଲାରୁ ଆରମ୍ଭ କରିଥିଲେ । ୧୯୯୯ ମସିହାରେ ସେ ପ୍ରଥମ କରି ନବରଙ୍ଗପୁର ଜିଲ୍ଲା ଆସିଥିଲେ । ଏହି ଜିଲ୍ଲା ତାଙ୍କର ଦୁର୍ବଳତା ରହିଥିବା ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ । ଜିଲ୍ଲାକୁ ସମୃଦ୍ଧ ଓ ଜିଲ୍ଲାର ବିକାଶ କରିବା ପାଇଁ ସେ ସମସ୍ତଙ୍କ ସହଯୋଗ ଆବଶ୍ୟକ ରହିଛି ବୋଲି କହିଥିଲେ । ତେବେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ରାଜନୈତିକ ସଭା ପାଲଟି ଯାଇଥିଲା ମଣ୍ଡେଇ ମଞ୍ଚ । ମଣ୍ଡେଇ ମଞ୍ଚରେ ଉପସ୍ଥିତ ଶାସକ ଓ ବିରୋଧୀ ବିଧାୟକ, ସାଂସଦଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଥିଲା । ଡାବୁଗାଁର ବିଜେଡି ବିଧାୟକ ମନୋହର ରନ୍ଧାରୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନବରଙ୍ଗପୁର ଜିଲ୍ଲାର ବିକାଶ ପାଇଁ ଜିଲ୍ଲା ଭିତ୍ତିକ ନିଯୁକ୍ତି ସହ, ଡିପିସି ଚେୟାରମ୍ୟାନ, ଏସ୍‌ଡିସି ଗଠନ ଭଳି ଅନେକ ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଘେରିବାକୁ ଚେଷ୍ଟା କରିଥିଲେ ଯାହାକୁ ଉପସ୍ଥିତ ଥିବା ବିଜେପିର ଲୋକସଭା ସାଂସଦ ବଳଭଦ୍ର ମାଝୀ, କାଉଣ୍ଟର ଆଟାକ କରିଥିବା ଦେଖିବାକୁ ମିଳିଥିଲା । ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ନବରଙ୍ଗପୁର ଜିଲ୍ଲାର ସାମଗ୍ରିକ ଉନ୍ନତି ପାଇଁ ପ୍ରତିଶ୍ରୁତି ଦେବା ସହ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଦାବି ଜିଲ୍ଲା ଭିତ୍ତିକ ନିଯୁକ୍ତି ନେଇ ମୁହଁ ଖୋଲି ଏହା ପୂରଣ ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି । ଓଡ଼ିଶାର ଉନ୍ନତି ପ୍ରତି ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେବା ସହ ଡିଜି ସମ୍ମିଳନୀ କରି ନିଜେ ତିନି ଦିନ ଉପସ୍ଥିତ ରହି ଓଡ଼ିଶାର ବିକାଶ ପାଇଁ ଆଲୋଚନା କରିଥିବା କହିଛନ୍ତି । ନବରଙ୍ଗପୁର ମାଟି ଐତିହାସିକ ମାଟି । ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ନବରଙ୍ଗପୁର ଜିଲ୍ଲା ପ୍ରତି ତାଙ୍କ ଦୁର୍ବଳତା ଥିବା କହିଛନ୍ତି । ଦକ୍ଷିଣ ଓଡ଼ିଶାର ଚାରି ଜିଲ୍ଲା କୋରାପୁଟ, ନବରଙ୍ଗପୁର, ରାୟଗଡା, ମାଲକାନଗିରି ଜିଲ୍ଲାରେ ବିଗତ ସରକାରଙ୍କ ଅମଳରେ କିଛି କାମ ହୋଇନଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ । ପ୍ରଧାନମନ୍ତ୍ରୀଙ୍କ ଠାରୁ ୧୮ ଘଣ୍ଟାର ପରିଶ୍ରମ କରିବା ପାଇଁ ପ୍ରେରଣା ପାଇଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ । ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ବିକାଶ କରିବା ସହ ବିଭିନ୍ନ ହସ୍ତଶିଳ୍ପର ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସାଂସ୍କୃତିକ ଦଳର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଶୀତରେ ମଧ ବିଳମ୍ବିତ ରାତିରେ ମଧ ଦର୍ଶକଙ୍କୁ ବାନ୍ଧି ରଖିଥିଲା । କାର୍ଯ୍ୟକ୍ରମରେ ଦର୍ଶକଙ୍କ ଜନସମୁଦ୍ର ଦେଖିବାକୁ ମିଳିଥିଲା । ଶେଷ ଦିନର ମୁଖ୍ୟ ଆକର୍ଷଣ ଥିଲା ପଶ୍ଚିମ ଓଡ଼ିଶାର କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ କାର୍ଯ୍ୟକ୍ରମ । ମଣ୍ଟୁଙ୍କ ଗୀତରେ ଉପସ୍ଥିତ ଦର୍ଶକ ମନ ଭରି ଉପଭୋଗ କରିଥିଲେ ।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର

କୁଜଙ୍ଗ, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ଼ ପଞ୍ଚାୟତ ଭବନ ପରିସରରେ ସାନଭି ଚକ୍ଷୁ ହସ୍ପିଟାଲ୍ ଓ ତିର୍ତ୍ତୋଲ ସହାୟତାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଚକ୍ଷୁ ପରୀକ୍ଷା ଶିବିରରେ ବରିଷ୍ଠ ଡାକ୍ତର ରଶ୍ମିପ୍ରଭା ସାମଲ, ନର୍ସ ପ୍ରଭାସିନୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ୩୭ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ଯୋଗାଇ ଦେଇଥିଲେ ଏବଂ ମୋତିଆ ବିନ୍ଦୁ ଓ ଅନ୍ୟାନ୍ୟ ଚିକିତ୍ସା ନିମନ୍ତେ ୭ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇ ଅସ୍ତ୍ରପ୍ରଚାର ନିମନ୍ତେ ଚକ୍ଷୁ ହସ୍ପିଟାଲକୁ ନିଆଯାଇଛି । ସେମାନଙ୍କର ରହିବା, ଖାଇବା ଓ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ସାନଭି ହସ୍ପିଟାଲ୍ ବହନ କରିବ ବୋଲି ଡ଼ାକ୍ତର ରଶ୍ମିପ୍ରଭା ସାମଲ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ରଞ୍ଜନ କୁମାର ସାମଲ, ରବୀନ୍ଦ୍ର କୁମାର ସାହୁ, ସନ୍ତୋଷ ଦୋରା ଓ ସନାତନ ମାଝୀ ପ୍ରମୁଖ ପରିଚାଳନା କରିଥିଲେ । ଏହି ପରି ପ୍ରତି ମାସରେ ମାଗଣା ସ୍ୱାସ୍ଥ୍ୟ ସେବା ଓ ଚକ୍ଷୁ ପରୀକ୍ଷା ଶିବିର ପଞ୍ଚାୟତର ବିଭିନ୍ନ ଗ୍ରାମରେ ନିୟମିତ ଭାବେ ଚାଲୁ ରହିବ ବୋଲି ପାରାଦ୍ୱୀପ ଗଡ଼ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ପ୍ରକାଶ କରିଥିଲେ ।

## ଚାଷୀଙ୍କୁ ମିଳିଲା ଇନ୍‌ପୁଟ୍ ସବ୍‌ସିଡ଼ି



ଛତ୍ରପୁର, (ଭାସ୍କର ନ୍ୟୁଜ): କଥା ଦେଇ କଥା ରଖିଲେ ରାଜ୍ୟ ସରକାର । ଚାଷୀଙ୍କୁ ମିଳିଲା ଇନ୍‌ପୁଟ୍ ସବ୍‌ସିଡ଼ି । ବରଗଡ଼ ସୋହେଲାରେ ଆୟୋଜିତ ହୋଇଥିବା ବିଶାଳ ଚାଷୀ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀଙ୍କ ଆକାଉଣ୍ଟକୁ ୮୦୦ ଟଙ୍କା ଇନପୁଟ ସବସିଡି ଛାଡିଥିଲେ । ଏହି ଅବସରରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ଠାରେ ମଧ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା, ରାଜ୍ୟ ଇସ୍ପାତ ଖଣିଜ ପରିବହନ ମନ୍ତ୍ରୀ ବିଭୁତିଭୁଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଭଳି ପୂର୍ବ ସରକାର ଚାଷୀଙ୍କୁ ମିଛ ପ୍ରତସୃତି ଦେଇ ଠକିଥିଲା, ଆଉ ମୋହନ ସରକାର ଆସିବା ପରେ ସରକାରକୁ ଆସିବାର କିଛି ସମୟ ପରେ ଚାଷୀଙ୍କ ଧାନର ଏମ୍‌ଏସ୍‌ପି ବୃଦ୍ଧି କରିଥିଲେ । ଆଜି ତାହା ପରିପୂରଣ ହୋଇଛି ବୋଲି ମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ । ଅନ୍ୟତମ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏବଂ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ଯୋଗ ଦେଇଥିଲେ । ଏହି ବିଶାଳ ଚାଷୀ ସମାବେଶରେ ମଞ୍ଚ ଉପରେ କିଛି ଚାଷୀଙ୍କୁ ଅତିଥି ଭାବେ ମଧ ମଞ୍ଚାସୀନ କରାଯାଇଥିବା ଦେଖିବାକୁ ମିଳିଥିଲା । ଆସନ୍ତା ଡିସେମ୍ବର ୨୩ରେ ଗଞ୍ଜାମ ଜିଲ୍ଲାରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଚାଷୀ କିଭଳି ସୁରୁଖୁରୁରେ ଧାନ ବିକ୍ରି କରିପାରିବେ କିପରି ଅସୁବିଧାରେ ନ ପଡିବେ ସେଥିପାଇଁ ମନ୍ତ୍ରୀ ବିଭୁତି ଭୂଷଣ ଜେନା ନିଜ ମୋବାଇଲ ନମ୍ବର ସମସ୍ତ ଚାଷୀଙ୍କୁ ପ୍ରଦାନ କରିବା ସହ କୌଣସି ବି ଅସୁବିଧା ହେଲେ ଫୋନ କରିବାକୁ ଅନୁରୋଧ କରିଥିଲେ । ଏହି ସମାବେଶରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ ପୃଷ୍ଟି, ଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ ପୁଶା ମୁଣ୍ଡା, ଚାଷୀନେତା ସୁବାଷ ଚୌଧୁରୀ, ଦୁର୍ଯ୍ୟୋଧନ ପରିଡା, ଦେବରାଜ ମହାନ୍ତି ପ୍ରମୁଖ ମଞ୍ଚକ୍ଷସିନ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାରୁ ବହୁ ମହିଳା ଓ ପୁରୁଷ ଚାଷୀ ଯୋଗ ଦେଇଥିଲେ ।



ରଘୁନାଥପୁର, (ଭାସ୍କର ନ୍ୟୁଜ୍) : କୁଳକଇଜଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକବିଂଶ ତମ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ସ୍ଥାନୀୟ ବିଦ୍ୟାମନ୍ଦିର ପରିଚାଳନା ସମିତି ସଦସ୍ୟ ଶ୍ରୀଯୁକ୍ତ ଅଞ୍ଜନ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି ଧ୍ୱଜା ଆରୋହଣ କରିବା ସହିତ ବିଧିବଦ୍ଧ ଭାବରେ କ୍ରୀଡା ଅୟାରମ୍ଭ କରିଥିଲେ। ପ୍ରଧାନଆଚାର୍ଯ୍ୟ ଶ୍ରୀନିବାସ କୁଣ୍ଡ ଦୈନନ୍ଦିନ ଜୀବନରେ କ୍ରୀଡାର ଉପଯୋଗୀତା ତଥା ଶାରୀରିକ ଅଭିବୃଦ୍ଧି ନିମନ୍ତେ କ୍ରୀଡାର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ପ୍ରତିଭାଗୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ପାଠପଢିବା ସହିତ କ୍ରୀଡା କ୍ଷେତ୍ରରେ ମଧ୍ୟ ସୁନାମ ଅର୍ଜନ କରିବାକୁ ଅହ୍ୱାନ ଦେଇଥିଲେ। ବିଦ୍ୟାଳୟ କ୍ରୀଡା ପ୍ରମୁଖ ଅଭିମନ୍ୟୁ ପରମାଣିକ କ୍ରୀଡାର ନିୟମ ଜଣାଇବା ସହିତ ପ୍ରତିଭାଗୀମାନଙ୍କର ଶପଥ ପାଠ କରାଇଥିଲେ। ଆଚାର୍ଯ୍ୟା ଶୁଭସ୍ମିତା ରଥ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ସେବିକା ଶିଶୁ ପ୍ରତିଭାଗୀ ଏବଂ ଅଭିଭାବକମାନଙ୍କ ସହଯୋଗରେ ସମସ୍ତ କ୍ରୀଡା ପ୍ରତିଯୋଗିତା ସୁଚାରୁରୂପେ ପରିଚାଳିତ ହୋଇଥିଲା ଏବଂ ପରିଶେଷରେ ବିଜୟୀ ପ୍ରତିଭାଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।



# ମୟୂରଭଞ୍ଜରେ ୧୦୦ ଦିନିଆ ଯକ୍ଷ୍ମା ବିଲୁପ୍ତି ଅଭିଯାନ ଆରମ୍ଭ

ବାରିପଦା,(ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାରେ ସୋମବାର ଠାରୁ ଆରମ୍ଭ ହୋଇଛି ଆଗାମୀ ୧୦୦ ଦିନ ବ୍ୟାପି ଯକ୍ଷ୍ମା ବିଲୋପ ଅଭିଯାନ। ଏହି ପରିପ୍ରେକ୍ଷୀରେ, ଜିଲ୍ଲା ସଦର ମହକୁମା ବାରିପଦାରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦାହ ବସନ୍ତ କୁମାର ବେହେରା, ଅତିରିକ୍ତ ଚିକିତ୍ସାଧିକାରୀ ଡଃ ବିଜୟ କୁମାର ଦାସ ଏବଂ ଏହି ଅଭିଯାନର ଜାତୀୟ ସଂଯୋଜକ ଡଃ ଧର୍ମା ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମାନ୍ୟବର ସାଂସଦ ଶ୍ରୀମତୀ ମହାନ୍ତ କହିଥିଲେ ଯେ ଯକ୍ଷ୍ମା ମୁକ୍ତ ଅଭିଯାନ ହେଉଛି ଗୋଷ୍ଠି ସହାୟତା ହାସଲ କରି ରୋଗୀ-କେନ୍ଦ୍ରିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ଆଡ଼କୁ ଏକ ପଦକ୍ଷେପ ଏବଂ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମ ହେଉଛି ଏକ ସାମାଜିକ ଆଭିମୁଖ୍ୟର ଆବଶ୍ୟକତାକୁ ଆଲୋକିତ କରିବା




ଯାହାକି ବିଭିନ୍ନ ବର୍ଗର ଲୋକଙ୍କୁ ଜନ ଆନ୍ଦୋଳନରେ ସାମିଲ କରି ୨୦୨୫ ସୁଦ୍ଧା ଦେଶରୁ ଯକ୍ଷ୍ମା ଦୂର କରିବାର ଉଚ୍ଚାଭିଳାଷୀ ଲକ୍ଷ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ସୂଚନା ଥାଉକି, ମୟୂରଭଞ୍ଜ ସମେତ ଓଡ଼ିଶାର ପ୍ରତ୍ୟେକଟି ଜିଲ୍ଲାରେ ଏହି ଅଭିଯାନ ଆରମ୍ଭ ହୋଇଛି ଏବଂ ଏହି ୧୦୦ ଦିନିଆ ଟୀକାକରଣ, ଯାହା ସମସ୍ତ ବର୍ଗର ଲୋକମାନଙ୍କୁ ଅନ୍ତର୍ଭୁକ୍ତ କରିଛି, ଅଭିଯାନ ପାଇଁ ୪-ଟି କାର୍ଯ୍ୟପନ୍ଥା ହାତକୁ ନିଆ ଯାଇଛି। ତାହା ହେଲା, ଟେଷ୍ଟ, ଟ୍ରାକ, ଟ୍ରିଟ୍ ଓ ଟେକ୍ନୋଲୋଜି। ତେଣୁ ଏହି ମାଧ୍ୟମରେ ଜନସାଧାରଣ ମାନଙ୍କୁ ସଚେତନ କରାଯାଇ ସମସ୍ତ ସବ-ସେଣ୍ଟର ଠାରେ ଆୟୁଷ୍ମାନ ଶିବିର ଆୟୋଜନ କରାଯାଇ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମାଧ୍ୟମରେ ଏକ୍ସ-ରେ କରାଯାଇ ରୋଗର ନିଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଯକ୍ଷ୍ମା ଚିକିତ୍ସା କ୍ଷେତ୍ରରେ ସହାୟତା କରୁଥିବା ତଥା ଯକ୍ଷ୍ମା ବିଲୋପ ଦିଗରେ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ଗୋଷ୍ଠିର ହିତାଧିକାରୀଙ୍କୁ ଏକାଠି କରିବା ସକାଶେ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନର କଳ୍ପନା କରାଯାଇଛି । ଏଣୁ ଜିଲ୍ଲାରେ ଥିବା ୨୬ଟି ବ୍ଲକରେ ଏହି ସଚେତନତା ବାର୍ତ୍ତା ପ୍ରଚାର କରିବା ପାଇଁ ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ଶ୍ରୀମତୀ ମହାନ୍ତ ୭ଟି ସଚେତନତା ରଥର ଉଦ୍ଘାଟନ କରିଥିଲେ। ଏହି ରଥ, ଆଗାମୀ ୧୦୦ ଦିନ ଯାଏଁ ସମସ୍ତ ବ୍ଲକରେ ବୁଲି ଲୋକଙ୍କୁ ସଚେତନ କରାଇବ। ଉପସ୍ଥିତ ଅତିଥିମାନେ ମଧ୍ୟ ଏହି ୧୦୦ ଦିନ ଅଭିଯାନ ନିମନ୍ତେ ପ୍ରସ୍ତୁତ ନି-କ୍ଷୟ ମିତ୍ର ଶିବିରକୁ ମଧ୍ୟ ଉଦ୍ଘାଟନ କରିଥିଲେ ଯେଉଁଥିରେ ମାଗଣା ଟିବି ପରୀକ୍ଷା କରାଯିବାର ବ୍ୟବସ୍ଥା ହୋଇଅଛି। ଆଜିର କାର୍ଯ୍ୟକ୍ରମରେ ୨ ଜଣ ଟିବି ରୋଗରୁ ମୁକ୍ତ ହୋଇଥିବା ସଫଳ ବ୍ୟକ୍ତିତ୍ୱ, ତିରିଂର ଅର୍ଜୁନ ମାର୍ଣ୍ଡି ଓ କିସାନତାଣ୍ଡିର ବାସୁଦେବ ତୁଙ୍ଗଙ୍କୁ, ନିଜ ଅଞ୍ଚଳରେ ଜନସଚେତନତା ବୃଦ୍ଧି କରୁଥିବାରୁ ପୁରସ୍କୃତ କରାଗଲା। ଏହି ଅବସରରେ, ରାଜବସା ଓ ଚନ୍ଦନପୁର ପଞ୍ଚାୟତର ସରପଞ୍ଚ ଯିଏକି ନିଜ ଅଞ୍ଚଳରେ ଟିବି ରୋଗୀଙ୍କୁ ମାଗଣା ସେବା ଯୋଗାଇବା ସହିତ ଡାକ୍ତରୀ କିଟ ଯୋଗାଇ ଦେଉଛନ୍ତି, ତାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଯକ୍ଷ୍ମା ନିରୋଧ କେନ୍ଦ୍ର ଠାରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ବେଳେ ଏହି କାର୍ଯ୍ୟକ୍ରମର ପରିଚାଳନା, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଦିନକୃଷ୍ଣ ବାରିକ୍ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଚିକିଟି ତହସିଲରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ

ଚିକିଟି, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ତହସିଲରେ ଆଜି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି ରୂପେ ଯୋଗ ଦାନ କରିଥିବା ବେଳେ ଉପଜିଲ୍ଲାପାଳ ଦେହାନ ଦସ୍ତଗୀର ସମ୍ମାନିତ ଅତିଥି ରୂପେ ଏବଂ ଚିକିଟି ପୌର ପରିଷଦର ଅଧ୍ୟକ୍ଷା ଦୀପକୁମାରୀ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଆପନା ସେଠି ଯୋଗ ଦାନ କରିବା ସହ ସ୍ଥାନୀୟ ତହସିଲଦାର ବିଶ୍ୱରଞ୍ଜନ କହଁର ମୋଟ ୫୯୩ଜଣଙ୍କୁ ବିଭିନ୍ନ ପ୍ରକାର ପଟ୍ଟା ପ୍ରଦାନ କରିଥିଲେ। ଏଥିମଧ୍ୟରୁ ପିତାତୋଳି ରାଜସ୍ୱ ଇଲାକାର ୧୧୪ଜଣଙ୍କୁ ଗ୍ରାମକଣ୍ଟକ, ୧୭ଜଣଙ୍କୁ ବେବନ୍ଦୋବସ୍ତ, ୧୯(ସି)୨ଜଣଙ୍କୁ, ଚାରି ଜଣଙ୍କୁ ବସୁନ୍ଧରା ହିସାବରେ ମୋଟ ୧୩୭ଜଣଙ୍କୁ। ଚିକିଟି ରାଜସ୍ୱ ଗ୍ରାମ




ଅଧିନସ୍ଥ ୧୪୨, ଗ୍ରାମକଣ୍ଟକ, ୨୧ବେବନ୍ଦୋବସ୍ତ, ୧୯(ସି)ଜଣଙ୍କୁ, କୋଟିଲିଙ୍ଗିର ୪୮ଟି ଗ୍ରାମକଣ୍ଟକ, ଜଣେ ବେବନ୍ଦୋବସ୍ତ, ୧୯(ସି)ର ୧୩, ବସୁନ୍ଧରା ଯୋଜନାରେ ୬ଜଣ। ନୂଆପଡାରେ ୬୪ଟି ଗ୍ରାମକଣ୍ଟକ ତିନୋଟି ବେବନ୍ଦୋବସ୍ତ, ସୁନାପୁରରେ ୪୯ଟି ଗ୍ରାମକଣ୍ଟକ ଜଣକୁ ବେବନ୍ଦୋବସ୍ତ, ଗିରୀସୋଲାରେ ୪୭ଟି ଗ୍ରାମକଣ୍ଟକ, ଦୁଇଟି ବେବନ୍ଦୋବସ୍ତ, ସୁବାଣୀରେ ୫୮ଟି ଗ୍ରାମକଣ୍ଟକ ଜଣ ହିତାଧିକାରୀଙ୍କୁ ବିଭିନ୍ନ କିସମର ପଟ୍ଟା ବଣ୍ଟନ କରାଯାଇଥିଲା। ଏଭଳି ସମୁଦାୟ ୫୧୨ଗ୍ରାମକଣ୍ଟକ, ୪୫ ବେବନ୍ଦୋବସ୍ତ, ୧୬ଜଣ ୧୯(ସି)୧୦ ବସୁନ୍ଧରା ଯୋଜନା ଅନୁଯାୟୀ ପଟ୍ଟା ପାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ସକାଶେ ଚିକିଟି ଓ ପିତାତୋଳି ରାଜସ୍ୱ ନିରୀକ୍ଷକ ବଳରାମ ପ୍ରଧାନ, ଅଶ୍ୱିନୀ ରାଉଳଙ୍କ ସହ ସମସ୍ତ ରାଜସ୍ୱ କର୍ମଚାରୀ ଆପ୍ରାଣ ଚେଷ୍ଟା କରିଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୪୦ ୟୁନିଟ୍ ରକ୍ତ ସଂଗ୍ରହ

ବେତନଟୀ, (ଭାସ୍କର ନ୍ୟୁଜ୍) : ରବିବାର ଦିନ ଆମ୍ବଗଡ଼ିଆ ବିକାଶ ପରିଷଦ ଓ ଓଡ଼ିଶା ରକ୍ତଦାତା ସଂଘର ମିଳିତ ସହଯୋଗରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଭଗବାନପୁର ନୂତନ ପ୍ରାଥମିକ ବିଦ୍ୟାଳୟ, ମୟୂରଭଞ୍ଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ପୂର୍ବତନ ଅର୍ଥ ପରାମର୍ଶ ଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ଅଧିକାରୀ ଛୋଟରାୟ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଶିବିରକୁ ଉଦ୍ଘାଟନ କରିଥିଲେ। ବାଲେଶ୍ୱର ଜିଲ୍ଲାର ରକ୍ତଭଣ୍ଡାର ଅଧିକାରୀ ଡ଼ ବସନ୍ତ ଉପାଧ୍ୟାୟ ଏବଂ ତାଙ୍କର ସହଯୋଗୀଙ୍କ ଦ୍ୱାରା ଅବିନାଶ ବେହେରା ପ୍ରଥମେ ରକ୍ତଦାନ କରି ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥଲେ। ପରେ ଏହି ରକ୍ତଦାନ ଶିବିରରେ ରକ୍ତଦାନ କରିବା ସହ ଏକ ବୈଠକ ଆୟୋଜନ ହୋଇଥିଲା। ପ୍ରଥମେ ଉପଦେଷ୍ଟା ଚକ୍ରଧର ଆଚାର୍ଯ୍ୟଙ୍କ ଦ୍ୱାରା ବେଦ ପାଠ ପରେ, ସ୍ୱାଗତ ନୃତ୍ୟ ସାଇଶ୍ରୀ ମହାପାତ୍ର ପରିବେଷଣ କରିଥିଲେ। ଆମ୍ବଗଡ଼ିଆ ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ସଭାପତିତ୍ୱରେ ପୂର୍ବତନ




ଅର୍ଥ ପରାମର୍ଶ ଦାତା ଓଡ଼ିଶା ସରକାରଙ୍କ ମୁଖ୍ୟ ଅତିଥି ଛୋଟରାୟ ମୁର୍ମୁ, ମୁଖ୍ୟବକ୍ତା ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ତପନ କୁମାର ବେହେରା, ବରେଣ୍ୟ ଅତିଥି ଭାବରେ ଭଗବାନପୁର ଗ୍ରାମର ପ୍ରତିଷ୍ଠାତା ଭଗବାନ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ପୂର୍ବତନ ସେନା ଅଧିକାରୀ ଭୀମଚରଣ ମାଝୀ, ଅଧ୍ୟାପକ ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ସୁବାଷ ଚନ୍ଦ୍ର ମହାପାତ୍ର, ଓଡ଼ିଶା ରକ୍ତଦାତା ସଂଘର ସମ୍ପାଦକ ଗୋପାଳଚନ୍ଦ୍ର ସାହୁ, ପୂର୍ବତନ କୃଷି ବୈଜ୍ଞାନିକ ଅକ୍ଷୟ କୁମାର ମିଶ୍ର, ବରିଷ୍ଠ ରେଳ ବିଭାଗର ପୂର୍ବତନ ଅଧିକାରୀ ଫିରୋଜ୍ ଖାନ୍ ଯୋଗଦେଇ ବର୍ତ୍ତମାନ ସମାଜରେ ରକ୍ତଦାନର ଆବଶ୍ୟକ କେତେ ଅଛି ଓ ରକ୍ତଦାନ କରିବା ଦ୍ୱାରା କିପରି ଜଣେ ମାନବ ସୁସ୍ଥ ରହିବ ସେ ବିଷୟରେ ମତାମତ ପ୍ରଦାନ କରିଥଲେ ଏବଂ ସାମ୍ବାଦିକ ଅନୁଧ୍ୟାନ ଖବର କାଗଜ ବେତନଟୀ ହରିଶ୍ଚନ୍ଦ୍ର ସାମଲ ଓ ରେମୁଣା ବ୍ଲକ୍ ମାଟ୍ରିକ ପରୀକ୍ଷାରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ହର୍ଶିତା ଜେନା, ୧୫ ବର୍ଷରୁ କମ୍ କ୍ରିକେଟରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିବା ରୋମି ପ୍ରଲିପ୍ତା ମଲ୍ଲିକ ଇତ୍ୟାଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ରକ୍ତଦାନ ଶିବିରକୁ ନୀଳମଣି ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପରିଚାଳନା କରିଥିଲେ। ଏହି ଶିବିରରେ ହୀରାପୁର ସରକାରୀ ବିଦ୍ୟାଳୟର ଶିକ୍ଷକ ଜଗଦୀଶ ବ୍ରହ୍ମଚାରୀ, ଛାତ୍ର ଦିବ୍ୟରଞ୍ଜନ ପ୍ରଧାନ, ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ସୁବାଶିଷ ମହାନ୍ତି, ମଂଗ୍ଲେଶ ମଗ୍ଲମ୍ ପ୍ରମୁଖ ସହାୟତା କରିଥିଲେ। ଏହି ଶିବିରରେ ୪୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶେଷରେ ଶିକ୍ଷକ ଗଣେଶ ଚନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରୀଲ୍ କାଟି ଚୋରି

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ଥାନା ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ା ଗ୍ରାମର ଉମେଶ ଚନ୍ଦ୍ର କର ଘରେ ନଥିବା ସମୟରେ ତାଙ୍କ ଘରଗ୍ରୀଲ୍ କାଟି ଦୁର୍ବୃତ୍ତମାନେ ଚୋରିକରି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଉମେଶ ଚନ୍ଦ୍ର କର ତାଙ୍କ ନାତୁଣୀର ଏକୋଇଶିଆ ଉତ୍ସବରେ ଯୋଗଦେବା ପାଇଁ ଭୁବନେଶ୍ୱର ଯାଇଥିଲେ। ଗତ୫ ତାରିଖ ଦିନ ଆସି ଦେଖିଲେ ଯେ ତାଙ୍କ ଘରର ଗ୍ରୀଲ କାଟି ଘରଭିତରେ ଗଡ଼ରେଜ ଆଲମିରା ଭାଙ୍ଗି ତହିଁରେ ଥିବା ସୁନା ଓ ରୁପା ଅଳଙ୍କାର ଓ ନଗଦ ଆଠ ହଜାର ଟଙ୍କା ଚୋରି କରି ନେଇଯାଇଛନ୍ତି। ଏ ସମ୍ପର୍କରେ ଉମେଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୧୬୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ‘ପରଖ’ ରାଷ୍ଟ୍ରୀୟ ସର୍ବେକ୍ଷଣ ପରୀକ୍ଷା

ଫୁଲନଖରା, (ଭାସ୍କର ନ୍ୟୁଜ୍) : କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧିନସ୍ଥ ଏନସିଇଆରଟି ଦ୍ୱାରା ପରିଚାଳିତ ବିଦ୍ୟାଳୟର ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଗୁଣାତ୍ମକ ମାନ ନିର୍ଦ୍ଧାରଣ ନିମିତ୍ତ ସମଗ୍ର ଦେଶରେ ‘ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ ପରୀକ୍ଷା-୨୦୨୪’ ଅନୁଷ୍ଠିତ ହେଉଛି। ଏହି କ୍ରମରେ ବାରଙ୍ଗ ବ୍ଲକ ଉଷୁମା କ୍ଲଷ୍ଟର ଅନ୍ତର୍ଗତ କୁରାଙ୍ଗଶାସନ ଠାରେ ଥିବା ବାବା ଶ୍ରୀରାମ ପ୍ରସାଦ ସଂସ୍କୃତ ଏକାଡ଼େମୀ ଏବଂ ଗଙ୍ଗେଶ୍ୱରସ୍ଥିତ ଶୁଦ୍ଧାନନ୍ଦ ବିଦ୍ୟାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସଂସ୍କୃତ ସ୍କୁଲ ପ୍ରଧାନ ପଣ୍ଡିତ ଘନଶ୍ୟାମ ମୁଦୁଲି ଓ ଶୁଦ୍ଧାନନ୍ଦ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣୟିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପରୀକ୍ଷା ପିଲାମାନଙ୍କ ଶୈକ୍ଷିକ ଦକ୍ଷତା ସମ୍ପର୍କରେ ଅବଗତ ହୋଇ ତଦନୁଯାୟୀ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ରାଷ୍ଟ୍ରୀୟ ସର୍ବେକ୍ଷଣର ପ୍ରଧାନ ଲକ୍ଷ୍ୟ ବୋଲି ସିଆର୍‌ସିସି ପ୍ରଦୀପ କୁମାର ବାରିକ ସୂଚନା ଦେଇଛନ୍ତି। ଏହି ପରୀକ୍ଷା ପାଇଁ ସମ୍ପୃକ୍ତ ବିଦ୍ୟାଳୟରେ କିଛିଦିନ ହେଲା ପୂର୍ବ ପ୍ରସ୍ତୁତି ଚାଲିଥିଲା।

# ପାରାଦୀପ ମହାବିଦ୍ୟାଳୟ ଏନସିସି ପ୍ରାକ୍ତନ ଛାତ୍ର ସଙ୍ଘର ବାର୍ଷିକ ଉତ୍ସବ

ପାରାଦୀପ,(ଭାସ୍କର ନ୍ୟୁଜ୍) : ପାରାଦୀପ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ପ୍ରାକ୍ତନ ଛାତ୍ର ସଙ୍ଘ (ଆଲୁମୁନି ଆସୋସିଏସନ)ର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଦିନ ମହାବିଦ୍ୟାଳୟ ପରିସରରେ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ପ୍ରାକ୍ତନ ଓ ବର୍ତ୍ତମାନର ଏନସିସି କ୍ୟାଡେଟ ମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପାରାଦୀପ ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ.ସୋଣ୍ଡି, ଓଡ଼ିଶା ତୃତୀୟ ନାଭାଲ ୟୁନିଟର ପ୍ରାକ୍ତନ କମାଣ୍ଡିଙ୍ଗ ଅଫିସର କ୍ୟାପଟେନ




ପ୍ରଶାନ୍ତ କୁମାର ନାୟକ, ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ ସସ୍ମିତା ଶତପଥି, ଭାରତୀୟ ତଟରକ୍ଷୀ ବାହିନୀର ଡେପୁଟି କମାଣ୍ଡାଣ୍ଟ ଡି.ଏନ.ମାଣ୍ଡି, ପୂର୍ବତନ ନୌସେନା ଅଧିକାରୀ ବିଭୁ ପ୍ରସାଦ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଅତିଥିମାନେ ଉତ୍ସବକୁ ଉପଭୋଗ କରିବା ସହିତ କ୍ୟାଡେଟ ମାନଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ଏନ୍‌ସିସି ପୁରାତନ ଛାତ୍ର ସଙ୍ଘର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ସଂଘର ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଶେଷରେ ସଙ୍ଘର ସମ୍ପାଦକ ଦେବୀ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କ୍ୟାଡେଟମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ବହୁ ସଂଖ୍ୟାରେ ଏନ୍‌ସିସି ଅଧିକାରୀ, ବନ୍ଦର ଅଧିକାରୀ, ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ପ୍ରାକ୍ତନ ଓ ବର୍ତ୍ତମାନର କ୍ୟାଡେଟ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ କନିଷ୍ଠ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ

ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ କନିଷ୍ଠ ଶିକ୍ଷକ ସଂଘର ପୂର୍ବତନ ସଭାପତି ପ୍ରତାପ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଓ ସମ୍ପାଦକ କିଶୋର କୁମାର ବେହେରାଙ୍କ ଆବାହକତ୍ୱରେ ଏକ ଜରୁରୀ ବୈଠକ ବୋଲଗଡ ସ୍ଥିତ ମା’ ଭୂଇଆଁଣି ଶକ୍ତି ପୀଠ ଠାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଭାପତି ପ୍ରତାପ କୁମାର ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ ଓ ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ୧୯ଟି ଗ୍ରାମ ପଞ୍ଚାୟତର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରୁ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ବୈଠକରେ ଶିକ୍ଷାର ବିକାଶ ଓ ଶିକ୍ଷକ ତଥା ଶିକ୍ଷୟିତ୍ରୀ ମାନଙ୍କର ବିଭିନ୍ନ ସମସ୍ୟା ଏବଂ କନିଷ୍ଠ ଶିକ୍ଷକ ସଂଘର ସଂଗଠନ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସର୍ବସମ୍ମତି କ୍ରମେ ବ୍ଲକସ୍ତରୀୟ କନିଷ୍ଠ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଗଠନ କରାଯାଇଛି। ସଂଘର ନୂତନ ସଭାପତିଭାବେ ପ୍ରବୀର ମୋହନ ପଟ୍ଟନାୟକ, ସମ୍ପାଦକ ଭାବେ କୃଷ୍ଣ ଚନ୍ଦ୍ର ମହାପାତ୍ର, କୋଷାଧ୍ୟକ ଭାବେ ରାକେଶ ସୁବୁଦ୍ଧି, ଉପଦେଷ୍ଟା ଭାବେ ଜନ୍ମେଜୟ ମାଝୀ, ଗଣମାଧ୍ୟମ ସଂଯୋଜକ ଭାବେ ସନ୍ତୋଷ କୁମାର ଦାସ ଓ କାର୍ଯ୍ୟକାରୀ ବରିଷ୍ଠ ସଦସ୍ୟ ଭାବେ ପ୍ରତାପ ରାଉତରାୟ, କିଶୋର କୁମାର ବେହେରା ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ବିଶ୍ୱଜିତା ପ୍ରିୟଦର୍ଶନୀ ଓ ଶିକ୍ଷକ ପ୍ରଭାତ କୁମାର ସାହୁ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ଶୁଭ୍ରା ଜ୍ୟୋତି ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାପୁରୁଷ ଯଶୋବନ୍ତ ଗୋସ୍ୱାମୀଙ୍କ ବାର୍ଷିକ ସମାଧି ଦିବସ ପାଳିତ

ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ଅଡଙ୍ଗଗଡ଼ ନାଇଲୋ ଠାରେ ସିଦ୍ଧ ସାଧକ ମହାପୁରୁଷ ଯଶୋବନ୍ତ ଦାସଙ୍କ ମହାପ୍ରାଣାୟ ଦିବସ ଓ ପବିତ୍ର ଓଢଣ ଷଷ୍ଠୀ ଉପଲକ୍ଷେ ପୀଠରେ ପଞ୍ଚବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଦିନ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଉକ୍ତ ସ୍ଥାନକୁ ଆସି ଯଶୋବନ୍ତଙ୍କୁ ଦର୍ଶନ ଦେଇଥିବାରୁ ଉକ୍ତ ଦିନଟିକୁ ଏଠାରେ ଶ୍ରୀକ୍ଷେତ୍ରର ମାନ୍ୟତା ଦିଆଯାଇଥାଏ ବୋଲି ଲୋକମୁଖରୁ ଶୁଣାଯାଏ। ଟ୍ରଷ୍ଟି ଚିତ୍ତରଞ୍ଜନ ଦାସଙ୍କ ତତ୍ତ୍ୱାବଧାନ ତଥା ଅଡ଼ଙ୍ଗଗଡବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗରେ ମହାପୁରୁଷଙ୍କ ଭବ୍ୟ କାର୍ଯ୍ୟକ୍ରମ ପରିଚାଳିତ ହୋଇଥଲା। ଅକ୍ଷୟ କୁମାର ଦାସ ଓ ବିଜୟ କୁମାର ଦାସ ଜାଜ୍ଞିକ କାର୍ଯ୍ୟ ଏବଂ ସତ୍ୟନାରାୟଣ ଦାସ ସମ୍ପିକ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଉପଲକ୍ଷେ ଯଶୋବନ୍ତ ସାହିତ୍ୟ ସଂସ୍କୃତି ସଂସଦ ଆନୁକୁଲ୍ୟରେ ଆୟୋଜିତ ସଭାରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରାଚୀନ ଐତିହ୍ୟ ବହନ କରିଥିବା ଗୋସ୍ୱାମୀ ଯଶୋବନ୍ତ ପୀଠକୁ



ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ସ୍ୱାଇଁ ସଭାରେ ପ୍ରକାଶ କରିଥିଲେ। ବରେଣ୍ୟ ଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ, ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ , ଏରସମା ବାଲିକୁଦା ବିଧାୟକ ସାରଦା ପ୍ରସନ୍ନ ଜେନା, ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ ଭୋଇ ଓ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର ଓ ଯୁବନେତା ସୁବୋଧ ବାରିକ ପ୍ରମୁଖ ଯୋଗଦେଇ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଂସଦର ସଭାପତି ଦେବୀପ୍ରସାଦ ତ୍ରିପାଠୀ ଉତ୍ସବରେ ପୌରୋହିତ୍ୟ ଓ ସମ୍ପାଦକ ସୁବ୍ରତ କୁମାର ମହାପାତ୍ର ସଭା ପରିଚାଳନା କରିଥିଲେ। ଦେବାଶିଷ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କୁ ଯଶୋବନ୍ତ ପ୍ରତିଭା ସମ୍ମାନ, ପିତାମ୍ବର ତରାଇଙ୍କୁ ସାହିତ୍ୟ ପ୍ରତିଭା ସମ୍ମାନ, ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଆଦର୍ଶ ନାରୀ ସମ୍ମାନ, ସୌଭାଗିନୀ ରାୟଙ୍କୁ ସଂସ୍କୃତି ସମ୍ମାନ ଓ ଅଜୟ କୁମାର ଖୁଣ୍ଟିଆଙ୍କୁ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ରାଜ୍ୟର କୋଣ ଅନୁକୋଣରୁ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇ ସାଧୁ ଗୋସ୍ୱାମୀଙ୍କ ଗାଦି ଦର୍ଶନ କରିଥିଲେ। ପଞ୍ଚ ସଖା ଯୁଗର ସିଦ୍ଧ ସାଧକଙ୍କ ମଧ୍ୟରୁ ଯଶବନ୍ତ ଦାସ ଥିଲେ ଅନ୍ୟତମ। ସିଦ୍ଧି ହାସଲ କରିବା ପରେ ନିଜ ଗ୍ରାମ ନାଇଲୋ ଠାରେ ଆଶ୍ରମ ପ୍ରତିଷ୍ଠା କରି ରହିଥିଲେ। କିମ୍ବଦନ୍ତୀ କୁହେ ସେ ପ୍ରତିଦିନ ମନ ଯାନରେ ଶ୍ରୀକ୍ଷେତ୍ର ଯାଇ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ଫେରୁଥିବା ବେଳେ ବୟସାଧିକ ଯୋଗୁ ଆଉ ପ୍ରତିଦିନ ଶ୍ରୀକ୍ଷେତ୍ର ଯିବା ସମ୍ଭବ ହେଲା ନାହିଁ । ଫଳରେ ମହାପୁରୁଷ ଯଶୋବନ୍ତ ମହାପ୍ରଭୁଙ୍କୁ ପାର୍ଥନା କରି ତାଙ୍କର ମହାପ୍ରୟାଣ ଦିନ ଜଗନ୍ନାଥ ଏଠାକୁ ଆସି ତାଙ୍କୁ ଦର୍ଶନ ଦେବାକୁ ସେ ବର ମାଗିଥିଲେ। ମହାପ୍ରଭୁ ଜଗନ୍ନାଥ ଭକ୍ତର ଭକ୍ତିରେ ସନ୍ତୁଷ୍ଟ ହୋଇ ତାଙ୍କ କଥାରେ ରାଜି ହୋଇଥିଲେ। କଥା ଅନୁସାରେ ଓଢଣ ଷଷ୍ଠୀ ଦିନ ଯଶବନ୍ତଙ୍କର ମହାପ୍ରୟାଣ ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କର ଆଶ୍ରମକୁ ଆସି ତାଙ୍କୁ ଦର୍ଶନ ଦେଇଥିଲେ। ଫଳରେ ଏହି ଦିନକୁ ଏଠାରେ ଶ୍ରୀକ୍ଷେତ୍ରର ମାନ୍ୟତା ଦିଆ ଯାଇଥାଏ। ଏହି ଉତ୍ସବରେ ଜିଲ୍ଲା ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କର ଭିଡ଼ ଜମିଥିବାର ଦେଖା ଯାଇଥିଲା। ମିନା ବଜାର ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଧାରଣ ସଭା ଦର୍ଶକମାନଙ୍କୁ ବେଶ ଆକୃଷ୍ଟ କରିଥିଲା। ବରିଷ୍ଠ ନେତା ନେତ୍ରାନନ୍ଦ ପାତ୍ର, ସରପଞ୍ଚ ନିରଞ୍ଜନ ସେଠି, ଯୁଧିଷ୍ଠିର ବେହେରା ଏବଂ ବହୁ ସାହିତ୍ୟିକ ଓ ଲେଖକମାନେ ଯୋଗ ଦେଇଥିଲେ।

# ‘ପ୍ରୟୋଗ’ ପ୍ରଶିକ୍ଷଣ ଶିବିର

ଅସ୍ତରଙ୍ଗ,(ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ମାଳଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ୩ଦିନ ଧରି ଚଳିତ ମାସ ୭ତାରିଖ ଠାରୁ ୯ତାରିଖ ପର୍ଯ୍ୟନ୍ତ ୫୦ଜଣ ପ୍ରଶିକ୍ଷାର୍ଥୀ ଓ ୬ଜଣ ପ୍ରଶିକ୍ଷକଙ୍କୁ ନେଇ ତିନିଦିନାତ୍ମକ ‘ପ୍ରୟୋଗ’ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅବସରରେ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସୁଧାଂଶୁ ବାଳା ଶତପଥୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଶିବିରାର୍ଥୀ ମାନଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ତଥା ସାଧନ ସଂଯୋଜକ ଗଣେଶ ନାୟକ, ରବୀନ୍ଦ୍ର କୁମାର ପରିଡା, ଦୀପକ ନାୟକ, ଦୁର୍ଯ୍ୟୋଧନ ନାୟକ, ଶିବ ଚରଣ ଖଟୋଇ ପ୍ରମୁଖ ଉପସ୍ଥିତ ରହି ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ଓ ଆଦ୍ୟ ଶୈଶବ ଯନ୍ତ୍ର ଓ ଶିକ୍ଷା ସମ୍ପର୍କରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଧାରରେ ୧୨ଟି ଅଧିବେଶନରେ ମାର୍ଗ ଦର୍ଶନ କରିଥିଲେ। ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ସାରସ୍ୱତ ସାଧକ ମାଷ୍ଟର ଦେବେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି


ଫୁଲନଖରା, (ଭାସ୍କର ନ୍ୟୁଜ୍) : କଟକ ସଦର ୪୨ ମୌଜା ଟାଇଁକଣା ଗ୍ରାମରେ ଜନ୍ମିତ ମହାନ୍ ନୃତ୍ୟଗୁରୁ, ସଙ୍ଗୀତ ନିର୍ଦ୍ଦେଶକ, କଣ୍ଠଶିଳ୍ପୀ ମାଷ୍ଟର ଦେବେନ୍ଦ୍ର ବାରିକଙ୍କ ବିୟୋଗରେ ଜନ୍ମ ସ୍ଥାନ ଟାଇଁକଣାରେ ଦେବେନ୍ଦ୍ର ନାଥ ବାରିକ ଭାଗବତ ପାଠ, ଖଲିକୁଦ ଜମାନ ଖାଁ କୋରାନ ପାଠ ଓ ଚିତ୍ରସେନ ଭୋଇ ପବିତ୍ର ବାଇବଲ ପାଠ କରିଥିଲେ। ପ୍ରଦୀପ୍ତ କୁମାର ମହାପାତ୍ର, ଶାନ୍ତି କମିଟିର ଉପ ସଭାପତି ପ୍ରଫୁଲ୍ଲ ମହାପାତ୍ର, ଶ୍ୟାମସୁନ୍ଦର ପରିଡ଼ା,



ସ୍ମୃତି କମିଟି ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭା ୪୨ ମୌଜାର ବିକାଶ ପରିଷଦର ସମ୍ପାଦକ ନାଟ୍ୟକାର ସନ୍ତୋଷ କୁମାର ପତି ଆୟୋଜନ କରିଥିଲେ। ଏଥିରେ ଶାନ୍ତି କମିଟିରେ ସଭାପତି ସଭାପତି ଶରତ ଚନ୍ଦ୍ର ରାୟ ସଭାପତିତ୍ୱ କରି ସ୍ୱର୍ଗତ ବାରିକଙ୍କ ଫୋଟୋଚିତ୍ର ପୁଷ୍ପମାଲ୍ୟ ପ୍ରଦାନ କରିବା ସହିତ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସର୍ବ ଧର୍ମ ପ୍ରାର୍ଥନା ସଭାରେ ପଣ୍ଡିତ ରବୀନ୍ଦ୍ର ପଣ୍ଡା ବେଦ ପାଠ, ରଶ୍ମି ରଞ୍ଜନ ଭୋଳ ଗୀତା ପାଠ, ଅକ୍ଷୟ ମହାପାତ୍ର ପ୍ରଦୀପ କୁମାର ବିଶ୍ୱାଳ, କାହ୍ନୁ ଚରଣ ପତି, ସଦାନନ୍ଦ ଭୋଇ, ରୋହିତ ସ୍ୱାଇଁ, ନାରାୟଣ ମହାନ୍ତି, ଉପେନ୍ଦ୍ର ବାରିକ୍, କୁଳସରିଚୁଆଁ ପଞ୍ଚାୟତ ସମିତି ସଭ୍ୟ ଦିଲ୍ଲୀପ ବିହାରୀ, ଉପେନ୍ଦ୍ର ଦାସ, ବିନାୟକ ମହାରଣା, ସୁକାନ୍ତ ଗିରି, ବିଳାସ ଚନ୍ଦ୍ର ବେହେରା, ମିର୍ଜାଇପୁର ରାମଲୀଳା ସମିତିର ନିରଞ୍ଜନ ମହାରଣା ସହିତ ସମସ୍ତ କର୍ମକର୍ତ୍ତା, ସ୍ୱର୍ଗତ ବାରିକଙ୍କ କନିଷ୍ଠ ଭ୍ରାତା ବିପ୍ର ବାରିକ, ସମସ୍ତ ଭଉଣୀ ଭିଣେଇ ଓ ପୁତ୍ର ଓ ପୁତ୍ରବଧୂ ଜାତି କୁଟୁମ୍ବ ଓ ଗ୍ରାମବାସୀ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

## ରାଶିଫଳ

ମଙ୍ଗଳବାର, ୧୦ ଡିସେମ୍ବର ୨୦୨୪



**ମେଷ:** ବ୍ୟବସାୟରେ ଲାଭ ହେବ। ବିନିଯୋଗ ଭଲ ହେବ । ଦୂରରୁ ସୁସମାଚାର ଗ୍ରହଣ କରାଯିବ। ଅତିଥିମାନେ ଘରେ ପହଞ୍ଚିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୁଷ୍ଟ ଲୋକମାନଙ୍କ ଠାରୁ ଦୂରରେ ରୁହନ୍ତୁ। କ୍ଷତି ହେବାର ସମ୍ଭାବନା।




**ବୃଷ:** ଆପଣ ପ୍ରିୟ ଖାଦ୍ୟ ଉପଭୋଗ କରିବେ । ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି । ଏକ ଉତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ । ଛାତ୍ରଛାତ୍ରୀ ପାଠପଢାରେ ସଫଳତା ହାସଲ କରିବ ।




**ମିଥୁନ:** କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ । ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ । ବ୍ୟବସାୟରେ ଅଧିକ ଧ୍ୟାନ ଦେବାକୁ ପଡିବ । ଖର୍ଚ୍ଚ ବୃଦ୍ଧି ହେତୁ ଟେନସନ ହେବ । ବଜେଟ୍ ଖରାପ ହେବ।




**କର୍କଟ:** ପତି ଅଧିକ ଦୟାଳୁ ହେବେ । ବନ୍ଧୁତା ବୃଦ୍ଧି ପାଇବ । ନୂତନ ଯୋଗାଯୋଗ କରାଯାଇପାରିବ । କୋର୍ଟର କାର୍ଯ୍ୟରେ ସୁସଙ୍ଗତତା ରହିବ । ଲାଭ ବୃଦ୍ଧି ପାଇବ । ପାରିବାରିକ ସୁଖ ଏବଂ ସନ୍ତୁଷ୍ଟ ହେବେ । ବିନିଯୋଗ ଭଲ ହେବ । ଆଜି ଖର୍ଚ୍ଚ ହେବ ।



**ସିଂହ:** ଆୟ ବୃଦ୍ଧି ପାଇବ । ସାଙ୍ଗମାନଙ୍କ ସହିତ ବାହାରକୁ ଯିବାକୁ ଯୋଜନା କରିବେ । ଅଗ୍ରଗତି ପାଇଁ ସୁଯୋଗ ରହିବ । ଜମି ଏବଂ ନିର୍ମାଣ ସହ ଜଡିତ ପ୍ରତିବନ୍ଧକଗୁଡିକ ହଟାଯିବ। ଚାକିରି ପାଇବାର ସମ୍ଭାବନା ଅଛି । ପ୍ରିୟଜନଙ୍କ ସହିତ ବିବାଦ ହୋଇପାରେ ।



**କନ୍ୟା:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ଆପଣ ଲୋକଙ୍କୁ ସାହାଯ୍ୟ କରିବାର ସୁଯୋଗ ପାଇବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଦୀର୍ଘ ସମୟ ଧରି କାମକୁ ଅଟକାଇବାର ସମ୍ଭାବନା ଅଛି । ଯାତ୍ରା ସଫଳ ହେବ । ଶାରୀରିକ ଯନ୍ତ୍ରଣା ହୋଇପାରେ ।



**ତୁଳା:** ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ । ଖର୍ଚ୍ଚ ଲାଭଦାୟକ ହେବ । କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ଋଣ ନେବାକୁ ଏକ ପରିସ୍ଥିତି ହୋଇପାରେ । କ୍ରନିକ୍ ରୋଗ ବାଧା ସୃଷ୍ଟି କରିପାରେ । ଆଶା ବିଳମ୍ବ ହୋଇପାରେ । ଚିନ୍ତା ଏବଂ ଟେନ୍‌ସନ୍ ହେବ ।



**ବିଛା:** ଭ୍ରମଣ ଲାଭଦାୟକ ହେବ । ନୂତନ ଆୟର ଉତ୍ସ ମିଳିପାରିବ । ଚାକିରିରେ କାମକୁ ପ୍ରଶଂସା କରାଯିବ । ଜିନିଷଗୁଡିକ ସୁବିଧାରେ ରଖନ୍ତୁ । ଏକ ରାଜନୈତିକ ପ୍ରତିବନ୍ଧକ ହୋଇପାରେ । ଶୀଘ୍ର କିଛି ଭୁଲ କରନ୍ତୁ ନାହିଁ । ବିବାଦରୁ ଦୂରେଇ ରୁହନ୍ତୁ । ଦୀର୍ଘ ସମୟ ଧରି ଟଙ୍କା ଅଟକି ରହିବାର ଏକ ସୁଯୋଗ ଅଛି, ଏହାକୁ ଚେଷ୍ଟା କରନ୍ତୁ ।




**ଧନୁ:** ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ । ନୂତନ ପୋଷାକ ପାଇଁ ଖର୍ଚ୍ଚ ହେବ। ହଠାତ୍ ଲାଭର ସମ୍ଭାବନା ଅଛି । ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟରେ ବୃଦ୍ଧିରେ ସନ୍ତୁଷ୍ଟ ହେବ । ଚାକିରିରେ ଦାୟିତ୍ୱ ବଢିପାରେ । ପରିବାର ସହାୟତା ଉପଲବ୍ଧ ହେବ ।



**ମକର:** ନିବେଶ କରିବାର ସମୟ ଠିକ୍ ନୁହେଁ । ପରିବାରର ଆବଶ୍ୟକତା ପାଇଁ ବହୁତ ଦୌଡାଦୌଡି ଏବଂ ଖର୍ଚ୍ଚ ହେବ । ଯାନ ଏବଂ ଯନ୍ତ୍ରର ବ୍ୟବହାର ବିଶେଷ ଯତ୍ନ ଆବଶ୍ୟକ କରେ । ଅନ୍ୟମାନଙ୍କ ସହିତ ଝଗଡା କର ନାହିଁ । କାର୍ଯ୍ୟର ଗତି ଧୀର ହେବ । ଚିନ୍ତା ଏବଂ ଟେନ୍‌ସନ୍ ହେବ ।



**କୁମ୍ଭ:** ସୁଖର ଉପାୟରେ ବୁଦ୍ଧିମାନ ଭାବରେ ଖର୍ଚ୍ଚ କରନ୍ତୁ । ବିନିଯୋଗରୁ ଦୂରେଇ ରୁହନ୍ତୁ । ବ୍ୟବସାୟ ଭଲ ହେବ । ଆୟ ଜାରି ରହିବ । ଆପଣ ସାଙ୍ଗମାନଙ୍କ ସମର୍ଥନ ପାଇବେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଶାରୀରିକ ଯନ୍ତ୍ରଣା ସମ୍ଭବ । ବ୍ୟବସାୟ ମନ୍ଥର ହେବ ।



**ମୀନ:** ଉଚ୍ଚ ପଦାଧିକାରୀମାନେ ଚାକିରିରେ ଖୁସି ହେବେ । ଲାଭ ସୁଯୋଗ ମିଳିବ । ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ଏକ ସୁଯୋଗ ପାଇବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଅପରିଚିତ ବ୍ୟକ୍ତିଙ୍କ କଥାରେ ଧରନ୍ତୁ ନାହିଁ ।



ଜ୍ୟୋତିଷ ଚର୍ଚ୍ଚା

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ରାୟଗଡ଼ା, (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ ଠାରେ ଲୋକ ମହୋତ୍ସବ ଚଇତି ମହୋତ୍ସବ ୨୦୨୪ ବର୍ଷର ଶୁଭାରମ୍ଭ ହୋଇଯାଇଛି ଏହି ପରିପ୍ରେକ୍ଷୀରେ ରୀତିନୀତି ଅନୁସାରେ ପୂଜା କଳସ ଯାତ୍ରା ପରେ ସ୍ଥାନୀୟ ବି ଏନ୍ ହାଇସ୍କୁଲ ପଡିଆ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାୟଗଡ଼ା ଚଇତି ଗୀତର ଶୁଭ ଉନ୍ମୋଚନ ହୋଇଥିଲା ଯାହାକୁ ଆଞ୍ଚଳିକ ଦିବ୍ୟାଙ୍ଗ କଳାକାର ପଦ୍ମପୁର ବ୍ଲକ୍ ଖିଲାପଦର ପଞ୍ଚାୟତର ଲକ୍ଷ୍ମଣ ଶବର ଏବଂ ଗୁଡାରୀ ବ୍ଲକ୍ କଦମା ପଞ୍ଚାୟତ ଟଙ୍ଗରମା ଗ୍ରାମର ଫାବେନା ପାଲକା କଣ୍ଠଦାନ କରିଛନ୍ତି। ଏହି ଗୀତକୁ ଜଣାଶୁଣା କଳାକାର ସୁପ୍ରିତ ସନ୍ତୋଷ ବଚ୍ଛା ଗୀତ ଲେଖିବା ସହ ସ୍ୱର ସଂଯୋଜନା କରିଥିବା ବେଳେ ବିରୁ ହିଆଲ ସଙ୍ଗୀତ ପରିଚାଳନା କରିଛନ୍ତି ଏବଂ ଏହା ରାଜଲକ୍ଷ୍ମୀ ଷ୍ଟୁଡିଓରେ ଗୀତ ରେକର୍ଡିଂ ହୋଇଅଛି। ଏହି ଗୀତର ଶୁଭ ଉନ୍ମୋଚନ ସମୟରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଷମକଟକ ବିଧାୟକ ନୀଳମାଧବ ହିକକା, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ବିଜେପି ଜିଲ୍ଲା ସଭାପତି ଶିବ ପଟ୍ଟନାୟକ, ଗୁଣପୁର ମ୍ୟୁନିସିପାଲଟି ଉପାଧ୍ୟକ୍ଷ ସାନ ଗୌଡ଼, ରାୟଗଡ଼ା ଭିନ୍ନକ୍ଷମ ମହାସଂଘର ସମ୍ପାଦକ ଅମରେନ୍ଦ୍ର ନାଥ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ । ପ୍ରଥମ ଥର ଦିବ୍ୟାଙ୍ଗ କଳାକାର ମାନେ ରାୟଗଡ଼ା ଚଇତି ଗୀତ କୁ ଗାଇ ବେଶ୍ ଖୁସି ବ୍ୟକ୍ତ କରିଥିବା ବେଳେ ଏହି ଗୀତ ଚଇତି ଶୁଭାରମ୍ଭ ମଞ୍ଚରେ ଉନ୍ମୋଚନ ହୋଇଥିବାରୁ ଭିନ୍ନକ୍ଷମ ମହାସଂଘର ସଭାପତି, ସମ୍ପାଦକ ଏବଂ ସମସ୍ତ କର୍ମକର୍ତ୍ତା ରାୟଗଡ଼ା ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

# ଛତିଶଗଡ଼ ମୁହାଁ ଓଡ଼ିଶା ଶ୍ରମିକ

କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ): ଗତ ମାସ ୧୦ ତାରିଖରେ ଛତିଶଗଡ଼ର ରାଜନଗରରେ ମହିଳା ଶ୍ରମିକଙ୍କୁ ନେଇ ଫେରୁଥିବା ପିକ୍ ଅପ୍ ପିକ୍‌ଅପ୍ କୋଷାଗୁମୁଡ଼ା ବ୍ଲକର ୪ ଜଣ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିବା ପରେ ମଧ୍ୟ ପ୍ରଶାସନ ଚେତୁନି। ଏହି ଖବର ପ୍ରଚାରିତ ହେବା ପରେ ଶ୍ରମ ବିଭାଗ କେବଳ ଗାଁରେ ପହଞ୍ଚି ଗ୍ରାମବାସୀଙ୍କୁ ସଚେତନ କରିବା ସହ କିଛି ଶ୍ରମିକଙ୍କ ପଞ୍ଜୀକରଣ କରି ଦାୟିତ୍ୱ ସାରି ଦେଇଛି। କିନ୍ତୁ ଏବେ ବି ପୁଣି ମୂଲ ଲାଗିବା ପାଇଁ କୋଷାଗୁମୁଡ଼ା ବ୍ଲକର ସୀମାନ୍ତ ଗାଁ ଗୁଡିକରୁ ଅସୁରକ୍ଷିତ ଭାବେ ମହିଳାଙ୍କୁ ବିଭିନ୍ନ ପିକ୍‌ଅପ୍ ଭ୍ୟାନ୍‌ରେ ଜିନିଷ ବୋହିବା ଭଳି ଛତିଶଗଡ଼ ନିଆଯାଉଛି। ଏତେ ବଡ଼ ଘଟଣା ଘଟିବା ପରେ ମଧ୍ୟ ଶ୍ରମିକଙ୍କ ପାଇଁ କାମ କରୁଥିବା ବିଭିନ୍ନ ବିଭାଗ ନିରବଦ୍ରଷ୍ଟା ପାଲଟିଛନ୍ତି। ଛତିଶଗଡ଼ ସୀମାନ୍ତରେ ଥିବା କୋଷାଗୁମୁଡ଼ା ବ୍ଲକର ମୋତିଗାଁ, ଏମ.କେରାଗାଁ, ଟେମରା, ବାଲେଗାଁ, ସନ୍ତୋଷପୁର, ମାଝିଧନୁଆ, ଉକିଆପଲ୍ଲୀ ଭଳି




ପଞ୍ଚାୟତର ବହୁ ଗାଁ ଛତିଶଗଡ଼ ସୀମାନ୍ତରେ ରହିଛି। ସୀମାନ୍ତରେ ଥିବା ବହୁ ଗାଁର ମହିଳାମାନେ ଗାଁ ଠାରୁ ପ୍ରାୟ ୫୦ କିମି ଦୂର ଛତିଶଗଡ଼ର ବିଭିନ୍ନ ଚାଷ ଜମିରେ ମୂଲ ଲାଗିବା ପାଇଁ ସକାଳୁ ଯାଉଛନ୍ତି। ପୁଣି ସନ୍ଧ୍ୟାରେ ସମସ୍ତଙ୍କୁ ଭ୍ୟାନ୍ ଯୋଗେ ଘରକୁ ଛଡ଼ା ଯାଉଛି। ଦୈନିକ ମଜୁରି ବାବଦରେ ମାତ୍ର ୧୫୦ ଟଙ୍କା ମିଳୁଛି। ମନରେଗାରେ ଦୈନିକ ମଜୁରି ୨୫୨ ଟଙ୍କାଥିବା ବେଳେ ଶ୍ରମିକମାନେ ନିଜ ଗାଁ ଠାରୁ ୫୦ କିମି ଦୂର ଛତିଶଗଡ଼ ଅଞ୍ଚଳରେ କମ ମଜୁରିରେ ବର୍ଷ ବର୍ଷ ଧରି କାମ କରି ଆସୁଛନ୍ତି। ଗତ ୧୦ତାରିଖରେ ଛତିଶଗଡ଼ରେ ମହିଳା ଶ୍ରମିକଙ୍କୁ ନେଇ ଆସୁଥିବା ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ନାବାଳିକାଙ୍କ ସମେତ ୪ ମହିଳାଙ୍କ ମୃତ୍ୟୁ ପରେ ସରକାରଙ୍କ ମନରେଗା ଓ ଶ୍ରମ ବିଭାଗର ବିଭିନ୍ନ ଯୋଜନା କିଭଳି ଚାଲିଛି ତାହା ପଦାରେ ପଡିଥିଲା। ସୂଚନାଯୋଗ୍ୟ ଗତ ମାସ ୧୦ ତାରିଖ ଦିନ କୋଷଗୁମୁଡା ବ୍ଲକର ଏମ. କେରାଗାଁ ପଞ୍ଚାୟତର ୧୯ଜଣ ମହିଳା ଜୀବିକା ପାଇଁ ଘରଠାରୁ ୫୦ କିମି ଦୂର ଛତିଶଗଡ଼ର ପାଣ୍ଡାନାରକୁ ଯାଇ ଫେରୁଥିବା ବେଳେ ୩୦ କିମି ଦୂର ରାଜନଗର ଠାରେ ସେମାନଙ୍କୁ ନେଇ ଆସୁଥିବା ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଏମ୍. କେରାଗାଁ ପଞ୍ଚାୟତର ପୂର୍ଣ୍ଣି ଭତ୍ରା ଓ ସିରାଗୁଡ଼ାର ଧନାଇ ଭତ୍ରା, ଦୟାବତୀ ସରାବୁ ଓ ମୋତିଗାଁ ଗ୍ରାମର ନାବାଳିକା ସୁନାମଣି ଭତ୍ରାଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ ଜଣ ଆହତ ହୋଇଥିଲେ। ଏହି ମହିଳାମାନେ ଶ୍ରମ ବିଭାଗରେ ନାମ ପଞ୍ଜୀକରଣ କରିନଥିବାରୁ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେବେ ବୋଲି ଜଣାପଡ଼ିଛି।

## ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବ୍ଲକ ପଞ୍ଚଡା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରିୟଙ୍କା ଯାନିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପଲକ୍ଷେ ବିଡ଼ିଓ ଗୁରେଶ୍ୱର ଭୋଇ, ଜିପିଓ ସୁଧୀର ବେହେରା ଯୋଗ ଦେଇ ପଞ୍ଚାୟତରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଆସିଥିବା ଅଭିଯୋଗର ଶୁଣାଣି କରିଥିଲେ। ପିଇଓ ଶୁଭସ୍ମିତା ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ଭତ୍ତା ଓ ଆବାସ ଯୋଜନା ଉପରେ ସମୁଦାୟ ଦଶଟି ଅଭିଯୋଗ ହୋଇଥିଲା। ଏଥିରେ ହାତ ଗଣତି କିଛି ଅଙ୍ଗନବାଡି କର୍ମୀଙ୍କ ସମେତ କିଛି ମହିଳା ଯୋଗ ଦେଇଥିବା ବେଳେଅନ୍ୟ କୌଣସି ବିଭାଗର କର୍ମଚାରୀଙ୍କ ଦେଖାନଥିଲା।

# ଦୁଇଟି ଘଟଣାରେ ୫ ଗିରଫ

ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲାକନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ପୋଲିସ ଦ୍ୱାରା ଦୁଇଟି ଘଟଣାକୁ ନେଇ ପାଞ୍ଚଜଣଙ୍କୁ ଗିରଫ କରିଛନ୍ତି। ଏ ସମ୍ପର୍କରେ ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲକା ଦେଇଥିବା ସୂଚନା ଅନୁଯାୟୀ ଚିତ୍ରକୋଣ୍ଡା ବ୍ଲକ ବଡପଦର ପଞ୍ଚାୟତ ଲାମ୍ବାସିଂଙ୍ଗ ଗ୍ରାମର ଭକ୍ତରାମ ଶିଶା ଓ ହରିବନ୍ଧୁ ଗଟମ୍ ନାମକ ବ୍ୟକ୍ତି ଚିତ୍ରକୋଣ୍ଡା ଥାନାରେ ଏକ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ଭକ୍ତରାମ ଶିଶା ବର୍ତ୍ତମାନ ବଡପଦର ପଂଚାୟତର ନାଏବ ସରପଂଚ ଭାବେ କାର୍ଯ୍ୟରତ ଥିବା ବେଳେ ସେହି ଗ୍ରାମର ଜଗୁ ହନ୍ତାଳ ମଧ୍ୟ ନାଏବ ସରପଂଚ ଭାବେ ଅଛନ୍ତି। ତେବେ ଜଗୁ ହନ୍ତାଳ ଏବଂ ଏମ୍?. ନାରାୟଣ ନାମକ ବ୍ୟକ୍ତି ଦୁଇଜଣ ସାଙ୍ଗ ହୋଇଥିବା ବେଳେ ଏହି ଦୁଇଜଣ ଚିତ୍ରକୋଣ୍ଡା ବ୍ଲକର ବିଭିନ୍ନ ଠିକା କାମ କରୁଛନ୍ତି। ଏହି ଦୁଇଜଣଙ୍କ ଠିକା କାମ ଅତି ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିବାରୁ ଦୁଇଜଣଙ୍କ ଠିକା କାମର ବିଲ୍ ଗୁଡିକ ଚିତ୍ରକୋଣ୍ଡା ବ୍ଲକରେ ପଡି ରହିଛି। ତେବେ ଅଭି ଯୋଗ କାରୀ ଜଗବନ୍ଧୁ ଗଟମ ଏହି ଦୁଇଜଣଙ୍କୁ ଠିକା କାମ ସମ୍ବନ୍ଧୀୟ ଉପକରଣ ଯୋଗାଉଥିବା ବେଳେ ଜଗବନ୍ଧୁଙ୍କ ଉପକରଣ ନିମନ୍ତେ ଟଙ୍କା ବାକି ରହିଥିବାରୁ ଜଗବନ୍ଧୁ ଏହି ଦୁଇଜଣଙ୍କୁ ଟଙ୍କା ମାଗିଥିଲେ। ଫଳରେ ଜଗବନ୍ଧୁ ଓ ଏହି ଦୁଇଜଣ ଠିକାଦାରଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଲା। ସେହିପରି ଅନ୍ୟ ଏକ ଘଟଣାରେ ବାଙ୍ଗୁରୁପଡା ଗ୍ରାମର ଲକିନାଥ ପାଙ୍ଗି ଓ ସେହି ଗ୍ରାମର ମନ ପାଙ୍ଗି ମଧ୍ୟରେ ଜାଗା ସମ୍ବନ୍ଧୀୟ ବିବାଦକୁ ନେଇ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ତେବେ ମନ ପାଙ୍ଗିଙ୍କ ପୂର୍ବ ପୁରୁଷମାନେ ସେହି ଗ୍ରାମର ସମର ଶିଶାଙ୍କ ପୂର୍ବ ପୁରୁଷ ସମୟରେ ଏକ ସ୍ଥଳ ଖରିଦ କରିଥିଲେ ଏବଂ ଏହି ସ୍ଥଳ ନିମନ୍ତେ ଚୁକ୍ତିପତ୍ର ମଧ୍ୟ ହୋଇଥିଲା। ଉକ୍ତ ସ୍ଥଳର ପଟ୍ଟା କରାଇବା ପାଇଁ ମନ ପଙ୍ଗି ଚେଷ୍ଟା ଚଳାଇଥିବା ବେଳେ ଏହାକୁ ଲକିନାଥ ପାଙ୍ଗି ଓ କିଛି ଗ୍ରାମବାସୀ ବିରୋଧ କରିଥିଲେ। ଏହି ଦୁଇଟି ଘଟଣାକୁ ଆଧାର କରି ମନ ପାଙ୍ଗି, ଜଗୁ ହନ୍ତାଳ ଓ ଏମ୍. ନାରାୟଣ ଏହି ତିନିଜଣ ଗୋଟିଏ ଯୋଜନା କରି ଅଭି ଯୋଗକାରୀ ଭକ୍ତରାମ ଶିଶା, ହରିବନ୍ଧୁ ଗଟମ ଓ ଲକିନାଥ ପାଙ୍ଗିଙ୍କୁ ଉଚିତ ଜବାବ ଦେବା ନିମନ୍ତେ ନକଲି ମାଓବାଦୀଙ୍କ ନାମ ବ୍ୟବହାର କରିବା ପାଇଁ ଚେଷ୍ଟା ଜାରି ରଖିଥଇଲେ। ଗତ ୧୩.୧୧.୨୦୨୪ ତାରିଖ ଦିନ ମାଲକାନଗିରି ବ୍ଲକ ପଦ୍ମଗିରି ଗ୍ରାମର ବିନୋଦ ଜେନା ଓ ଉମାକାନ୍ତ ମାଧେମି ନାମକ ଦୁଇଜଣ ବ୍ୟକ୍ତିଙ୍କୁ ଏହି ତିନିଜଣ ଆଣିବା ସହ ଉକ୍ତ ଦୁଇଜଣ ମାଓବାଦୀ ବୋଲି କହି ଏହି ତିନିଜଣ ଅଭିଯୋଗକାରୀଙ୍କୁ ତାଙ୍କ ନିକଟକୁ ନେଇଥିଲେ। ମାଓବାଦୀ ବୋଲି ନିଜକୁ ପରିଚୟ ଦେଇଥଇବା ଦୁଇଜଣ ଅଭିଯୋଗକାରୀଙ୍କୁ ବନ୍ଧୁକ ଦେଖାଇ ଧମକ ଦେବା ସହ ତୁରନ୍ତ ଦୁଇଜଣ ଠିକାଦାରଙ୍କ ବିଲ୍ ଚିତ୍ରକୋଣ୍ଡା ବ୍ଲକରୁ ପାସ କରାଇବା ସହ ପ୍ରତ୍ୟେଖ ବ୍ୟକ୍ତି ୫୦ ହଜାର ଟଙ୍କା ଲେଖାଏଁ ପୈଠ କର ନଚେତ୍ ଦୁଇଜଣଙ୍କୁ ପ୍ରଜାକୋର୍ଟରେ ଦଣ୍ଡ ଦିଆଯିବ ବୋଲି ଧମକ ଦେଇଥିଲେ। ଏହାକୁ ଆଧାର କରି ଅଭିଯୋଗକାରୀ ତିନିଜଣ ଥାନାରେ ଏତଲା ଦେବାପରେ ଚିତ୍ରକୋଣ୍ଡା ଥାନା ପୋଲିସ ଏହାର ତଦନ୍ତ କରି ପାଞ୍ଚଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

## ଖଡ଼ିଆଳ ବ୍ଲକ ପ୍ରେସ୍ ୟୁନିଟ ପରିଷଦର ବୈଠକ




ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ପ୍ରେସ ୟୁନିଟ ପରିଷଦର ଗଠନ ବୈଠକ ଖଡ଼ିଆଳ ଶିକ୍ଷକ ଭବନ ଠାରେ ଅନୁଷ୍ଠିତ ହୋଇଥିଲା ଏଥିରେ ବରିଷ୍ଠ ସାମ୍ବାଦିକ ତପନ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ଖଡ଼ିଆଳ ବ୍ଲକ ପ୍ରେସ ୟୁନିଟ ପରିଷଦ ଗଠିତ ହୋଇ ପ୍ରଥମ ବୈଠକ ହୋଇଥିଲା । ଏଥିରେ ଖଡ଼ିଆଳ ବ୍ଲକରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକଙ୍କ କିପରି ସୁବିଧା ସହଯୋଗ ପାଇପାରିବେ ଓ ଖବର ସଂଗ୍ରହ ସମୟରେ ସାମ୍ବାଦିକମାନଙ୍କୁ ହେଉଥିବା ଘଟଣାକୁ ନେଇ ପୁଙ୍ଖାନୁପୁଙ୍ଖଭାବେ ଆଲୋଚନା ହୋଇଥିଲା । ଏଥିରେ ବରିଷ୍ଠ ସାମ୍ବାଦିକ ମୋତିଲାଲ ବାଗ, ବିମଲ ସିଂ ଦଳପତି, ପରମେଶ୍ୱର ବାରିକ, ଦେବାନନ୍ଦ ତାଣ୍ଡି, ଯୁଗଳ କିଶୋର ମହନନ୍ଦ, ମଞ୍ଚାସିନ ହୋଇଥିବା ବେଳେ ସାମ୍ବାଦିକ ରୁଦ୍ରରାଜ ବାଗ ମଞ୍ଚ ପରିଚାଳନ କରିଥିଲେ । ସାମ୍ବାଦିକ କୁନାଲ ଚରଣ ବେହେରା ନୂତନ ପରିଷଦ ଗଠନ ନେଇ ଗୀତ ମାଧ୍ୟମରେ ବୁଝାଇ ଥିଲେ । ଏଥିରେ ଖଡ଼ିଆଳ ବ୍ଲକର ୨୭ ଜଣ ସାମ୍ବାଦିକ ଯୋଗଦେଇ ନିଜ ନିଜର ମତ ରଖିଥିଲେ । ଯୋଗେଶ୍ୱର ସଗରିଆ, ସନ୍ତୋଷ ଦଣ୍ଡସେନା ଓ ଓଁ ପ୍ରକାଶ ଚୌଧୁରୀଙ୍କ ସହଯୋଗରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ରେ ବରିଷ୍ଠ ସାମ୍ବାଦିକ ଆଦିତ୍ୟ ମହାଉତି, ସୁଜିତ କୁମାର ପ୍ରଧାନ, ପବିତ୍ର ପ୍ରଧାନ, ସାମ୍ବ ସରାଫ, କୁନାଲ ଚରଣ ବେହେରା, ମନୋଜ ସଗରିଆ, ମହେନ୍ଦ୍ର କୁମାର ସେଠି, ଶ୍ୟାମସୁନ୍ଦର ସଗରିଆ, ଦିନ ଛତ୍ରିଆଙ୍କ ସମେତ ଖଡ଼ିଆଳ ବ୍ଲକର ସମସ୍ତ ସାମ୍ବାଦିକ ଉପସ୍ଥିତ ଥିଲେ। ଶେଷରେ ସନ୍ତୋଷ କୁମାର ଦଣ୍ଡସେନା ଧନ୍ୟବାଦ ଦେଇଥିଲେ।

# ଚାଷୀଙ୍କୁ ଇନ୍‌ପୁଟ ସହାୟତା ପ୍ରଦାନର ଶୁଭାରମ୍ଭ

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍): ପାରଳାଖେମୁଣ୍ଡି ସହରରେ ଥିବା ଗଜପତି ଖେଳ ପଡ଼ିଆରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଧାନର ସର୍ବ ନିମ୍ନ ସହାୟତା ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନପୁଟ ସହାୟତା ସହାୟତା ସହିତ ସମୁଦାୟ ୩୧୦୦ ଟଙ୍କା ପ୍ରଦାନ ନେଇ ବରଗଡ଼ ଜିଲ୍ଲାର ସୋହେଲ ଠାରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଦାଶରଥି ଗମାଙ୍ଗ, ବିଧାୟକ ମୋହନା ରୁପେଶ କୁମାର ପାଣିଗ୍ରାହୀ, ବିଧାୟକ ପାରଳାଖେମୁଣ୍ଡି, ଶ୍ରୀ ଏ.ରାମ ପ୍ରସାଦ ପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ



ଗଜପତି, ପ୍ରଫୁଲ୍ଲ କୁମାର ବେହେରା,ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିକାରୀ ଗଜପତି ଓ ଶ୍ରୀ ହରିହର ସେଠ୍, ସହକାରୀ ନିବନ୍ଧକ ପାରଳାଖେମୁଣ୍ଡି ପ୍ରମୁଖ ମଞ୍ଚସିନ ଥିଲେ । ଏହି କାର୍ଯ୍ୟକ୍ରମରେ ଚାଷୀଙ୍କ ଧାନ କିଣା ଯିବାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟ କୁ ସିଧାସଳଖ ଯିବ ଟଙ୍କା। ସେହିପରି ଚଳିତ ବର୍ଷ ଜିଲ୍ଲାରେ ଡିସେମ୍ବର ମାସ ୩୦ ତାରିଖରୁ ମଣ୍ଡି ରୁ ଧାନ କିଣା ଯିବ। ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା ଯୋଗେଇ ଦେବା ସହିତ ଶୀଘ୍ର ଧାନ କିଣିବା ପାଇଁ ପଦକ୍ଷେପ ନିଆଯାଇଛି। ସମସ୍ତ ମୋଣ୍ଡି ରେ ଜଣେ ଜଣେ ନୋଡାଲ ଅଫିସର ଓ ଜଣେ ସୁପରଭାଇଜର ରଖାଯାଇଛି । ସେହିପରି ନାଖା ପଏଣ୍ଟ ରାସ୍ତାରେ ସିସିଟିଭି କ୍ୟାମେରା ଲଗାଯାଇ ଧାନ ବିକ୍ରି ବିକ୍ରୟକୁ ତିକ୍ଷଣ୍ ନଜର ରଖାଯିବା। ଯଦି କୌଣସି ଚାଷୀ ଆପତ୍ତି ଅଭିଯୋଗ ରହିଥିଲେ ୧୯୬୭ ନମ୍ବର କୁ ଯୋଗାଯୋଗ କରି ସଂପୂର୍ଣ୍ଣ ସହାୟତା ପାଇପାରିବେ ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲାରେ ୪୫ ଗୋଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି, ସେଥିମଧ୍ୟରୁ ଗୋଷାଣୀ ବ୍ଲକରେ ୨୫, ଗୁମ୍ମା ବ୍ଲକରେ ୩,କାଶୀନଗର ବ୍ଲକରେ ୧୬ ଓ ରାୟଗଡ଼ା ୧ ଧାନ ସଂଗ୍ରହ କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ। ଆଜିର ଏହି କାର୍ଯ୍ୟକ୍ରମକୁ ଚାଷୀଙ୍କୁ ମନୋରଞ୍ଜନ କରିବା ପାଇଁ ଜିଲ୍ଲାର ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟ ପଟେ ଚାଷି ମାନେ ସଭା ମଣ୍ଡପ ପାଖକୁ ଜାଇ ବିରୋଧ ସହ ଧାନ ଠିକ୍ ଭାବରେ କ୍ରୟ କରିବା ପାଇଁ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ , ଜିଲ୍ଲାର ଚାଷୀ ପ୍ରତିନିଧି , ଜନପ୍ରତିନିଧି ଓ ସମସ୍ତ ବ୍ଲକର ଚାଷୀ ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ମାଲକାନଗିରି ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟର କର୍ମକର୍ତ୍ତା ଚୟନ



ଖଇରପୁଟ -ମାଲକାନଗିରି ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟର ସାଧାରଣ ପରିଷଦ ବୈଠକ ଓ କର୍ମ କର୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ,ସଂଘର ସଭାପତି ଭାବେ ଦେବପ୍ରସାଦ ଦାସଙ୍କୁ ମନୋନୀତ କରାଯାଇଥିବା ବେଳେ ଉପ ସଭାପତି ଭାବେ ସତ୍ୟନାରାୟଣ ପଣ୍ଡା ,ସାଧାରଣ ସମ୍ପଦକ ଭାବେ ଶରତ ଚନ୍ଦ୍ର ମହାରଣା। ,ଯୁଗ୍ମ ସମ୍ପାଦକ ଭାବେ ଅସୀମ ବିଶ୍ୱାସ ,ଓ ପ୍ରକାଶ ପଟ୍ଟନାଏକ ,କୋଷାଧ୍ୟକ୍ଷ ଭାବେ ଚକ୍ର ଧର ପଟ୍ଟନାଏକ , ମାଲକାନଗିରି ବ୍ଲକ କୋଡିନେଟର ଶିବ ପ୍ରଶାଦ କୀର୍ତନୀଆ ,କଲିମେଳ। ବ୍ଲକ କୋଡିନାଟର ପ୍ରଶାନ୍ତ ବିହାରୀ ,ପଡିଆ ବ୍ଲକ୍ ର ବି ଶ୍ରୀନିବାଶ ,ଚିତ୍ରୋକୋଣ୍ଡା ବ୍ଲକ୍ ର ବଳରାମ ପଡିଆରି ,କୋରୁକୋଣ୍ଡା ର କାମରାଜ ଜେନା ,ଖଇରିପୁଟ ବ୍ଲକ୍ ପାଇଁ ଜଗନ୍ନାଥ ଦଳେଇ ,ମାଥିଲି ବ୍ଲକ ପାଇଁ ରାଜୀବ ବେହେରା ,ବାଲିମେଳ। ଯଦୁପତି ମହାନ୍ତି ,ଙ୍କୁ ସମସ୍ତଙ୍କ ସହମତି କ୍ରମେ ଚୟନ କରାଗଲା ।

## ଇନଫର୍ମର ସନ୍ଦେହରେ ମହିଳାଙ୍କୁ ନିର୍ମମ ହତ୍ୟା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ପୋଲିସ ଇନଫର୍ମର ସନ୍ଦେହରେ ଛତିଶଗଡ଼ରେ ମାଓବାଦୀମାନେ ଦମ୍ପତିଙ୍କୁ ଅପରହଣ କରିନେଇଥିଲେ । ସ୍ୱାମୀଙ୍କୁ ନିସ୍ତୁକ ମାଡ଼ ମାରି ଛାଡ଼ି ଦେଇଥିଲେ। ପତ୍ନୀଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି । ଏଭଳି ଅଘଟଣ ଘଟିଛି ଛତିଶଗଡ଼ ବିଜାପୁର ଥାନା ଅନ୍ତର୍ଗତ ଲାବେଡ ଗାଁ ରେ। ମୃତକ ହେଲେ ସୁକରା ୟାଲାମ। ଶବ ନିକଟରୁ ଏକ ହାତଲେଖା ଚିଠି ମିଳିଛି। ସୂଚନା ଅନୁଯାୟୀ ବିଳମ୍ବିତ ରାତିରେ ମାଓବାଦୀମାନେ ବିଜାପୁର ଥାନା ଲାବେଡ ଗାଁକୁ ଆସି ରାମାୟା ୟାଲମ ଓ ପତ୍ନୀ ସୁକରାଙ୍କୁ ଘରୁ ଅପହରଣ କରି ନେଇଥିଲେ । ଗାଁଠାରୁ ୩ କିମି ଦୂରରେ ଥିବା ଜଙ୍ଗଲକୁ ଉଭୟଙ୍କୁ ନେଇଥିଲେ । ରାମାୟା ଙ୍କୁ ମାଓବାଦୀମାନେ ନିସ୍ତୁକ ମାଡ଼ ମାରି ଛାଡ଼ି ଦେଇଥିଲେ। କିନ୍ତୁ ସୁକରା ଙ୍କୁ ହତ୍ୟା କରି ସେଠାରେ ଫିଙ୍ଗି ଦେଇଥିଲେ। ତେଲଙ୍ଗାନା ପୁଲିସର ଇନଫର୍ମର ଭାବେ ସୁକରା କାମ କରୁଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ପୁଲିସ ଶବ ଜବତ କରିଛି। ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯାଇଛି। ଗତ ୩ ଦିନ ମଧ୍ୟରେ ମାଓବାଦୀମାନେ ୨ ଜଣ ପୂର୍ବତନ ସରପଞ୍ଚ ଓ ୨ ମହିଳାଙ୍କୁ ହତ୍ୟା କଲେଣି । ମାଓବାଦୀଙ୍କ ଏଭଳି କାଣ୍ଡ ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ପୁଲିସ ତଲାସୀ ଅଭିଯାନ ଜୋରଦାର କରିଛି ।

## ମୁଖ୍ୟମନ୍ତ୍ରୀଙ୍କ ଇନପୁଟ୍ ସହାୟତା ଲାଇଭ କାର୍ଯ୍ୟକ୍ରମ

ରାୟଗଡ଼ା (ଭାସ୍କର ନ୍ୟୁଜ): ଚାଷୀଙ୍କୁ ଧାନ ବିକ୍ରି ଇନପୁଟ୍ ସହାୟତା ଲାଇଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଜିସିଡ଼ି ପଡ଼ିଆ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ସଂଖ୍ୟାରେ ଚାଷୀ ଯୋଗଦାନ କରି ବରଗଡ଼ ଜିଲା ସୋହେଲା ଠାରେ ମୁଖ୍ୟମନ୍ତ୍ରୀଙ୍କ ଲାଇଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଚଳିତ ବର୍ଷ ଧାନ କ୍ୱିଂଟାଲ ପିଛା ଚାଷୀ ୩୧୦୦ ଟଙ୍କା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଥିଲେ । ୨୩୦୦ ଟଙ୍କା ଧାନର ସହାୟକ ମୂଲ୍ୟ ହୋଇଥିବା ବେଳେ ୮୦୦ ଟଙ୍କା ଇନପୁଟ ସବସିଡ଼ ରହିଛି । ଉକ୍ତ ଇନପୁଟ ସବସିଡ଼ ଚାଷୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ଅନେକ କୃଷକ ନେତା ଆଜି କାର୍ଯ୍ୟକ୍ରମରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ପାରୁଲ ପଟାଓ୍ୱରି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥି ସୋରେନ୍, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କସ୍ତୁରି ସନ୍ୟାସି ରାଜୁ ଓ ଡିଆରସିଏସ ସୀତାପତି କରୁଣାକର ମାଝି ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ୧୧ବ୍ଲକରୁ ହଜାର ସଂଖ୍ୟରେ ଚାଷୀ ସାମିଲ ହୋଇଥିଲେ ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ କ୍ୱାଣ୍ଟମ କମ୍ପ୍ୟୁଟିଂ ସମ୍ପର୍କିତ ସାପ୍ତାହିକ ବ୍ୟବହାରିକ କର୍ମଶାଳା

ଗୁଣୁପୁର, (ଭାସ୍କର ନ୍ୟୁଜ): ଗୁଣପୁର ଜି ଆଇ ଇ ଟି ବିଶ୍ୱ ବିଦ୍ୟାଳୟ ଏବଂ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଗଠନର ମିଳିତ ଆନୁକୂଲ୍ୟରେ କ୍ୱାଣ୍ଟମ କମ୍ପ୍ୟୁଟିଂ ସମ୍ପର୍କିତ ସାପ୍ତାହିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି । ଏହି ସାପ୍ତାହିକ କର୍ମଶାଳାରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଙ୍ଗଠନର ଯୁଗ୍ମ ସଚିବ ଶ୍ରୀମତୀ ରଞ୍ଜନା ପରିହାର ମୁଖ୍ୟ ଅତିଥିଭାବେ ଆଭାସି ମାଧ୍ୟମରେ ଯୋଗ ଦେଇ କ୍ୱାଣ୍ଟମ କମ୍ପ୍ୟୁଟିଂ ର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିବା ସହ ଭବିଷ୍ୟତରେ ଏହାର ଉପଯୋଗିତା ବିଷୟରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇବା ସହ ଶିକ୍ଷା କ୍ଷେତ୍ରରେ ଏକାଡେମିକ ଆଣ୍ଡ ଆଡମିନଷ୍ଟ୍ରେଟିଭ ଡେଭଲପମେଣ୍ଟ ସେଣ୍ଟର୍ ( ଏଏ ଡି ସି )ର ଭୂମିକା ବିଷୟରେ କହିଥିଲେ। ସମ୍ମାନୀୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ.




ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗଦେଇ ଏହି ଭଳି କର୍ମଶାଳା ଦ୍ୱାରା ସମସ୍ତ ଅଂଶଗ୍ରହଣକାରୀଙ୍କ ଅନ୍ତର୍ନିହିତ ଗୁଣାବଳିର ବିକାଶହେବା ସହ ଗବେଷଣା କ୍ଷେତ୍ରରେ ଉପଯୋଗୀ ହେବ ବୋଲି ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏ ଭି ଏନ ଏଲ ଶର୍ମା , ଯୋଗ ଦେଇ ଏହି ସାପ୍ତାହିକ କର୍ମଶାଳାରେ ହେବାକୁ ଥିବା ବିଭିନ୍ନ ବିଷୟରେ କହିଥିଲେ। ଏହି କର୍ମଶାଳାରେ ଚେନ୍ନାଇ ସ୍ଥିତ ଏସ୍ ଆର୍ ଏମ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଗାୟତ୍ରୀ ଏମ ସମ୍ମାନୀୟ ଅତିଥି ଯୋଗ ଦେଇ କ୍ୱାଣ୍ଟମ କମ୍ପ୍ୟୁଟିଂର ପାଠ୍ୟକ୍ରମ ଓ ଗବେଷଣା ବିଷୟରେ ଆଲୋଚନା କରିଥିଲେ। ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ତଥା ଏକାଡେମିକ ଆଣ୍ଡ ଆଡମିନଷ୍ଟ୍ରେଟିଭ ଡେଭଲପମେଣ୍ଟ ସେଣ୍ଟର୍ ( ଏଏ ଡି ସି )ର ଆବାହକ ଡ. ଏନ ଭି ଜଗନାଧା ରାଓ ଯୋଗ ଦେଇ ବିଶ୍ୱବିଦ୍ୟାଳୟ ବିଷୟ ରେ ସୂଚନା ଦେବା ସହ ବିଶ୍ୱବିଦ୍ୟାଳୟର ବିଭିନ୍ନ ସଫଳତା ବିଷୟରେ କହିଥିଲେ। ଏହି କର୍ମଶାଳାର ଆବାହକ ଡଃ ବିଦ୍ରୁସ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ଆବାହକ ଡଃ ଭି. ଗଣେଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସାପ୍ତାହିକ କର୍ମଶାଳାରେ କ୍ୱାଣ୍ଟମ କମ୍ପ୍ୟୁଟିଂ ର ବିଭିନ୍ନ ସିଦ୍ଧାନ୍ତ ଏବଂ ବ୍ୟବହାରିକ ବିଷୟରେ ତାଲିମ ପ୍ରଦାନ କରାଯିବ । ଅଧ୍ୟାପିକା ବର୍ଷା ଦାଶ ମଞ୍ଚ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟର ବିଭାଗୀୟ ମୁଖ୍ୟ, ଅଧ୍ୟାପକ ଅଧ୍ୟାପିକା, ଛାତ୍ର ଛାତ୍ରୀ ଯୋଗଦେଇଥିଲେ। ଙ୍କା ଯାନିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପଲକ୍ଷେ ବିଡ଼ିଓ ଗୁରେଶ୍ୱର ଭୋଇ,ଜିପିଓ ସୁଧୀର ବେହେରା ଯୋଗ ଦେଇ ପଞ୍ଚାୟତ ରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଆସିଥିବା ଅଭିଯୋଗ ର ଶୁଣାଣି କରିଥିଲେ। ପିଇଓ ଶୁଭସ୍ମିତା ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ଭତ୍ତା ଓ ଆବାସ ଯୋଜନା ଉପରେ ସମୁଦାୟ ଦଶଟି ଅଭିଯୋଗ ହୋଇଥିଲା। ଏଥିରେ ହାତ ଗଣତି କିଛି ଅଙ୍ଗନବାଡି କର୍ମୀଙ୍କ ସମେତ କିଛି ମହିଳା ଯୋଗ ଦେଇଥିବା ବେଳେଅନ୍ୟ କୌଣସି ବିଭାଗର କର୍ମଚାରୀଙ୍କ ଦେଖାନଥିଲା।

## ୧୦ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ

ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ଅବକାରୀ ପୁଲିସ ଓଆଇସି ରମେଶ ଚନ୍ଦ୍ର ସାହୁକାରଙ୍କ ନେତୃତ୍ୱରେ ଏକ ଟିମ ବାଲିମେଳା-ମାଲକାନଗିରି ମୁଖ୍ୟ ରାସ୍ତାର ଟେକଗୁଡା ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ସେହି ବାଟ ଦେଇ ଜଣେ ବ୍ୟକ୍ତି ଛୋଟ ବ୍ୟାରେଲ ରେ କିଛି ତରଳ ପଦାର୍ଥ ନେଇ ଯାଉଥିଲେ। ତେବେ ଅବକାରୀ ପୋଲିସ କୁ ଦେଖି ବ୍ୟକ୍ତି ଜଣକ ଚମ୍ପଟ ମାରି ଚାଲି ଯିବାକୁ ଚେଷ୍ଟା କରୁଥିବା ବେଳେ ଅବକାରୀ ପୋଲିସ ଧରିବାରେ ସକ୍ଷମ ହୋଇଥିଲା। ଏଥିସହ ସେହି ବ୍ୟାରେଲରୁ ୧୦ ଲିଟର ଦେଶୀ ମଦ ଜବତ କରିଥିଲା। ତେବେ ଗିରଫ ବ୍ୟକ୍ତି ଜଣଙ୍କ ନାମ ଚଇତୁ ହାଲବା(୩୫) ହୋଇଥିବା ବେଳେ ସେ ପୋଟରେଲ ଛକ ନିକଟସ୍ଥ ଟେକଗୁଡା ଗ୍ରାମର ବୋଲି ଜଣାପଡିଛି। ତେବେ ଏହି ପାଟ୍ରୋଲିଂ ସମୟରେ ଅବକାରୀ ଏଏସଆଇ ରାମ ହନ୍ତାଳ, ପଣ୍ଡା ନାଗେଶଙ୍କ ସମେତ ଅନ୍ୟ ଅବକାରୀ ଷ୍ଟାଫ ସାମିଲ ଥିଲେ।

## ୩ ବାଇକ୍ ଦୁର୍ଘଟଣା, ୫ ଗୁରୁତର

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଥାନା ଅନ୍ତର୍ଗତ ଗୌଡ଼ ଗୁଡା ରାସ୍ତାରେ ଆଜି ସନ୍ଧ୍ୟାରେ ତିନୋଟି ବାଇକ ମଧ୍ୟରେ ଦୁର୍ଘଟଣା ଘଟି ପାଞ୍ଚ ଜଣ ଗୁରୁତର ଆହତ ହୋଇଥିବା ଜଣା ପଡିଛି। ଏନେଇ ଖବର ପାଇ କାକିରିଗୁମ୍ମା ପୋଲିସ ଘଟଣାସ୍ଥଳକୁ ଯାଇ ସମସ୍ତ ଗୁରୁତରଙ୍କୁ ଉଧାର କରି ଆମ୍ବୁଲାନ୍ସ ଓ ପୋଲିସ ଗାଡ଼ିରେ ଆଣି ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଇଥିଲା। ସମସ୍ତ ପାଞ୍ଚ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତର କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଗୁରୁତର ମାନେ ହେଲେ କାପସିପୁଟ ଗ୍ରାମର ସୋମନାଥ ସାଉନ୍ତା,ଝଲାଗୁଡା ଗ୍ରାମର ତ୍ରିନାଥ ଧାଙ୍ଗଡ଼ା ମାଝି ଓ ଡମ୍ବୁ ପାଇକରାୟ, ଖଜୁରୀପୁଟ ଗ୍ରାମର ଧନେଶ୍ୱର ଯାନୀ,ଆଲିୟ ଦାମି। ତିନୋଟି ବାଇକ ଆଗ ପଛ ହୋଇ ଯାଉଥିବା ବେଳେ ଗୋଟିଏ ବାଇକ ପଙ୍କଚର ହେଇଜିବାରୁ ପଛରୁ ଯାଉଥିବା ଅନ୍ୟ ଦୁଇଟି ବାଇକ ଉକ୍ତ ବାଇକ କୁ ଧକ୍କା ଦେଇ ଥିଲେ। ଫଳରେ ସେମାନେ ରାସ୍ତାରେ ପଡି ଛଟପଟ ହେଉଥିବା ବେଳେ ପୋଲିସ ପହଞ୍ଚି ସେମାନଙ୍କୁ ଉଧାର କରିଥିଲା। ଖବର ଲେଖା ହେବା ସୁଧା କାକିରିଗୁମ୍ମା ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣା ପଡିଛି।

## ଗୁଣିଗାରେଡ଼ି ସନ୍ଦେହରେ ଯୁବକଙ୍କୁ ପୋଡ଼ିଦେଲେ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକରେ ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟାକାଣ୍ଡ ବନ୍ଦ୍ ହେବାର ନାଁ ଧରୁନି। ରବିବାର ଦିନ ଏଇଭଳି ଏକ ହତ୍ୟାକାଣ୍ଡ ବନ୍ଧୁଗାଁ ବ୍ଲକର ଜାର୍ପା ଗ୍ରାମରେ ଘଟିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଜାର୍ପା ଗ୍ରାମରେ ରବିବାର ଦିନ ଅସୁସ୍ଥତା କାରଣରୁ ଦୋଷ ମିଣିଆକା ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଫଳରେ ଶବଦାହ କରିବାକୁ ଗ୍ରାମବାସୀ ସ୍ମଶାନକୁ ଯାଇଥିବା ବେଳେ ତାଙ୍କ ସହ ଯାଇଥିବା ଶିବ ମିଣିଆକା କୁଆଡେ ଗୁଣି କରି ମାରି ଦେଇଥିବା ସନ୍ଦେହରେ ଶିବକୁ ଟାଙ୍ଗିଆରେ ପଛପଟୁ ଚୋଟ ମାରି ଗୋଟିଏ ଯୁଇରେ ଦୁଇଜଣଙ୍କୁ ପୋଡ଼ି ଦେଇଥିଲେ। ହତ୍ୟାର ଗୋଟିଏ ଦିନ ପରେ ଉକ୍ତ ଗ୍ରାମରେ ପୋଲିସ ପହଞ୍ଚିବା କ୍ଷଣି ଗ୍ରାମରେ ପୁରୁଷ ଶୂନ୍ୟ ହୋଇ ପଡ଼ିଛି। ପରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଶ୍ମଶାନରୁ ପାଉଁଶ ହାଡ ସଂଗ୍ରହ କରି ଆଣିଥିବା ଜଣାପଡ଼ିଛି। ଏନେଇ ପୋଲିସ ତଦନ୍ତ ଜାରିରଖିଥିବା କହିଛି। ଏଥିସହ ହତ୍ୟାର ସଂପୃକ୍ତ କିଛି ଲୋକଙ୍କୁ ପୋଲିସ ଅଟକ ରଖି ପଚାରଉଚରା କରୁଥିବା ଜଣାପଡ଼ିଛି।

## ମୂରଲୀ କ୍ରୀଷ୍ଣା ଫାଉଣ୍ଡେସନ୍ ଏବଂ କ୍ରିଷ୍ଣା ବିକାଶ ଗ୍ରୁପ୍‌ର 'ନବାକାଂକ୍ଷା' କାର୍ଯ୍ୟକ୍ରମ

# ଶତାଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ବରଗଡ଼, (ଭାସ୍କର ନ୍ୟୁଜ): ମୂରଲୀ କ୍ରୀଷ୍ଣା ଫାଉଣ୍ଡେସନ୍ ଏବଂ କ୍ରୀଷ୍ଣା ବିକାଶ ଗ୍ରୁପ୍, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିକାଶ ଆବାସିକ ବିଦ୍ୟାଳୟ ଓ ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ୍, ବରଗଡ଼ର ମିଳିତ ଆନୁକୁଲ୍ୟରେ ରବିବାର ରାଉରକେଲାସ୍ଥିତ ଭଭବନଠାରେ କ୍ରୀଷ୍ଣା ବିକାଶ, ବରଗଡ଼ର 'ନବାକାଂକ୍ଷା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଏବଂ ସିବିଏସ୍‌ଇ ଓ ଓଡ଼ିଆ ମାଧ୍ୟମିକ ବିଦ୍ୟାଳୟମାନଙ୍କର ଅଧ୍ୟକ୍ଷ ଏବଂ ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସ୍କୁଲ୍ ଲିଡର୍ ପୁରସ୍କାର ପ୍ରଦାନ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ତା' ସହିତ ରାଉରକେଲାର ଅନେକ ସୁନାମଧନ୍ୟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ଅଂଚଳର ୩୧ଟି ଉଚ୍ଚ ମାଧ୍ୟମିକ ସ୍କୁଲ୍ ତଥା ସିବିଏସ୍‌ଇ ସ୍କୁଲ୍‌ର ୫୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମଟି ଦୁଇଟି ଅଧିବେସନରେ ହୋଇଥିଲା। ପ୍ରଥମ ଅଧିବେଶନରେ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳଙ୍କ ଅଧ୍ୟକ୍ଷତାରେ ଏକ କ୍ୱିଜ୍ ପ୍ରତିଯୋଗିତାର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେସନରେ କ୍ରୀଷ୍ଣା ବିକାଶ ଗ୍ରୁପ୍ ଓ ମୂରଲୀ କ୍ରୀଷ୍ଣା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଶ୍ରୀ ଡି.ମୂରଲୀ କ୍ରୀଷ୍ଣା, କ୍ରୀଷ୍ଣା ବିକାଶର ପୂର୍ବବର୍ଷର ଉଚ୍ଚ କୃତୀତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷାବିତ୍‌ଙ୍କ ଉପସ୍ଥିତିରେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣପୂର୍ବକ ଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏଥିରେ ଚେୟାର୍‌ମେନ୍ କ୍ୟାରିୟର୍ କାଉନ୍‌ସେଲିଂ ଉପରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଶ୍ରୀ ଚିତରନ ପତି ବିକାଶ ଆବାସିକ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଡେମିକ୍ସ ଏବଂ କୋ-କରିକୁଲାର୍ ଏକ୍ଟିଭିଟିଜ୍‌ରେ ଗତ ୩ ବର୍ଷର ଉଚ୍ଚମାନର ଫଳାଫଳର ବିବରଣୀ ପ୍ରଦାନ କରି ସବୁ ଛାତ୍ରଛାତ୍ରୀମାନଙ୍କୁ ପଶ୍ଚିମ ଓଡ଼ିଶାରେ କ୍ୟାରିୟର୍ ଗଢ଼ିବାର ଏକ ଉତ୍ତମ ବାତାବରଣ ମହଜୁଦ୍ ଅଛି ବୋଲି ମତପ୍ରଦାନ କରି ଉତ୍ସାହିତ କରିଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା ନିଜର ଅଭିଭାଷଣରେ କ୍ରିଷ୍ଣା ବିକାଶ ଛାତ୍ରଛାତ୍ରୀମାନେ ଜେ.ଇ.ଇ, ନିଟ୍ ତଥା ସର୍ବଭାରତୀୟ ସ୍ତରରେ ହେଉଥିବା ପରୀକ୍ଷାରେ ସଫଳତା ସହ ଉତ୍ତୀର୍ଣ୍ଣ ହୋଇ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚରମ ପରାକାଷ୍ଠା ପ୍ରଦର୍ଶନ କରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଉରକେଲା ବରୁଣ ସୋମରାଇ, ରବି ବଗରିଆ, ସନ୍ତୋଷ ଅଗ୍ରୱାଲ, ନରେଶ ଅଗ୍ରୱାଲ, ଅରବିନ୍ଦ କେଡ଼ିଆ, ବିନିତ ଗୋୟଲ, ରାଜେନ୍ଦ୍ର ପଣ୍ଡା, ବିଜୟ କୁମାର ନାୟକ, ମନୋଜ କୁମାର ଆଚାର୍ଯ୍ୟ, ରାହୁଲ ଅଗ୍ରୱାଲ ପ୍ରମୁଖଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ। ଏହି ସମସ୍ତ ଅତିଥିମାନଙ୍କୁ ଉପଢୌକନ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଉରକେଲାର ସମସ୍ତ ସାମ୍ବାଦିକ ଅତିଥି ଭାବରେ ଯୋଗଦେଇଥିଲେ ଏବଂ ସମସ୍ତଙ୍କୁ ମୂରଲୀ କ୍ରୀଷ୍ଣା ଫାଉଣ୍ଡେସନ୍ ତରଫରୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଯୋଗଦାନ କରିଥିବା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଆୟୋଜିତ କ୍ୱିଜ୍ ପ୍ରତିଯୋଗିତାରେ ସରସ୍ୱତୀ ବିଦ୍ୟାମନ୍ଦିର, ବିର୍ସାର ଛାତ୍ର କୌସ୍ତଭ୍ ପାଉଳ ପ୍ରଥମ ସ୍ଥାନ ଏବଂ ସରସ୍ୱତୀ ବଦ୍ୟାମନ୍ଦିର ସେକ୍ଟର ଛାତ୍ରର ଶ୍ରୀ ଓମ ପ୍ରତୀକ୍ ପଲାଇ ଦ୍ୱିତୀୟ ସ୍ଥାନ ଓ ପ୍ରଗତୀ ବିଦ୍ୟାମନ୍ଦିର୍, ଜଗଦାର ଛାତ୍ର ସ୍ୱସ୍ତିକ ଦାସ ଓ କ୍ରିଷ୍ଣା ବିକାଶ ଗ୍ଲୋବାଲ ସ୍କୁଲର ଛାତ୍ର ଶୁଭମ୍ କୁମାର ମିଳିତ ଭାବରେ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁରୂପ ଭାବରେ ଏଥିରେ ନୃତ୍ୟ ପରିବେଷଣ କରିଥିବା କ୍ରିଷ୍ଣା ବିକାଶ ଗ୍ଲୋବାଲ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତି ଶିକ୍ଷାନୁଷ୍ଠାନର ଦଶମ ଏବଂ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନରତ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ସମସ୍ତ ସିବିଏସ୍‌ଇ ସ୍କୁଲ୍‌ର ଅଧ୍ୟକ୍ଷ, ଓଡ଼ିଆ ମାଧ୍ୟମିକ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଏବଂ ସ୍ମୃତିଫଳକ ପ୍ରଦାନ କରି ସ୍କୁଲ୍ ଲିଡର୍ ଏୱାର୍ଡ଼ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶ ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷ ଡ଼. ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ମେନେଜିଙ୍ଗ ଡାଇରେକ୍ଟର ଶ୍ରୀ ବିବେକ ଦସାରୀ, ଟ୍ରଷ୍ଟି ରାମା ତୁଳସୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ପ୍ରାଧାନ୍ୟକୁ ବୃଦ୍ଧି କରି ଉତ୍ସାହିତ କରିଥିଲେ । ପରିଶେଷରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଅଧ୍ୟକ୍ଷ ଶ୍ରୀ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ସଭାକୁ ସାଫଲ୍ୟମଣ୍ଡିତ କରିଥିଲା। ମୂରଲୀ କ୍ରୀଷ୍ଣା ଫାଉଣ୍ଡେସନ୍ ଏବଂ କ୍ରୀଷ୍ଣା ବିକାଶ ଗ୍ରୁପ୍ ର ଏହି ଅଭିନବ ପ୍ରୟାସକୁ ରାଉରକେଲା ଅଂଚଳରେ ଅନୁଷ୍ଠିତ ହୋଇଥିବା 'ନବାକାଂକ୍ଷା' କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଉଚ୍ଚପ୍ରଶଂସା କରି ଆଗାମୀ ବର୍ଷମାନଙ୍କରେ ଏହି କାର୍ଯ୍ୟକ୍ରମକୁ ଜାରି ରଖିବା ପାଇଁ ମତ ପ୍ରଦାନ କରିଥିଲେ।



ମାଲକାନଗିରି (ଭାସ୍କର ନ୍ୟୁଜ): ଦୈନିକ ସହ ସହ ଗାଡି ମଟର ପଡୋଶୀ ରାଜ୍ୟକୁ ଯାତାୟାତ କରୁଥିବା ଏବେ ମରଣ ଯନ୍ତା ପାଲଟିଛି ସୀମାନ୍ତ ପୋଲ ନିକଟରେ । ରାସ୍ତା ର ମଝିରେ ପାଲଟିଛି ପୋଖରୀ ଫଳରେ କି ଚୋଟ ମୋଟ ଦୁର୍ଘଟଣାରେ ଶିକାର ହେଉଛନ୍ତି ଅଞ୍ଚଳ ବାସୀ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆ ଯାଉ ନଥିବା, ଶହ ତୁରନ୍ତ ମରାମତି ପାଇଁ ଅଂଚଳବାସୀ ଦାବି କରିଛନ୍ତି । ଏମିତି ଦେଖିବାକୁ ମିଳିଛି ମାଲକାନାଗିରି ଜିଲ୍ଲାର କାଲିମେଲା ଠାରୁ ପଡିଆ ଏବଂ ପଡୋଶୀ ରାଜ୍ୟ ଛତିଶଗଡ ଏବଂ ଆନ୍ଧ୍ର ପ୍ରଦେଶକୁ ସଂଯୋଗ କରୁଥିବା ପୋଲ ନିକଟ ମୁଖ୍ୟ ରାସ୍ତାରେ । ପୋଲ ପୂର୍ବରୁ କରାଯାଇଛି ପୋଲିସ ଚେକ ପୋଷ୍ଟ ସେହି ନିକଟ ରେ ମୁଖ୍ୟ ରାସ୍ତା ର ମଝିରେ ହୋଇଛି ପ୍ରକାଣ୍ଡ କାୟ ପୋଖରୀ ପରି ଗାତ, ଏହି ରାସ୍ତା ଦେଇ ଛତିଶ ଗଡ଼ ରାଜ୍ୟର ଏବଂ ଆନ୍ଧ୍ର ପ୍ରଦେଶ ରୁ ମାଲ ବୋଝେଇ ଭାରି ଯାନ ଗୁଡିକ ଦୈନିକ ଯାତାୟତ କରୁଥିବା ଭାରି ଜାନ ଠାରୁ ଆରମ୍ଭ କରି ଅଞ୍ଚଳବାସୀମାନେ ଦୈନିକ ଯା ଆସ କରି ଥାନ୍ତି । ଏହି ରାସ୍ତାରେ ଯିବା ଆସିବା ବେଳେ କେବେ କେବେ ଛୋଟ ମୋଟ ଦୁର୍ଘଟଣା ଘଟୁଥିବା ପରି ଲକ୍ଷିତ ହୋଇଛି । କିନ୍ତୁ ପ୍ରଶାସନ ପକ୍ଷରୁ ଏଥି ପ୍ରତି ନିଘା ନଥିବା ଅଞ୍ଚଳର ପଡିଆ ବିଜେପି ମଣ୍ଡଳ ସଭାପତି କେ ଭାସ୍କର ରାଓ, ସ୍ଥାନୀୟ ସରପଞ୍ଚ ଗଙ୍ଗା କାରାମ, ଏମ ଡି କାଦର ଗଣେଶ ଚନ୍ଦ୍ର ମାଡକାମୀ, ରାମ ଚନ୍ଦ୍ର କାରାମ, ଏମଡି ଫାରୁକ, ପ୍ରଦୀପ କାରାମ, ଏରା ସୋୟାମ, ବଳରାମ ବାହାଦୁର, ଶ୍ରୀନିବାସ ରାଓ, ପ୍ରମୁଖ ପ୍ରତିକ୍ରିୟା ଦେଇ ଛନ୍ତି, କେତେ ବେଳେ ବଡ ଦୁର୍ଘଟଣା ଘଟି ପାରେ । ଏଣୁ ତୁରନ୍ତ ରାସ୍ତା ଟିକୁ ମରାମତି କରିବା ପାଇଁ ଦାବି କରିଛନ୍ତି । ଏ ସମ୍ପର୍କରେ ଏସ ଡିଓ ତପନ ମହାଳିକଙ୍କ ସହ ଯୋଗା ଯୋଗ କରିବାରୁ ସେ କହିଛନ୍ତି ଏ ସମ୍ପର୍କ ରେ ଅବଗତ ନଥିଲେ ଏହା ଅନୁଧ୍ୟାନ କରା ଯାଇ କିପରି ଏହାର ପ୍ରତିକାର କରା ଯାଇ ପାରିବ ସେ ବ୍ୟବସ୍ଥା କରିବେ, ବାକି ରହିଲା ଦେଖିବାକୁ କେବେ ବିଭାଗୀୟ ପକ୍ଷରୁ ପଦକ୍ଷେପ ନେଉଛନ୍ତି ।

# ରେଭେନ୍ସାରେ ଅଣଛାତ୍ରଙ୍କ ଗୁଣ୍ଡାଗିରି ବନ୍ଦ ପାଇଁ ଦାବି

କଟକ(ଭାସ୍କର ନ୍ୟୁଜ୍): ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଅଣଛାତ୍ରଙ୍କ ଗୁଣ୍ଡାଗିରି ବନ୍ଦ ପାଇଁ ଦାବି ହୋଇଛି । ଏଥିଯୋଗୁ ରେଭେନ୍ସାରେ ଶୈକ୍ଷିକ ବାତାବରଣ ନଷ୍ଟ ହେଉଛଇ ବୋଲି ପୁରାତନ ଛାତ୍ରନେତା ଚିତରନ ମହାନ୍ତି ଓ ଡ. ଜ୍ଞାନ ଗୁରୁ ଦାସ ଦାବି କରିଛନ୍ତି । ସୂଚନାଥାଉ କି, ରେଭେନସା ବିଶ୍ୱବିଦ୍ୟାଳୟ ପରିସରରେ ଅଣଛାତ୍ରଙ୍କ ଦାଦାଗିରୀ ଘଟଣାରେ ମାଲଗୋଦାମ ଥାନା ପୋଲିସ ବବି ଓରଫ ଏକ୍ରାମ ଖାନ(୩୩)ଙ୍କୁ ରବିବାର ଗିରଫ କରିଛି । ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପଶି ଗୁଣ୍ଡାଗିରି କରିବା ନେଇ ତାଙ୍କ ନାମରେ ମାମଲା ରହିଥିଲା । ବବିଙ୍କ ଘର ଲାଲବାଗ ଥାନା ଅନ୍ତର୍ଗତ ଅଲିଶାବଜାର ଅଂଚଳରେ ହୋଇଥିବା ବେଳେ ସେ ଅନେକ ସମୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ର ବିବାଦରେ ମୁଣ୍ଡ ପୁରାଇଥାନ୍ତି । ସେ ଜଣେ ଅଣଛାତ୍ର ହୋଇଥିବା ବେଳେ ବିଭିନ୍ନ ସମୟରେ ବିଶ୍ୱବିଦ୍ୟାଳୟ ପରିସରରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବା ନେଇ ଅଭିଯୋଗ ରହିଛି । ପୋଲିସ ସୂଚନା ଅନୁଯାୟୀ, ନେତାଜୀନଗର ଅଞ୍ଚଳର ପ୍ରଭାସ ରଞ୍ଜନ ମହାନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପାଠ ପଢ଼ନ୍ତି । ସେ ଗତ ୧୨ ତାରିଖରେ ତାଙ୍କ ସାଙ୍ଗଙ୍କ ସହିତ ମିଶି ରେଭେନ୍ସା ହଷ୍ଟେଲରେ ଦୁଇ ଜଣ ଛାତ୍ରଙ୍କୁ କୌଣସି କାରଣରୁ ମାଡ଼ ମାରିଥିଲେ । ମାଡ଼ ଖାଇଥିବା ଛାତ୍ରମାନଙ୍କ ପକ୍ଷରୁ ବବି ଓ ତାଙ୍କର କେତେକ ସହଯୋଗୀ ଗତ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପରିସରରେ ପ୍ରଭାସଙ୍କୁ ଆକ୍ରମଣ କରିଥିଲେ । ପ୍ରଭାସ ଏନେଇ ମାଲଗୋଦାମ ଥାନାରେ ଏତଲା ଦେଇଥିଲେ । ଏତଲା ଆଧାରରେ ପୋଲିସ ବବି ବିରୋଧରେ ଏକ ମାମଲା ରୁଜୁ କରିବା ପରେ ଧରିବାକୁ ଯୋଜନା କରିଥିଲା । ତେବେ ରବିବାର ପୋଲିସ ବବିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ପରିପ୍ରେକ୍ଷୀରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଗୁଣ୍ଡାଗିରି ବନ୍ଦ କରିବା ପାଇଁ ପୂର୍ବତନ ଛାତ୍ରନେତା ଶ୍ରୀ ମହାନ୍ତି ଦାବି କରିଛନ୍ତି ।

# ବ୍ରାଉନସୁଗର ମାଫିଆଙ୍କ ଘରେ ବଡ଼ଧରଣର ଚଢାଉ
# ବ୍ରାଉନସୁଗର ସହ ୩୦ଲକ୍ଷ ଜବତ

ଭଦ୍ରକ(ଭାସ୍କର ନ୍ୟୁଜ): ଭଦ୍ରକର ଜଣେ ମହିଳା ବ୍ରାଉନସୁଗର ମାଫିଆଙ୍କ ଘରେ ବଡ଼ଧରଣର ଚଢାଉ କରାଯାଇଛି । ଚଢାଉବେଳେ ବିଭିନ୍ନ ସ୍ଥାନରୁ ପୁଳା ପୁଳା ଟଙ୍କା ଠାବ କରାଯାଇଛି । ମୁଢି ଡବା, ମିକ୍ଚର ଡବା, ଚାଉଳ ଡବାରୁ ବାହାରିଥିଲା ବିପୁଳ ପରିମାଣରେ ଟଙ୍କା । ଏପରିକି ପୋଲିସ କର୍ମଚାରୀ ହାତରେ ଗଣିବା ସମ୍ଭବ ହୋଇନଥିଲା । ଗଣିବା ପାଇଁ ମେସିନ ଅଣାଯାଇଥିଲା । ୩୦ଲକ୍ଷ ଟଙ୍କା ଜବତ କରାଯାଇଥିବା ସୂଚନା ମିଳିଛି । ଏବେ ବି ଚଢାଉ ଜାରି ରହିଛି । ମହିଳା ବ୍ରାଉନସୁଗର ମାଫିଆଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି । ଭଦ୍ରକ ଟାଉନ୍ଥାନା ଏଲଖାର ନୟାନଗର ମିର୍ଜାପୁର ଅଞ୍ଚଳରେ ଦୀର୍ଘଦିନ ଧରି ଏହି ମହିଳା ଜଣକ ବ୍ରାଉନସୁଗର ବେପାର କରି ଆସୁଥିଲେ । ତେବେ ପ୍ରମାଣ ଅଭାବରୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରୁ ନଥିଲା । ତେବେ ସୋମବାର ମହିଳାଜଣକ ବ୍ରାଉନସୁଗର ଚାଲାଣ କରିବା ନେଇ କୌଣସି ସୂତ୍ରରୁ ପୋଲିସ ଖବର ପାଇ ଚଢାଉ କରିଥିଲା । ଭଦ୍ରକ ତହସିଲଦାର ତଥା ମାଜିଷ୍ଟ୍ରେଟ୍ ସଂଗ୍ରାମ କେଶରୀଙ୍କ ଉପସ୍ଥିତିରେ ଏହି ଚଢାଉ କରାଯାଇଥିଲା । ସୁରକ୍ଷା ଦୃଷ୍ଟିରୁ ଘଟଣାସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ଭଦ୍ରକ ଏସ୍ପି, ଅତିରିକ୍ତ ଏସ୍ପି, ଡିଆଇବିର ଅତିରିକ୍ତ ଏସ୍ପି, ଟାଉନଥାନା, ଗ୍ରାମାଞ୍ଚଳ ଥାନା, ପୁରୁଣାବଜାର ଥାନା ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି । ତେବେ ମହିଳା ଜଣକ କେଉଁଠାରୁ ବ୍ରାଉନସୁଗର ଆଣି ବେପାର କରୁଥିଲେ ସେ ନେଇ ସ୍ପଷ୍ଟ ସୂଚନା ମିଳିପାରି ନାହିଁ ।

**SURNAME CHANGE**

By virtue of an affidavit before the Executive Magistrate, Kamakhyanagar on 13.08.2024, I Badani Sahoo, W/o- Nabin Kumar Sahoo, resident of village/ post- Kamarda, Ps- Kamakhyanagar, Dist- Dhenkanal declares that my actual name is Badani Sahoo which is mentioned in Aadhar Card, but wrongly mentioned as Rita Sahu in LIC Policy No- 587196787 & voter Identy Card. Badani Sahoo and Rita Sahu is same and one person myself. This affidavit is to be produced before concerned authority of LIC for necessary action.

Sd/- Badani Sahoo

# ଶିମିଳିପାଳ ଡେଇଁ ଝାଡ଼ଖଣ୍ଡ ଚାଲିଗଲା ବାଘୁଣୀ ଜିନ୍ନତ
# ଫେରାଇ ଆଣିବା ପାଇଁ ପ୍ରୟାସ ଜାରି

ବାରିପଦା, (ଭାସ୍କର ନ୍ୟୁଜ): ମହାରାଷ୍ଟ୍ରର ତଡବା ଅନ୍ଧାରୀ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଶିମିଳିପାଳ ଅଭୟାରଣ୍ୟକୁ ଅଣାଯାଇଥିବା ମହାବଳ ବାଘୁଣୀ ଜିନ୍ନତ ଝାଡ଼ଖଣ୍ଡରେ ପହଞ୍ଚିଛି । ରବିବାରଠାରୁ ସେ ଶିମିଳିପାଳ ପାର୍ ହୋଇ ଝାଡ଼ଖଣ୍ଡ ଜଙ୍ଗଲରେ ବୁଲୁଥିବା ସୂଚନା ଦେଇଛନ୍ତି ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରକାଶ ଚାନ୍ଦ ଗୋଗିନେନି । ରବିବାର ରାତିରେ ଜିନ୍ନତ ବାଙ୍ଗିରିପୋଷି ରେଞ୍ଜ ଅଧୀନ ଯୋକା ଅଞ୍ଚଳ ଦେଇ ଓଡ଼ିଶା ସୀମା ପାର କରି ଝାଡ଼ଖଣ୍ଡ ଜଙ୍ଗଲରେ ପଶିଛି । ତେବେ ଅନୁଧ୍ୟାନକାରୀ ଟିମ୍ ପୁଣି ତାକୁ ଶିମିଳିପାଳ ଫେରାଇ ଆଣିବାପାଇଁ ତା ପଛେ ପଛେ ରହିଛନ୍ତି । ଝାଡ଼ଖଣ୍ଡ ବନ ବିଭାଗ ସହ ଏ ନେଇ ଆଲୋଚନା ମଧ୍ୟ କରାଯାଇଛି । ଖୁବ୍ଶୀଘ୍ର ତାକୁ ଫେରାଇ ଅଣାଯିବା ପାଇଁ ବ୍ୟବସ୍ଥା କରାଯାଉଛି । ଶିମିଳିପାଳରେ ମହାବଳ ବାଘର ବଂଶବୃଦ୍ଧି ପାଇଁ ମହାରାଷ୍ଟ୍ରରୁ ଗତ ନଭେମ୍ବର ୧୪ ତାରିଖରେ ଜିନ୍ନତକୁ ଶିମିଳିପାଳ ଅଭୟାରଣ୍ୟକୁ ଅଣାଯାଇଥିଲା । ୧୫ ତାରିଖ ସକାଳେ ଚହଲା ନିକଟସ୍ଥ ସଫ୍ଟ ଏନକ୍ଲୋଜରେ ତାକୁ ଛଡ଼ାଯାଇଥିଲା । ୨୪ ତାରିଖ ରାତିରେ ତାକୁ ଜଙ୍ଗଲକୁ ପଠାଯାଇଥିଲା । ତେବେ ସେ ଏବେ ଝାଡ଼ଖଣ୍ଡରେ ବୁଲୁଛି । ବନ ବିଭାଗର ଏକ ଟିମ୍ ୨୪ ଘଣ୍ଟିଆ ନଜର ରଖିଛନ୍ତି । ଝାଡ଼ଖଣ୍ଡର ସ୍ୱତନ୍ତ୍ର ଟିମ୍ ମଧ୍ୟ ଜିନ୍ନତ ଉପରେ ନଜର ରଖିଥିବା ସୂଚନା ମିଳିଛି ।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/87, ତା.05.12.2024ରିଖ

ଟେଣ୍ଡର ସଂ. e-tendersouthkur-256-2024 ତା.27.11.2024ରିଖ

**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ/ବାଲୁଗାଁ ପରିସୀମା ଅଧୀନରେ ବାଲାଷ୍ଟକୁ ବାକ୍ସରେ ଭରିବା (Boxing), ଇଲାଷ୍ଟିକ୍ ରେଲ କ୍ଲିପ୍ର ଲୁବ୍ରିକେସନ, ସାଲୋ ସ୍କ୍ରିନିଙ୍ଗ, ଡିପ୍ ସ୍କ୍ରିନିଙ୍ଗ, ଥ୍ରୁ ପ୍ୟାକିଙ୍ଗ, ଜଙ୍ଗଲ ସଫେଇ, ସାଇଡ୍ ଡ୍ରେନ୍ଗୁଡ଼ିକର ସଫେଇ ଇତ୍ୟାଦି ଭଳି ବିବିଧ P.Way କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 232.77 ଲକ୍ଷ, **EMD :** ₹ 2,66,400/-, ଶେଷ ହେବା ଅବଧି : 10 (ଦଶ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.12.2024ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ଼

PR-789/P/24-25

# ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଓ ଏନ୍ସିସି ଛାତ୍ରଛାତ୍ରୀଙ୍କ ହାଇକିଙ୍ଗ୍ ଓ ଦୀକ୍ଷାନ୍ତ କାର୍ଯ୍ୟକ୍ରମ

କଟକ(ଭାସ୍କର ନ୍ୟୁଜ୍): ସୋମବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ତୁଳସୀପୁରର ଏନ୍.ସି.ସି ଓ ସ୍କାଉଟ୍ସ ଗାଇଡ୍ସ ଛାତ୍ର ଛାତ୍ରୀମାନଙ୍କର ହାଇକିଙ୍ଗ ଓ ଦୀକ୍ଷାନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ କୋଷାଧକ୍ଷ ଭବାନୀ ପ୍ରସାଦ ମିଶ୍ର, କଟକ ଜିଲ୍ଲା କମିଶନର ପ୍ରଦୀପ କୁମାର ମହାନ୍ତି ଯୋଗଦାନ କରି ଶିଶୁମାନଙ୍କର ମାର୍ଗଦର୍ଶନ କରିଥିଲେ । ହାଇକିଙ୍ଗ୍ କାର୍ଯ୍ୟକ୍ରମରେ କ୍ୟାଡେଟ୍ମାନେ ବିଭିନ୍ନ ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତ କରିବା ସହିତ ମନ୍ଦିରର ପରିସରକୁ ପରିଷ୍କାର କରିଥିଲେ ।ନୂତନ ଭାବେ ଯୋଗଦାନ କରିଥିବା ସ୍କାଉଟ୍ସ ଓ ଗାଇଡ୍ସମାନଙ୍କୁ ଦୀକ୍ଷାନ୍ତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନାରାୟଣ ପ୍ରସାଦ ଷଡଙ୍ଗୀ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ସଞ୍ଜୟ ପଟ୍ଟନାୟକ,ଶରତ କୁମାର ଦାସ ଉପସ୍ଥିତ ଥିଲେ ।

# ଶୈଳବାଳା ଓ ଶମ୍ଭୁଦୟାଲ ପାଇବେ ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ପୁରସ୍କାର

କଟକ(ଭାସ୍କର ନ୍ୟୁଜ): ପ୍ରସିଦ୍ଧ ଶିଶୁ ସାହିତ୍ୟିକ ସ୍ୱର୍ଗତ ରାମକୃଷ୍ଣ ନନ୍ଦଙ୍କ କନ୍ୟା ସ୍ୱର୍ଗତା ଶୈଳବାଳା ମହାପାତ୍ର ଓ ଫୁଲେଶ୍ୱରୀ ବିହାର, ଭୁବନେଶ୍ୱରନିବାସୀ ଡକ୍ଟର ଶମ୍ଭୁଦୟାଲ ଅଗ୍ରୱାଲଙ୍କୁ ଚଳିତବର୍ଷ ପାଇଁ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ-ସଂଶୋଧକ ପୁରସ୍କାର ଦିଆଯିବ ବୋଲି ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ଘୋଷଣା କରାଯାଇଛି । ନ୍ୟାସର ଆବାହକ ଦୀପକ କୁମାର ମହାନ୍ତି ଆଜି ଏଠାରେ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତ ଯେ, ଆସନ୍ତା ୧୪ ତାରିଖ ପୂର୍ବାହ୍ନରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ଆୟୋଜିତ ଏକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ । ଏଥିରେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ମଦନମୋହନ ଦାସ ମୁଖ୍ୟ ଅତିଥି ଓ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋ ର ଇଂରାଜୀ ବିଭାଗର ପୂର୍ବତନ ପ୍ରଫେସର ତଥା ମୁଖ୍ୟ ଡକ୍ଟର ଯତୀନ୍ଦ୍ର କୁମାର ନାୟକ ମୁଖ୍ୟ ବକ୍ତା ରୂପେ ଯୋଗଦେବେ ।



ବାଚସ୍ପତି ସୁରମା ପାଢୀଙ୍କ ସହ ବିଧାନସଭା ପରିଭ୍ରମଣରେ ଆସିଥିବା ଓଡ଼ିଶା ପ୍ରଶାସନିକ ସେବାର ଶିକ୍ଷାନବୀଶମାନେ ଉପସ୍ଥିତ

# ବରିଷ୍ଠ ସାମ୍ବାଦିକ ବୈଷ୍ଣବ ଜେନାଙ୍କ ସ୍ମୃତିଚାରଣ ସଭା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର ତଥା ଜଣେ ଦକ୍ଷ ସଂଗଠକ ଭାବେ ସାରା ରାଜ୍ୟରେ ଜଣାଶୁଣା ସ୍ୱର୍ଗତ ବୈଷ୍ଣବ ଚରଣ ଜେନାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ସୋମବାର ଉତ୍କଳ ସାମ୍ବାଦିକ ସଂଘ ପରିସରରେ ସଭାପତି ବିଭୂତି ଭୂଷଣ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ବହୁ ବିଶିଷ୍ଟ ରାଜନେତା, ବିଧାୟକ, ପୂର୍ବତନ ମନ୍ତ୍ରୀ, ବରିଷ୍ଠ ସାମ୍ବାଦିକ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ବହୁମୁଖୀ ପ୍ରତିଭା, ନିଚ୍ଛକ ସାମ୍ବାଦିକତା ଏବଂ ସାମାଜିକ ଜୀବନରେ ସବୁ ବର୍ଗର ସାମ୍ବାଦିକମାନଙ୍କ ସହ ଉତ୍ତମ ସମ୍ପର୍କ ଯୋଡ଼ିବାରେ ପ୍ରମୁଖ ଭୂମିକା ଓ ଅବଦାନ ଉପରେ ଆଲୋକପାତ କରିଥିଲେ । ବିଧାୟକ ଡ. ଅରୁଣ କୁମାର ସାହୁ, କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବିଶିଷ୍ଟ କମ୍ୟୁନିଷ୍ଟ ନେତା ରାଧାକାନ୍ତ ସେଠି, ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି, ବିପିନ ସିଂ, ନିର୍ମଳ ଭଞ୍ଜଦେଓ, ବିବେକାନନ୍ଦ ଜେନା, ବିଜୟ କୁମାର ପଣ୍ଡା, ପାର୍ଥସାରଥୀ ଜେନା, ସରୋଜ ରଞ୍ଜନ ପଟ୍ଟନାୟକ, ସୁରେଶ କର, ଜୟଦେବ ବେହେରା, ମାଧବ ବେଉରା, କିଶୋର ମଙ୍ଗରାଜ, ସୂର୍ଯ୍ୟକାନ୍ତି ନାୟକ, ସୁକାନ୍ତ ମହାନ୍ତି, ପବିତ୍ର ମହାରଥା, ଫଟୋ ସାମ୍ବାଦିକ ଗିରିଧାରୀଲାଲ ଷଡ଼ଙ୍ଗୀ, ଅଭିମନ୍ୟୁ ମହାରଣା, ମନୋଜ ମୁଖୀ, ଗଜେନ୍ଦ୍ର ବେହେରାଙ୍କ ସମେତ ବହୁ ସଂଖ୍ୟାରେ ସାମ୍ବାଦିକ ଏହି ଅବସରରେ ଉପସ୍ଥିତ ରହି ସ୍ୱର୍ଗତ ଜେନାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ରାଜ୍ୟର ବିଭିନ୍ନ ଅଞ୍ଚଳରେ ନୂଆ ଥାନା ଓ ଫାଣ୍ଡି ଖୋଲିବାକୁ ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୋମବାର ବିଧାନସଭାରେ ଉଭୟ ଶାସକ ଓ ବିରୋଧୀ ଦଳର ବିଧାୟକ ମାନେ ନିଜ ନିଜ ଅଞ୍ଚଳରେ ନୂଆ ଥାନା ଓ ଫାଣ୍ଡି ଖୋଲିବାକୁ ଦାବି କରିଛନ୍ତି । ସେମାନେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଠିକ କରିବା ପାଇଁ ସେମାନଙ୍କ ଅଂଚଳରେ ନୂଆ ଥାନା ଓ ଫାଣ୍ଡି ଖୋଲିବାକୁ ଦାବି କରିଥିଲେ । ଆଜି ପ୍ରଶ୍ନକାଳରେ ଖଂଡପଡାର ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ଏ ସମ୍ପର୍କିତ ପ୍ରଶ୍ନ ଉପରେ ଆଲୋଚନା ବେଳେ ବିଧାୟକ ମାନେ ଏହି ଦାବି କରିଥିଲେ । ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତର ରଖୁଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସ୍ପଷ୍ଟ କରିଥିଲେ ଯେ ନୂତନ ଥାନା ଓ ଫାଣ୍ଡି ଖୋଲିବାକୁ ନିଶ୍ଚିତ ଗାଇଡଲାଇନ ରହିଛି । କେଉଁ ସ୍ଥାନରେ ନୂଆ ଥାନା ଗଠନ ହେବ ସେ ସମ୍ପର୍କରେ ନିଷ୍ପତି ନେବାକୁ ଏକ ମାନଦଣ୍ଡ ରହିଛି । ଏଥିରେ ୯ଟି ଦିଗ ପ୍ରତି ଧ୍ୟାନ ଦିଆଯାଥାଏ । ଏହି ମାନଦଣ୍ଡ ଆଧାରରେ ନୂଆ ଥାନା ସ୍ଥାପିତ କରିବାକୁ ନିଷ୍ପତି ନିଆଯାଇଥାଏ । ରାଜ୍ୟରେ ୨୯୫ ଫାଣ୍ଡି ଅଛି । ସେଥିରୁ ୧୨୨ ସହରାଞ୍ଚଳ ଫାଣ୍ଡି । ସେହିପରି ରାଜ୍ୟରେ ୬୮୫ ପୋଲିସ ଥାନା ଓ ୧୩୯ ବିଟ ହାଉସ ଅଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହକୁ ଅବଗତ କରିଛନ୍ତି ।

# ଓଡିଶାର ସବୁ ଜିଲ୍ଲାରେ ପ୍ରତିଷ୍ଠା ହେବ ମେଡିକାଲ କଲେଜ: ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ସବୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ । ଭାରତୀୟ ଜନତା ପାର୍ଟୀ ତାଙ୍କର ସଂକଳ୍ପପତ୍ରରେ ଯାହା ଉଲ୍ଲେଖ କରିଛି ତାକୁ ପୂରଣ କରାଯିବ । ଆଜି ପ୍ରଶ୍ନକାଳରେ ଏ ସମ୍ପର୍କିତ ଏକ ପ୍ରଶ୍ନ ଉପରେ ଆଲୋଚନା ବେଳେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ଏହା କହିଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ଷମତାକୁ ଆସିବା ପରେ ଏକ ନୀତି ତିଆରି କରିଥିଲେ ଓ ଏହି ଆଧାରରେ ବର୍ତ୍ତମାନ ରାଜ୍ୟରେ ଅନେକ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନା ହୋଇ ସାରିଛି । ଦୁର୍ଭାଗ୍ୟର ବିଷୟରେ ବ୍ରହ୍ମପୁର ମେଡିକାଲ କଲେଜ ସ୍ଥାପନା ହେବା ପର ଠାରୁ ୨୦୧୪ ଯାଏ ରାଜ୍ୟରେ କୌଣସି ମେଡିକାଲ କଲେଜ ଖୋଲା ଯାଇ ନ ଥିଲା । ସେ କହିଛନ୍ତି ଯେ, ୩୦ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବ ।

**ପାୱରଗ୍ରିଡ POWERGRID**

**ନୋଟିସ୍**

୧. ପିଟିସନ ଫର ଡିଟରମିନେସନ ଅଫ୍ ତାରିଫ ଧାରା ୬୨ ଅଧୀନ ସହିତ ବିଭାଗ ୭୯(୧) (ଡି) ଇଲେକ୍ଟ୍ରିସିଟି ଆଇନ ୨୦୦୩ ଏବଂ ରେଗୁଲେସନ ୧୫(୧)(କ) ଏବଂ ରେଗୁଲେସନ ୨୩ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ରେଗୁଲେଟାରୀ କମିଶନ (କଣ୍ଡକ୍ଟ ଅଫ୍ ବିଜିନେସ) ରେଗୁଲେସନ୍ସ, ୨୦୦୩ ସହିତ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ରେଗୁଲେଟାରୀ କମିଶନ (ସର୍ତ୍ତ ଏବଂ ତାରିଖ ରେଗୁଲେସନର ଚୁକ୍ତି) ୨୦୨୪, ପିଟିସନ-୧ ପାଇଁ, କମ୍ବାଇନ୍ଡ ଆସେଟ୍ସ ପୂର୍ବାଞ୍ଚଳ ଚୁକା ଟ୍ରାନ୍ସମିଶନ ସିଷ୍ଟମ, ଯାହାକି ୪୦୦ କେଭି ଟ୍ରାନ୍ସମିଶନ ସିଷ୍ଟମ ଅଧୀନରେ, ପିଟିସନ-୨: ପୂର୍ବାଞ୍ଚଳର ଫରକ୍କା-୧ ଏବଂ ୨. ଏସ୍ଟିପିଏସ୍ର ୪୦୦ କେଭି ଟ୍ରାନ୍ସମିଶନ ସିଷ୍ଟମ ସହ ସଂଯୁକ୍ତ ।

୨. ଉପରୋକ୍ତ ଟ୍ରାନ୍ସମିଶନ ସିଷ୍ଟମ୍ର ହିତାଧିକାରୀ: ୧) ବିହାର ଷ୍ଟେଟ ପାୱାର (ହୋଲଡିଂ) କମ୍ପାନୀ ଲିମିଟେଡ୍, ୨) ୱେଷ୍ଟବେଙ୍ଗଲ ଷ୍ଟେଟ ଇଲେକ୍ଟ୍ରିସିଟି ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ ୩) ଗ୍ରୀଡ଼ କର୍ପୋରେସନ ଅଫ୍ ଓଡ଼ିଶା ଲିମିଟେଡ, ୪) ଦାମୋଦର ଭ୍ୟାଲି କର୍ପୋରେସନ, ୫) ପାୱାର ଡିପାର୍ଟମେଣ୍ଟ, ସିକିମ୍ ସରକାର, ୬) ଝାଡ଼ଖଣ୍ଡ ବିଜଳି ବିତରଣ ନିଗମ ଲିମିଟେଡ୍

**୩. ଟାରିଫ୍ ବିବରଣୀ:**

(କ)୨୦୧୯-୨୪ ବ୍ଲକ୍ — ଟଙ୍କା ଲକ୍ଷରେ

| ପିଟିସନ୍ ନଂ | ଆସେଟ୍ ବିବରଣୀ | ଡିଓସିଓ/ ଇଡିଓଡି | ୩୧.୦୩.୨୦୨୪ ସୁଦ୍ଧା ସମ୍ପୂର୍ଣ୍ଣ ମୂଲ୍ୟ | | ୨୦୧୯-୨୦ | ୨୦୨୦-୨୧ | ୨୦୨୧-୨୨ | ୨୦୨୨-୨୩ | ୨୦୨୩-୨୪ |
|---|---|---|---|---|---|---|---|---|---|
| ପିଟିସନ୍ -୧ | ମିଳିତ ସାମଗ୍ରୀ | ୦୧.୦୪.୧୯୮୭ | ୧୫୭୭୯.୨୧ | ଟର୍ଣ୍ଣିଂ ଅଫ ଆଧାରରେ ସଂଶୋଧିତ ଏଏଫସି | ୩୬୧୩.୬୫ | ୨୪୦୩.୯୫ | ୨୪୩୮.୦୯ | ୩୩୯୬.୬୦ | ୨୫୭୩.୬୫ |
| ପିଟିସନ୍ -୨ | ମିଳିତ ସାମଗ୍ରୀ | ୦୧.୦୪.୧୯୯୨ | ୩୪୮୪୮.୬୯ | ଟର୍ଣ୍ଣିଂ ଅଫ ଆଧାରରେ ସଂଶୋଧିତ ଏଏଫସି | ୫୩୭୭.୧୪ | ୫୩୭୨.୮୮ | ୫୫୪୧.୬୭ | ୫୭୧୪.୩୩ | ୫୯୦୯.୭୨ |

(ଖ) ୨୦୨୪-୨୯ ବ୍ଲକ୍

| ପିଟିସନ୍ ନଂ | ଆସେଟ୍ ବିବରଣୀ | ୩୧.୦୩.୨୦୨୯ ସୁଦ୍ଧା ସଂପୂର୍ଣ୍ଣ ମୂଲ୍ୟ | | ୨୦୨୪-୨୫ | ୨୦୨୫-୨୬ | ୨୦୨୬-୨୭ | ୨୦୨୭-୨୮ | ୨୦୨୮-୨୯ |
|---|---|---|---|---|---|---|---|---|
| ପିଟିସନ୍ -୧ | ମିଳିତ ସାମଗ୍ରୀ | ୨୩୭୫୪.୬୧ | ଏଏଫସି | ୨୬୯୨.୨୬ | ୩୦୪୩.୦୪ | ୩୬୪୭.୩୩ | ୩୮୩୯.୯୬ | ୩୮୯୬.୨୦ |
| ପିଟିସନ୍ -୨ | ମିଳିତ ସାମଗ୍ରୀ | ୫୦୧୪୦.୫୧ | ଏଏଫସି | ୫୬୬୪.୫୪ | ୫୩୨୩.୪୧ | ୬୮୭୯.୮୮ | ୭୩୪୫.୫୫ | ୭୪୮୯.୪୯ |

୪. ଟାରିଫ୍ ଡିଟମିନେସନ୍ ଆବେଦନର ଏକ କପି ଆବେଦକଙ୍କ ୱେବସାଇଟ୍ www.powergridindia.com.ରେ ପୋଷ୍ଟ କରାଯାଇଛି ।

୫. ଟାରିଫ୍ ଡିଟରମିନେସନ୍ ପ୍ରସ୍ତାବକୁ ନେଇ ଯଦି କୌଣସି ପ୍ରସ୍ତାବ କିମ୍ବା ଅଭିଯୋଗ ଥାଏ ତେବେ ଲାଭକାରୀଙ୍କ ସମେତ ଯେ କୌଣସି ବ୍ୟକ୍ତି ସେକ୍ରେଟାରୀ, ସେଣ୍ଟ୍ରାଲ୍ ଇଲେକ୍ଟ୍ରିସିଟି ରେଗୁଲେସନ୍ କମିଶନ୍, ତୃତୀୟ ଏବଂ ଚତୁର୍ଥ ମହଲା, ଚନ୍ଦ୍ରାଲୋକ ବିଲ୍ଡିଂ, ଜନପଥ, ନୂଆଦିଲ୍ଲୀ-୧୧୦୦୦୧ (କିମ୍ବା ଅନ୍ୟ ଠିକଣା ଯେଉଁଠାରେ କମିଶନଙ୍କ କାର୍ଯ୍ୟାଳୟ ଥିବ)ଙ୍କୁ ଜଣାଇପାରିବେ । ଏହି ନୋଟିସ୍ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଆବେଦକଙ୍କ କର୍ପୋରେଟ୍ କାର୍ଯ୍ୟାଳୟକୁ ଏକ କପି ପଠାଇବାକୁ ପଡ଼ିବ ।

ସ୍ଥାନ: ଗୁରଗ୍ରାମ
ତାରିଖ: ୦୯.୧୨.୨୦୨୪

ସ୍ୱା/-
ଡେପୁଟି ଜେନେରାଲ୍ ମ୍ୟାନେଜର (କମର୍ସିଆଲ୍)

**ପାୱାର ଗ୍ରୀଡ଼୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ପଞ୍ଜୀକୃତ କାର୍ଯ୍ୟାଳୟ: ବି-୯, କୁତବ୍ ଇନ୍ଷ୍ଟିଚ୍ୟୁସ୍ନାଲ୍ ଏରିଆ, କଟ୍ୱାରିଆ ସରାଇ, ନୂଆଦିଲ୍ଲୀ ୧୧୦୦୧୬
କର୍ପୋରେଟ୍ କାର୍ଯ୍ୟାଳୟ: ସୌଦାମିନି, ପ୍ଲଟ୍ ନଂ.୨, ସେକ୍ଟର-୨୯, ଗୁରଗାଁଓ, ହରିଆନା-୧୨୨୦୦୧
www.powergridindia.com. ସିଆଇଏନ୍: ଏଲ୍୪୦୧୦୧ଡିଏଲ୍୧୯୮୯ଜିଓଆଇ୦୩୮୧୨୧

HDB Financial Services Limited
**ଏଚଡିବି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ୍**
ପଞ୍ଜୀକୃତ କାର୍ଯ୍ୟାଳୟ : ରାଧିକା, ଦ୍ୱିତୀୟ ମହଲା, ଲ ଗାର୍ଡେନରୋଡ୍, ନଭରଙ୍ଗପୁରା, ଅହମ୍ମଦାବାଦ-୩୮୦୦୦୯
ବ୍ରାଞ୍ଚ: ପ୍ଲଟ ନଂ ୩୫୭/୩୪୭୭ ଏବଂ ୩୫୮/୩୪୭୮, ତଳ ମହଲା, ଜୟଦେବ ବିହାର ବିଜୁ ପଟ୍ଟନାୟକ କଲେଜ ନିକଟ, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୩

ନିମ୍ନରେ ଦର୍ଶାଯାଇଥିବା ଋଣଗ୍ରହୀତାମାନେ, ସହଋଣଗ୍ରହୀତାମାନେ ଏବଂ ଗ୍ୟାରେଣ୍ଟରମାନେ ଏଚଡିବି ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ଠାରୁ ସ୍ଥାବର ସମ୍ପତ୍ତି ବନ୍ଧକ ରଖି ଋଣ (ଗୁଡ଼ିକ) ହାସଲ କରିଥିଲେ । ଆପଣମାନେ ଫାଇନାନ୍ସିଆଲ ଡିସିପ୍ଲିନ୍ ମେଣ୍ଟେନ କରିନାହାନ୍ତି ଏବଂ ଏହି ଅର୍ଥରାଶି ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ତେଣୁ ଏହି ଅର୍ଥରାଶି ପୈଠରେ ବିଫଳତା ଯୋଗୁ ଆପଣମାନଙ୍କ ଲୋନ୍ ଆକାଉଣ୍ଟକୁ ନନ୍-ପର୍ଫମିଙ୍ଗ୍ ଆସେଟ୍ ଭାବେ ବର୍ଗୀକରଣ କରାଯାଇଛି । ଏହି ଅର୍ଥରାଶି ପାଇବାର ଅଧିକାର ଏଚଡିବି ନିକଟରେ ଥିବାରୁ ଏବେ ସିକ୍ୟୁରିଟାଇଜେସନ ଆଣ୍ଡ ରି-କନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ଏହି ଆଇନ)ର ଧାରା ୧୩(୨) ଅଧୀନରେ ଡିମାଣ୍ଡ ନୋଟିସ ଜାରି କରାଯାଇଛି । ଏହାର କଣ୍ଟେଣ୍ଟଗୁଡ଼ିକ ଏହି ଆଇନର ଧାରା ୧୩(୨) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ (୧) ଅନୁସାରେ ପ୍ରକାଶ କରାଯାଇ ଆପଣମାନଙ୍କ ନାମରେ ଜାରି କରାଯାଉଛି । ଋଣଗ୍ରହୀତା, ସହ-ଋଣଗ୍ରହୀତା, ଗ୍ୟାରେଣ୍ଟର, ସିକ୍ୟୁରିଟିଜ୍, ଆଉଟଷ୍ଟାଣ୍ଡିଂ ଡ୍ୟୁଜ୍ର ବିବରଣୀ, ଧାରା ୧୩(୨) ଅନୁସାରେ ଜାରି ଡିମାଣ୍ଡ ନୋଟିସ ଏବଂ ଦାବି କରାଯାଇଥିବା ଅର୍ଥରାଶି ସଂପର୍କରେ ସୂଚନା ନିମ୍ନରେ ଦର୍ଶାଯାଇଛି :-

| | |
|---|---|
| ୧. | ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ- ପ୍ରୋଟିନ ବଜାର, ପ୍ଲଟ୍ ନଂ-ଏନ-୬/୨୬୨, ଆଇଆରସି ଭିଲେଜ୍, ନୟାପଲ୍ଲୀ, ବିଜୁ ପଟ୍ଟନାୟକ କଲେଜ ସମ୍ମୁଖ, ଜୟଦେବ ବିହାର ରୋଡ, ଭୁବନେଶ୍ୱର ଭୁବନେଶ୍ୱର-୭୫୧୦୧୩ ଏବଂ ଆଉ ମଧ୍ୟ ଖାତା ନଂ ୪୩୫/୬୦୧, ପ୍ଲଟ୍ ନଂ ୪୧୪, ମୌଜା-ଭୁବନେଶ୍ୱର ସହର, ୟୁନିଟ ନଂ ୧୬ ଜୟଦେବ ବିହାର, ତହସିଲ- ଭୁବନେଶ୍ୱର ଭୁବନେଶ୍ୱର-୭୫୧୦୧୫,ଋଣ ଆକାଉଣ୍ଟ ନଂ ୨୯୩୫୪୪୨୬ର ବିବରଣୀ, ଟ. ୧୧୦୦୦୦୦୦( ଏକ କୋଟି ଦଶଲକ୍ଷ) ଋଣର ସଂପୂର୍ଣ୍ଣ ବିବରଣୀ । ଲୋନ୍ ଆକାଉଣ୍ଟ ନଂ ୨୯୩୫୪୪୨୬ର ଋଣ ବିବରଣୀ । ବନ୍ଧକର ପୂର୍ଣ୍ଣାଙ୍ଗ ବିବରଣୀ ୧- ଜିଲ୍ଲା ଖୋର୍ଦ୍ଧା, ତହସିଲ ଭୁବନେଶ୍ୱର, ଗ୍ରାମ ଜୟଦେବ ବିହାର, ୟୁନିଟ୍ ୧୬, ପ୍ଲଟ୍ ନଂ ଏନ-୫/୧୦୫, ସମ୍ପ୍ରସାରଣ (ଡିମେସନ ଏବଂ ଟ୍ରିଆ) ୩୦ X ୫୦. ଆଇଇ ଏ.୦.୦୪୦ ଡସିମିଲ ଯାହାକି ଡ୍ରଇଂ ନମ୍ବର ୩୫-୧୩୬ (ଆର)କୁ ସଂଯୋଗ କରୁଛି । ରାଜସ୍ୱ ପ୍ଲଟ୍ ନମ୍ବର ୪୧୪, ୯୪୨ ଖାତା ଅଧୀନ, ଡିଏସ୍ଆର ଭୁବନେଶ୍ୱରଙ୍କ ଅଧୀନ, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ ନଂ ଏନ-୫/୧୯, ପୂର୍ବ: ପ୍ଲଟ୍ ନଂ ଏନ-୫/୧୦୬, ପଶ୍ଚିମ: ରାସ୍ତା, ଏହି ଡିଡ୍ଟି ରେଜିଷ୍ଟ୍ରର ବୁକ୍ ନଂ ୧, ଭଲ୍ୟୁମ ନଂ ୧୩୮, ପୃଷ୍ଠା ୨୪୯ରୁ ୨୬୪ ନଂ ୩୩୧୨, ୨୦୦୧ ବର୍ଷ । ଏନପିଏ ତାରିଖ: ୦୨.୧୧.୨୦୨୪, ଡିମାଣ୍ଡ ନୋଟିସ ତାରିଖ: ୨୬.୧୧.୨୦୨୪, ଦାବି ପରିମାଣ- ଟ. ୧୦୫୭୩୧୮୮ (ଏକ କୋଟି ପାଞ୍ଚଲକ୍ଷ୍ୟ ତେସ୍ତରୀ ହଜାର ଏକଶହ ଏବଂ ୮୮ ପଇସା), ୧୩.୧୧.୨୦୨୪ ସୁଦ୍ଧା । ଏଥିସହ ଭବିଷ୍ୟତର ଚୁକ୍ତିନାମା ଅନୁଯାୟୀ ସୁଧ ପ୍ରକୃତପକ୍ଷେ ବନ୍ଧକ ମୁକୁଳାଇବା ପର୍ଯ୍ୟନ୍ତ ଅନ୍ୟାନ୍ୟ ଖର୍ଚ୍ଚ ସହିତ । |

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଆପଣମାନେ ଏହି ଆଇନ ଅନୁସାରେ ଉପରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ ଟ୍ରାନ୍ସଫର କରିପାରିବେ ନାହିଁ । ଏଥିପାଇଁ ଆପଣଙ୍କୁ ଏଚଡିବିଠାରୁ ପୂର୍ବରୁ ଅନୁମତି ହାସଲ କରିବାକୁ ପଡ଼ିବ । ଯଦି କୌଣସି ବ୍ୟକ୍ତି ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରନ୍ତି ତେବେ ଆଇନ ଅନୁସାରେ ଜେଲ୍ ଏବଂ/କିମ୍ବା ଜରିମାନା କରାଯିବ । ଯଦି ଆପଣମାନେ ଏହି ଅର୍ଥରାଶି ଏଚଡିବିକୁ ପୈଠ କରିବାରେ ବିଫଳ ହେଉଛନ୍ତି ତେବେ ଏଚଡିବି ଏହି ଆଇନର ଧାରା ୧୩(୪) ଅନୁସାରେ ବନ୍ଧକ ସମ୍ପତ୍ତି କବ୍ଜା କରିବ । ଋଣଗ୍ରହୀତା/ସହ-ଋଣଗ୍ରହୀତା/ ବନ୍ଧକକୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପଧାରା (୮) ଅନୁସାରେ ନିର୍ଦ୍ଧାରିତ ସମୟରେ ସେମାନଙ୍କ ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ । ଯଦି ଏହି ପ୍ରସଙ୍ଗରେ କୌଣସି ପ୍ରଶ୍ନ ଥାଏ ତେବେ ଦୟାକରି ଯୋଗାଯୋଗ କରନ୍ତୁ : ଶ୍ରୀଯୁକ୍ତ ବିଦ୍ୟୁତ ମଜୁମଦାର : ୯୦୦୭୧୭୭୭୪୬ କିମ୍ବା ମିସ୍. ପୂଜା ସର୍ : LA1.MANIKTALA@HDBFS.COM ଏଚଡିବି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ୍ ।

ସ୍ଥାନ : ଓଡ଼ିଶା
ତାରିଖ : ୧୦.୧୨.୨୦୨୪

ସ୍ୱା/-ଅଧିକୃତ ଅଧିକାରୀ
ଏଚଡିବି ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ ପାଇଁ

**ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼**
ଟେଣ୍ଡର ବିଜ୍ଞପ୍ତି
ନଂ. ୪୨୪୪ ତା.୦୭.୧୨.୨୦୨୪

ବରଗଡ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡିଆରେ ମୀନାବଜାର, ଦୋଳି, ଝୁଲା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ତଥା ପାର୍କିଂ ଇତ୍ୟାଦି ପାଇଁ ଅନ୍ୟାନ୍ୟ ଉପଯୋଗୀ ଜାଗା ଓ ପଡିଆ ଗୁଡିକ ଟେଣ୍ଡର ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସର୍ତ୍ତାବଳୀ ସହ ଯୋଗେଇ ଦିଆଯିବ ।

ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ସୁଦ୍ଧା) ତା. ୦୯.୧୨.୨୦୨୪ ଠାରୁ ତା.୧୬.୧୨.୨୦୨୪ (ଛୁଟିଦିନ ବ୍ୟତିତ) ଟେଣ୍ଡର କାଗଜପତ୍ର ଟ.୬୦୦୦.୦୦(ଛଅ ହଜାର ଟଙ୍କା ମାତ୍ର) / ପାର୍କିଂ ପାଇଁ ଟ.୪୦୦୦.୦୦(ଚାରି ହଜାର ମାତ୍ର) / ଅସ୍ଥାୟୀ ଛୋଟ ଦୋକାନ ପାଇଁ ଟ. ୧୦୦୦.୦୦(ଏକ ହଜାର ମାତ୍ର) ବିନିମୟରେ ଯୋଗେଇ ଦିଆଯିବ । ଇଚ୍ଛୁକ ନିଲାମଧାରୀମାନେ ସଂପୃକ୍ତ ସ୍ଥାନ ମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଦେଖିପାରିବେ ।

ଉକ୍ତ ଟେଣ୍ଡର କାଗଜପତ୍ର, ନିଜର ସର୍ବୋଚ୍ଚ ଡାକ ମୂଲ୍ୟ ସହ ପୂରଣ କରି , ଏକ ଜଉମୁଦ ଲଫାପାରେ ପୂରାଇ ତା. ୦୯.୧୨.୨୦୨୪ରିଖ ଠାରୁ ତା. ୧୬.୧୨.୨୦୨୪ ରିଖ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ନିର୍ଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ପକାଇବେ । ତାହା ସମସ୍ତଙ୍କ ଉପସ୍ଥିତିରେ ତା.୧୭.୧୨.୨୦୨୪ ରିଖ ଅପରାହ୍ନ ୩.00 ଘଟିକା ସମୟରେ ଖୋଲାଯାଇ ନିୟମାନୁଯାୟୀ ଚୁକ୍ତି ସମ୍ପାଦନ କରାଯିବ । ଯଦି ଉକ୍ତ ଦିନ ଏହି ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ ହୋଇପାରିବ ନାହିଁ ତେବେ, ଦ୍ୱିତୀୟ ଦିବସ ତା. ୧୮.୧୨.୨୦୨୪ ରିଖ ଅପରାହ୍ନ ୪.00 ଘଟିକା ସମୟରେ ଏହି ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ କରାଯିବ । ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଡାକ ମୂଲ୍ୟକୁ କିମ୍ବା ସମ୍ପୂର୍ଣ୍ଣ ଟେଣ୍ଡର କୁ ରଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି । ସବିଶେଷ ବିବରଣୀ ଜିଲ୍ଲା Website- http://baragarh.nic.in ରେ ମଧ୍ୟ ଉପଲବ୍ଧ ହେବ ।

ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

**District Project Coordinator**
**Samagra Shiksha, Kandhamal**
Advt. No.____/2024-25 Date 07.12.2024
n-173

**Tender Call Notice**

Sealed tender (Percentage rate) are invited from the interested "B"Class contractors registered with the Govt. for execution of civil works under DPC Office, Kandhamal, Phulbani . The detail notification is available at official website http://tendersodisha.gov.in Interested Contractors fulfilling the eligibility criteria may submit their proposal (s) with EMD, Tender Paper cost & document as per tender call notice. The bidders have to submit their proposal (s) at the DPC, SS, Kandhamal, Phulbani. Proposal(s) complete in all respect should upload in the site http://www.tendersorissa.gov.in & (http://tendersodisha.gov.in) on or before 05.00 PM of 03.01.2025 through Online and the same will be opened on 4.01.2025 at 3.30 PM . The under signed reserves the right to reject any or all the tenders without assigning any reason thereof.

Sd/-
DEO-cum-DPC
SS, Kandhamal

OIPR 27136/11/0004/2425

**NATIONAL COMPETITIVE BIDDING THROUGH e-Procurement**
Tel. No.06752222092, e-mail id-eerwpuri@gmail.com
TCN NO. TENDER ONLINE - 03 OF 2024-25 O-765
No. 8667 /Dt. 29.11.2024

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 22 Nos. of work for the year 2024-25 in the District of Puri.

1. Total no. of works: **22 nos.**
2. Tender cost of packages: Amount varies from **Rs.0.84 lakh to 37.44 lakhs.**
3. Class of contractor: **As per DTCN.**
4. Period of completion: **6 (Six) , 4(four) & 2(two) Calendar months .**
5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rural Works Division, Puri. | Online- 03 | 16.12.2024 at 11.00 A.M. | 27.12.2024 up to 5.00 P.M. | 26.12.2024 up to 1.30 P.M. | 30.12.2024 at 11.30 A.M. Office of the S.E.,R.W. Division, Puri. |

6. Other details can be seen in the bidding documents, which is available in website "https://tendersodisha.gov.in".

Sd/- Superintending Engineer,
R.W. Division, Puri

OIPR 25065/11/0005/2425

**ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ଓ୍ୱାର୍ଡେନଙ୍କ କାର୍ଯ୍ୟାଳୟ, ରାଉରକେଲା**
**OFFICE OF THE DIVISIONAL FOREST OFFICER CUM WILDLIFE WARDEN**
**ROURKELA FOREST DIVISION, ROURKELA, SUNDARGARH, ODISHA**
Phone No. 0661-2664637, Fax No. 0661-2664638, e mail- dforourkela.od@gov.in

**Order No. 675 / Dtd. 06.12.2024** MM-314

**INVITATION FOR BIDS (IFB)**

E-Procurement Bid Identification No. RKL -F.E & C.C/2024-25 Dtd. 06.12.2024

1. Name of work :- CONSTRUCTION OF WATCH TOWER AT SAN RAMLOI SECTION SAN RAMLOI FOREST RANGE BISRA ROURKELA FOREST DIVISION DISTRICT SUNDARGARH
2. No. of works :- 01 Nos.
3. No. of covers :- Single Cover
4. Estimated Cost :- **Rs. 19,48,681.00**
5. Period of Completion :- **03** Calendar Months
6. Date & Time of availability of bid documents in portal :- From **11:00 AM** of date **10.12.2024** to **05:00 PM** of dated **17.12.2024**
7. Last date/ time for receipt of bids in the portal :- Up to **05:00 PM** of dated **17.12.2024**
8. Date of opening of bid documents :- At **11:00 AM** of date **18.12.2024**
9. Class of Contractor :- **"D" & "C"** Class Contractor
10. Name and address of officer inviting Bid :- Divisional Forest Officer, Rourkela Forest Division.

Further, details can be seen from the e-Procurement portal **www.tenderodisha.gov.in**. The Addendum / Corrigendum if any will be hosted in the website only.

Sd/-Divisional Forest Officer,
Rourkela Forest Division.

OIPR 08044/11/0013/2425

**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
Email Address: cemech.eicwr.od@gmail.com A-693
**e-Procurement Notice- Bid Identification No.- CEM/MDB-02/ 2024-25**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM/MDB - 02/2024-25
5. Tender Value : Rs. 35,38,646.00
6. Period of Completion : 02(Two) calendar months.
7. Date & time of availability of bid documents in the Portal : From dt.11.12.2024 (10.00 AM) to dt.23.12.2024 (5.30 PM)
8. Last date/ time for receipt of bid In the Portal : dt.23.12.2024 (up to 5.30 PM)
9. Date and Place of opening of Technical Bid : dt.24.12.2024 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid.
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/-
Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR 32520/11/0020/2425



ନୂଆଦିଲ୍ଲୀ: ମିଳିତ ଜାତିସଂଘ ୧୯୭୪ରେ ଗୋଲାନ ହାଇଟ୍ସରେ ସିରିଆ ଏବଂ ଇସ୍ରାଏଲ ମଧ୍ୟରେ ଏକ ବଫର ଜୋନ ସୃଷ୍ଟି କରି ବ୍ଲୁ ଲାଇନ ଏବଂ ରେଡ ଲାଇନ ଅଙ୍କନ କରିଥିଲା । ସିରିଆ ଏବଂ ଇସ୍ରାଏଲ ସୀମାରେ ଅବକିରତ ଚୁକ୍ତି କାର୍ଯ୍ୟକାରୀ ହୋଇଛି । ସିରିଆରେ ଆସାଦ ସରକାରଙ୍କ ପତନ ପରେ ସିରିଆ ସେନା ନିଜର ପଦବୀ ଖାଲି କରିଛି । ଏହି ସମୟରେ, ଇସ୍ରାଏଲ ସୈନ୍ୟ ୫୦ବର୍ଷ ଧରି ସୃଷ୍ଟି ହୋଇଥିବା ବଫର ଜୋନରେ ନିଜର ସୈନ୍ୟ ପଠାଇ ଏହି ଅଞ୍ଚଳକୁ କାବୁ କରି ନେଇଛନ୍ତି । ଏପରି ପରିସ୍ଥିତିରେ,୫୦ ବର୍ଷ ପୁରୁଣା ଅବକିରତ ଚୁକ୍ତିନାମାକୁ ଏକପାଖିଆ ଭାବରେ ସମାପ୍ତ କରି ବଫର ଜୋନ ନିଜେ ରଦ୍ଦ ହୋଇଯାଇଛି । ଏହାର ଅର୍ଥ ହେଉଛି, ଏକ ଉପାୟରେ ଏହା ଜାତିସଂଘର ସଂକଳ୍ପର ଉଲ୍ଲଂଘନ ବୋଲି ବିବେଚନା କରାଯିବ । ଯେଉଁଠାରେ ସିରିଆ ସେନା ନିୟୋଜିତ ହୋଇଥିଲେ ସେହି ସିରିଆ ପୋଷ୍ଟଗୁଡ଼ିକୁ କାବୁ କରିଥିଲେ । ବର୍ତ୍ତମାନ ସେହି ଅଞ୍ଚଳରେ ଭାରତୀୟ ସେନା ମଧ୍ୟ ନିୟୋଜିତ ଅଛନ୍ତି । ସେନା ସୂତ୍ର ଅନୁଯାୟୀ, ବର୍ତ୍ତମାନ ଭାରତୀୟ ସେନାର ମୋଟ ୧୪୫ ସେନା କର୍ମଚାରୀ, ସେମାନଙ୍କ ମଧ୍ୟରେ ୧୦ ଜଣ ଅଧିକାରୀ, ୧୧ଟି ଜେସିଓ ଏବଂ ୧୨୪ ସୈନିକ ନିୟୋଜିତ ଅଛନ୍ତି ।

# ବୀମା ସଖୀ ଯୋଜନା ଆରମ୍ଭ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ସୋମବାର ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହରିୟାଣା ଗସ୍ତରେ ଥିଲେ । ହରିୟାଣାରେ ପ୍ରଧାନମନ୍ତ୍ରୀ ମୋଦି ଏଲଆଇସିର ବୀମା ସଖୀ ଯୋଜନା ଆରମ୍ଭ କରିଛନ୍ତି, ଯାହା ମହିଳାମାନଙ୍କୁ ସଶକ୍ତ ଏବଂ ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ କରିବ । ଏହି ଯୋଜନାରେ ଯୋଗ ଦେଉଥିବା ମହିଳାମାନେ ବୀମା ସଖୀ ନାମରେ ପରିଚିତ ହେବେ । ବୀମା ସଖୀ ନିଜ ଅଞ୍ଚଳର ମହିଳାମାନଙ୍କୁ ବୀମା କରିବାକୁ ଉତ୍ସାହିତ କରିବେ ଏବଂ ଏହି ସମଗ୍ର ପ୍ରକ୍ରିୟା ସମୟରେ ସେମାନଙ୍କୁ ସାହାଯ୍ୟ କରିବେ ଏହି ସମୟ ମଧ୍ୟରେ ଏଲଆଇସି ଅର୍ଥାତ୍ ଜୀବନ ବୀମା ନିଗମ ଦ୍ୱାରା ଷ୍ଟାଇପେଣ୍ଡ ମଧ୍ୟ ଦିଆଯିବ । ବୀମା ସଖୀ ଯୋଜନା ହେଉଛି ଜୀବନ ବୀମା ନିଗମ ଯଥା ମହିଳାମାନଙ୍କ ପାଇଁ ଆରମ୍ଭ ହୋଇଥିବା ଏକ ସ୍ୱତନ୍ତ୍ର ଯୋଜନା । ଏଥିରେ ୧୮ ରୁ ୭୦ ବର୍ଷ ବୟସର ମହିଳାମାନେ ଉପକୃତ ହୁଅନ୍ତି । ଏହି ଯୋଜନାରେ ଦଶମ ପାସ କରିଥିବା ମହିଳାମାନଙ୍କୁ ପ୍ରାଥମିକତା ଦିଆଯିବ । ପ୍ରଥମେ ମହିଳାମାନଙ୍କୁ ଏହି ଯୋଜନା ଅଧୀନରେ ୩ ବର୍ଷ ପାଇଁ ତାଲିମ ଦିଆଯିବ । ଏହି ସମୟ ମଧ୍ୟରେ ସେମାନଙ୍କୁ ବୀମା ବିଷୟରେ ଶିକ୍ଷା ଦିଆଯିବ । ବୀମାର ଆବଶ୍ୟକତା ବର୍ଣ୍ଣନା କରାଯିବ । ଯାହାଫଳରେ ଭବିଷ୍ୟତରେ ସେ ଲୋକମାନଙ୍କୁ ମଧ୍ୟ ଏହି ବିଷୟରେ ଉତ୍ତମ ସୂଚନା ଦେଇପାରିବେ । ପ୍ରଶିକ୍ଷଣ ସମୟରେ ମହିଳାମାନଙ୍କୁ ମଧ୍ୟ ଷ୍ଟାଇପେଣ୍ଡ ଦିଆଯିବ । ତାଲିମ ପରେ, ସେମାନେ ଏଲଆଇସି ଏଜେଣ୍ଟ ଭାବରେ ନିଯୁକ୍ତି ମଧ୍ୟ ପାଇପାରିବେ । ବିଏ ପାସ କରିଥିବା ମହିଳାମାନେ ମଧ୍ୟ ବିକାଶ ଅଧିକାରୀ ହେବାର ସୁଯୋଗ ପାଇପାରିବେ । ଡିସେମ୍ବର ୯ରେ ପ୍ରଧାନମନ୍ତ୍ରୀ ମୋଦି ବୀମା ସଖୀ ଯୋଜନା ଆରମ୍ଭ କରିଛନ୍ତି । ଆଜିଠାରୁ ଏହି ଯୋଜନାରେ ଯୋଗ ଦେଉଥିବା ମହିଳାମାନେ ଟଙ୍କା ପାଇବା ଆରମ୍ଭ କରିବେ । ତାଲିମର ପ୍ରଥମ ବର୍ଷରେ ୭୦୦୦ ଟଙ୍କା, ଦ୍ୱିତୀୟ ବର୍ଷରେ ୬୦୦୦ ଟଙ୍କା ଏବଂ ତୃତୀୟ ବର୍ଷରେ ୫୦୦୦ ଟଙ୍କା ଦିଆଯିବ । ଅର୍ଥାତ୍ ପ୍ରଶିକ୍ଷଣ କାଳରେ ମହିଳାମାନେ ମୋଟ ୨ ଲକ୍ଷରୁ ଅଧିକ ଟଙ୍କା ପାଇବେ । ଆଏହା ବ୍ୟତୀତ ସେମାନଙ୍କୁ ପୃଥକ ଭାବରେ ବୋନସ ଏବଂ କମିଶନ ଦିଆଯିବ । ବୀମା ସଖୀ ଯୋଜନା ପାଇଁ ଆବେଦନ କରିବାକୁ ମହିଳାମାନଙ୍କୁ ଏଲଆଇସିର ଅଫିସିଆଲ ୱେବସାଇଟ https://licindia.in/test2 ଲଗଇନ୍ କରିବାକୁ ପଡ଼ିବ । ଏହା ପରେ ଆପଣଙ୍କୁ ନିମ୍ନରେ ଦେଖାଯାଇଥିବା 'ବୀମା ସଖୀ ପାଇଁ ଏଠାରେ କ୍ଲିକ୍' କ୍ଲିକ କରିବାକୁ ପଡ଼ିବ । ତା'ପରେ ଏକ ନୂତନ ପେଜ୍ ଖୋଲିବ, ଯେଉଁଥିରେ ଆପଣଙ୍କୁ ଆପଣଙ୍କର ନାମ, ଜନ୍ମ ତାରିଖ, ମୋବାଇଲ ନମ୍ବର, ଇମେଲ ଆଇଡି ଏବଂ ଠିକଣା ପରି ବିବରଣୀ ପୂରଣ କରିବାକୁ ପଡ଼ିବ । ଯଦି ଆପଣ କୌଣସି ଏଲଆଇସି ଏଜେଣ୍ଟ/ବିକାଶ ଅଧିକାରୀ/ କର୍ମଚାରୀ/ମେଡିକାଲ ପରୀକ୍ଷକ ସହିତ ଜଡିତ ଅଛନ୍ତି ତେବେ ଏହାର ବିବରଣୀ ମଧ୍ୟ ଦେବେ । ଏହା ପରେ ଶେଷରେ କ୍ୟାପଚା କୋଡ ଦେବେ ଏବଂ ପ୍ରକ୍ରିୟା ସମାପ୍ତ କରିବାକୁ ଦାଖଲ ଉପରେ କ୍ଲିକ କରିବେ ।

# ପୁଅକୁ ସୁସ୍ଥ କରିବା ପାଇଁ ୧୧୦ଜଣଙ୍କୁ ହତ୍ୟା କଲା ବାପା

ମେକ୍ସିକୋ: ପୁଅକୁ ସୁସ୍ଥ କରିବା ପାଇଁ ୨ଦିନରେ ୧୧୦ଜଣଙ୍କୁ ହତ୍ୟା କଲା ବାପା । ହାଇତି ଦେଶରେ ଘଟିଛି ଏଭଳି ଆଶ୍ଚର୍ଯ୍ୟ କଲା ଭଳି ଘଟଣା । ହାଇତିରେ ଥିବା ସାଇଟ୍ ସୋଲେଇ ବସ୍ତିରେ ବାସ କରୁଥିବା ୧୧୦ଜଣ ବୃଦ୍ଧ ଓ ବୃଦ୍ଧାଙ୍କୁ ହତ୍ୟା କରାଯାଇଛି । ସେମାନେ ଗୁଣି କରିଥିବାରୁ ପୁଅର ଦେହ ଅସୁସ୍ଥ ହେଉଥିବା ଜାଣି ଅଭିଯୁକ୍ତ ଏଭଳି କରିଥିବା ଜଣାଯାଇଛି । ନ୍ୟାସନାଲ ହ୍ୟୁମାନ ରାଇଟ୍ ଡିଫେନ୍ସ ନେଟୱାର୍କ ଏହି ସୂଚନା ଦେଇଛି । କୁହାଯାଉଛି ଯେ, ଏହି ହତ୍ୟାକାଣ୍ଡ ପାଇଁ ଭିଭ୍ ଅଁସମ ଗ୍ୟାଙ୍ଗର ମୁଖ୍ୟ ମୋନେଲ ମିକାନୋ ଫେଲିକ୍ସ ଦାୟୀ । ସେ ନିଜ ଗ୍ୟାଙ୍ଗକୁ ନିର୍ଦ୍ଦେଶ ଦେଇ ଏଭଳି ନୃଶଂସ କାମ କରିଥିବା ଜଣାପଡ଼ିଛି । ସୂଚନା ମୁତାବକ, ଫେଲିକ୍ସଙ୍କ ସନ୍ତାନ ଅସୁସ୍ଥ ହେବା ପରେ ସେ ଜଣେ ପୁରୋହିତଙ୍କଠାରୁ ପରାମର୍ଶ ଲୋଡିଥିଲେ । ପୁରୋହିତଜଣକ କହିଥିଲେ ଯେ, ସୋଲେଇ ବସ୍ତିରେ ବାସ କରୁଥିବା ବୃଦ୍ଧବୃଦ୍ଧା ଗୁଣି କରି ଶିଶୁର ଅନିଷ୍ଟ କରିବାକୁ ଚାହୁଁଛନ୍ତି । ଏହା କହି ସେ ଫେଲିକ୍ସଙ୍କୁ ହତ୍ୟା କରିବାକୁ ଉସୁକାଇଥିଲେ । ଏହାପରେ ଗ୍ୟାଙ୍ଗର ସଦସ୍ୟମାନେ ଫେଲିକ୍ସଙ୍କ ନିର୍ଦ୍ଦେଶରେ ଅତି କମରେ ୬୦ଜଣ ଏବଂ ଶନିବାର ଦିନ ୫୦ଜଣଙ୍କୁ ଛୁରୀ ଭୁସି ହତ୍ୟା କରିଥିଲେ । ସମସ୍ତଙ୍କ ବୟସ ୬୦ରୁ ଅଧିକ ଥିଲା ।

# ୧୧ରେ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିବେ ମହାମହିମ




ନୂଆଦିଲ୍ଲୀ: ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ ସମାରୋହ ଆସନ୍ତା ୧୧ ଡିସେମ୍ବରରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୀର୍ଘସ୍ଥାୟୀ ଓ ସମାବେଶୀ ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ବିଭିନ୍ନ ବର୍ଗରେ ମନୋନୀତ ୪୫ଟି ପଞ୍ଚାୟତିରାଜ ସଂସ୍ଥାକୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିବେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପଞ୍ଚାୟତିରାଜ, ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଓରଫ ଲଲନ ସିଂ, ପଞ୍ଚାୟତିରାଜ, ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍ ପି ସିଂହ ବାଘେଲ ଏବଂ ପଞ୍ଚାୟତିରାଜ ମନ୍ତ୍ରଣାଳୟର ସଚିବ ବିବେକ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ରହିବେ । କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି, ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ଅଧିକାରୀଙ୍କ ସମେତ ଦେଶର ପଞ୍ଚାୟତ ପ୍ରତିନିଧିମାନେ ଯୋଗଦେବେ । ମହାମହିମ ରାଷ୍ଟ୍ରପତିଙ୍କ ଅଭିଭାଷଣ ଏହି ସମାରୋହର ମୁଖ୍ୟ ଆକର୍ଷଣ ହେବ, ଯେଉଁଥିରେ ବିକେନ୍ଦ୍ରୀକୃତ ଶାସନରେ ଉତ୍କର୍ଷତା କ୍ଷେତ୍ରରେ ପ୍ରୟାସ ଜାରି ରଖିବା ପାଇଁ ପୁରସ୍କାରପ୍ରାପ୍ତ ବ୍ୟକ୍ତି ଏବଂ ଉପସ୍ଥିତ ଲୋକଙ୍କୁ ପ୍ରେରଣା ମିଳିବ । ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ କେଲୁଆପଲ୍ଲିକୁ ସୁସ୍ଥ ପଞ୍ଚାୟତ ଭାବେ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ଦେବାକୁ ଚୟନ କରାଯାଇଛି । ଦେଶରେ ଦ୍ୱିତୀୟ ସ୍ଥାନରେ ରହିଥିବା ଏହି ପଞ୍ଚାୟତକୁ ପୁରସ୍କାର ରାଶି ରୂପେ ୭୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ସେହିପରି ଆତ୍ମନିର୍ଭରଶୀଳ ଭିତ୍ତିଭୂମି ନିର୍ମାଣ ପାଇଁ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ସାହାପୁର ପଞ୍ଚାୟତ ସାରା ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ସ୍ୱରୂପ ଏହି ପଞ୍ଚାୟତକୁ ମଧ୍ୟ ୭୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯିବ । ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ବଣାଇଗଡ଼ ବ୍ଲକ ଜେଲେଙ୍ଗୋ ପଞ୍ଚାୟତ ଅଙ୍ଗାରକାମୁକ୍ତ ବିଶେଷ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯିବ । ସାରା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଥିବା ଏହି ପଞ୍ଚାୟତକୁ ୭୫ ଲକ୍ଷ ଟଙ୍କା ଦିଆଯିବ । ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ବ୍ଲକ କାଳିଗା ପଞ୍ଚାୟତ ଜାତୀୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରି ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର ପାଇବାକୁ ମନୋନୀତ ହୋଇଛି । ଏହି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିବ । ଓଡ଼ିଶାର ରାଜ୍ୟ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରି ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଛି । ଏହି ପ୍ରତିଷ୍ଠାନକୁ ୭୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିବ । ଓଡ଼ିଶାର ଛତ୍ରପୁର ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିବା ସହିତ ଶ୍ରେଷ୍ଠ ବ୍ଲକ୍ ପଞ୍ଚାୟତ ରୂପେ ନାନାଜି ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ରୂପେ ୨ କୋଟି ଟଙ୍କାର ପୁରସ୍କାର ରାଶି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି । ସେହିପରି ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିବା ସହିତ କୋରାପୁଟ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ରୂପେ ୩ କୋଟି ଟଙ୍କାର ପୁରସ୍କାର ରାଶି ପାଇବ ।

# କୋଲତା ସମାଜର ସମ୍ଭାଗ ସ୍ତରୀୟ ସମ୍ମିଳନୀରେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ଅମ୍ବିକାପୁରରେ ମାତା ରାଜମୋହିନୀ ଦେବୀ ଅଡିଟୋରିୟମ୍‌ଠାରେ ଛତିଶଗଡ଼ କୋଲତା ସମାଜ ସମ୍ଭାଗ ସ୍ତରୀୟ ସମ୍ମିଳନୀରେ ସାମିଲ୍ ହୋଇଥିଲେ । ସମାଜର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏଙ୍କୁ ସମ୍ବଲପୁରୀ ଗାମୁଛା ପିନ୍ଧାଇ ସ୍ୱାଗତ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କୋଲତା ସମାଜ ସମ୍ଭାଗ ସରଗୁଜା ଏବଂ ଯଶପୁରର ଅମ୍ବିକାପୁରରେ ଏକ ଗୋଷ୍ଠୀ ଭବନର ନିର୍ମାଣ ପାଇଁ ୫୦ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ । ଏହି ଅବସରରେ ଶ୍ରୀ ସାଏ କହିଥିଲେ କୋଲତା ସମାଜ ଯଦି ଏକାଠି ରହିବେ ତେବେ ଦେଶ ଏବଂ ରାଜ୍ୟ ମଜଭୁତ ହୋଇପାରିବ । କୋଲତା ସମାଜ ଏକ ଶିକ୍ଷିତ ଓ ସମୃଦ୍ଧ ସମାଜ । ଏହା କୃଷି କ୍ଷେତ୍ରରେ ମଧ୍ୟ ବିପୁଳ ଅବଦାନ ଦେଇଛି । ଶିକ୍ଷା କ୍ଷେତ୍ରରେ ମଧ୍ୟ କୋଲତା ସମାଜ ପଛରେ ପଡ଼ିନାହିଁ । ସମାଜ ପକ୍ଷରୁ କୁହାଯାଇଛି ଯେ, ଶିକ୍ଷା ବିନା ସମାଜ ଅଧୁରା । ଏହି ଅବସରରେ ସମାଜ ଏବେ ବି ଛୋଟପିଲାଙ୍କୁ ପାଠ ପଢ଼ାଇବା ପାଇଁ ଦାୟିତ୍ୱ ନେଇଛି । ଏହି କାର୍ଯ୍ୟକ୍ରମରେ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ, ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୟାମବିହାରୀ ଜୟସ୍ୱାଲ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଲକ୍ଷ୍ମୀ ରାଜୱାଡେ, ସରଗୁଜା ସାଂସଦ ଚିନ୍ତାମଣି ମହାରାଜ, ଅମ୍ବିକାପୁର ବିଧାୟକ ରାଜେଶ ଅଗ୍ରୱାଲ, ଲୁଣ୍ଡା ବିଧାୟକ ପ୍ରବୋଧ ମିଞ୍ଜ, ସୀତାପୁର ବିଧାୟକ ରାମକୁମାର ଟପ୍ପୋ, ପ୍ରତାପପୁର ବିଧାୟକ ଶକୁନ୍ତଳା ପୋର୍ତି, ସାମରି ବିଧାୟକ ଉଦ୍ଧେଶ୍ୱରୀ ପେଙ୍କରା, ଛତିଶଗଡ଼ ରାଜ୍ୟ ଯୁବ ଆୟୋଗ ଅଧ୍ୟକ୍ଷ ବିଶ୍ୱବିଜୟ ସିଂ ତୋମାର, ପୂର୍ବତନ ସାଂସଦ କମଲଭାନ୍ ସିଂହ ମରାବି, ଛତିଶଗଡ଼ କୋଲତା ସମାଜର ପ୍ରଦେଶ ଅଧ୍ୟକ୍ଷ ଭୁବନେଶ୍ୱର ସଦାବର୍ତ୍ତିଙ୍କ ସହ ଅନ୍ୟାନ୍ୟ ପଦାଧିକାରୀ ସାମିଲ୍ ହୋଇଥିଲେ ।

# ବୋମା ଭିଡ଼ିବା ବେଳେ ବିସ୍ଫୋରଣ, ୩ ମୃତ



ପଶ୍ଚିମବଙ୍ଗ: ଦେଶୀ ବୋମା ତିଆରି ବେଳେ ହେଲେ ଭୟଙ୍କର ବିସ୍ଫୋରଣ । ଚାଲିଗଲା ୩ ଜଣଙ୍କ ଜୀବନ । ପଶ୍ଚିମବଙ୍ଗର ମୁର୍ସିଦାବାସରେ ଘଟିଛି ଏଭଳି କିଛି ଅଘଟଣ । ଏଠାରେ ବେଆଇନ ରୂପେ ଏକ ଘରେ ବୋମା ତିଆରି ଚାଲିଥିଲା । ଏହି ସମୟରେ ବିସ୍ଫୋରଣ ହୋଇଥବା କୁହାଯାଉଛି । ପୋଲିସର ସୂଚନାନୁସାରେ, ରବିବାର ବିଳମ୍ବିତ ରାତିରେ ମୁର୍ସିଦାବାଦ ଜିଲ୍ଲାର ଖୈରତଲା ନିବାସୀ ମାମୁନ ମୁଲ୍ଲାଙ୍କ ଘରେ ବେଆଇନ ବୋମା ତିଆରି କାମ ଚାଲିଥିଲା । ଏହି ସମୟରେ ହଠାତ୍ ଏକ ବୋମାରେ ବିସ୍ଫୋରଣ ଘଟିଥିଲା । ଫଳରେ ଏଥିରେ ତିନି ଜଣଙ୍କର ମୃତ୍ୟୁ ହୋଇଛି । ବିସ୍ଫୋରଣ ଯୋଗୁ ଯେଉଁ ଘରେ ବୋମା ତିଆରି ଚାଲିଥିଲା ତାହା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି । ଏଥିସହ ଆଖପାଖର ଘରଗୁଡିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଘଟଣାସ୍ଥଳରେ ବହୁ ସଂଖ୍ୟକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଅଗ୍ନିଶମ ବାହିନୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ପୁଲିସ ପୂରା ଘଟଣାର ତଦନ୍ତ ଜାରି ରଖିଛି । ମୃତକମାନେ ହେଲେ ମାମୁନ ମୁଲ୍ଲା, ସାକିରୁଲ ସରକାର ଓ ମୁସ୍ତାକିନ୍ ଶେଖ । ଏମାନଙ୍କ ମଧ୍ୟରୁ ମୁସ୍ତାକିନ୍ ଶେଖଙ୍କ ଘର ମହତାବ କଲୋନୀ ଅଞ୍ଚଳରେ ଅଛି । ଖୈରତଲା ଅଞ୍ଚଳରେ ମାମୁନ ମୁଲ୍ଲା ଏବଂ ସାକିରୁଲ ସରକାର ଘର ରହିଛି । ରାତି ଅଧରେ ସେମାନେ ଘର ଭିତରେ ବୋମା ତିଆରି କରୁଥିଲେ ।

# ଡିପିଏସ୍ ସମେତ ୪୦ ସ୍କୁଲକୁ ବୋମାରେ ଉଡାଇ ଦେବାକୁ ଧମକ



ନୂଆଦିଲ୍ଲୀଉପୁଣିଥରେ ଦିଲ୍ଲୀର ପ୍ରାୟ ୪୦ ଟି ସ୍କୁଲ ଉପରେ ବୋମା ପକାଇବାକୁ ଧମକ ଦିଆଯାଇଛି । ସୋମବାର ସକାଳ ୭ଟାରେ ଆର.କେ ପୁରମର ଡିପିଏସ, ପଶ୍ଚିମ ବିହାରଙ୍କ ଜିଡି ଗୋଏଙ୍କା ସ୍କୁଲ, ମଦର ମେରି ସ୍କୁଲ ସହିତ ୪୦ଟି ସ୍କୁଲ ମ୍ୟାନେଜମେଣ୍ଟ ଏକ ବୋମା ଧମକ ଇମେଲ୍ ପାଇଥିଲେ । ଏହି ସମୟରେ ପିଲାମାନେ ବିଦ୍ୟାଳୟରେ ପହଞ୍ଚିଥିଲେ । ଧମକ ପ୍ରସଙ୍ଗ ସାମ୍ନାକୁ ଆସିବା ମାତ୍ରେ ପିଲାମାନଙ୍କୁ ପ୍ରଥମେ ଘରକୁ ପଠାଯାଇଥିଲା ଏବଂ ପୋଲିସକୁ ସୂଚନା ଦିଆଯାଇଥିଲା । ଅଗ୍ନିଶମ ବିଭାଗ ଏବଂ ଦିଲ୍ଲୀ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ସୂଚନାଯୋଗ୍ୟ ଯେ ଦିଲ୍ଲୀର ସ୍କୁଲ, ବିମାନବନ୍ଦର, ହୋଟେଲ ଏବଂ ଅନ୍ୟାନ୍ୟ ସ୍ଥାନରେ ବୋମା ଧମକର ଧାରା ଶେଷ ହେଉନାହିଁ । କିଛି ସମୟ ପୂର୍ବରୁ ଦିଲ୍ଲୀର ରୋହିଣୀର ଏକ ଘରୋଇ ବିଦ୍ୟାଳୟରେ ବୋମା ଧମକ ଥିବା ଏକ ଇମେଲ ଆସିଥିଲା । ଏହା ପରେ ଦିଲ୍ଲୀ ଅଗ୍ନିଶମ ବିଭାଗର ଏକ ଟିମ ସ୍କୁଲ କ୍ୟାମ୍ପସରେ ପହଞ୍ଚି ଯାଞ୍ଚ କରିଥିଲେ ଏବଂ ଏକ ଧମକପୂର୍ଣ୍ଣ ଗୁଜବ ଦେଖିବାକୁ ମିଳିଥିଲା ।

# ବାଣିଜ୍ୟ



ରାଉରକେଲା(ଭାସ୍କର ନ୍ୟୁଜ): ସେଲ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚଏସଏମ-୨), ଏହାର ସ୍ଲାବ୍ ୟାର୍ଡରେ ଥିବା ଇଲେକ୍ଟ୍ରିକ୍ ଓଭରହେଡ୍ ଟ୍ରାଭେଲିଂ (ଇଓଟି) କ୍ରେନ୍ ପାଇଁ ଏକ ଅଭିନବ ଧକ୍କା ନିରୋଧୀ ଆଲାର୍ମ ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟକାରୀ କରିଛି ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଆହ୍ୱାନର ସଫଳ ସମାଧାନ କରିଛି । ଏହି ପ୍ରଣାଳୀ ସମାନ ସ୍ତରରେ କ୍ରେନ୍ ଧକ୍କା ହେବାର ଆଶଙ୍କାକୁ ପ୍ରଭାବଶାଳୀ ଭାବରେ ଦୂର କରିଛନ୍ତି । ଏହି ପରିପ୍ରେକ୍ଷୀରେ ଏଚଏସଏମ-୨ ଇଲେକ୍ଟ୍ରିକାଲ୍ କ୍ରେନ୍ ଗ୍ରୁପ୍ ଏକ ଇନ୍-ହାଉସ୍ ଧକ୍କା ନିରୋଧୀ ଆଲାର୍ମ ସିଷ୍ଟମ ବିକଶିତ କରି ସମ୍ଭାବ୍ୟ ବିପଦ ଚିହ୍ନଟ କରିବା ଏବଂ ଅପରେଟରଙ୍କୁ ସଚେତନ କରିବା ପାଇଁ ପରିକଳ୍ପିତ କରାଯାଇଥିଲା । ଏଚ୍‌ଏସ୍‌ଏମ୍ ଓ ଆନୁଷଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାର ଉକ୍ତ ନୂତନ ବ୍ୟବସ୍ଥାକୁ ସିଜିଏମ ଇଲେକ୍ଟ୍ରିକଲ ଆର କେ ମୁଦୁଲି, ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ । ସୂଚନାଯୋଗ୍ୟ ଯେ, ସୁବ୍ରତ କୁମାର ଓ ଆର କେ ମୁଦୁଲିଙ୍କ ମାର୍ଗଦର୍ଶନରେ ଏଚଏସଏମ-୨ ଇଲେକ୍ଟ୍ରିକଲ ବିଭାଗର ଜିଏମ ଓ ସେକ୍ସନ ମୁଖ୍ୟ ଆର୍ କୁଜୁର ଏବଂ ଜିଏମ୍ ଏସ୍ ସୋରେନ୍, ଜିଏମ୍ ଓ ସିନିୟର ମ୍ୟାନେଜର ତ୍ରିବିକ୍ରମ ସେଠ ଏହି ପ୍ରକଳ୍ପର ନେତୃତ୍ୱ ନେଇଥିଲେ । ଆର୍ କେ ପଣ୍ଡା,ଏସ୍ ମଲ୍ଲିକ, କେ ସି ଆଧା ଏବଂ ବିଭାଗୀୟ ଦଳ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ ।

# ଏଡିପିଏନ୍ ସାଉଥ୍ ଏସିଆ ସମିଟ୍‌ରେ ବଡ଼ କ୍ରସ୍ ସେକ୍ଟର ପଦକ୍ଷେପର ଘୋଷଣା



ମୁମ୍ବାଇ: ଏସିଆର ସାମାଜିକ ନିବେଶକଙ୍କ ସର୍ବବୃହତ ନେଟୱର୍କ ଏଭିପିଏନ୍, ଭାରତର ଚେନ୍ନାଇଠାରେ ଏହାର ସାଉଥ ଏସିଆ ସମିଟ ୨୦୨୪ ଆରମ୍ଭ କରିଛି । 'ନୂଆ ବାସ୍ତବତା, ନୂତନ ସୁଯୋଗ' ଶୀର୍ଷକ ଉପରେ କେନ୍ଦ୍ରିତ ଏହି ଶିଖର ସମ୍ମିଳନୀ ଜଳବାୟୁ ପଦକ୍ଷେପ, ସ୍ୱାସ୍ଥ୍ୟ ପ୍ରଭାବ, ଯୁବ ସଶକ୍ତୀକରଣ ଏବଂ ଜୀବିକା ଏବଂ ଲିଙ୍ଗଗତ ସମାନତା କ୍ଷେତ୍ରରେ ପ୍ରଭାବଶାଳୀ ସମାଧାନକୁ ଆଗେଇ ନେଇ ଦକ୍ଷିଣ ଏସିଆର ସାମାଜିକ ଆହ୍ୱାନଗୁଡ଼ିକର ମୁକାବିଲା ଉପରେ ଗୁରୁତ୍ୱାରୋପ କରୁଛି । ଏହି ଶିଖର ସମ୍ମିଳନୀରେ ଭାରତ ସରକାର, ନୀତି ଆୟୋଗ, ସିଙ୍ଗାପୁର ୟୁନିଭର୍ସିଟି ଅଫ୍ ସୋସିଆଲ ସାଇନ୍ସ, ବ୍ଲୁ ପ୍ଲାନେଟ୍, ରିଲାଏନ୍ସ ଫାଉଣ୍ଡେସନର ବରିଷ୍ଠ ଅଧିକାରୀଙ୍କ ସମେତ ୪୦ରୁ ଅଧିକ ଅଧିବେଶନରେ ବିଶ୍ୱର ୯୦ରୁ ଅଧିକ ବକ୍ତା ଅଂଶଗ୍ରହଣ କରିବେ । ସମ୍ମାନିତ ବକ୍ତାମାନଙ୍କ ମଧ୍ୟରେ ରହିଛନ୍ତି ଜେ.କୁମାରଗୁରୁବରଣ, ଗ୍ରେଟର ଚେନ୍ନାଇ କର୍ପୋରେସନ (ଜିସିସି)ର କମିଶନର ସୁପ୍ରିୟା ସାହୁ, ତାମିଲନାଡୁ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇନୋସେଣ୍ଟ ଦିବ୍ୟା, ଆଇଏଏସ୍, ତାମିଲନାଡୁ ଦକ୍ଷତା ବିକାଶ ନିଗମର ପରିଚାଳନା ନିର୍ଦ୍ଦେଶକ ନାନ ମୁଧଲବନ ଏବଂ ଆହୁରି ଅନେକ । ଏହି ଅବସରରେ ଏଭିପିଏନର ସିଇଓ ନୈନା ସୁବରୱାଲ ବାତ୍ରା କହିଛନ୍ତି ଯେ, ସାଉଥ ଏସିଆ ସମିଟ ୨୦୨୪ ପ୍ରାସଙ୍ଗିକ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ଏବଂ ଅଭିନବ, ସ୍ଥାନୀୟ ସମାଧାନର ସହ-ନିର୍ମାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ । କ୍ରସ-ସେକ୍ଟର ପାର୍ଟନରସିପ୍ ଏବଂ ଅଭିନବ ଫାଇନାନ୍ସିଂ ମଡେଲ ମାଧ୍ୟମରେ ଆମେ ଏସଡିଜି ଆର୍ଥିକ ବ୍ୟବଧାନକୁ ପୂରଣ କରିବା ପାଇଁ ପ୍ରିଁର ସମଗ୍ର ନିରନ୍ତରତାକୁ ଉନ୍ମୁକ୍ତ କରୁଛୁ । ଏହା ସମ୍ପର୍କରେ ବ୍ଲୁ ପ୍ଲାନେଟ୍‌ର ସହ ପ୍ରତିଷ୍ଠାତା ତଥା ସିଇଓ ପ୍ରଶାନ୍ତ ସିଂହ କହିଛନ୍ତି, ବିଶେଷ କରି ଦକ୍ଷିଣ ଏସିଆର ଜନବହୁଳ ସହରଗୁଡ଼ିକରେ ଜଳବାୟୁ କାର୍ଯ୍ୟ ପାଇଁ ବର୍ଜ୍ୟବସ୍ତୁ ପରିଚାଳନା ଗୁରୁତ୍ୱପୂର୍ଣ୍ଣ ।

# ଏସ୍‌ବିଆଇ କାର୍ଡ ୨କୋଟି କାର୍ଡ-ଇନ୍-ଫୋର୍ସ ମାର୍କ ଅତିକ୍ରମ

ନୂଆଦିଲ୍ଲୀ: ଭାରତର ସର୍ବବୃହତ ପିୟୋର-ପ୍ଲେ କ୍ରେଡିଟ କାର୍ଡ ଯୋଗାଣକାରୀ ଏସ୍‌ବିଆଇ କାର୍ଡ ୨ କୋଟି କାର୍ଡ-ଇନ୍-ଫୋର୍ସ ମାଇଲଖୁଣ୍ଟକୁ ଅତିକ୍ରମ କରିଛି, ଯାହା ସମଗ୍ର ରାଷ୍ଟ୍ରରେ ନବୋନ୍ମେଷୀ ସମାଧାନ ଯୋଗାଣ ଏବଂ ଗ୍ରାହକ ଅନୁଭୂତିକୁ ପରିବର୍ଦ୍ଧିତ କରିବା ନିମନ୍ତେ ଏହାର ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରୁଛି ।



ଏହି ସଫଳତା ମଧ୍ୟ ଭାରତର କ୍ରେଡିଟ କାର୍ଡ ଦୃଶ୍ୟପଟ୍ଟରେ ରୂପାନ୍ତରଣ ଆଣିବା ଏବଂ 'କରେନ୍ସି ଅଫ ଡିଜିଟାଲ ଇଣ୍ଡିଆ' ନିମନ୍ତେ ଏହାର ପ୍ରତିଶ୍ରୁତି କ୍ଷେତ୍ରରେ ଏସ୍‌ବିଆଇ କାର୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଉଲ୍ଲେଖ କରୁଛି । ୧୯୯୮ରେ ଏହା ଆରମ୍ଭ ହେବା ଦିନଠାରୁ ଏସ୍‌ବିଆଇ କାର୍ଡ ବିବିଧ ଗ୍ରାହକ ଆବଶ୍ୟକତା ପୂରଣ ନିମନ୍ତେ ବହୁ ପ୍ରକାରର ଉତ୍ପାଦ ଡିଜାଇନ କରିବାରେ ଅଗ୍ରଣୀ ସ୍ଥାନରେ ରହିଆସିଛି । ଏହି ସଫଳତା ସମ୍ପର୍କରେ ପ୍ରକାଶ କରି ଅଭିଜିତ ଚକ୍ରବର୍ତ୍ତୀ, ଏମ୍‌ଡି ଓ ସିଇଓ, ଏସ୍‌ବିଆଇ କାର୍ଡ କହିଛନ୍ତି, 'ଏସ୍‌ବିଆଇ କାର୍ଡ ବ୍ରାଣ୍ଡ 'ମେକ୍ ଲାଇଫ ସିମ୍ପଲ' (ଜୀବନକୁ ସରଳ କରିବା) ମୂଲ୍ୟବୋଧ ଉପରେ ଆଧାରିତ । ଏହା ୨ କୋଟି କାର୍ଯ୍ୟକ୍ଷମ ଥିବା କାର୍ଡସମୂହର ମାଇଲଖୁଣ୍ଟକୁ ଅତିକ୍ରମ କରିବା ଆମର ଗ୍ରାହକମାନେ ଆମ ଉପରେ ରଖୁଥିବା ବିଶ୍ୱାସ ଓ ଆସ୍ଥାର ଏକ ନିଦର୍ଶନ ହୋଇଛି ।

# ୧୧ରୁ ବିଶାଳ ମେଗା ମାର୍ଟର ୮ହଜାର କୋଟି ଟଙ୍କାର ଇନିସିଆଲ ପବ୍ଲିକ୍ ଅଫର

ନୂଆଦିଲ୍ଲୀ:ବିଶାଳ ମେଗା ମାର୍ଟ ଲିମିଟେଡ୍‌ର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ୨୦୨୪ ଡିସେମ୍ବର ୧୧ରେ ଖୋଲିବ ଓ ଡିସେମ୍ବର ୧୩ରେ ବନ୍ଦ ହେବ । ଆଙ୍କର ନିବେଶକମାନେ ବିଡ୍ ଦାଖଲର ଗୋଟିଏ ଦିନ ପୂର୍ବରୁ ୨୦୨୪ ଡିସେମ୍ବର ୧୦ରେ ବିଡ୍ ଦାଖଲ କରିପାରିବେ । ଏହି ଅଫରରେ ସମୁଦାୟ ୮୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ସଂଗ୍ରହ କରାଯିବ । ଅଫର ଫର ସେଲ୍‌ରେ କେଦାର କ୍ୟାପିଟାଲ୍‌ର ନେତୃତ୍ୱାଧୀନ ସଂସ୍ଥା ସମାୟତ ସର୍ଭିସେସ୍ ଏଲ୍‌ଏଲ୍‌ପି ଇକ୍ୱିଟି ସେୟାର ବିକ୍ରି କରିବ । ଏହି ଅଫରରେ ଇକ୍ୱିଟି ସେୟାର ପିଛା ଦାମ୍ ୭୪ ଟଙ୍କାରୁ ୭୮ ଟଙ୍କା ରହିବ । ଇକ୍ୱିଟି ସେୟାରକୁ ବିଏସ୍‌ଇ ଓ ଏନ୍‌ଏସ୍‌ଇରେ ତାଲିକାଭୁକ୍ତ କରିବା ପ୍ରସ୍ତାବ ରହିଛି । ଏହି ଅଫରର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି କୋଟକ୍ ମହିନ୍ଦ୍ରା କମ୍ପାନୀ ଲିମିଟେଡ୍, ଆଇସିଆଇସିଆଇ ସିକ୍ୟୁରିଟିଜ୍ ଲିମିଟେଡ୍, ଇନ୍‌ଟେନ୍‌ସିଭ୍ ଫିସ୍‌କାଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ଜେଫେରିଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ, ଜେ ପି ମୋର୍ଗାନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଓ ମୋର୍ଗାନ ଷ୍ଟାନ୍‌ଲି ଇଣ୍ଡିଆ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ୍ । ବିଶାଳ ମେଗା ମାର୍ଟ ହେଉଛି ଏକ ଅଗ୍ରଣୀ କମ୍ପାନୀ ଯାହାର ୨୦୨୩-୨୪ ଆର୍ଥିକ ବର୍ଷରେ ରାଜସ୍ୱ ୮୯୦୦ କୋଟି ଟଙ୍କା ଥିଲା । କମ୍ପାନୀର ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୪୧୪ ସହରରେ ୬୪୫ ଷ୍ଟୋର୍ ରହିଛି । ଏହାର ୧୧.୫ ନିୟୁତ ବର୍ଗଫୁଟ ଅଞ୍ଚଳର ଷ୍ଟୋର୍ ରହିଛି । କମ୍ପାନୀର ମୋଟ ବିକ୍ରିରେ ପୋଷାକର ଭାଗ ୪୫ ପ୍ରତିଶତ, ମର୍କେଣ୍ଡାଇଜର ୨୮ ପ୍ରତିଶତ ଓ ଏଫ୍‌ଏମସିଜିର ୨୭ ପ୍ରତିଶତ ଅବଦାନ ରହିଛି ।

# ଖୋଲିବ ୪୨୨୫ କୋଟି ଟଙ୍କାର ଇନିସିଆଲ୍ ପବ୍ଲିକ୍ ଅଫର

ମୁମ୍ବାଇ: ଇଣ୍ଟରନ୍ୟାସନାଲ୍ ଜେମୋଲୋଜିକାଲ୍ ଇନଷ୍ଟିଚ୍ୟୁଟ୍ (ଇଣ୍ଡିଆ) ଲିମିଟେଡ୍ ଏହାର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ)କୁ ୨୦୨୪ ଡିସେମ୍ବର ୧୩ ଶୁକ୍ରବାର ଖୋଲିବାକୁ ପ୍ରସ୍ତାବ ରଖିଛି । କମ୍ପାନୀ ୪୨୨୫ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରିବ ଓ ଅଫର ଫର ସେଲ୍‌ରୁ ୨୭୫୦ କୋଟି ଟଙ୍କା ସଂଗ୍ରହ କରାଯିବ । ଏହି ଇସ୍ୟୁରେ ଇକ୍ୱିଟି ସେୟାର ପିଛା ଦାମ୍ ୩୯୭ ଟଙ୍କାରୁ ୪୧୭ ଟଙ୍କା ମଧ୍ୟରେ ରହିବ । ଯୋଗ୍ୟ କର୍ମଚାରୀମାନଙ୍କୁ ସେୟାର ପିଛା ୩୯.୭-୪୧.୭ ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିବ । ନିବେଶକମାନେ ସର୍ବନିମ୍ନ ୩୫ଟି ସେୟାରର ବିଡ୍ ଦାଖଲ କରିପାରିବେ ଓ ସେଥିରେ ୩୫ଟି ଲେଖାଏଁ ସେୟାର ଯୋଡ଼ି ପାରିବେ । ୨୦୨୪ ଡିସେମ୍ବର ୧୭, ମଙ୍ଗଳବାର ଦିନ ଇସ୍ୟୁର ବିଡ୍ ବନ୍ଦ ହେବ । ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ କମ୍ପାନୀ ପକ୍ଷରୁ ଆଇଜିଆଇ ବେଲଜିୟମ ଗ୍ରୁପ ଓ ଆଇଜିଆଇ ନେଦରଲ୍ୟାଣ୍ଡ୍‌ସ ଗ୍ରୁପ୍‌କୁ ଅଧିଗ୍ରହଣ କରିବା ଲାଗି ପାଣ୍ଠି ଭାବେ ୧୩୦୦ କୋଟି ଟଙ୍କା ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରାଯିବ । ଅଫର ଫର୍ ସେଲ୍‌ରେ ବିସିପି ଏସିଆ ୨ ଟପକୋ ପିଟିଇ ଲିମିଟେଡ୍ ତରଫରୁ ୨୭୫୦ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରାଯିବ । ବ୍ଲାକଷ୍ଟୋନର ପ୍ରାଇଭେଟ୍ ଇକ୍ୱିଟି ଏସିଆ ମୁଖ୍ୟ ଅମିତ ଦୀକ୍ଷିତ କହିଛନ୍ତି ଯେ, ଅଭିବୃଦ୍ଧିର ଏହି ପରବର୍ତ୍ତୀ ଅଧ୍ୟାୟରେ ଆଇଜିଆଇକୁ ସମର୍ଥନ କରି ଆମେ ଅତ୍ୟନ୍ତ ଗର୍ବିତ । ଆଇଜିଆଇର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତେହମାସ୍ପ ପ୍ରିଂଟର କହିଛନ୍ତି 'ଆଇଜିଆଇ ପାଇଁ ଏହା ଏକ ବଡ଼ ମାଇଲଖୁଣ୍ଟ । ଆରମ୍ଭରୁ ଆମର ଲକ୍ଷ୍ୟ ହେଉଛି ଏହି ବ୍ୟବସାୟକୁ ବିଶ୍ୱ ନେତୃତ୍ୱରେ ପରିଣତ କରିବା । ବ୍ଲାକଷ୍ଟୋନର ବରିଷ୍ଠ ପରିଚାଳନା ନିର୍ଦ୍ଦେଶକ ମୁକେଶ ମେହେଟ୍ଟା କହିଛନ୍ତି ଯେ, ଆଇଜିଆଇ ପାଇଁ ଏହା ଏକ ଉଲ୍ଲେଖନୀୟ ଉପଲବ୍ଧି ଏବଂ ଏହାଠାରୁ ଭଲ ସମୟରେ ଆସିପାରିନଥାନ୍ତା । ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ଆମେ ପରୀକ୍ଷାଗାରରେ ଉତ୍ପାଦିତ ହୀରାର ସାର୍ଟିଫିକେସନ୍‌ରେ ବିଶ୍ୱସ୍ତରୀୟ ଅଗ୍ରଣୀ ଏବଂ ଅନ୍ୟାନ୍ୟ ବିଭାଗରେ କ୍ରମାଗତ ପ୍ରତିଦ୍ୱନ୍ଦ୍ୱିତାଶୀଳ ଖେଳାଳି ଭାବରେ ଆଇଜିଆଇର ସ୍ଥିତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଛୁ ।

# ଟିଭିଏସ୍ ମୋଟୋସୌଲ ୪.୦ରେ ନୂଆ ୨୦୨୫ ଟିଭିଏସ୍ ରୋନିନ୍ ଉନ୍ମୋଚିତ

ନୂଆଦିଲ୍ଲୀ: ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଗୋଆର ଭାଗାଟୋରରେ ଆୟୋଜନ କରାଯାଇଥିବା ମୋଟରସାଇକଲ୍ ଉତ୍ସବ ଟିଭିଏସ୍ ମୋଟୋସୌଲ ୪.୦ ଯେଉଁଥିରେ ନୂଆ ୨୦୨୫ ଟିଭିଏସ୍ ରୋନିନ୍‌କୁ ଉନ୍ମୋଚନ କରାଯାଇଛି । ଏହି ମୋଟରସାଇକଲ୍ ଏବେ ଦୁଇଟି ନୂଆ ରଙ୍ଗ ଗ୍ଲାସିୟର ସିଲ୍‌ଭର୍ ଓ ଚାର୍‌କୋଲ୍ ଏମ୍ବର ରଙ୍ଗରେ ଉପଲବ୍ଧ ହୋଇଛି ଯାହା ରେଟ୍ରୋ ଡିଜାଇନ୍ ଓ ଆଧୁନିକ ସୁବିଧାସୁଯୋଗର ଏକ ଚମତ୍କାର ମିଶ୍ରଣ । ଏହାର ଜୀବନ୍ତ ରଙ୍ଗ, ଗ୍ରାଫିକ୍ସ ଓ ଉନ୍ନତ ପ୍ରଯୁକ୍ତି ଯେକୌଣସି ପ୍ରକାର ମନୋଭାବକୁ ସୁହାଇବ । ଟିଭିଏସ୍ ମୋଟୋସୌଲ ୪.୦ରେ ନୂଆ ମୋଟରସାଇକଲ୍ ରେସ୍ ଫର୍ମାଟ୍ ଦେଖିବାକୁ ମିଳିଥିଲା । ହାଇ ସ୍ପିଡ୍ ଫ୍ଲାଟ୍ ଟ୍ରାକ୍ ରେସ୍ ଓ ଡାର୍ଟ ଟ୍ରାକ୍ ରେସରେ ରାଇଡରମାନେ ଦକ୍ଷତା ପ୍ରଦର୍ଶନ କରିଥିବା ବେଳେ ମୋଟରସାଇକଲକୁ ଭଲ ପାଉଥିବା ଲୋକଙ୍କୁ ଏକଜୁଟ କରିଥିଲା । ପ୍ରତିଟି ରେସ୍ ଏହି ପ୍ରତିଯୋଗିତାକୁ ନୂତନ ସୋପାଦକୁ ନେଇ ଟିଭିଏସ୍ ମୋଟୋସୌଲକୁ ଆହୁରି ଦୃଢ଼ କରିଥିଲା । ଟିଭିଏସ୍ ମୋଟର କମ୍ପାନିର ବ୍ୟବସାୟ ମୁଖ୍ୟ-ପ୍ରିମିୟମ୍ ବିମଲ ସୁମ୍ବଲି କହିଛନ୍ତି ଯେ, 'ଫିଲ ଦି ଆଡ୍ରେନାଲିନ୍, ଫିଲ ଦି ଇନସ୍ପିରେସନ୍, ଫିଲ୍ ଦି ଗ୍ରୋଭ୍ ବିଷୟବସ୍ତୁ ଉପରେ ଆଧାରିତ ଟିଭିଏସ୍ ମୋଟୋସୌଲ ୨୦୨୪ ହେଉଛି ଅଭିଳାଷ, ନବସୃଜନତାର ଏକ ବାସ୍ତବ ଉତ୍ସବ । ପ୍ରତିଟି ସଂସ୍କରଣରେ ଆମେ ମୋଟରସାଇକଲ୍ ରେସିଂର ଭାବରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଥିବାବେଳେ ରାଇଡର ଓ ଉତ୍ସାହୀମାନଙ୍କୁ ଆକର୍ଷଣୀୟ ଅନୁଭୂତି ପ୍ରଦାନ କରିଛୁ । ନୂଆ ୨୦୨୫ ଟିଭିଏସ୍‌ରେ ରହିଛି ଡୁଆଲ୍ ଚ୍ୟାନେଲ୍ ଏବିଏସ୍ ଯାହା ରାଇଡରଙ୍କ ସୁରକ୍ଷା ଓ ସ୍ଥିରତାକୁ ବଢ଼ାଇବ । ବିଶ୍ୱ ସ୍ତରୀୟ ମୋଟରସାଇକଲ୍ ବ୍ୟବସ୍ଥା ଜିଭି ସହିତ ସହଯୋଗିତାରେ କମ୍ପାନି ଗାଡ଼ିଚାଳନା ଅନୁଭୂତିରେ ଉନ୍ନତି ଆଣିବାକୁ ଯୋଜନା ରଖିଛି । ଏହି ସହଯୋଗିତାରେ ଟିଭିଏସ୍ ଦୁଇଚକିଆ ଯାନ ଲାଗି ସ୍ୱତନ୍ତ୍ର ଡିଜାଇନ୍‌ର ଫ୍ରେମ୍ ଓ ମାଉଣ୍ଟ୍ ବିକାଶ କରାଯିବ । ମୋଟରସାଇକଲ୍ ଆସେସୋରିଜ୍‌ର ଅଭ୍ୟୁଦୟରେ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ।






ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଷ୍ଟର୍ଲିଂ ଛକ ନିକଟରେ ଆରମ୍ଭ ହୋଇ ଥିବା ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତା ଦର୍ଶକ ଙ୍କୁ ଆକୃଷ୍ଟ କରୁଛି ।ଦର୍ଶକ ମାନେ ଓ ପିଲା ମାନେ ବିଭିନ୍ନ ରାଜ୍ୟର ସାଇକେଲ ଚାଳକ ପ୍ରତିଯୋଗୀଙ୍କ ଦ୍ରୁତ ସାଇକେଲ ଚାଳନା ଦେଖିବା ସହ ସେମାନ ଙ୍କୁ ଉତ୍ସାହିତ କରୁଛନ୍ତି ।ବିଭିନ୍ନ ବୟସ ବର୍ଗ ଓ ଇଭେଣ୍ଟରେ ପ୍ରତିଯୋଗିତା ହେଉଥିବାରୁ ପ୍ରତିଯୋଗିତା ମଧ୍ୟ ତୀବ୍ର ହେଉଛି ଯାହା ଦର୍ଶକଙ୍କୁ ବେଶ ଆନନ୍ଦ ଦେଉଛି । ପୁରୁଷ ଇଲାଇଟ ବର୍ଗରେ ପଞ୍ଜାବ ର ହର୍ଷବୀର ସିଂ ସେଖନ ସ୍ୱର୍ଣ୍ଣ, ଆରଏସପିବି ର ଭିସାବଜିତ ସିଂ ରୌପ୍ୟ ଓ ଏସଏସସିବିର ଦୀନେଶ କୁମାର ବ୍ରୋଞ୍ଜ ପଦକ ହାସଲ କରିଥିଲେ ।ଇଲାଇଟ ମହିଳା ବର୍ଗରେ ପଞ୍ଜାବ ର ଜଶମିର କୌର ସେଖନ ସ୍ୱର୍ଣ୍ଣ, ଆରଏସପିବି ର ମେଘା ଗୁଗଡ ରୌପ୍ୟ ଓ ଏଆଇପିଏସସିବି ର ମୋନିକା ଜାଟ ବ୍ରୋଞ୍ଜ ପଦକ ହାସଲ କରିଥିଲେ ।ପୁରୁଷ ୨୩ ବର୍ଷ ରୁ କମ ବ୍ୟକ୍ତିଗତ ବର୍ଗରେ ଦିଲ୍ଲୀର ଅକ୍ଷର ତ୍ୟାଗୀ ସ୍ୱର୍ଣ୍ଣ, ରାଜସ୍ଥାନ ର ଗୌରାଙ୍ଗ ସିଂ ଗୌର ରୌପ୍ୟ ଓ ଚଣ୍ଡିଗଡର ଜୟ ଡୋଗ୍ରା ବ୍ରୋଞ୍ଜ,ମହିଳା ବର୍ଗରେ ରାଜସ୍ଥାନ ର ହର୍ଷୀତ ଜାଖର ସ୍ୱର୍ଣ୍ଣ, ମହାରାଷ୍ଟ୍ରର ଜୁଇ ନରକର ରୌପ୍ୟ ଓ ରାଜସ୍ଥାନ ର ମଞ୍ଜୁ ବ୍ରୋଞ୍ଜ ପଦକ ହାସଲ କରିଥିଲେ ।ସବଜୁନିୟର ବାଳକ ବ୍ୟକ୍ତିଗତ ବର୍ଗରେ ରାଜସ୍ଥାନ ର ରାମବତାର ଚିସ୍ପା ସ୍ୱର୍ଣ୍ଣ, ରାଜସ୍ଥାନ ର ମହାବୀର ଶରଣ ରୌପ୍ୟ, ମଣିପୁର ର ଜେମ୍ସିସ ଥୋକଚାମ ବ୍ରୋଞ୍ଜ, ବାଳିକା ବର୍ଗରେ ରାଜସ୍ଥାନର ଅଞ୍ଜଳି ଜାଖର ସ୍ୱର୍ଣ୍ଣ,ରାଜସ୍ଥାନ ର ରୁଖମଣୀ ରୌପ୍ୟ ଓ ର ତାମିଲନାଡୁ ର ଥବିଆ ବ୍ରୋଞ୍ଜ ପଦକ ହାସଲ କରିଥିଲେ ।

# ମାର୍ଚ୍ଚରେ ସର୍ବଭାରତୀୟ ହକି ଚାମ୍ପିଅନସିପ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ମାର୍ଚ୍ଚ ମାସରେ ଓଡିଶା ପୋଲିସ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ୭୩ତମ ସର୍ବ ଭାରତୀୟ ହକି ଚାମ୍ପିୟନସିପ - ୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ଡିଜିପି କ୍ୟାମ୍ପ କାର୍ଯ୍ୟାଳୟଠାରେ ଡିଜିପି ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଚାମ୍ପିୟନସିପକୁ ଶୃଙ୍ଖଳିତ, ସୁପରିଚାଳନା ସମେତ ବ୍ୟାପକ ବନ୍ଦୋବସ୍ତର ଆୟୋଜନ ସଂକ୍ରାନ୍ତରେ ଡିଜିପି ଶ୍ରୀ ଖୁରାନିଆ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଚାମ୍ପିୟନସିପରେ ଦେଶର ୨୭ଟି ପୁରୁଷ ଏବଂ ୧୦ଟି ମହିଳା ଟିମ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଖେଳାଳିଙ୍କ ରହିବା ସ୍ଥାନ, ନିୟମିତ ଅଭ୍ୟାସ, ଅତିଥିଙ୍କୁ ସ୍ୱାଗତ, ଉଦଘାଟନ ଓ ଉଦଯାପନୀ ସମାରୋହକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ଡିଜିପି ବୈଠକରେ ଉପସ୍ଥିତ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଖେଳାଳିମାନେ କଳିଙ୍ଗ ଷ୍ଟାଡିୟମ ସମେତ ପୋଖରୀପୁଟ ଓ କିଟ କ୍ୟାମ୍ପସ ଗ୍ରାଉଣ୍ଡରେ ଅଭ୍ୟାସ କରିବେ । ଏଥି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ଏହି ଚାମ୍ପିୟନସିପରେ ବହୁ ଅନ୍ତର୍ଜାତୀୟ ହକି ଖେଳାଳିଙ୍କ ସମେତ ଭିଭିଆଇପି ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବିଶେଷ ଯୋଗ ଦେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ଖେଳାଳିଙ୍କୁ ଆନୁସଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବା ଉପରେ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନୀକିକରଣ), ଏସ. କେ. ପ୍ରିୟଦର୍ଶୀ, ନିର୍ଦ୍ଦେଶକ (ଏସସିଆରବି ଏବଂ ଏସଏଫଏସଏଲ), ଡ଼. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଆଇଜିପି (ଟ୍ରେନିଂ) ଅନୁପ କୁମାର ସାହୁ, ଅତିରିକ୍ତ ପୋଲିସ କମିଶନର (କଟକ-ଭୁବନେଶ୍ୱର), ଡ଼. ଉମାଶଙ୍କର ଦାଶ, ଡି.ଆଇ.ଜି.ପି (ଅପରେସନ), ଅଖିଳେଶ୍ୱର ସିଂ, ଡି.ଆଇ.ଜି.ପି (ଏସଆଇଡବ୍ଲ୍ୟୁ), ଡ଼. କନୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ମୋଚିବନ୍ଧ ହାଇସ୍କୁଲର ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା

କେନ୍ଦୁଝର(ଭାସ୍କର ନ୍ୟୁଜ) : ମୋଚିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ୪୪ ତମ ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା ଆଜି ସୋମବାର ଧରଣୀଧର କ୍ରୀଡ଼ା ପରିସର, ଶଙ୍କର ପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କ୍ରୀଡା ଦିବସରେ ଜିଲ୍ଲା କ୍ରୀଡ଼ା ଛାତ୍ରାବାସ ଅଧିକ୍ଷକ ଜିତେନ୍ଦ୍ର କୁମାର ମହାକୁଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ସ୍ୱାସ୍ଥ୍ୟ ଉଭୟ ପାଇଁ କ୍ରୀଡ଼ାର ନିତ୍ୟାନ୍ତ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ଶାରିରୀକ ଶିକ୍ଷା ନିରୀକ୍ଷକ ଫକୀର ମୋହନ ମହାନ୍ତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା । ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଲକ୍ଷ୍ମୀନାରାୟଣ ସି ସହଯୋଗ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ସହଯୋଗ କ୍ରମେ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ ହୋଇ ଥିବାରୁ ତଥା ଛାତ୍ର ଛାତ୍ରୀ ମାନେ ଆଗ୍ରହର ସହିତ ଭାଗ ନେଇଥିବାରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତେଜସ୍ୱିନୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**GIC HOUSING FINANCE LTD.**
गृहे सौख्यम् विराजते
Bhubaneswar Branch Office: Plot No.: 501, 2nd floor, Narula Market, Near Sriya Takies Square, Kharavel Nagar, Janapath, Bhubaneswar- 751001, Tel:0674-2380650 Email: bhubaneshwar@gichfindia.com
CORPORATE/ HEAD OFFICE : GICHFL, National Insurance Building, 6th Floor, J.T. Road, Next to Astoria Hotel, Churchgate, Mumbai - 400020, Tel.: (022) 22851765/66/67, Email: corporate@gichf.com, Website: www.gichfindia.com

**ନୋଟିସ୍**

ପ୍ରାପ୍ତେଷୁ,
ଶ୍ରୀମତୀ ରଞ୍ଜିତା ପଟ୍ଟନାୟକ
**ବିଷୟ: ଆମ ପାଖରେଥିବା ଆପଣଙ୍କ ଋଣ ଆକାଉଣ୍ଟ ନଂ. OR0300610001092 ସଂକ୍ରାନ୍ତରେ**

ଆପଣଙ୍କୁ ଏତଦ୍ ଦ୍ୱାରା ଅବଗତ କରାଇ ଦିଆଯାଉଅଛି କି ଆପଣ ଆପଣଙ୍କ ସମ୍ପତ୍ତି ଫ୍ଲାଟ ନଂ.: ୩/ଡି୫-୦୫, ୩ୟ ମହଲା, ବ୍ଲକ୍ ନଂ: ଡି୫, ସୁପର ବିଲ୍ଟ ଅପ ଏରିଆ: ୧୫୦୦ ବର୍ଗଫୁଟ, ହାଇଟେକ୍ ପ୍ଲାଜା, ମୌଜା: ମାଧିପୁର, ତହସିଲ: ଜଟଣୀ, ଓଡ଼ିଶା କୁ ଆମ ନିକଟରେ ବନ୍ଧକ ରଖିଥିଲେ ଏବଂ ଋଣ ପରିଶୋଧ କରିବାରେ ଆପଣ ବିଫଳ ହୋଇଥିବାରୁ ଉକ୍ତ ସମ୍ପତ୍ତିକୁ ନିଲାମ କରାଯାଇଛି । ସରଫେଶୀ ଆକ୍ଟ - ୨୦୦୨ ପ୍ରାବଧାନ ଏବଂ ଏହା ଅନ୍ତର୍ଗତ ନିୟମାବଳୀ ଅନୁସାରେ ଏହି ସମ୍ପତ୍ତିକୁ **ତା.୨୨.୦୩.୨୦୨୪ରିଖରେ** ସଫଳ ଭାବେ ଇ-ନିଲାମ ମାଧ୍ୟମରେ ବିକ୍ରି କରାଯାଇଛି ।

ଆପଣଙ୍କୁ ଜଣାଇ ଦେଉଅଛୁ କି ଉପରୋକ୍ତ ସମ୍ପତ୍ତିରେ ଆପଣଙ୍କ ଜିନିଷପତ୍ର (ଚଳନ୍ତି ସମ୍ପତ୍ତି) ପଡ଼ିରହିଛି । ସୁତରାଂ ଆପଣଙ୍କୁ ଅନୁରୋଧ କି ଆପଣ ଏହି ନୋଟିସ୍ ଦିନଠାରୁ ୧୫ ଦିନ ମଧ୍ୟରେ ଉକ୍ତ ଜିନିଷପତ୍ରଗୁଡ଼ିକୁ ନେଇଯାଆନ୍ତୁ । ଅନ୍ୟଥା ଉକ୍ତ ସମ୍ପତ୍ତିରେ ଥିବା ଜିନିଷପତ୍ରଗୁଡ଼ିକୁ ସୁରକ୍ଷିତ ଋଣର ବକେୟା ରାଶି (ଯଦିଥାଏ) ଭରଣା କରିବା ନିମନ୍ତେ ଏବଂ ଜିନିଷପତ୍ରଗୁଡ଼ିକର ସଂରକ୍ଷଣ ନିମନ୍ତେ ହେଉଥିବା ଖର୍ଚ୍ଚକୁ ଭରଣା କରିବା ନିମନ୍ତେ ବିକ୍ରି କରିବାକୁ ଆମ୍ଭେ ବାଧ୍ୟ ହେବୁ ।

ସ୍ଥାନ : ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଜିଆଇସି ହାଉସିଂ ଫାଇନାନ୍ସ ଲିଃ

# ସଫଳ ୬୫ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର ରାଶି ପ୍ରଦାନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାମାନଙ୍କରେ ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ଦ୍ୱାରା ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଥିବା ସଫଳ କ୍ରୀଡ଼ାବିତ୍‌ମାନଙ୍କୁ ଆଜି କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପୁରସ୍କାର ରାଶି ପ୍ରଦାନ କରାଯାଇଛି । ୧୬ଟି କ୍ରୀଡ଼ାବର୍ଗରେ ୬୫ କ୍ରୀଡ଼ାବିତ୍‌ଙ୍କୁ ୫୩ ଲକ୍ଷ ୭ହଜାର ୫୦୦ ଟଙ୍କା ପୁରସ୍କାର ରାଶି ଆଜି ପ୍ରଦାନ କରାଯାଇଛି । ଆଜିର କାର୍ଯ୍ୟକ୍ରମରେ ୧୬ଟି କ୍ରୀଡ଼ାବର୍ଗ ଯଥା ଭାରତୋଳନ, ଆଥଲେଟିକ୍ସ, ହ୍ୱିଲ୍ ଚେୟାର ଫେନ୍‌ସିଙ୍ଗ, ଚେସ୍, ପାରା-ସନ୍ତରଣ , ଅଲଟ୍ରା ରନିଙ୍ଗ, ପାରା-ଆଥଲିଟ୍, କରାଟେ, ଡ଼ିଫ୍ ଶୁଟିଙ୍ଗ , ବ୍ୟାଡ଼ମିଣ୍ଟନ, ଜୁ-ଜିସନ୍ତୁ , ସନ୍ତରଣ, କିକ୍ ବକ୍ସିଙ୍ଗ, ଶୁଟିଙ୍ଗ, ସେପକ ଟାକ୍ରୋ ଏବଂ ଟାଇକଣ୍ଡୋ ବର୍ଗରେ କ୍ରୀଡ଼ାବିତମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇଛି । ଭାରତୋଳନ କ୍ରୀଡ଼ାବିତ୍ ପ୍ରୀତିସ୍ମିତା ଭୋଇଙ୍କୁ ତାଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସର୍ବାଧିକ ୩ ଲକ୍ଷ ୩୩ ହଜାର ଟଙ୍କା ପୁରସ୍କାର ରାଶି ମିଳିଥିବା ବେଳେ ଜୋସ୍ନା ଶବରଙ୍କୁ ୨ ଲକ୍ଷ ୩୩ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି । ସେହିପରି ଭାବେ ଧାବକ ଅନିମେଷ କୁଜୁରଙ୍କୁ ୨ ଲକ୍ଷ ୩୦ ହଜାର ଟଙ୍କା ଓ ୮ ବର୍ଷର ଚେସ୍ ? ଖେଳାଳୀ ସାତ୍ୱିକ ସ୍ୱାଇଁଙ୍କୁ ୬୭ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି । ପାରା-କ୍ରୀଡ଼ାବିତ୍ ମାଳତିଙ୍କୁ ୧ ଲକ୍ଷ ୮୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି । ସମୁଦାୟ ୧୯ ଜଣ ପାରା-କ୍ରୀଡ଼ାବିତ୍‌ଙ୍କୁ ଆଜିର ସମ୍ବର୍ଦ୍ଧନା ସମାରୋହରେ ପୁରସ୍କାର ଧନରାଶି ପ୍ରଦାନ କରାଯାଇଛି । ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନିଜର ଅଭିଭାଷଣରେ କ୍ରୀଡ଼ାମନ୍ତ୍ରୀ ସମସ୍ତ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଆଗାମୀ ଭବିଷ୍ୟତରେ ହେବାକୁ ଥିବା ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କ୍ରୀଡ଼ାବିତ୍‌ମାନେ ପଦକ ଜିତି ନିଜ ପାଇଁ ବିଶ୍ୱ ମଞ୍ଚରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ରାଜ୍ୟ ପାଇଁ ଗୌରବ ଅର୍ଜନ କରନ୍ତୁ ବୋଲି ସେ ସମସ୍ତଙ୍କୁ ପ୍ରେରିତ କରିଥିଲେ ।ଏଥିସହ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ । ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ହକି ପ୍ରମୋସନ କାଉନସିଲର ସିଇଓ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, କ୍ରୀଡ଼ାବିତ୍‌ମାନେ ଉପସ୍ଥିତ ଥିଲେ ।

**ASIRVAD MICRO FINANCE LTD**
CIN U65923TN2007PLC064550
9th and 10th Floor, No 9, Club House Road, Anna Salai,
Chennai 600 002. Tamil Nadu.
Tel:044-42124493

**ବନ୍ଧକ ସୂଚୀ:**

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 24.12.2024 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବଳିଖର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ
ବନ୍ଧକ ସୂଚୀ :

ଓଡ଼ିଶାଅନୁଗୁଳବୋଇଣ୍ଡା-ଜିଏଲ୍329050700001543,ଛେଣ୍ଡିପଦା-ଜିଏଲ୍325270700002362,2393,2417,2420,2428,2449,325270730031738,କୋସଳା-ଜିଏଲ୍325600700002819,2834,2844,325600730027091,ସୋନପୁରଡୁଙ୍ଗୁରିପାଲି-ଜିଏଲ୍325580700004198,4205,4209,4212,4216,4219,4233,4282,325580730020424,ବାଲେଶ୍ୱରବସ୍ତା-ଜିଏଲ୍325380700003946,325380730035072,5544,5717,ଗୋପାଳପୁର-ଜିଏଲ୍329040700002213,2218,2223,2248,2255,2266,2267,2272,2289,2299,2309,2323,ମାର୍କୋଣା-ଜିଏଲ୍325620700001940,ଥାନାଛକ-ଜିଏଲ୍328280700002099,2140,2166,328280730028345,8731,ବରଗଡ଼ସୋହେଲା-ଜିଏଲ୍328960700002317,2379,2381,2393,2406,ଭଦ୍ରକ42ମଉଜା-ଜିଏଲ୍325550700002732,2738,2748,2790,2802,2804,2819,ତିହିଡ଼ି-ଜିଏଲ୍325010700005593,5604,5607,5626,5631,5658,କଟକନରସିଂହପୁର-ଜିଏଲ୍328970700001778,1791,1811,ନୂଆପାଟଣା-ଜିଏଲ୍328140700002586,2588,ଦେବଗଡ଼ଦେବଗଡ଼ - ଜିଏଲ୍325990700003117,3119,3124,3136,3139,3149,3158,3195,3196,3197,3200,ଢେଙ୍କାନାଳଗଁଦିଆ - ଜିଏଲ୍325910700002864,ରସୋଲ - ଜିଏଲ୍325930700001949,ଗଞ୍ଜାମବେଗୁନିଆପଡ଼ା - ଜିଏଲ୍328290700001743,1747,ଦିଗପହଣ୍ଡି - ଜିଏଲ୍327560700002686,2716,2766,2767,ହିଞ୍ଜିଳିକାଟୁ - ଜିଏଲ୍327720700001956,ହୁମା - ଜିଏଲ୍325980700003136,ପୋଲସରା-ଜିଏଲ୍329220700001645,1649,1650,ରମ୍ଭା-ଜିଏଲ୍326580700002962,2963,2972,3022,3044,3060,3073,3079,326580730008052,8298,ଯାଜପୁରମଙ୍ଗଳପୁର-ଜିଏଲ୍325000700006081,6084,6088,6094,6095,6103,6104,6105,6128,6157,6173,6190,6205,6209,6233,325000730031644,2284,2320,2321,ଯାଜପୁରସିଂହପୁର-ଜିଏଲ୍327730700004695,4696,4710,4714,4736,4747,4792,4831,4841,4850,4853,4855,327730730024976,5023,କେନ୍ଦ୍ରାପଡ଼ାଆଳି-ଜିଏଲ୍325300700002938,2966,325300730034060,ରାଜନଗର-ଜିଏଲ୍325140700007060,7083,7087,7098,7133,7139,7140,7215,325140730057498,7546,8345,ରଉଣ୍ଡଉସ୍ଥରଓଥ୍ୱ,ଇଓଅଷ୍କଥ୍ୱଅଏକ,326000700002619,2645,2684,2688,2703,2705,326000730012215,2292,326000750000002,ଢେଙ୍କାନାଳ-ଜିଏଲ୍327830700002584,2608,2613,2615,2621,2630,2631,2638,2653,2665,2681,2682,2688,2692,2693,327830730010233,କେନ୍ଦୁଝରଛେନାପଦି-ଜିଏଲ୍325490700004196,4272,4296,4298,4319,4324,325490730051616,ଖୋର୍ଦ୍ଧାନିରାକାରପୁର-ଜିଏଲ୍325680700005335,5346,5351,5380,5413,5415,5423,325680730067550,8181,ମୟୂରଭଞ୍ଜଖୁଣ୍ଟା-ଜିଏଲ୍325390700002226,2235,2242,325390730007159,ପୁରୀଅସ୍ତରଙ୍ଗ-ଜିଏଲ୍325090700002915,2918,2950,325090730061950,ଗୋପ-ଜିଏଲ୍325030700006623,6714,6787,6788,6789,6888,6913,325030730055224,6237,6679,7308,7309,7598,କାକଟପୁର-ଜିଏଲ୍325180700005115,5124,5131,5142,5168,ପୁରୀଚନ୍ଦନପୁର - ଜିଏଲ୍325920700003424,ସୋନପୁର - ଜିଏଲ୍325240700003245,

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 9542500664 ନମ୍ବରକୁ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ଆଶିରୱାଡ ମାଇକ୍ରୋ ଫାଇନାନ୍ସ ଲିମିଟେଡ୍ ।

# ଖୋ-ଖୋରେ ସ୍ୱର୍ଣ୍ଣ ପଦକ ହାତେଇଲା ଓଡ଼ିଶା ଡ଼ିଏଭି

## କମାଲ ଦେଖାଇଲେ ଏନଟିପିସି, କଣିହାଁ ଡିଏଭିର ୯ଛାତ୍ରୀ




କଣିହାଁ (ଭାସ୍କର ନ୍ୟୁଜ): ଗତ ସୋମବାର ତାରିଖଠାରୁ ତିନି ଦିନ ଧରି ନୂଆଦିଲ୍ଲୀର ନୋଏଡା ସୋର୍ଟର୍ସ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଥିବା ଡିଏଭି ଜାତୀୟସ୍ତରର କ୍ରୀଡ଼ା ସମାରୋହରେ ୧୪ ବର୍ଷରୁ କମ୍ ଖୋ-ଖୋରେ ଓଡ଼ିଶା ଟିମ୍ ଚମ୍ପିଅନ୍ ହୋଇଛି । ଫାଇନାଲ୍‌ରେ ତାମିଲନାଡୁ ଦଳକୁ ୭ ପଏଣ୍ଟରେ ପରାସ୍ତ କରି ଓଡ଼ିଶା ବିଜେତା ଘୋଷିତ ହୋଇଥିଲା । ଓଡ଼ିଶା ଦଳରେ କଣିହାଁ ଏନ୍‌ଟିପିସି ଦୀପଶିଖା ଡିଏଭି ସ୍କୁଲର ୯ ଜଣ ଛାତ୍ରୀ ସାମିଲ ଥିଲେ । ଦୀପଶିଖା ଡିଏଭି ସ୍କୁଲ ଛାତ୍ରୀ ଏଲିନା କୁଜୁର ଓଡ଼ିଶା ଦଳର ନେତୃତ୍ୱ ନେଉଥିବା ବେଳେ ଅମ୍ରିତା ନାଏକ, ସୌମ୍ୟାଶ୍ରୀ ସେନାପତି, ଇପ୍‌ସିତା ବେହେରା, ଚୈତାଳୀ ହେମ୍ବ୍ରମ, ନିୟତି ସାହୁ, ଅଭିସ୍ମିତା ସାହୁ, ଉଦିତା ଶୁକ୍ଲା, ଜୟଶ୍ରୀ ସାହୁ ରାଜ୍ୟ ଦଳରେ ପ୍ରତିନିଧିତ୍ୱ କରିଥିଲେ । ଏହି ଟିମ୍ ?ରେ ଅନ୍ୟମାନଙ୍କ ମଧ୍ୟରେ ଡିଏଭି ପବ୍ଲିକ ସ୍କୁଲ, ଟିଟିପିଏସ୍, ବନହରପାଲ୍ଲୀର ତିନି ଜଣ ଛାତ୍ରୀ- ରିତିକା କେର୍କେଟା, ତେଜନା ପାଣ୍ଡେ ଏବଂ ଅଙ୍କିତା ତିର୍କୀ ଅଂଶଗ୍ରହଣ କରିଥିଲେ । ନୂଆଦିଲ୍ଲୀରୁ ଟ୍ରେନ୍ ଯୋଗେ ଆସି ଗତକାଲି ଖେଳାଳିମାନେ ଅନୁଗୋଳ ଷ୍ଟେସନ ରେ ପହଞ୍ଚିବା ପରେ ଡିଏଭି, ଓଡ଼ିଶା ଜୋନ-ଡିର ପ୍ରତିନିଧି ମାନସ ରଞ୍ଜନ ପୃଷ୍ଟି ଓ ସହକର୍ମୀ ସେମାନଙ୍କୁ ସ୍ୱାଗତ ଜଣାଇବା ସହ କଣିହାଁ ଏମ୍ ?ଜିଆର ଛକଠାରୁ ଅଭିଭାବକ, ଶିକ୍ଷକ ଏବଂ ଶୁଭେଚ୍ଛୁଙ୍କ ଗହଣରେ ଶୋଭାଯାତ୍ରାରେ ଡିଏଭି ସ୍କୁଲ ପର୍ଯ୍ୟନ୍ତ ନିଆଯାଇଥିଲା ।ଏନ୍‌ଟିପିସିର ପ୍ରତିନିଧ ଭାବେ ମାନବ ସମ୍ବଳ ବିଭାଗର ଅଧିକାରୀ ରାମ ଅବତାର ବନଜାରା, କ୍ଲଷ୍ଟର କ୍ରୀଡ଼ାସଙ୍ଘର ମୁଖ୍ୟ ପରିଚାଳକ ତଥା ଡିଏଭି ଏନ୍‌ଟିପିସିର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା, ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ କୁମାର ତ୍ରିପାଠୀ, କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣକୁମାର ପ୍ରମୁଖ କୃତୀ ଛାତ୍ରୀ ଓ କ୍ରୀଡା ଶିକ୍ଷକ ଡିସିଏଚ ରେଡ୍ଡୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଛାତ୍ରୀଙ୍କ ଏହି ସଫଳତା ପାଇଁ ଏନ୍‌ଟିପିସି ପ୍ରକଳ୍ପ ଅଧିକାରୀ ଏ.କେ. ସେହଗଲ, ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ. କେ.ସି. ଶତପଥୀ, ଡିଏଭି ଜୋନ-ଡିର ଏଆରଓ ଏସ୍.କେ. ଭୋଇ, ରାଜ୍ୟ କ୍ରୀଡା ସଂଯୋଜିକା ଇପସିତା ଦାସ ପ୍ରମୁଖ ସ୍ୱର୍ଣ୍ଣ ବିଜୟିନୀ ବାଳିକାମାନଙ୍କ ନିମନ୍ତେ ଶୁଭେଚ୍ଛା ବାର୍ତ୍ତା ପଠାଇଥିଲେ ।

CK BIRLA GROUP
orient electric

**ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍**
**ସିଆଇଏନ୍: ଏଲ୩୧୧୦୦୦ଆର୨୦୧୬ପିଏଲ୍‌ସି୦୨୫୯୮୨**
**ରେଜିଷ୍ଟ୍ରାର୍ଡ ଅଫିସ: ୟୁନିଟ୍ ୮, ପ୍ଲଟ୍ ନଂ ୭, ଭୋଇନଗର, ଭୁବନେଶ୍ୱର-୭୫୧୦୧୨, ଓଡ଼ିଶା, ଟେଲିଫୋନ୍: ୦୬୭୪-୨୩୯୬୯୩୦**
**କର୍ପୋରେଟ୍ ଅଫିସ: ୨୪୦, ଓଖଲା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଫେଜ୍-୩ ନୂଆଦିଲ୍ଲୀ-୧୧୦୦୨୦, ଟେଲିଫୋନ୍: ୦୧୧-୪୦୫୦୭୦୦୦**
**ଇମେଲ୍- www.orientelectric.com**

**ଅଣସଂରକ୍ଷିତ ଡିଭିଡେଣ୍ଡ ପରିମାଣ (ଗୁଡିକ) ଏବଂ/ କିମ୍ବା କମ୍ପାନୀର ଇନଭେଷ୍ଟର ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି (ଆଇଇପିଏଫ)ର ଟ୍ରାନ୍ସଫର ପାଇଁ ଇକ୍ୟୁଟି ସେୟାର ହୋଲଡରମାନଙ୍କ ନିମନ୍ତେ ବିଜ୍ଞପ୍ତି**

ଓରିଏଣ୍ଟ ଇଲେକ୍ଟ୍ରିକ ଲିମିଟେଡ୍ (ଦି କମ୍ପାନୀ)ର ସେୟାର ହୋଲଡରମାନଙ୍କ ନିମନ୍ତେ ଏହି ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯାଉଅଛି ଯେ କମ୍ପାନିଜ ଆକ୍ଟ ୨୦୧୩ର ଧାରା ୬ ଏବଂ ୧୨୪ (୬) ଅନୁଯାୟୀ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ପ୍ରାଧିକରଣ (ଆକାଉଣ୍ଟିଂ, ଅଡିଟ, ସ୍ଥାନାନ୍ତର ଏବଂ ଫେରସ୍ତ) ନିୟମ ୨୦୧୬ (ଆଇଇପିଏଫ ଆଇନର ନିୟମ ୬ ସହିତ ପଠାଯାଇଥିବା ନୋଟିସ କ୍ରମାଗତ ୭ ବର୍ଷ ପାଇଁ ସଂଶୋଧିତ କ୍ରୋମିମେଟୋଟାଇମାଇନ୍‌ର ସଂଯୋଗ ।
ଅସମ୍ପୂର୍ଣ୍ଣତା ସହିତ ଟେଥର୍ ରୁଲ୍ସ ଏହିପରି ଅଂଶୀଦାରମାନଙ୍କ ସଂପୂର୍ଣ୍ଣ ବିବରଣୀ କମ୍ପାନୀର ୱେବସାଇଟ୍ **www.orientelectric.com** ରେ ଉପଲବ୍ଧ ।
ଏହି ପରିପ୍ରେକ୍ଷୀରେ ଏହା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଯେଉଁ ସେୟାର ହୋଲଡରମାନଙ୍କର ଡିଭିଡେଣ୍ଡ କ୍ରମାଗତ ୭ ବର୍ଷ ପାଇଁ ୨୦୧୭-୧୮ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଟ୍ରାନ୍ସଫର ଡିଭିଡେଣ୍ଡ ଏକାଉଣ୍ଟ ଅଣ ଦାବିଦାର, ସେମାନଙ୍କ ଆଇଇପିଏଫ୍ ୨୦୨୫ ମାର୍ଚ୍ଚ ୧୬ ପର୍ଯ୍ୟନ୍ତ ଟ୍ରାନ୍ସଫର କରାଯିବା ପାଇଁ ରଖାଯାଇଛି । କମ୍ପାନୀ ସେୟାରଗୁଡ଼ିକୁ ଆଇଇପିଏଫକୁ କୌଣସି ବିନା ନୋଟିସରେ ଟ୍ରାନ୍ସଫର କରିପାରିବେ ।
ଯଦି ସେୟାରଗୁଡ଼ିକ ସ୍ଥଗିତ ରହିଥାଏ
ଇନ୍ ଫିଜିକାଲ ଫର୍ମ- ଡୁପ୍ଲିକେଟ୍ ସେୟାର ସାର୍ଟିଫିକେଟ(ଗୁଡ଼ିକ) ଆଇଇପିଏଫକୁ ଇସ୍ୟୁ କରାଯିବ ଏବଂ ଟ୍ରାନ୍ସଫର କରାଯିବ । ଫଳରେ ଓରିଜିନାଲ ସେୟାର ସାର୍ଟିଫିକେଟ(ଗୁଡ଼ିକ) ଯାହାକି ସେୟାର ହୋଲଡରଙ୍କ ନାମରେ ଅଛି, ଏହା ବାତିଲ କରାଯିବ ଏବଂ କୌଣସି ସାଲିସ କରାଯିବ ନାହିଁ ।
ଇନ୍ ଡିମାର୍କ ଫର୍ମ - କମ୍ପାନୀ ଡିପୋଜିଟରମାନଙ୍କୁ ଅବଗତ କରାଉଛି ଯେ ସେୟାର ଟ୍ରାନ୍ସଫର ଯାହାକି ସେୟାର ହୋଲଡରଙ୍କ ଡିମାଟ୍ ଆକାଉଣ୍ଟରେ ରହିଥିବ, ଏହାକୁ ଆଇଇପିଏଫ୍ ସପକ୍ଷରେ ପଠାଯିବ । ଯଦି ଫେବୃଆରୀ ୨୮, ୨୦୨୫ କିମ୍ବା ତା ପୂର୍ବରୁ ବୈଧ ଦାବି ଗ୍ରହଣ କରାଯାଇନଥାଏ ତେବେ କମ୍ପାନୀ କୌଣସି ବିଜ୍ଞପ୍ତି ବିନା ଆଇଇପିଏଫ କର୍ତ୍ତୃପକ୍ଷଙ୍କ ସପକ୍ଷରେ ଦାୟୀ ଡିଭିଡେଣ୍ଡ ଏବଂ ଇକ୍ୟୁଟି ସେୟାର ସ୍ଥାନାନ୍ତର କରିବା ପାଇଁ ଆଗକୁ ବଢିବ । ଦୟାକରି ଧ୍ୟାନ ଦିଅନ୍ତୁ ଯେ ଅନାବଶ୍ୟକ ଡିଭିଡେଣ୍ଡ ରାଶି ଏବଂ ସେୟାର ଟ୍ରାନ୍ସଫର ଆଇଇପିଏଫ ଆଇନ ସମ୍ବନ୍ଧରେ କୌଣସି ମିଥ୍ୟା ଦାବି କମ୍ପାନୀ ବିରୁଦ୍ଧରେ କରିବ ନାହିଁ । ଦୟାକରି ନୋଟ୍ କରନ୍ତୁ ସେୟାର ହୋଲଡରମାନେ ସେୟାର ଏବଂ ଡିଭିଡେଣ୍ଡ ଆଇଇପିଏଫ୍ ପ୍ରାଧିକୃତଙ୍କଠାରୁ ନିର୍ଦ୍ଧାରିତ ଆବେଦନପତ୍ର ଫର୍ମ ଆଇଇପିଏଫ-୫ ଯାହାକି ୱେବସାଇଟ୍ **www.mca.gov.in** ରେ ଉପଲବ୍ଧ । କମ୍ପାନୀଠାରୁ ଚିଠି ପାଇବା ପରେ ଏଥିପାଇଁ ଦାବି କରିପାରିବେ ।
କୌଣସି ଜିଜ୍ଞାସା କ୍ଷେତ୍ରରେ ସେୟାର ହୋଲଡର (ଗୁଡ଼ିକ) କମ୍ପାନୀର ରେଜିଷ୍ଟ୍ରର ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ ଶ୍ରୀ ରାମ ଦାସ, ସିନିୟର ମ୍ୟାନେଜର କେ ଫିନ୍ ଟେକ୍ନୋଲୋଜିଜ୍ ଲିମିଟେଡ୍ (ୟୁନିଟ୍: ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ) ସେଲେନିୟମ ଟାୱାର ବି, ପ୍ଲଟ୍ ୩୧-୩୨, ଗଚିବାଉଲି, ଫାଇନାନ୍ସିଆଲ ଡିଷ୍ଟ୍ରିକ, ନାନାକ୍ରମୋଗୁଡ଼ା ସେରିଲିଙ୍ଗମପାଲି, ହାଇଦ୍ରାବାଦ-୫୦୦୦୩୨ କିମ୍ବା ଇମେଲ୍ **einward.ris@kfintech.com** ମାଧ୍ୟମରେ ପଠାଇବାକୁ ଅନୁରୋଧ କରାଯାଇଛି । ଫୋନ୍: ୧୮୦୦-୩୦୯୪୦୦୧

ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍ ପାଇଁ
ସ୍ୱା/-
ହିତେଶ କୁମାର ଜୈନ
କମ୍ପାନୀ ସେକ୍ରେଟାରୀ
(ଏଫସିଏସ୍-୬୨୪୧

**ସ୍ଥାନ: ନୂଆଦିଲ୍ଲୀ**
**ତାରିଖ: ୧୦.୧୨.୨୦୨୪**



ବାସ୍ତୁ ଶାସ୍ତ୍ର ଅନୁସାରେ ରୋଷେଇ ଘରେ କରୁଥିବା କିଛି ଭୁଲ୍ ଘରର ସଦସ୍ୟଙ୍କ ସମସ୍ୟା ଓ ଆର୍ଥିକ ସମସ୍ୟା ଲାଗି ରହିଥାଏ । ଏହାକୁ ଅଣଦେଖା କରିବା ଉଚିତ୍ ନୁହେଁ । ଜାଣନ୍ତୁ ସେହି ଭୁଲ୍ ବିଷୟରେ.. । ହିନ୍ଦୁ ଧର୍ମରେ ରୋଷେଇ ଘର ପୂଜା କକ୍ଷ, ଶୋଇବା କକ୍ଷ, ବୈଠକ କକ୍ଷ ଭଳି ମହତ୍ତ୍ୱପୂର୍ଣ୍ଣ । ତେଣୁ ଶାସ୍ତ୍ର ଅନୁସାରେ ରୋଷେଇ ଘରେ ରଖାଯାଉଥିବା କିଛି ଜିନିଷ ପ୍ରତି ଧ୍ୟାନ ଦିଅନ୍ତୁ । ଅନେକ ଲୋକଙ୍କ ଅଭ୍ୟାସ ଖାଦ୍ୟପେୟର ଜିନିଷ ଯେପରି ସଉଦା,ଆଳୁ, ପିଆଜ, ସବୁଜ ପନିପରିବା, ଫଳ ଓ ଅନ୍ୟ ଜିନିଷ ଅଧିକ ପରିମାଣରେ କିଣନ୍ତି । ମାତ୍ର ଦୀର୍ଘ ଦିନ ପର୍ଯ୍ୟନ୍ତ ରହିବା ପରେ ତାହା ବଳକା ରହି ନଷ୍ଟ ହୋଇଯାଏ । ବାସ୍ତୁ ଅନୁସାରେ ନଷ୍ଟ ହୋଇଯାଇଥିବା ଜିନିଷ ରୋଷେଇ ଘରେ ରହିବା ଦ୍ୱାରା ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ । ଏହା ଧନହାନୀ କରିବା ସହ କାଙ୍ଗାଳ କରି ଦେଇଥାଏ । ରୋଷେଇ ଘରେ ଖାଦ୍ୟ ଜିନିଷ ନଷ୍ଟ ହେବା ଦ୍ୱାରା ମା'ଲକ୍ଷ୍ମୀ, ଭଗବାନ କୁବେର ଅସନ୍ତୁଷ୍ଟ ହୋଇ ଥାଆନ୍ତି । ଘରେ ସର୍ବଦା ଧନର ଅଭାବ ଲାଗି ରହିଥାଏ । ରୋଷେଇ ଘର ଧନ ଓ ସମୃଦ୍ଧିର ପ୍ରତୀକ । ଏଠାରେ ହେଉଥିବା ଛୋଟ ଛୋଟ ଭୁଲ୍ ଜୀବନରେ ଅନେକ ପ୍ରଭାବ ପକାଇଥାଏ । ଆଳୁ, ପିଆଜ, ପରିବା ଅଧିକ ଦିନ ରଖି ନଷ୍ଟ କରନ୍ତୁ ନାହିଁ । ଏହାଦ୍ୱାରା ଧନହାନୀ ହୋଇଥାଏ । ବିଶେଷ କରି ଆଳୁ ସାମାନ୍ୟ ନଷ୍ଟ ହେଲେ ଏହାକୁ ରଖନ୍ତୁ ନାହିଁ ।






# ହସ୍ପିଟାଲରେ ସାଇରା

୧୯୬୦-୭୦ ଦଶକରେ ବଲିଉଡର ରାଜ୍ କରୁଥିବା ପ୍ରସିଦ୍ଧ ତଥା ଭେଟେରାନ ଅଭିନେତ୍ରୀ ସାଇରା ବାନୋ ଅସୁସ୍ଥ ହୋଇ ପଡିଛନ୍ତି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସ୍ୱର୍ଗତ ଅଭିନେତା ଦିଲୀପ କୁମାରଙ୍କ ପତ୍ନୀ ସାଇରା ବାନୁ ନିମୋନିଆରେ ଆକ୍ରାନ୍ତ ହୋଇଛନ୍ତି ଏବଂ ତାଙ୍କ ଗୋଡରେ ରକ୍ତ ଜମାଟ ବାନ୍ଧି ଯାଇଛି । ଏହି କାରଣରୁ ସେ ଚାଲିବାକୁ ମଧ୍ୟ ସକ୍ଷମ ନୁହଁନ୍ତି । ସାମ୍ବାଦିକ ବିକି ଲାଲୱାନି ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି ଯେ ସାଇରା ଗତ କିଛି ଦିନ ହେବ ଅସୁସ୍ଥ ଅଛନ୍ତି । ସୂଚନାଯୋଗ୍ୟ, ତାଙ୍କୁ ଅକ୍ଟୋବର ୨୦୨୪ରେ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିଥିଲା । ଟାଇମ୍ସ ନ୍ୟୁଜ୍ ଖବର ଅନୁଯାୟୀ ସାଇରା ବାନୋଙ୍କ ଚାଲିବା ମଧ୍ୟ କଷ୍ଟକର ହୋଇପଡୁଛି । ୨୦୨୧ରେ ତାଙ୍କ ସ୍ୱାମୀ ଦିଲ୍ଲୀପ କୁମାରଙ୍କ ମୃତ୍ୟୁ ପରେ ସାଇରା ଏକୁଟିଆ ରହିଛନ୍ତି । ଏଭଳି ପରିସ୍ଥିତିରେ ସ୍ୱାସ୍ଥ୍ୟ ସମସ୍ୟା ହେତୁ ସେମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଟାଇମ୍ସ ଅଫ ଇଣ୍ଡିଆ ସହିତ କଥାବାର୍ତ୍ତା ବେଳେ ସାଇରା ତାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଅପଡେଟ ଦେଇଥିଲେ । ସେ କହିଛନ୍ତି ଯେ ସେ ବର୍ତ୍ତମାନ ଭଲ ଅଛନ୍ତି । ତାଙ୍କର ଏହି ବାର୍ତ୍ତା ତାଙ୍କ ପ୍ରଶଂସକଙ୍କ ପାଇଁ ଥିଲା ଯେଉଁମାନେ ତାଙ୍କ ଅସୁସ୍ଥତାର ଖବର ଶୁଣିବା ପରେ ଦୁଃଖ ପ୍ରକାଶ କରିଥିଲେ । ତାଙ୍କର ଭୟଙ୍କର ନିମୋନିଆ ଖବର ଆସିବା ପରେ ତାଙ୍କ ପ୍ରଶଂସକମାନେ ଦୁଃଖପ୍ରକାଶ କରିଥିଲେ । ନିମୋନିଆ କାରଣରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିବ ବୋଲି ସାଇରା କହିଥିଲେ ।

# ଐଶ୍ୱର୍ଯ୍ୟା-ଅଭିଷେକଙ୍କ ଡିଭୋର୍ସକୁ ନେଇ ରାଗିଲେ ଅମିତାଭ

ଅଭିଷେକ ବଚ୍ଚନ ଏବଂ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟଙ୍କ ମଧ୍ୟରେ ମତଭେଦ ଖବର ଦୀର୍ଘଦିନ ଧରି ଚାଲିଆସୁଛି । ଅମ୍ବାନୀଙ୍କ ବିବାହରେ ଦମ୍ପତି ପୃଥକ ଭାବରେ ପହଞ୍ଚିବା ପରେ ଛାଡପତ୍ରର ଗୁଜବ ବୃଦ୍ଧି ପାଇଲା । ଏହା ପରେ ନିକଟରେ ଐଶ୍ୱର୍ଯ୍ୟା-ଅଭିଷେକ ଏକ ବିବାହରେ ଏକାଠି ନଜର ଆସିଥିଲେ । ଉଭୟଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ଏବଂ ପ୍ରଶଂସକମାନେ ଖୁସି ଅନୁଭବ କରିଥିଲେ ଯେ ସେମାନଙ୍କ ସମ୍ପର୍କକୁ ନେଇ କୌଣସି ଟେନସନ ନାହିଁ । ଅମିତାଭ ବଚ୍ଚନ ମଧ୍ୟ ଏକ୍ସରେ କ୍ରିପ୍ଟିକ ପୋଷ୍ଟଗୁଡିକ ଶେୟାର କରିଥିଲେ । ଗତ କିଛି ଦିନ ହେବ ସେ ତାଙ୍କ ପୁଅ ବିଷୟରେ ଚାଲିଥିବା ଗୁଜବ ଉପରେ ପ୍ରତିକ୍ରିୟା ପ୍ରକାଶ କରୁଥିବାବେଳେ 'ଚୁପ' ଲେଖିଥିଲେ । ବଲିଉଡରେ ବିଗ ବି ନାମରେ ଜଣାଶୁଣା ଅଭିନେତା ଏକ ନୂଆ ପୋଷ୍ଟ ଶେୟାର କରିଛନ୍ତି ଯେଉଁଥିରୁ ଗୁଜବ ପ୍ରଚାର କରୁଥିବା ଲୋକଙ୍କୁ ଅମିତାଭ ଟାର୍ଗେଟ କରିଥିବା ଅନୁମାନ କରାଯାଉଛି । ମେଗା ଷ୍ଟାର ତାଙ୍କର ସମ୍ପ୍ରତି ଏକ୍ସ ପୋଷ୍ଟରେ ଲେଖିଛନ୍ତି, 'ଯେଉଁମାନେ ପ୍ରତ୍ୟେକ ଶବ୍ଦର ଅର୍ଥ ଖୋଜନ୍ତି, ସେମାନେ ନିଜ ଜୀବନର ଦୁର୍ଭାଗ୍ୟକୁ ଲୁଚାଇବାକୁ ଚେଷ୍ଟା କରନ୍ତି ।' ବିଗ ବି ଏହି ପୋଷ୍ଟର କାରଣ ସ୍ପଷ୍ଟ କରି ନାହାଁନ୍ତି, କିନ୍ତୁ ବ୍ୟବହାରକାରୀମାନେ ଅନୁମାନ କରିବା ଆରମ୍ଭ କରିଛନ୍ତି ଯେ ସେ ଅଭିଷେକ-ଐଶ୍ୱର୍ଯ୍ୟାଙ୍କ ବିଷୟରେ ଗୁଜବ ପ୍ରଚାର କରିବାକୁ ନେଇ ସେ ଏମିତି ଲେଖିଛନ୍ତି ।







# 'ଦ ଗାର୍ଲଫ୍ରେଣ୍ଡ'ରେ ନଜର ଆସିବେ ରଶ୍ମିକା

ବଡ଼ ପରଦାରେ ଧମାଲ ଏବେ କରୁଛି 'ପୁଷ୍ପା ୨' । କେବଳ ଭାରତ ନୁହେଁ ବିଦେଶରେ ମଧ୍ୟ ଏହି ଫିଲ୍ମ ବେଶ୍ ଭଲ ପ୍ରଦର୍ଶନ କରିଛି । ରିଲିଜ୍ ହେବାର ମାତ୍ର ୪ ଦିନରେ ବକ୍ସ ଅଫିସ୍‌ରେ ଏହି ଫିଲ୍ମ ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ କରିଥିବା ଜଣାପଡ଼ିଛି । ଫିଲ୍ମରେ ସାଉଥ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ସହ ରଶ୍ମିକା ମନ୍ଦାନାଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି । ଫିଲ୍ମର ସଫଳତାକୁ ନେଇ ରଶ୍ମିକା ମଧ୍ୟ ବେଶ୍ ଖୁସି ଅଛନ୍ତି । ଏହାରି ଭିତରେ ଆଗକୁ ଆସୁଛି ରଶ୍ମିକାଙ୍କ ଆଉ ଏକ ଫିଲ୍ମ 'ଦ ଗାର୍ଲଫ୍ରେଣ୍ଡ' । ଫିଲ୍ମଟିର ଟିଜର ରିଲିଜ ହୋଇଛି ଏହା ରଶ୍ମିକାଙ୍କ ସାତ ବର୍ଷର କ୍ୟାରିୟରର ୨୪ତମ ଫିଲ୍ମ ହେବ । ରାହୁଲ ରବୀନ୍ଦ୍ରନ୍ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ପୁଷ୍ପା ୨ର ରିଲିଜ ପରେ ଏବେ ରଶ୍ମିକାଙ୍କ ପ୍ରଶଂସକମାନେ ତାଙ୍କର ଆଗାମୀ ଫିଲ୍ମ ପାଇଁ ଉତ୍ସାହର ସହ ଅପେକ୍ଷା କରିଛନ୍ତି କ୍ଷ ନିକଟରେ ନିର୍ମାତାମାନେ ଫିଲ୍ମର ଏକ ପୋଷ୍ଟର ରିଲିଜ୍ କରିଥିଲେ କ୍ଷ ଏବେ ଫିଲ୍ମର ଟିଜର ରିଲିଜ ହୋଇଛି କ୍ଷ ତେବେ ବିଶେଷ କଥା ହେଉଛି ଏହି ଫିଲ୍ମରେ ରଶ୍ମିକାଙ୍କ ସହ ତାଙ୍କ ବୟଫ୍ରେଣ୍ଡ ବିଜୟ ଦେବରକୋଣ୍ଡା ମଧ୍ୟ ଅଛନ୍ତି । ଗତ କିଛି ଦିନ ଧରି ଉଭୟଙ୍କ ଭିତରେ ଥିବା ସମ୍ପର୍କଙ୍କୁ ନେଇ ଚାଲିଥିବା ଚର୍ଚ୍ଚା ଭିତରେ ଏହି ଫିଲ୍ମ ପ୍ରଶଂସକଙ୍କୁ ଆହୁରି ଉତ୍ସାହିତ କରିଛି କ୍ଷ ଫିଲ୍ମକୁ ନେଇ ଫିଲ୍ମନିର୍ମାତା କହିଛନ୍ତି, 'ବିଜୟ ଦେବରକୋଣ୍ଡା ପୁରା ବିଶ୍ୱକୁ ତାଙ୍କ ଗାର୍ଲଫ୍ରେଣ୍ଡ ସହିତ ପରିଚୟ କରିବେ । ଫିଲ୍ମ 'ଦ ଗାର୍ଲଫ୍ରେଣ୍ଡ'ର ଟିଜର ମାଲାୟାଲମ୍ ସମେତ ପାଞ୍ଚଟି ଭାଷାରେ ରିଲିଜ୍ ହୋଇଛି । ଏହି ଚଳଚ୍ଚିତ୍ର ବିଷୟରେ ଆଉ ଏକ ବିଶେଷ କଥା ହେଉଛି, ଏହା ହେଉଛି ରଶ୍ମିକାଙ୍କ କ୍ୟାରିୟରର ପ୍ରଥମ ସିଙ୍ଗଲ୍ ଲିଡ୍ ଫିଲ୍ମ । ରାହୁଲ ରବିନ୍ଦ୍ରନଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଦ ଗାର୍ଲଫ୍ରେଣ୍ଡ' ରୋମାନ୍ସ ଓ ଡ୍ରାମାରେ ଭରପୁର । ଏହି ଚଳଚ୍ଚିତ୍ରରେ ରଶ୍ମିକାଙ୍କୁ ଜଣେ ଲେଖିକା ଭୂମିକାରେ ଦେଖିବାକୁ ମିଳିବ । ଏହି ଫିଲ୍ମରେ ରଶ୍ମିକାଙ୍କୁ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ ।

# ମୃତକ ପରିବାରକୁ ଅଲ୍ଲୁ ଦେବେ ୨୫ ଲକ୍ଷ



ଡିସେମ୍ବର ୪ରେ, ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ 'ପୁଷ୍ପା ୨'ର ସ୍କ୍ରିନିଂ ସମୟରେ ଜଣେ ମହିଳା ପ୍ରାଣ ହରାଇଥିଲେ । ଏହି ମାମଲାରେ ଆଲ୍ଲୁ ଅର୍ଜୁନ, ତାଙ୍କ ସୁରକ୍ଷା ଏଜେନ୍ସି ଏବଂ ଥିଏଟର ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା । ଆଲ୍ଲୁ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି । ସେ ଏକ ଭିଡିଓ ଶେୟାର କରିଛନ୍ତି ଏବଂ ମୃତ ମହିଳାଙ୍କ ପରିବାରକୁ ସମର୍ଥନ କରିବା ବିଷୟରେ କହିଛନ୍ତି । ୩୯ ବର୍ଷୀୟା ରେବତୀ ତାଙ୍କ ସ୍ୱାମୀ ଏବଂ ଦୁଇ ପିଲାଙ୍କ ସହ ସନ୍ଧ୍ୟା ଥିଏଟରରେ 'ପୁଷ୍ପା ୨' ଦେଖିବାକୁ ଆସିଥିଲେ । ହଠାତ୍ ଆଲ୍ଲୁ ମଧ୍ୟ ସେଠାରେ ପହଞ୍ଚିଥିଲେ । ଅଭିନେତାଙ୍କୁ ଦେଖି ପ୍ରଶଂସକଙ୍କ ଭିଡ଼ ଜମିବା ସହ ଥିଏଟରରେ ଦଳଚକଟା ହୋଇଥିଲା । ଶ୍ୱାସରୁଦ୍ଧ ହେତୁ ଅନେକ ଲୋକ ଚେତାଶୂନ୍ୟ ହୋଇପଡିଥିବା ବେଳେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା । ମହିଳାଙ୍କ ପୁଅର ଅବସ୍ଥା ଏବେ ବି ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଆଲ୍ଲୁ ଅର୍ଜୁନ ଏକ୍ସରେ ଏକ ଭିଡିଓ ଶେୟାର କରିଛନ୍ତି, ଏଥିରେ ସେ କହିଛନ୍ତି ଯେ ସେ ବ୍ୟକ୍ତିଗତ ଭାବେ ମହିଳାଙ୍କ ପରିବାରକୁ ଭେଟିବେ । ଏହି କଷ୍ଟ ସମୟରେ ମହିଳାଙ୍କ ପରିବାର ଏକୁଟିଆ ନୁହଁନ୍ତି ବୋଲି ଅଭିନେତା କହିଛନ୍ତି । ମୃତ ମହିଳାଙ୍କ ପରିବାରକୁ ସେ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବେ ବୋଲି ସେ କହିଛନ୍ତି । ଚିକିତ୍ସା ଏବଂ ଔଷଧର ସମସ୍ତ ଖର୍ଚ୍ଚ ମଧ୍ୟ ଆମେ ବହନ କରିବୁ ।

# ଶୀତ ଦିନେ ଗରମ ପାଣିରେ ଗାଧୋଉଛନ୍ତି କି ?



*ଶୀତ ଦିନ ଆସିଲେ ପ୍ରାୟ ସମସ୍ତଙ୍କର ଗାଧୋଇବା ନେଇ ଚିନ୍ତା ବଢିଥାଏ । ଥଣ୍ଡା ପାଣିରେ ଗାଧୋଇବା ମୁସ୍କିଲ ହୋଇପଡିଥାଏ । ତେଣୁ ପ୍ରାୟ ସମସ୍ତେ ଗରମ ପାଣିରେ ଗାଧୋଇବାକୁ ପସନ୍ଦ କରିଥାନ୍ତି । ତେବେ ଜାଣିଛନ୍ତି କି ଶୀତ ଦିନେ ଗରମ ପାଣିରେ ଗାଧୋଇଲେ ସ୍ୱାସ୍ଥ୍ୟ ଉପରେ କଣ ପ୍ରଭାବ ପଡିଥାଏ । ଶୀତ ଦିନେ ଗରମପାଣିରେ ଗାଧୋଇଲେ ଏହା ସ୍ୱାସ୍ଥ୍ୟ ପାଇଁ ଉଭୟ ଭଲ ଓ ଖରାପ ପ୍ରଭାବ ପକାଏ । ଶୀତ ଦିନେ ଗରମ ପାଣିରେ ଗାଧୋଇବା ଭଲ ନା ଖରାପ ଜାଣିନିଅନ୍ତୁ....*

ପ୍ରଥମେ ଆସନ୍ତୁ ଜାଣିବା ଶୀତ ଦିନେ ଗରମପାଣିରେ ଗାଧୋଇଲେ କଣା ଲାଭ ମିଳିଥାଏ । ଥଣ୍ଡା ପାଣି ବଦଳରେ ଶୀତ ଦିନ ଗରମ ପାଣିରେ ଗାଧୋଇଲେ ଆରାମ ମିଳେ । ଏହା ମାନସିକ ଥକାପଣ ଦୂର କରେ । ମାନସିକ ଚାପ ଥିଲେ ଗରମ ପାଣିରେ ଗାଧୋଇବା ଲାଭଦାୟକ ହୋଇଥାଏ । ଏହା ସହ ମାଂସପେଶୀ ଚାପ ମଧ୍ୟ କମିଯାଏ । ରକ୍ତ ସଞ୍ଚାଳନ ବଢିଥାଏ । ମାଂସପେଶୀରେ ଯନ୍ତ୍ରଣା କିମ୍ବା ଷ୍ଟ୍ରେନ ସମସ୍ୟା ଥିଲେ ଗରମ ପାଣିରେ ଗାଧୋଇବା ଉପକାରୀ ହୋଇଥାଏ । ଏହା ସ୍ପା ଚିକିତ୍ସା ପରି କାର୍ଯ୍ୟ କରେ । ଉଷୁମ ପାଣି ଚର୍ମରୁ ମଇଳା ଦୂର କରିବାରେ ସହାୟକ ହୋଇଥାଏ ।

ସବୁ ଜିନିଷର ଭଲ ଓ ଖରାପ ଗୁଣ ରହିଛି । ଶୀତ ଦିନେ ଉଷୁମ ପାଣିରେ ଗାଧୋଇବା ଯଦିଓ ଭଲ ତେବେ ଏହା ଅପକାରିତା ମଧ୍ୟ ରହିଛି । ଅତ୍ୟଧିକ ଗରମ ପାଣିରେ ଗାଧୋଇଲେ ଚର୍ମର ଆର୍ଦ୍ରତା ନଷ୍ଟ ହୋଇଥାଏ । ସ୍କିନରେ ଡ୍ରାଏନେସ ଆସିଯାଏ । ଅତ୍ୟଧିକ ଗରମ ପାଣିରେ ଗାଧୋଇଲେ ଶରୀରର ତାପମାତ୍ର ବଢିଥାଏ । ଶରୀରରେ ତାପମାତ୍ରା ବଢିଲେ ମୁଣ୍ଡ ବୁଲାଇ ଦେବାର ସମ୍ଭାବନା ରହିଥାଏ । ରକ୍ତଚାପ ବୃଦ୍ଧି ପାଇପାରେ । ତେଣୁ ସର୍ବଦା ଗରମ ପାଣିରେ ଗାଧୋଇବା ସମୟରେ ଏହା ଯେପରି ଅଧିକ ଗରମ ହୋଇନଥିବ ସେ ଦିଗରେ ଧ୍ୟାନ ଦେବା ଆବଶ୍ୟକ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



# ଆମ କଳାହାଣ୍ଡି





## ଚାଷୀଙ୍କୁ ଇନ୍‌ପୁଟ୍ ସହାୟତା ପ୍ରଦାନ କଲେ ରାଜ୍ୟ ସରକାର



### ଛଅମାସ ମଧ୍ୟରେ ଦାବି ପୂରଣ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ରାଜ୍ୟର କୃଷକମାନଙ୍କ ପାଇଁ ବିଶେଷ କରି ଧାନ ଫସଲ ଉପରେ କ୍ୱିଣ୍ଟାଲ ପିଛା ରହିଥିବା ସହାୟତା ରାଶିର ବୃଦ୍ଧି ନିମନ୍ତେ ରହିଥିବା ବହୁତ ଦିନର ଦାବି ରାଜ୍ୟ ସରକାରଙ୍କ ଦ୍ୱାରା ପୂରଣ କରାଯାଇଛି । ଏହି ଅବସରେ ବରଗଡ଼ ଜିଲ୍ଲାର ସୋହେଲା ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବରେ କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟତା ମୂଲ୍ୟ ୨୩୦୦ ଟଙ୍କା ଉପରେ ରାଜ୍ୟ ବଜେଟ୍‌ରୁ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ରାଶି ସହିତ ଚାଷୀଙ୍କୁ ସମୁଦାୟ ୩୧୦୦ ଟଙ୍କା ପ୍ରଦାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଶୁଭାରମ୍ଭ କରିଛନ୍ତି । ଚାଷୀ ହେଉଛନ୍ତି ଅନ୍ନଦାତା । ଚାଷୀଙ୍କର ଆୟ ବୃଦ୍ଧିକୁ ଦୁଇଗୁଣ କରିବା ପାଇଁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ନୂଆ ସରକାର ଛଅ ମାସ ମଧ୍ୟରେ ପୂରଣ କରିଛନ୍ତି । ସେଥିପାଇଁ ମୁଁ ଆନନ୍ଦିତ ବୋଲି ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ରାଜ୍ୟର ଦଶଗୋଟି ଜିଲ୍ଲାର ବିଭିନ୍ନ ସ୍ଥାନରେ ଆୟୋଜିତ ସଂଯୁକ୍ତ ଜିଲ୍ଲାସ୍ତରୀୟ ସମାରୋହରେ ଉପସ୍ଥିତ ଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ବୋଧନ କରିଥିଲେ । ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭବାନୀପାଟଣା ଖେଳପଡିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡଃ ମୁକେଶ ମହାଲିଙ୍ଗ, ମନ୍ତ୍ରୀ, ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ଯୋଗଦେଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଧାନର ସହାୟତା ମୂଲ୍ୟ ବୃଦ୍ଧି କରି ଚାଷୀଙ୍କ ଆୟକୁ ବୃଦ୍ଧି କରାଯାଇ ତାଙ୍କର ବହୁଦିନର ଦାବି ପୂରଣ କରାଯାଇଥିବାରୁ ଚାଷୀ ଭାଇଙ୍କ ମୁହଁରେ ହସ ଫୁଟିଛି । ପୂର୍ବରୁ ଚାଷୀମାନେ ଦଲାଲଙ୍କ ଶିକାର ହେଉଥିଲେ ଏବଂ ଧାନର ଉଚିତ୍ ମୂଲ୍ୟ ପାଇପାରୁ ନଥିଲେ । ବର୍ତ୍ତମାନ ଦଲାଲର କୌଣସି ସ୍ଥାନ ନାହିଁ ଚାଷୀମାନେ ସିଧାସଳଖ ଧାନ ମଣ୍ଡିରେ ନିଜର ଧାନ ବିକ୍ରୟ କରି ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଉଚିତ୍ ମୂଲ୍ୟ ପାଇପାରିବେ ବୋଲି ମୁଖ୍ୟ ଅତିଥି ଶ୍ରୀ ମହାଲିଙ୍ଗ ଆଲୋକପାତ କରିଥିଲେ ଏବଂ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ବିଶେଷ କରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଖାଲି ପଡିଥିବା ଆବଶ୍ୟକ ପଦବୀଗୁଡିକ ପୂରଣ ପାଇଁ ସରକାର ତତ୍ପରତା ସହିତ ନେଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର କେତେକ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟତା ମୂଲ୍ୟ ୨୩୦୦ ଟଙ୍କା ଉପରେ ରାଜ୍ୟ ସରକାରଙ୍କ ଦ୍ୱାରା ୮୦୦ ଟଙ୍କା ର ଇନ୍‌ପୁଟ୍ ସହାୟତା ରାଶି ସହିତ ସମୁଦାୟ ୩୧୦୦ ଟଙ୍କାର ଡମି ଚେକ୍ ମୁଖ୍ୟ ଅତିଥି ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାଂସଦ କଳାହାଣ୍ଡି, ମାଳବିକା ଦେବୀ, ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ, ସଭାପତି ଜିଲ୍ଲା ପରିଷଦ ପୁଷ୍ପେନ୍ଦ୍ର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ପ୍ରମୁଖ ଯୋଗଦେଇ ଥିଲେ ଏବଂ ଚାଷୀଙ୍କ ହିତ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡ. ଉମେଶ ଶତପଥି ପରିଚାଳନା କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡୋକରୀ ଚଞ୍ଚରାରେ ପାନୀୟଜଳ ପ୍ରକଳ୍ପ ଅଚଳ

### ମରାମତି ଦାବି



କୋକସରା,(ଭାସ୍କର ନ୍ୟୁଜ): କୋକସରା ବ୍ଲକରେ ଥିବା ଐତିହାସିକ ପର୍ଯ୍ୟଟନ ସ୍ଥଳୀ ଗୁଡ଼ହାଣ୍ଡି ଡୋକରୀ ଚଞ୍ଚରାରେ ଥିବା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି । ଯାହା ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ପିଇବା ପାଣି ନିମନ୍ତେ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହି ପର୍ଯ୍ୟଟନ ସ୍ଥଳୀରେ ଡିସେମ୍ବର ମାସ ଆରମ୍ଭରୁ ପିକନିକ୍ ପାର୍ଟିର ଭିଡ଼ ଜମିବାରେ ଲାଗିଛି । ଦୈନିକ ଜିଲ୍ଲା ତଥା ଜିଲ୍ଲା ବାହାର ଶହ ଶହ ଲୋକଙ୍କ ସହ ସ୍କୁଲ ଓ କଲେଜରେ ଅଧ୍ୟୟନରତ ଛାତ୍ରଛାତ୍ରୀ, ସରକାରୀ କାର୍ଯ୍ୟାଳୟ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଏଠାକୁ ବଣଭୋଜି କରିବା ପାଇଁ ଆସୁଥିବା ଦେଖିବାକୁ ମିଳୁଛି । ତେବେ ଏଠାରେ ଥିବା ସୌର ଚାଳିତ ପାନୀୟଜଳ ପ୍ରକଳ୍ପ ଦୀର୍ଘ ୨ମାସ ପାଖାପାଖି ହେବ ଅଚଳ ହୋଇପଡ଼ିଛି । ଯାହା ଫଳରେ ପାନୀୟ ଜଳ ନିମନ୍ତେ ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏମିତି କି ଝରଣାରେ ବୋହି ଯାଉଥିବା ପାଣିକୁ ରୋଷେଇରେ ବ୍ୟବହାର କରୁଥିବା ମଧ୍ୟ ଦେଖିବାକୁ ମିଳିଛି । ତେଣୁ ପିଇବା ପାଣି ସମସ୍ୟାକୁ ନେଇ ପର୍ଯ୍ୟଟନମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଅନ୍ୟପଟେ ଡୋକରୀ ଚଞ୍ଚରା ଉନ୍ନୟନ ସମିତି ପକ୍ଷରୁ ଉକ୍ତ ପାନୀୟଜଳ ପ୍ରକଳ୍ପକୁ ମରାମତି କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଦୃଷ୍ଟି ଦେଉ ନଥିବା ପ୍ରକାଶ କରିଛନ୍ତି । ତେଣୁ ତୁରନ୍ତ ମରାମତି କରିବା ପାଇଁ ପର୍ଯ୍ୟଟକ ଓ ସାଧାରଣ ଲୋକେ ଦାବି କରିଛନ୍ତି । ଏ ବିଷୟରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରାଯାଇଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ମହିଳା ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ



ଭବାନୀପାଟଣା, (ଭାସ୍କର ନ୍ୟୁଜ): ଚଳିତ ବର୍ଷ ଶୀତ ଲୁଚକାଳି ଖେଳିବା ଆରମ୍ଭ କରିଦେଇଛି । ସେ ଉପକୂଳ କି ପାହାଡ଼ି ଅଞ୍ଚଳ ହେଉ ଏବେ ଯାଏଁ କେଉଁଠି ସେ ଭଳ ଡିସେମ୍ବର ଭଳି ଶୀତଖେଳ ଦେଖେଇ ପାରିନି । ତେବେ ଆଗାମୀ ଦିନରେ ପ୍ରବଳ ଶୀତକୁ ଆଖି ଆଗରେ ରଖି ପାହାଡ ତଳି ଅଞ୍ଚଳରେ ରହୁଥିବା ବୟସ୍କ ଗ୍ରାମବାସୀଙ୍କୁ ମାଗଣାରେ କମ୍ବଳ ବାଣ୍ଟିବା ଆରମ୍ଭ କରିଦେଇଛନ୍ତି କେବଳ ମହିଳାମାନଙ୍କୁ ଏକତ୍ରିତ କରି ଗଢିଉଠିଥିବା ଭବାନୀପାଟଣାର ସ୍ୱେଚ୍ଛାସେବୀ ସଂଗଠନ 'ସ୍ତ୍ରୀ ଶକ୍ତି'। ରବିବାର ଦିନ ଏଠାରୁ ପ୍ରାୟ ୨୦ କି.ମି.ଦୂରରେ ଥିବା ସଦର ବ୍ଲକର ପୋଡାପଦର, ଡାଲଗୁମା, ମାଲଘର, ଭଟାଗୁଡା ଓ ବଣ୍ଡେଲଗୁଡା ଆଦି ଗ୍ରାମର ୬୦ଜଣରୁ ଉର୍ଦ୍ଧ୍ୱ ବୟସ୍କ ମହିଳା ଓ ପୁରୁଷମାନଙ୍କୁ ସ୍ତ୍ରୀ ଶକ୍ତି ସଂଗଠନ ପକ୍ଷରୁ ମାଗଣାରେ କମ୍ବଳ କରାଯାଇଥିଲା । ସଂଗଠନର ସଭାନେତ୍ରୀ ଆଇନଜୀବୀ ପ୍ରତିମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଜୀବନ ଜୀବିକା ମିଶନର ସଂଯୋଜକ ସୌମ୍ୟରଞ୍ଜନ ମହାନ୍ତି ଉପସ୍ଥିତ ରହି ବୟସ୍କ ଲୋକଙ୍କୁ କମ୍ବଳ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ତ୍ରୀ ଶକ୍ତି ପକ୍ଷରୁ ସରିତା ପଟ୍ଟନାୟକ, ମମତା ନାଏକ, ପୁନମ ମିଶ୍ର, ଅର୍ଚ୍ଚନା ପାତ୍ର ଓ ନିହାରିକା ଶତପଥୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସଂଗଠନର ଏଭଳି ସାମାଜିକ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଧିବାସୀମାନେ ପ୍ରଶଂସା କରିଥିଲେ।

## କଳାକାର ପେନସନ୍‌ଭୋଗୀଙ୍କ ମହାସମାବେଶ



ଭବାନୀପାଟଣାର, (ଭାସ୍କର ନ୍ୟୁଜ): କଳାହାଣ୍ଡି କଳାକାର ପେନ୍‌ସନ୍‌ଭୋଗୀ ମହାସମାବେଶ ଓ ସାଧାରଣ ସଭା, ୮ ତାରିଖ ରବିବାର ଦିନ ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନର ମହାବୀର ମଞ୍ଚରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜିଲ୍ଲାର ସମସ୍ତ ଗ୍ରାମାଞ୍ଚଳର ପେନ୍‌ସେନ୍ ପାଉଥିବା ୧୦୦୦ରୁ ଉର୍ଦ୍ଧ୍ୱ କଳାକାର ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲାର ବରିଷ୍ଠ ସଂସ୍କୃତି ସଂଗଠକ ଜୟନ୍ତ କୁମାର ବେହେରା ଓ ଭବାନୀପାଟଣା ପୌରାଧ୍ୟକ୍ଷ ବିଷ୍ଣୁ ପ୍ରଧାନ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପରେ ସଙ୍ଘର ସଭାପତି ନାଟ୍ୟ ଭୂଷଣ ପ୍ରଦୀପ ଡି. ମାଝୀଙ୍କ ନେତୃତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ସଭାରେ କଳାକାରମାନଙ୍କ ବିଭିନ୍ନ ଦାବିକୁ ସରକାରଙ୍କ ଠାରେ ଉପସ୍ଥାପନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସେମାନଙ୍କ ଦାବିଗୁଡିକ ହେଲା କଳାକାରମାନଙ୍କୁ ମିଳୁଥିବା ଭତ୍ତା ପାଇବା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରାଯାଉ । ବର୍ତ୍ତମାନ ପାଉଥିବା ଭତ୍ତା ୨୦୦୦ ଟଙ୍କାକୁ ୬୦୦୦ ଟଙ୍କାକୁ ବୃଦ୍ଧି କରାଯାଉ । ସଙ୍ଘ ପାଇଁ ସଦର ମହକୁମାରେ ଜାଗାଟିଏ ଦେବାର ବ୍ୟବସ୍ଥା କରାଯାଉ । କଳାକାରଙ୍କ ଦୁର୍ଘଟଣା ଜନିତ ବୀମା ଦେବାର ବ୍ୟବସ୍ଥା ସହ ସେମାନଙ୍କୁ ଜୀବିତ ପ୍ରମାଣପତ୍ର ଦିଆଗଲେ ତାହାକୁ ପ୍ରଶାସନ ଗ୍ରହଣ କରିବା ପାଇଁ ବ୍ୟବସ୍ଥା କରାଯାଉ । ପରିଶେଷରେ ସମ୍ପାଦକ, ତୀର୍ଥରାଜ ଦଳପତି ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ଦିନରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

## ବିଦ୍ୟୁତ ବିଭାଗ ପକ୍ଷରୁ ଉପଭୋକ୍ତା ସମ୍ବର୍ଦ୍ଧିତ



ନର୍ଲା, (ଭାସ୍କର ନ୍ୟୁଜ): ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପଇଠ କରି ଆସୁଥିବା ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଲଟେରୀ ମାଧ୍ୟମରେ ଚୟନ କରି ସମ୍ବର୍ଦ୍ଧିତ କରିବା ସହିତ ପୁରସ୍କାର ମାନ ପ୍ରଦାନ କରାଯାଉଥିବା ବେଳେ ନର୍ଲା ବିଦ୍ୟୁତ୍ ବିଭାଗ ତରଫରୁ ମଧ୍ୟ ଲଟେରୀ ମାଧ୍ୟମରେ ଚୟନ କରି ତିନିଜଣ ଭାଗ୍ୟଶାଳୀ ବିଜେତାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପୁରସ୍କାର ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରୁ ପ୍ରଥମ ଭାଗ୍ୟଶାଳୀ ବିଜେତା ମ.ରାମପୁର୍ ସେକ୍ସନ ବୁଡି ଖମନ୍ ଗାଁର ବାଲେଶ୍ୱର୍ ଭୋଇଙ୍କୁ ସ୍ମାର୍ଟ୍ ଫୋନ୍ ପୁରସ୍କାର୍, ଦ୍ୱିତୀୟ ଭାଗ୍ୟଶାଳୀ ବିଜେତା ବିଶ୍ୱନାଥପୁର ସେକ୍ସନ୍ ପୋଖରିବନ୍ଧ ଗାଁର ଯୁଗେଶ୍ୱର ହରିଜନଙ୍କୁ ମ୍ୟୁଜିକ୍ ସିଷ୍ଟମ୍ ପୁରସ୍କାର, ତୃତୀୟ ଭାଗ୍ୟଶାଳୀ ବିଜେତା ନର୍ଲା ସେକ୍ସନ ସାନଗୁଣ୍ଡ୍ରି ଗାଁର ତୀର୍ଥ ରଣାଙ୍କୁ ସୋଲାର୍ ଲାଇଟ୍ ପୁରସ୍କାର ଦିଆଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ନର୍ଲା ବିଦ୍ୟୁତ୍ ବିଭାଗର ଏସ୍‌ଡିଓଙ୍କ ସହିତ ସମସ୍ତ ଅଧିକାରୀ ଓ ବିଭିନ୍ନ ଗାଁରୁ ଆସିଥିବା ବିଦ୍ୟୁତ୍ ଉପଭୋକ୍ତା ଉପସ୍ଥିତ ଥିଲେ।

## 'ଘୁମୁରା' ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ଧର୍ମଗଡ଼,(ଭାସ୍କର ନ୍ୟୁଜ): ଧର୍ମଗଡ଼ ଠାରେ ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ପାଇଁ ସ୍ଥାନୀୟ ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପଜିଲ୍ଲାପାଳ ତଥା ଉତ୍ସବ କମିଟିର ଅଧ୍ୟକ୍ଷ ଧିମାନ ଚକମା, ବିଡିଓ ଶରତ ପାତ୍ରୋ, ତହସିଲଦାର ସଞ୍ଜୟ ସାମନ୍ତରା, ନଗରପାଳ ଅଶୋକ କୁମାର ମହାନ୍ତି, ଉପଖଣ୍ଡ ପୋଲିସ ଅଧିକାରୀ ମନୋଜ କୁମାର ବେହେରା, ଏନ୍‌ଏସି ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଏନ୍‌ଏସି ଉପାଧ୍ୟକ୍ଷା ମନୀଷା ମିଶ୍ର ପ୍ରମୁଖ ଯୋଗଦେଇ ଆଗାମୀ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ପାଇଁ ବିଭିନ୍ନ କମିଟି ମାନ ପୁନର୍ଗଠନ କରାଯିବା ନେଇ ଆଲୋଚନା ଓ ଉତ୍ସବ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଯାଇଛି । ତେବେ କଳାହାଣ୍ଡି ଉତ୍ସାବର ବିଭିନ୍ନ ବିଭାଗ କମିଟି ଗଠନରେ କେବଳ ସହର ବ୍ୟକ୍ତି ବିଶେଷଙ୍କ ଭିତରେ ସୀମିତ ରହୁଥିବା ନେଇ ଅଞ୍ଚଳ ଲୋକଙ୍କ ମଧ୍ୟରେ ସମାଲୋଚନା ହେଉଛି । ପ୍ରତ୍ୟେକ ବିଭାଗ କମିଟିରେ ଗାଁ ଗଣ୍ଡା ଅଞ୍ଚଳବାସୀଙ୍କୁ ସାମିଲ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ଏଥିପ୍ରତି ଉପଜିଲ୍ଲାପାଳ ତଥା କଳାହାଣ୍ଡି ଉତ୍ସବ ଅଧ୍ୟକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଏହି ବୈଠକରେ ଧର୍ମଗଡ଼ ଥାନା ଅଧିକାରୀ ଦାମୋଦର ବିହାରୀ, ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀ, ନିରଞ୍ଜନ ମହାପାତ୍ର, ବିଦ୍ୟାଧର ସାହୁ, ବିରଞ୍ଚି ନାରାୟଣ ଜାଲ, ଅଂଶୁମାନ ପାତ୍ର, ଆଇନଜୀବୀ ଭବାନିଚରଣ ଦାସ, ସୁବାସ ପାଣିଗ୍ରାହୀ, ସନ୍ତୋଷ ମେହେର ସୁଶ୍ରୀ ହୀରା ବାଗ, ଲିଙ୍ଗରାଜ ପାତ୍ର, ମାଧବ ଲହଜଲ, ଘନଶ୍ୟାମ ଅଗ୍ରୱାଲ, କ୍ଷୀରୋଦ ବାଗ, ରମଣୀ କାନ୍ତ ଜାଲ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଓ କମିଟିର ସଦସ୍ୟମାନେ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ । ଆସନ୍ତା ଜାନୁଆରୀ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଧର୍ମଗଡ଼ ଠାରେ ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ଅନୁଷ୍ଠିତ ହେବ।

## କଳାହାଣ୍ଡି ମାଟିର ସୁଯୋଗ୍ୟ ସନ୍ତାନ ସମ୍ମାନିତ

ନର୍ଲା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାର ମୋହନଗିରି ନିକଟସ୍ଥ ଲାତେର ଗ୍ରାମର ସ୍ଥାୟୀ ନିବାସୀ ଓ ସମ୍ବଲପୁର ସହରର କୁଂଜେଲପଡ଼ାରେ ଓଡ଼ିଶା ସାହିତ୍ୟାକାଶର ପ୍ରଥିତଯଶା ଅତିବଡ଼ି ସମ୍ମାନ ପ୍ରାପ୍ତ କବି ସ୍ୱର୍ଗତ ଉମାଶଙ୍କର ପଣ୍ଡା ଓ ପ୍ରଥମ ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ନାରୀ ଗୀତିକାର ଲୋକ ଜନନୀ ପଣ୍ଡାଙ୍କର ଜ୍ୟେଷ୍ଠ ପୁତ୍ର ଭାବରେ ଜନ୍ମିତ କବି ଓ ଐତିହାସିକ ଡକ୍ଟର ଶଶାଙ୍କ



ଶେଖର ପଣ୍ଡାଙ୍କୁ ମିଳିତ ଜାତିସଂଘର ଅନୁବନ୍ଧିତ ଅନୁଷ୍ଠାନ ନୂଆଦିଲ୍ଲୀ ସ୍ଥିତ ବିଶ୍ୱ ସଂସ୍କୃତି ଏବଂ ପର୍ଯ୍ୟାବରଣ ସଂରକ୍ଷଣ ଆୟୋଗର ଜାତୀୟ ସଦସ୍ୟତା ପ୍ରଦାନ କରାଯାଇଛି । ଗତ ନଭେମ୍ବର ୨୦ତାରିଖ ଦିନ ନୂଆଦିଲ୍ଲୀ ସ୍ଥିତ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟର ପ୍ରେକ୍ଷାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶାର ଇତିହାସ, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସମ୍ମାନସୂଚକ ଡକ୍ଟରେଟ ଉପାଧିରେ ମଧ୍ୟ ଭୂଷିତ କରାଯାଇଛି।

## ବର୍ଷାରେ ବେହାଲ ଆପ୍ରୋଚ୍ ରାସ୍ତା, ଦୁର୍ଦ୍ଦଶା ଭୋଗୁଛନ୍ତି ଯାତ୍ରୀ




କୋକସରା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦର ମହକୁମା ମାଝୀଗୁଡା ଛକଠାରୁ ଘଣ୍ଟିଗୁଡ଼ା ଦେଇ ପର୍ଯ୍ୟଟନସ୍ଥଳ ଗୁଡହାଣ୍ଡି ଡୋକରୀ ଚଞ୍ଚରା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ଚାଲିଛି । ତେବେ ଠିକା ସଂସ୍ଥାର ଖାମଖିଆଲ ନିତି ଯୋଗୁଁ ସାମାନ୍ୟ ବର୍ଷାରେ ବେହାଲ ହୋଇପଡୁଛି ଆପ୍ରୋଚ୍ ରାସ୍ତା । ଯାହାଫଳରେ ଦୁର୍ଦ୍ଦଶା ଭୋଗୁଛନ୍ତି ସାଧାରଣ ଯାତ୍ରୀ ଓ ପର୍ଯ୍ୟଟକ । ଏହି ରାସ୍ତାରେ କିଛି ସ୍ଥାନରେ ପିଚୁ ପଡ଼ିଥିବାବେଳେ ବର୍ତ୍ତମାନ କେତେକ ଯାଗାରେ ପୋଲ ବସାଇବା ପାଇଁ ରାସ୍ତା ଖୋଲା ଚାଲିଛି । ତେବେ ଘଣ୍ଟିଗୁଡା ନିକଟରେ ଠିକା ସଂସ୍ଥା ପକ୍ଷରୁ ପୋଲ ବସାଇବା ପାଇଁ ରାସ୍ତା ଖୋଲାଯାଇ ଯୋଗାଯୋଗ ନିମନ୍ତେ ଯେପରି ଅସୁବିଧା ନହେବ ସେଥିପାଇଁ ଜମି ଦେଇ ଆପ୍ରୋଚ୍ ରାସ୍ତା ତିଆରି କରାଯାଇଛି । ହେଲେ ଏହି ରାସ୍ତାରେ ମୋରମ, ବାଲି ଦିଆଯାଇ ନାହିଁ, ନାମକୁ ମାତ୍ର କାମ ଚଳା ଭାବରେ ତିଆରି କରାଯାଇଛି । ଯାହା ଫଳରେ ସାମାନ୍ୟ ବର୍ଷାରେ ବେହାଲ ହୋଇପଡୁଛି । ରବିବାର ଏହି ରାସ୍ତା ଦେଇ ପିକନିକ୍ କରିବା ପାଇଁ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରାକୁ ହଜାର ହଜାର ପର୍ଯ୍ୟଟକ ଯାଇଥିଲେ । ତେବେ ପିକନିକ୍ ସାରି ଫେରିବା ବେଳେ ବର୍ଷା ଯୋଗୁଁ ଉକ୍ତ ଆପ୍ରୋଚ୍ ରାସ୍ତା ବେହାଲ ହୋଇ ପଡ଼ିଥିଲା । ଅନେକ ବାଇକ୍ ଚାଳକ ଖସି ପଡିଥିଲେ, ଚାରି ଚକିଆ ଯାନବାହାନ ଚଳାଚଳରେ ବାଧାପ୍ରାପ୍ତ ହୋଇଥିଲା । ଅନେକ ଗାଡ଼ି ସେଠାରୁ ଫେରି ଅନ୍ୟା ରାସ୍ତାକୁ ଯାଇଥିବା ବେଳେ ବସଯାତ୍ରୀମାନେ ବହୁ ହଇରାଣ ହୋଇଥିଲେ । ଡ଼ିସେମ୍ବର ଠାରେ କ୍ରମାଗତ ଏହି ରାସ୍ତାରେ ଭିଡ଼ ଲାଗି ରହିବ । ଆଗକୁ ନୂଆବର୍ଷ ରହିଥିବାବେଳେ ଠିକା ସଂସ୍ଥାର ଏଭଳି ଖାମଖିଆଲି ନିତି ଯୋଗୁଁ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀମାନେ ଅଯଥାରେ ହଇରାଣ ହେବାକୁ ଯାଉଛି । ଆପ୍ରୋଚ୍ ରାସ୍ତା ପାଇଁ ଚୁକ୍ତି ନାମାରେ ନିର୍ମାଣ ଲାଗି ଖର୍ଚ୍ଚ ଅଟକଳ ରହିଥିବାବେଳେ ଠିକାସଂସ୍ଥା କିଭଳି ଭାବରେ ରାସ୍ତାରେ ମୋରମ, ବାଲି ଦେଇ ରାସ୍ତା ତିଆରି କରି ନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବର୍ତ୍ତମାନ ସାମାନ୍ୟ ବର୍ଷାରେ ଏହି ରାସ୍ତାରେ ଯା' ଆସ କରିବା କଷ୍ଟକର ହୋଇପଡିଛି । ଏହାର ଯଥାଶୀଘ୍ର ସମାଧାନ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି । ଏନେଇ ବିଷୟରେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ନବ ପ୍ରକାଶ ବେହେରାଙ୍କୁ ପଚାରିବାରୁ ଅଦିନିଆ ବର୍ଷା ହେଇଯାଇଛି, କାମ ଚାଲୁରହିଛି, ଦୁଇଦିନ ଭିତରେ ସ୍ଥାୟୀ ସମାଧାନ ପାଇଁ ବାଟ କାଢ଼ିବା ବୋଲି କହିଛନ୍ତି ।

## ରାଶିଫଳ


**ମଙ୍ଗଳବାର, ୧୦ ଡିସେମ୍ବର ୨୦୨୪**



**ମେଷ:** ବ୍ୟବସାୟରେ ଲାଭ ହେବ । ବିନିଯୋଗ ଭଲ ହେବ । ଦୂରରୁ ସୁସମାଚାର ଗ୍ରହଣ କରାଯିବ । ଅତିଥିମାନେ ଘରେ ପହଞ୍ଚିବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ । କ୍ଷତି ହେବାର ସମ୍ଭବ ।



**ବୃଷ:** ଆପଣ ପ୍ରିୟ ଖାଦ୍ୟ ଉପଭୋଗ କରିବେ । ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି । ଏକ ଉତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ । ଛାତ୍ରଛାତ୍ରୀ ପାଠପଢାରେ ସଫଳତା ହାସଲ କରିବ ।



**ମିଥୁନ:** କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ । ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ । ବ୍ୟବସାୟରେ ଅଧିକ ଧ୍ୟାନ ଦେବାକୁ ପଡିବ । ଖର୍ଚ୍ଚ ବୃଦ୍ଧି ହେତୁ ଟେନସନ ହେବ । ବଜେଟ୍ ଖରାପ ହେବ।



**କର୍କଟ:** ପତି ଅଧିକ ଦୟାଳୁ ହେବେ । ବନ୍ଧୁତା ବୃଦ୍ଧି ପାଇବ । ନୂତନ ଯୋଗାଯୋଗ କରାଯାଇପାରିବ । କୋର୍ଟର କାର୍ଯ୍ୟରେ ସୁସଙ୍ଗତତା ରହିବ । ଲାଭ ବୃଦ୍ଧି ପାଇବ । ପାରିବାରିକ ସୁଖ ଏବଂ ସନ୍ତୁଷ୍ଟ ହେବେ । ବିନିଯୋଗ ଭଲ ହେବ । ଆଜି ଖର୍ଚ୍ଚ ହେବ ।



**ସିଂହ:** ଆୟ ବୃଦ୍ଧି ପାଇବ । ସାଙ୍ଗମାନଙ୍କ ସହିତ ବାହାରକୁ ଯିବାକୁ ଯୋଜନା କରିବେ । ଅଗ୍ରଗତି ପାଇଁ ସୁଯୋଗ ରହିବ । ଜମି ଏବଂ ନିର୍ମାଣ ସହ ଜଡିତ ପ୍ରତିବନ୍ଧକଗୁଡିକ ହଟାଯିବ । ଚାକିରି ପାଇବାର ସମ୍ଭାବନା ଅଛି । ପ୍ରିୟଜନଙ୍କ ସହିତ ବିବାଦ ହୋଇପାରେ ।




**କନ୍ୟା:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ଆପଣ ଲୋକଙ୍କୁ ସାହାଯ୍ୟ କରିବାର ସୁଯୋଗ ପାଇବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଦୀର୍ଘ ସମୟ ଧରି କାମକୁ ଅଟକାଇବାର ସମ୍ଭାବନା ଅଛି । ଯାତ୍ରା ସଫଳ ହେବ । ଶାରୀରିକ ଯନ୍ତ୍ରଣା ହୋଇପାରେ ।



**ତୁଳା:** ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ । ଖର୍ଚ୍ଚ ଲାଭଦାୟକ ହେବ । କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ଋଣ ନେବାକୁ ଏକ ପରିସ୍ଥିତି ହୋଇପାରେ । କ୍ରନିକ୍ ରୋଗ ବାଧା ସୃଷ୍ଟି କରିପାରେ । ଆଶା ବିଳମ୍ବ ହୋଇପାରେ । ଚିନ୍ତା ଏବଂ ଟେନ୍‌ସନ୍ ହେବ ।




**ବିଛା:** ଭ୍ରମଣ ଲାଭଦାୟକ ହେବ । ନୂତନ ଆୟର ଉତ୍ସ ମିଳିପାରିବ । ଚାକିରିରେ କାମକୁ ପ୍ରଶଂସା କରାଯିବ । ଜିନିଷଗୁଡିକ ସୁବିଧାରେ ରଖନ୍ତୁ । ଏକ ରାଜନୈତିକ ପ୍ରତିବନ୍ଧକ ହୋଇପାରେ । ଶୀଘ୍ର କିଛି ଭୁଲ କରନ୍ତୁ ନାହିଁ । ବିବାଦରୁ ଦୂରେଇ ରୁହନ୍ତୁ । ଦୀର୍ଘ ସମୟ ଧରି ଟଙ୍କା ଅଟକି ରହିବାର ଏକ ସୁଯୋଗ ଅଛି, ଏହାକୁ ଚେଷ୍ଟା କରନ୍ତୁ ।



**ଧନୁ:** ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ । ନୂତନ ପୋଷାକ ପାଇଁ ଖର୍ଚ୍ଚ ହେବ । ହଠାତ୍ ଲାଭର ସମ୍ଭାବନା ଅଛି । ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟରେ ବୃଦ୍ଧିରେ ସନ୍ତୁଷ୍ଟ ହେବ । ଚାକିରିରେ ଦାୟିତ୍ୱ ବଢିପାରେ । ପରିବାର ସହାୟତା ଉପଲବ୍ଧ ହେବ ।



**ମକର:** ନିବେଶ କରିବାର ସମୟ ଠିକ୍ ନୁହେଁ । ପରିବାରର ଆବଶ୍ୟକତା ପାଇଁ ବହୁତ ଦୌଡାଦୌଡି ଏବଂ ଖର୍ଚ୍ଚ ହେବ । ଯାନ ଏବଂ ଯନ୍ତ୍ରର ବ୍ୟବହାର ବିଶେଷ ଯତ୍ନ ଆବଶ୍ୟକ କରେ । ଅନ୍ୟମାନଙ୍କ ସହିତ ଝଗଡା କର ନାହିଁ । କାର୍ଯ୍ୟର ଗତି ଧୀର ହେବ । ଚିନ୍ତା ଏବଂ ଟେନ୍‌ସନ୍ ହେବ ।



**କୁମ୍ଭ:** ସୁଖର ଉପାୟରେ ବୁଦ୍ଧିମାନ ଭାବରେ ଖର୍ଚ୍ଚ କରନ୍ତୁ । ବିନିଯୋଗରୁ ଦୂରେଇ ରୁହନ୍ତୁ । ବ୍ୟବସାୟ ଭଲ ହେବ । ଆୟ ଜାରି ରହିବ । ଆପଣ ସାଙ୍ଗମାନଙ୍କ ସମର୍ଥନ ପାଇବେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଶାରୀରିକ ଯନ୍ତ୍ରଣା ସମ୍ଭବ । ବ୍ୟବସାୟ ମନ୍ଥର ହେବ ।



**ମୀନ:** ଉଚ୍ଚ ପଦାଧିକାରୀମାନେ ଚାକିରିରେ ଖୁସି ହେବେ । ଲାଭ ସୁଯୋଗ ମିଳିବ । ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ଏକ ସୁଯୋଗ ପାଇବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଅପରିଚିତ ବ୍ୟକ୍ତିଙ୍କ କଥାରେ ଧରନ୍ତୁ ନାହିଁ ।



ଶ୍ରୀପତି ଶାସ୍ତ୍ରୀ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯